# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୩୧/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 31/2023 Page 16 ₹ 7.00 SAMBALPUR

୫୦ଶ ଭାଗ ୩୮ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 38 ମୂଲ୍ୟ₹୭/-


## ଅରୁଣ ଷଡ଼ଙ୍ଗୀଙ୍କୁ ଡିଜିପି ଦାୟିତ୍ୱ



**ଭୁବନେଶ୍ୱର,୩୦।୧୨(ଅନିଲ ଦାସ)**

୧୯୯୦ ବ୍ୟାଚ୍ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସର ଅରୁଣ ଷଡ଼ଙ୍ଗୀଙ୍କୁ ରାଜ୍ୟ ସରକାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ନୂଆ ଡିଜିପି ନିଯୁକ୍ତ ହେବା ଯାଏ ସେ ଏହି ଦାୟିତ୍ୱରେ ରହିବେ। ଏ ନେଇ ଶନିବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଅରୁଣ ଷଡ଼ଙ୍ଗୀ ଏବେ ସ୍ପେଶାଲ ଡିଜି ଅଫ୍ ପୋଲିସ, ଟ୍ରେନିଂ ଏବଂ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ (ବିପିଏସ୍‌ପିଏ)ର ନିର୍ଦ୍ଦେଶକ ରହିଛନ୍ତି। ଏଥିସହ ସେ ପୋଲିସ ବିଭାଗର ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଡିସେମ୍ବର ୩୧ରେ ପୋଲିସ ଡିଜି ସୁନୀଲ କୁମାର ବଂଶଲ ଚାକିରିରୁ ଅବସର ନେବେ। ତାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଡିଜିପି ଭାବେ ଅରୁଣ ଷଡ଼ଙ୍ଗୀ ଶପଥ ନେବେ। ପରବର୍ତ୍ତୀ ପୋଲିସ ଡିଜି ପଦବୀ ନିମନ୍ତେ ରାଜ୍ୟ ସରକାର ମୋଟ ୭ ଜଣ ଆଇପିଏସ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ସୁହାଇଲା ଭଳି ନ୍ୟାୟ

# ସିଭିଲ ସର୍ଭିସ୍: ବୟସ ୩୨ରୁ ୩୮

**ଭୁବନେଶ୍ୱର,୩୦।୧୨(ଅନିଲ ଦାସ)**

**କ୍ୟାବିନେଟ୍ ନିଷ୍ପତ୍ତି**

ଓଡ଼ିଶା ପ୍ରଶାସନିକ ସେବା(ଓସିଏସ୍) ପରୀକ୍ଷା ପାଇଁ ରାଜ୍ୟ ସରକାର ବୟସ ସୀମା କୋହଳ କରିଛନ୍ତି। ୨୦୨୪ ସରକାରୀ କ୍ୟାଲେଣ୍ଡର ବର୍ଷ ପାଇଁ ନିଯୁକ୍ତି ବୟସ ସୀମା ୩୨ରୁ ୩୮ ବର୍ଷକୁ ବୃଦ୍ଧି କରାଯାଇଛି। ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ, ମହିଳା ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ଜାରି ହେଉଥିବା ନିୟମାବଳୀ ଅନୁସାରେ ସର୍ବୋଚ୍ଚ ବୟସ ସୀମା କୋହଳ ହେବ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଶନିବାର ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି।

ବୟସ ସୀମା କୋହଳ ପାଇଁ ଓଡ଼ିଶା ବେସାମରିକ ସେବା (ସର୍ବୋଚ୍ଚ ବୟସ ସୀମା ସ୍ଥିରୀକରଣ) ନିୟମ-୧୯୮୯ର ସଂଶୋଧନ କରାଯାଇଛି। ଏହି ନିୟମ ଅନୁଯାୟୀ, ସରକାରୀ ପଦପଦବୀ ଓ ସେବାରେ ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷ ଧାର୍ଯ୍ୟ କରାଯାଇଛି। ଏସ୍‌ସି,ଏସ୍‌ଟି, ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ, ମହିଳା ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଜାରି ହେଉଥିବା ନିୟମାବଳୀ ଅନୁସାରେ ସର୍ବୋଚ୍ଚ ବୟସ ସୀମା କୋହଳ କରାଯିବା ବ୍ୟବସ୍ଥା ରହିଛି। ତେବେ ବିଭିନ୍ନ କାରଣରୁ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଥିବାରୁ ରାଜ୍ୟ ସରକାର ୨୦୨୧, ୨୦୨୨ ଏବଂ ୨୦୨୩ରେ ସର୍ବୋଚ୍ଚ ବୟସ ସୀମା ୩୨ରୁ ୩୮ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ଇତିମଧ୍ୟରେ ରାଜ୍ୟ ସରକାର ବିଭିନ୍ନ କ୍ୟାଡରର ପୁନର୍ଗଠନ କରି ଅନେକ ମୂଳ ପଦବୀ ସୃଷ୍ଟି କରିଛନ୍ତି। ସେଥି ନିମନ୍ତେ ଅନେକ ନିଯୁକ୍ତି ସେବା ନିୟମାବଳୀ ପ୍ରଣୟନ କରିଛନ୍ତି। ଏଥିସହିତ ୭ଟି ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ ପ୍ରଣୟନ କରାଯାଇଛି। ସେଥିରେ ନୂତନ ସିଲାବସ୍ ଏବଂ ପରୀକ୍ଷା ଢାଞ୍ଚା ଅନ୍ତର୍ଭୁକ୍ତ କରାଯାଇଛି। ସେହିଭଳି ଓସିଏସ୍ ନିଯୁକ୍ତି ପରୀକ୍ଷାରେ ପଦବୀ ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଛି। ଏସବୁ ବିଷୟକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ବୟସସୀମା କୋହଳ କରାଯାଇଛି।

କ୍ୟାବିନେଟରେ ୨୦୦ ଅତିରିକ୍ତ ଇ-ବସ୍ କ୍ରୟ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରାଯାଇଛି। ଏହି ବସ୍ କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ୍) ଜରିଆରେ କ୍ରୟ କରାଯିବ। ଯାତ୍ରୀ ପରିବହନ ସେବାକୁ ତ୍ୱରାନ୍ୱିତ କରିବା ସକାଶେ ରାଜ୍ୟ ସରକାର ୨୦୧୮ ନଭେମ୍ବରରେ ୨୦୦ ଡିଜେଲ ବସ୍ ସହିତ ୫୫ ମିଡି ଇ-ବସ୍ (୨୫ ନୂତନ ଏବଂ ୩୦ ପୁରୁଣା) ଚଳାଚଳ ଆରମ୍ଭ କରିଥିଲେ। ୨୦୨୨ ଜୁନ୍ ସୁଦ୍ଧା ଏଥିରେ ଆହୁରି ୫୦ଟି ବସ୍ ସାମିଲ କରାଯାଇଥିଲା। ଜାନୁୟାରୀ ୨୦୨୩ରେ ମୋ ବସ୍ ସେବାକୁ ବିସ୍ତାର କରି ୧୦୦ ମିଡି ବସ୍ ଯୋଗକରି ରାଉରକେଲାରେ ବସ୍ ଚଳାଚଳ ଆରମ୍ଭ ହୋଇଥିଲା। ୨୦୨୨ରେ ମୋ ଇ-ରାଇଡ୍ (ଇ-ରିକ୍ସା) ☞ପୃଷ୍ଠା-୪

# ପିଏମ୍‌ଓ ସମ୍ମୁଖରେ ସମ୍ମାନ ଥୋଇଲେ ଭିନେଶ





**ନୂଆଦିଲ୍ଲୀ,୩୦।୧୨(ପି.ଟି.)**

ଯୌନ ଉତ୍ପୀଡ଼ନ ମାମଲାର ଅଭିଯୁକ୍ତ ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କୁ ବିରୋଧ ବଢ଼ିବାରେ ଲାଗିଛି। ଏହିକ୍ରମରେ ଶନିବାର ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ମହିଳା ରେସ୍‌ଲର ଭିନେଶ ଫୋଗଟ ନିଜର ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ପଦକକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ସମ୍ମୁଖରେ ଛାଡ଼ି ପଳାଇ ଆସିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ଭିନେଶ ଯାଇଥିବାବେଳେ ତାଙ୍କୁ ପିଏମ୍‌ଓ ସୁରକ୍ଷାକର୍ମୀମାନେ ଅଟକାଇଥିଲେ। ଫଳରେ କର୍ତ୍ତବ୍ୟ ପଥ ରାସ୍ତା ଉପରେ ସେ ଦୁଇ ପଦକ ଥୋଇଦେଇ ଚାଲିଯାଇଥିଲେ। ବ୍ରିଜ୍‌ଭୂଷଣ ଭାରତୀୟ କୁସ୍ତି ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ)ର ଅଧ୍ୟକ୍ଷ ଥିବାବେଳେ ☞ପୃଷ୍ଠା-୪










ଭଗବାନ ରାମ କେବଳ ହିନ୍ଦୁଙ୍କର ନୁହନ୍ତି, ସେ ସମଗ୍ର ବିଶ୍ୱର ପ୍ରତ୍ୟେକଙ୍କ ଦେବତା। ଭଗବାନ ରାମ ଭ୍ରାତୃଭାବ, ପ୍ରେମ, ଏକତା ଏବଂ ପରସ୍ପରକୁ ସହଯୋଗ କରିବାର ବାର୍ତ୍ତା ଦେଇଯାଇଛନ୍ତି। ଜାତି ଧର୍ମ ନିର୍ବିଶେଷରେ ସେ ସମସ୍ତଙ୍କ ଉତ୍ଥାନ ଚାହୁଁଥିଲେ। ଏବେ ମନ୍ଦିର ଉଦ୍‌ଘାଟନ ହେବାକୁ ଯାଉଥିବାବେଳେ ଭ୍ରାତୃତ୍ୱ ଭାବ ପୁନଃଜାଗ୍ରତ କରାଯିବା ଆବଶ୍ୟକ।

- ଫାରୁକ୍ ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ

## ସଂକ୍ଷେପରେ

### ଇଣ୍ଡୋନେସିଆରେ ଭୂକମ୍ପ

**ଜାକର୍ତ୍ତା,୩୦।୧୨ :** ଇଣ୍ଡୋନେସିଆରେ ଆସେହ ପ୍ରଦେଶରେ ଶନିବାର ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୫.୯ ଥିଲା ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ସିନାବାଙ୍ଗଠାରୁ ୩୬୨ କିଲୋମିଟର ପୂର୍ବରେ ଓ ୧୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ। ଭୂକମ୍ପଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ି ନ ଥିବାବେଳେ ସୁନାମି ଭୟ ନ ଥିବା ଇଣ୍ଡୋନେସିଆ ପାଣିପାଗ ଓ ଜିଓଫିଜିକାଲ ଏଜେନ୍ସି କହିଛି।

### ରାଜସ୍ଥାନ କ୍ୟାବିନେଟ ସମ୍ପ୍ରସାରଣ

### ୨୨ ମନ୍ତ୍ରୀ ଶପଥ ନେଲେ

**ନୂଆଦିଲ୍ଲୀ,୩୦।୧୨(ପି.ଟି.):** ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମା ଶନିବାର ତାଙ୍କ କ୍ୟାବିନେଟ୍‌ର ସମ୍ପ୍ରସାରଣ କରିଛନ୍ତି। ଏଥିରେ ୨୨ କ୍ୟାବିନେଟ୍ ମନ୍ତ୍ରୀ ଏବଂ ୧୦ ରାଷ୍ଟ୍ରମନ୍ତ୍ରୀଙ୍କୁ ସାମିଲ କରାଯାଇଛି। ରାଜଭବନରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟପାଳ କଲରାଜ ମିଶ୍ରା ନୂଆ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ନୂଆ କ୍ୟାବିନେଟ ମନ୍ତ୍ରୀମାନେ ହେଲେ କିରୋଡ଼ିଲାଲ୍ ମୀନା, ମଦନ ଦିଲାୱର, ରାଜ୍ୟବର୍ଦ୍ଧନ ସିଂ ରାଠୋର, ଗଜେନ୍ଦ୍ର ସିଂ ଖିନସାର, ବାବୁଲାଲ ଖାରଡ଼ି, ଯୋଗରାମ ପଟେଲ, ସୁରେଶ ସିଂ ରାୱତ, ଅବିନାଶ ଗେହଲଟ୍, ଜୋରାରାମ କୁମାୱତ୍, ହେମନ୍ତ ମୀନା, କହ୍ନେୟାଲାଲ୍ ଚୌଧରୀ, ସୁମିତ ଗୋଦରା।

### ସିରିଆରେ ଏୟାରଷ୍ଟ୍ରାଇକ୍ ୬ ଆତଙ୍କବାଦୀ ନିହତ

**ବାଗ୍‌ଦାଦ,୩୦।୧୨:** ଇରାକ ସୀମାବର୍ତ୍ତୀ ସିରିଆରେ ଶନିବାର ଏୟାରଷ୍ଟ୍ରାଇକ୍‌ରେ ଇରାନ ସମର୍ଥିତ ୬ ଆତଙ୍କବାଦୀ ଏବଂ ଇରାକ୍ ମିଲିସିଆ ଗ୍ରୁପ୍‌ର ୨ ଜଣ ସଦସ୍ୟ ନିହତ ହୋଇଛନ୍ତି। ଇରାକ୍‌ର ଇର୍ବିଲ୍ ସହରରେ ଥିବା ଆମେରିକା ସେନା ଘାଟି ଉପରେ ଇସ୍‌ଲାମିକ ରେଜିଷ୍ଟାନ୍ସ ବାହିନୀ ଆକ୍ରମଣ କରିବାରୁ ଏହାର ଜବାବରେ ଏୟାରଷ୍ଟ୍ରାଇକ୍ କରାଯାଇଥିବା ଜଣାପଡ଼ିଛି। ହମାସ୍-ଇସ୍ରାଏଲ୍ ଯୁଦ୍ଧ ଲାଗି ରହିଥିବାବେଳେ ଇରାକ୍ ଏବଂ ପୂର୍ବ ସିରିଆରେ ଥିବା ଆମେରିକୀୟ ଘାଟି ଉପରେ ଇସ୍‌ଲାମିକ ରେଜିଷ୍ଟାନ୍ସ ବାହିନୀ ଶତାଧିକ ଥର ଆକ୍ରମଣ କଲାଣି।

# କେନ୍ଦ୍ରୀୟ ଗାଜାରେ ଜୋର୍‌ଦାର ଆକ୍ରମଣ

## ଶତାଧିକ ମୃତ

**ଡେଇର୍ ଅଲ୍-ବଲାହ,୩୦।୧୨(ପି.ଟି.)**

କେନ୍ଦ୍ରୀୟ ଗାଜାରେ ଇସ୍ରାଏଲ୍ ସେନା ଆକ୍ରମଣକୁ ଜୋର୍‌ଦାର କରିଛି। ଏଥିରେ ଶତାଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିବା ସହ ୧୫୮ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ରାତିରେ ୱେଷ୍ଟ ବ୍ୟାଙ୍କରେ ଚଢ଼ାଉ କରି ଇସ୍ରାଏଲ୍ ସୈନ୍ୟ ୧୪ ଜଣଙ୍କୁ ଅଟକ ରଖିଛନ୍ତି। ଶନିବାର କେନ୍ଦ୍ରୀୟ ଗାଜାର ଜାୱେଦା ଅଞ୍ଚଳରେ ଇସ୍ରାଏଲ୍ ପ୍ରବଳ ବୋମାମାଡ଼ କରିଛି। ଏହି ଆକ୍ରମଣରେ ବହୁ ଘର ଧ୍ୱଂସ ହୋଇଥିବାବେଳେ ଭଗ୍ନାବଶେଷ ତଳୁ ମୃତାହତଙ୍କୁ ଉଦ୍ଧାର କରାଯାଉଛି। ଅନେକ ଷ୍ଟାଡିୟମ, ସ୍ପୋର୍ଟ୍‌ସ କ୍ଲବ୍‌କୁ ଇସ୍ରାଏଲ୍ ସେନା ଟାର୍ଗେଟ କରିବା ସହ ସେଥିରୁ କେତେକକୁ ଅଟକ, ନିର୍ଯାତନା ଓ ଦଣ୍ଡ କେନ୍ଦ୍ରରେ ପରିଣତ କରିଛି। ଶନିବାର ୨ଟି ସହରାଞ୍ଚଳ ଶରଣାର୍ଥୀ ଶିବିର ଉପରେ ଇସ୍ରାଏଲ୍ ଯୁଦ୍ଧବିମାନ ବୋମାମାଡ଼ କରିଥିଲା।

ଗାଜା ଉପରେ ଇସ୍ରାଏଲ୍‌ର ଆକ୍ରମଣ ଜାରି ରହିଥିବାବେଳେ ୨୦ ହଜାରରୁ ଊର୍ଦ୍ଧ୍ୱ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଲାଣି। ଜନସଂଖ୍ୟାର ୮୫ ପ୍ରତିଶତ ଘରଦ୍ୱାର ଛାଡ଼ି ପଳାଇଗଲେଣି। ଯେଉଁମାନେ ରହିଯାଇଛନ୍ତି, ସେମାନେ ଖାଦ୍ୟ, ପାନୀୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ନ ପାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଆତଙ୍କ ମଧ୍ୟରେ ବଞ୍ଚିରହିଛନ୍ତି। ତୁରନ୍ତ ଯୁଦ୍ଧ ବନ୍ଦ ଲାଗି ଅନ୍ତର୍ଜାତୀୟ ସ୍ତରରେ ଚାପ ବଢ଼ୁଥିବା ସତ୍ତ୍ୱେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଇସ୍ରାଏଲ୍‌କୁ ଅଧିକ ଅସ୍ତ୍ର ବିକ୍ରି କରିବା ଲାଗି ପ୍ରସ୍ତାବକୁ ମଞ୍ଜୁରୀ



ଆକ୍ରମଣରେ ବିଧ୍ୱସ୍ତ ଏକ ଘରୁ ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି।

### ଇସ୍ରାଏଲ୍‌କୁ ଅସ୍ତ୍ର ବିକ୍ରି ପ୍ରସ୍ତାବକୁ ବାଇଡେନ୍ ପ୍ରଶାସନର ମଞ୍ଜୁରୀ

ପ୍ରଦାନ କରିଛନ୍ତି। ହମାସ୍ ଆତଙ୍କବାଦୀ ମୂଳପୋଛ ନ ହେବା ପର୍ଯ୍ୟନ୍ତ ଅଭୂତପୂର୍ବ ଆକ୍ରମଣ ଜାରି ରହିବ ବୋଲି ଇସ୍ରାଏଲ୍ କହିଛି। ତେବେ ପାଲେଷ୍ଟିନୀୟ ସମାଜରେ ହମାସ୍ ଆତଙ୍କବାଦୀଙ୍କ ଚେର ବହୁ ଗଭୀରକୁ ଯାଇଥିବାରୁ ସେମାନଙ୍କୁ ମୂଳପୋଛ କରିବା ସମ୍ଭବ ହୋଇ ନ ପାରେ ବୋଲି କେତେ ଜଣ କହିଛନ୍ତି। ଅନ୍ୟପକ୍ଷରେ ଇସ୍ରାଏଲ୍‌କୁ ଆମେରିକା କୂଟନୈତିକ ସ୍ତରରେ ସହଯୋଗ ଯୋଗାଇଦେବା ସହ ଅସ୍ତ୍ରଶସ୍ତ୍ର ଯୋଗାଣ ଜାରି ରଖିଛି। ଇସ୍ରାଏଲ୍‌ର ଯୁକ୍ତି ହେଲା, ଏବେ ଯୁଦ୍ଧ ବନ୍ଦକଲେ ତାହା ହମାସ୍‌ର ବିଜୟ ହେଲା ବୋଲି ବିବେଚନା କରାଯିବ। ପାଲେଷ୍ଟିନୀୟ ନାଗରିକଙ୍କର କ୍ଷତି ନ ହେବା ଭଳି ପଦକ୍ଷେପ ନେବାକୁ ଆମେରିକା ଇସ୍ରାଏଲ୍‌କୁ ଅନୁରୋଧ କରିଛି।

### ଇମ୍ରାନ୍‌ଙ୍କ ନାମାଙ୍କନପତ୍ର ଖାରଜ



**ଲାହୋର,୩୦।୧୨(ପି.ଟି.)**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ପଞ୍ଜାବ ପ୍ରଦେଶର ଦୁଇଟି ନ୍ୟାଶନାଲ ଆସେମ୍ବ୍ଲି ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ନିର୍ବାଚନ କମିଶନ ଶନିବାର ତାହାକୁ ଖାରଜ କରିଦେଇଛନ୍ତି। ଫେବୃୟାରୀ ୮ରେ ପାକିସ୍ତାନରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ ନେତାଙ୍କୁ ଶକ୍ତ ଧକ୍କା ଲାଗିଛି। ତୋଷାଖାନା ମାମଲାରେ ଇମ୍ରାନ୍ ଦୋଷୀସାବ୍ୟସ୍ତ ହୋଇଥିବାରୁ ତାଙ୍କ ନାମାଙ୍କନପତ୍ର ଖାରଜ ହୋଇଯାଇଛି। ପ୍ରାର୍ଥୀପତ୍ରରେ ପ୍ରସ୍ତାବକ ଓ ସମର୍ଥକ ଥିବା ବ୍ୟକ୍ତି ତାଙ୍କ ନିର୍ବାଚନ ମଣ୍ଡଳୀର ନ ଥିଲେ।

### ଚାଇନା ପାର୍ଲାମେଣ୍ଟରୁ ୯ ପିଏଲ୍‌ଏ ଜେନେରାଲ ବହିଷ୍କୃତ

**ବେଜିଂ,୩୦।୧୨(ପି.ଟି.)**

ଚାଇନା ରକେଟ ଫୋର୍ସର ବରିଷ୍ଠ ଅଧିକାରୀଙ୍କ ସମେତ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ୯ ଜଣ ବରିଷ୍ଠ ଜେନେରାଲଙ୍କୁ ପାର୍ଲାମେଣ୍ଟରୁ ବହିଷ୍କାର କରାଯାଇଛି। ନ୍ୟାଶନାଲ ପିପୁଲ୍ସ କଂଗ୍ରେସ(ଏନ୍‌ପିସି)ରୁ ପିଏଲ୍‌ଏ ରକେଟ ଫୋର୍ସର ୫ ଜଣ ପୂର୍ବତନ ତଥା ବର୍ତ୍ତମାନର ଶୀର୍ଷ କମାଣ୍ଡରଙ୍କୁ ବିଦା କରାଯାଇଛି, ଯେଉଁମାନେ କ୍ଷେପଣାସ୍ତ୍ର ବିଭାଗ ଏବଂ ଆଣବିକ ଅସ୍ତ୍ର ବିଭାଗ ପରିଚାଳନା କରୁଥିଲେ। ଏହା ବ୍ୟତୀତ ଜଣେ ପୂର୍ବତନ ବାୟୁସେନା କମାଣ୍ଡରଙ୍କୁ ମଧ୍ୟ ବହିଷ୍କାର କରାଯାଇଥିବା ସେଠାର ସରକାରୀ ଗଣମାଧ୍ୟମରେ ପ୍ରକାଶ ପାଇଛି। ତେବେ କ'ଣ ପାଇଁ ସେମାନଙ୍କୁ ବହିଷ୍କାର କରାଗଲା, ତାହା ଏନ୍‌ସିପି ଷ୍ଟାଣ୍ଡିଂ କମିଟିର ଘୋଷଣାନାମାରେ ଉଲ୍ଲେଖ କରାଯାଇ ନାହିଁ। ଶାସକ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି)ର ସଦସ୍ୟ ହୋଇଥିବା ଚାଇନା ସେନାର ଅଳ୍ପ କେତେଜଣ ଅଧିକାରୀଙ୍କୁ ଏନ୍‌ପିସିରେ ନିଯୁକ୍ତି ମିଳିଥାଏ। ପୂର୍ବତନ ନୌସେନା କମାଣ୍ଡର ଜେନେରାଲ ଡଙ୍ଗ୍ ଜୁନ୍ ନୂଆ ପ୍ରତିରକ୍ଷା ମନ୍ତ୍ରୀ ନିଯୁକ୍ତ ହେବାର ଦିନକ ପରେ ୯ ଜଣ ଜେନେରାଲଙ୍କୁ ଏନ୍‌ପିସିରୁ ବହିଷ୍କାର କରାଯାଇଛି।

## ଆମେରିକାରେ ଧନୀ ଭାରତୀୟ ବଂଶୋଦ୍ଭବ ଦମ୍ପତି, ଝିଅଙ୍କ ସନ୍ଦେହଜନକ ମୃତ୍ୟୁ

**ନୂଆଦିଲ୍ଲୀ,୩୦।୧୨**

ଆମେରିକାର ମାସାଚୁସେଟ୍ସସ୍ଥିତ ସବୁଠୁ ବିଳାସପୂର୍ଣ୍ଣ ଏନ୍‌କ୍ଲେଭ୍ ବାସଭବନରେ ଏକ ଧନୀ ଭାରତୀୟ ବଂଶୋଦ୍ଭବ ଦମ୍ପତି ଓ ସେମାନଙ୍କ ନାବାଳିକା ଝିଅଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ରାକେଶ କମଲ(୫୭), ସ୍ତ୍ରୀ ଟିନା(୫୪) ଏବଂ ସେମାନଙ୍କ ଝିଅ ଆରିଆନା(୧୮)ଙ୍କ ମୃତଦେହ ଗୁରୁବାର ସନ୍ଧ୍ୟାରେ ମିଳିଥିବାବେଳେ ପ୍ରାରମ୍ଭିକ ତଦନ୍ତରୁ ଏହା ଘରୋଇ ହିଂସାର ପରିଣାମ ବୋଲି ସନ୍ଦେହ କରାଯାଉଛି। ସେମାନଙ୍କ ମୃତ୍ୟୁ ସହ କୌଣସି ବାହ୍ୟ ସମ୍ପୃକ୍ତି ନ ଥିବା ନରଫକ୍ଲ ଜିଲା ଆର୍ଟର୍ନି ମିଚେଲ ମୋରିସେ କହିଛନ୍ତି। କମଲଙ୍କ ପରିବାର ଭାରତୀୟ ହୋଇଥିବାବେଳେ ସେମାନେ ଆମେରିକାର ପ୍ରଯୁକ୍ତି ଶିଳ୍ପରେ ନିଜକୁ ବେଶ୍ ପ୍ରତିଷ୍ଠିତ କରିପାରିଥିଲେ। ଏହା ବ୍ୟତୀତ ସେମାନେ ଏକ ଶିକ୍ଷା ବ୍ୟବସ୍ଥା କମ୍ପାନୀ ଏଡୁନୋଭା ଚଳାଉଥିଲେ, ଯାହା ଏବେ ବନ୍ଦ ରହିଛି। ରାକେଶ ବୋଷ୍ଟନ ୟୁନିଭର୍ସିଟି ଏବଂ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିରୁ ଶିକ୍ଷା ସମାପ୍ତ ପରେ ୨୦୧୬ରେ ସ୍ତ୍ରୀଙ୍କ ସହ ମିଶି ଏଡ୍-ଟେକ୍ କମ୍ପାନୀ ଆରମ୍ଭ କରିଥିଲେ। ଏଡୁନୋଭା ଏକ 'ଛାତ୍ର ସଫଳତା ବ୍ୟବସ୍ଥାର ଡିଜାଇନ କରି ଛାତ୍ରୀଛାତ୍ରଙ୍କ ଶିକ୍ଷାର ମାନ ବଢ଼ାଇବା ଦିଗରେ କାର୍ଯ୍ୟ କରୁଥିଲା। ରାକେଶ ୨୦୧୯ରେ ୪ ନିୟୁତ ଡଲାର ମୂଲ୍ୟରେ ୧୯,୦୦୦ ବର୍ଗଫୁଟ୍‌ର ବିଶାଳ ବିଲ୍ଡିଂ କିଣିଥିଲେ। ୨୦୨୧ରେ ଉକ୍ତ କମ୍ପାନୀ ବନ୍ଦ ହୋଇଯିବା ପରେ ସେମାନଙ୍କର ଆର୍ଥିକ ସଙ୍କଟ ଆରମ୍ଭ ହୋଇଥିଲା।



ରାକେଶ କମଲଙ୍କ ସହ ଝିଅ ଆରିଆନା ଓ ସ୍ତ୍ରୀ ଟିନା।

## କାନାଡା ଗ୍ୟାଙ୍ଗଷ୍ଟର ଲଖ୍‌ବୀରଙ୍କୁ ଆତଙ୍କବାଦୀ ଘୋଷଣାକଲା କେନ୍ଦ୍ର

**ନୂଆଦିଲ୍ଲୀ,୩୦।୧୨**

କାନାଡାରେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜର ହତ୍ୟା ଘଟଣାକୁ ନେଇ ନୂଆଦିଲ୍ଲୀ ଏବଂ ଓଟାୱା ମଧ୍ୟରେ କୂଟନୈତିକ ସ୍ତରରେ ଉତ୍ତେଜନା ଲାଗିରହିଥିବାବେଳେ କାନାଡ଼ାରେ ଥାଇ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇଥିବା ଗ୍ୟାଙ୍ଗଷ୍ଟର ଲଖବୀର ସିଂ ଲାଣ୍ଡାଙ୍କୁ କେନ୍ଦ୍ର ସରକାର ଆନୁଷ୍ଠାନିକ ଭାବେ ଆତଙ୍କବାଦୀ ଘୋଷଣା କରିଛନ୍ତି। ୩୪ ବର୍ଷୀୟ ଲଖ୍‌ବୀର ଖଲିସ୍ତାନୀ ସଂଗଠନ ବାବ୍ବର ଖାଲ୍‌ସା ଇଣ୍ଟରନ୍ୟାଶନାଲ (ବିକେଆଇ) ସହ ସମ୍ପୃକ୍ତ। ପଞ୍ଜାବ ତରନତରନ ଜିଲାର ନିରଞ୍ଜନ ସିଂ ଏବଂ ପରମିନ୍ଦର କୌରଙ୍କ ପୁଅ ହେଉଛନ୍ତି ଲଖବୀର। ଲଖବୀର ସିଂ ଲାଣ୍ଡା କାନାଡାର ଖଲିସ୍ତାନ ସପକ୍ଷବାଦୀ ତତ୍ତ୍ୱ ସହ ଘନିଷ୍ଠ ଭାବେ ଜଡ଼ିତ। ତାଙ୍କର ଶିଖ୍ ଫର୍ ଜଷ୍ଟିସ୍‌ର ନେତା ଗୁରପତ୍‌ୱନ୍ତ ସିଂ ପନ୍ନୁ, ଖଲିସ୍ତାନ ଟାଇଗର ଫୋର୍ସ୍‌ର ନେତା ହରଦୀପ୍ ସିଂ ନିଜ୍ଜର ଓ ଅନ୍ୟମାନଙ୍କ ସହ ସମ୍ପର୍କ ରହିଥିଲା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାରି କରିଥିବା ବିଜ୍ଞପ୍ତିରେ କୁହାଯାଇଛି।



ଲଖବୀର ସିଂ ଲାଣ୍ଡା

## ନୂଆବର୍ଷ ଦିନ ମହାକାଶକୁ ପିଓଇଏମ୍ ପଠାଇବ ଇସ୍ରୋ

**ନୂଆଦିଲ୍ଲୀ,୩୦।୧୨**

ନିଉଟ୍ରନ୍ ଷ୍ଟାର ଏବଂ ବ୍ଲାକ୍ ହୋଲ୍ ଉପରେ ଅଧ୍ୟୟନ ପାଇଁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ନୂଆବର୍ଷ ଦିନ ସ୍ୱତନ୍ତ୍ର ଅବ୍‌ଜରଭେଟୋରୀ ପଠାଇବାକୁ ଯାଉଥିବାବେଳେ ମହାକାଶକୁ ପିଓଇଏମ୍ ପଠାଇବାକୁ ଯୋଜନା କରିଛି। ପିଏସ୍‌ଏଲ୍‌ଭି ଅର୍ବିଟାଲ ଏକ୍ସପେରିମେଣ୍ଟାଲ ମଡ୍ୟୁଲ୍ (ପିଓଇଏମ୍) ପୋଲାର ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍‌ର ଚତୁର୍ଥ ପର୍ଯ୍ୟାୟ ହେବ। ଏଥିରେ ପ୍ରାଥମିକ ପେ'ଲୋଡ୍ ଭାବେ ଏକ୍ସପୋସାଟ୍ (ଏକ୍ସ-ରେ ପୋଲାରାଇମିଟର ସାଟେଲାଇଟ୍) ରହିବ। ପିଓଇଏମ୍ ୧୦ଟି ଅଧ୍ୟୟନ କରିବ। ପିଓଇଏମ୍ ହେଉଛି କମ୍ ଖର୍ଚ୍ଚରେ ମାନବବିହୀନ ଭାରତୀୟ ମହାକାଶ ଷ୍ଟେଶନ। ମହାକାଶରେ ଇସ୍ରୋ ବର୍ଜ୍ୟରୁ ସମ୍ପଦ ସୃଷ୍ଟି କରୁଥିବା ଏହାର ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି। ସେ କହିଛନ୍ତି, ପୂର୍ବ ମିଶନଗୁଡ଼ିକରେ ପିଏସ୍‌ଏଲଭିର ଚତୁର୍ଥ ପର୍ଯ୍ୟାୟକୁ ମହାକାଶରେ ଜଳିଯିବାକୁ ଛାଡ଼ିଦିଆଯାଉଥିଲା, ଯାହା ମହାକାଶ ବର୍ଜ୍ୟ ସୃଷ୍ଟି କରୁଥିଲା। ଏହାକୁ ଏବେ ସମ୍ବଳ ଭାବେ ବ୍ୟବହାର କରାଯିବ। ଏଥିପାଇଁ ଉଚ୍ଚମାନର ପରୀକ୍ଷା ନିରୀକ୍ଷା ଜାରି ରହିଛି।



## ଅଯୋଧାରେ ବିମାନବନ୍ଦର, ରେଳଷ୍ଟେଶନ ଉଦ୍‌ଘାଟିତ

**ଅଯୋଧା,୩୦।୧୨(ପି.ଟି.)**

### ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବକୁ ସାରା ବିଶ୍ୱ ପ୍ରତୀକ୍ଷା କରିଛି: ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଯୋଧାର ମହର୍ଷି ବାଲ୍ମୀକି ବିମାନବନ୍ଦର ଏବଂ ପୁନଃବିକଶିତ ରେଳଷ୍ଟେଶନକୁ ଶନିବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ଉକ୍ତ ଷ୍ଟେଶନରୁ ଦୁଇଟି ଅମୃତ ଭାରତ ଏକ୍ସପ୍ରେସ୍ ଏବଂ ୬ଟି ବନ୍ଦେ ଭାରତ ଟ୍ରେନ୍‌ର ଚଳାଚଳକୁ ଶୁଭାରମ୍ଭ କରିଛନ୍ତି। ଜାନୁୟାରୀ ୨୨ରେ ଅଯୋଧାର ଭବ୍ୟ ରାମମନ୍ଦିରର ପ୍ରାଣପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ସେଠାକୁ ଯାଇ ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି। ଏଥିସହିତ ସେ ୧୫,୭୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିମୟରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିବା ସହ କେତେକକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ସେଥିରୁ ଅଯୋଧାର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପରେ ୧୧,୧୦୦ କୋଟି ବିନିଯୋଗ ହେବାକୁ ଥିବାବେଳେ ଅବଶିଷ୍ଟ ୪,୬୦୦ କୋଟି ଟଙ୍କା ଖର୍ଚ୍ଚରେ ଉତ୍ତରପ୍ରଦେଶର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହେବ।

ବିମାନବନ୍ଦର ଏବଂ ରେଳଷ୍ଟେଶନ ଉଦ୍‌ଘାଟନ ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତା ୨୨ ତାରିଖରେ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବକୁ ସାରା ବିଶ୍ୱ ପ୍ରତୀକ୍ଷା କରିଛି। ବିକାଶ ଏବଂ ଐତିହ୍ୟର ଶକ୍ତି ଦେଶକୁ ଆଗେଇନେବ। ତେବେ ଜନସାଧାରଣ ଉକ୍ତ ଉତ୍ସବରେ ଯୋଗଦେବାକୁ ନ ଆସିବା ପାଇଁ ସେ ନିବେଦନ କରିଥିଲେ। ଉତ୍ସବକୁ କେତେଜଣଙ୍କୁ ଆମନ୍ତ୍ରଣ କରାଯାଇଛି। ସେମାନେ ମନ୍ଦିର ଆସି ଉକ୍ତ ଐତିହାସିକ ଦିନର ସାକ୍ଷୀ ହେବା ଆବଶ୍ୟକ। ଅନ୍ୟମାନେ ଜାନୁୟାରୀ ୨୩ ପରେ ଅଯୋଧା ଆସିବାକୁ ମୋଦି ପରାମର୍ଶ ଦେଇଛନ୍ତି। ୨୨ ତାରିଖରେ ସମସ୍ତ ନାଗରିକ ଘରେ ରହି ଦୀପ ଜାଳିବା ଦ୍ୱାରା ସାରା ଦେଶ ଉକ୍ତ ଉତ୍ସବର ଆନନ୍ଦ ନେଇପାରିବ। ଜାନୁୟାରୀ ୧୪ରୁ ୨୨ ପର୍ଯ୍ୟନ୍ତ ସାରା ଦେଶର ଧର୍ମସ୍ଥାନ ଓ ମନ୍ଦିରଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଭଗବାନ ରାମ ଏକ ତମ୍ବୁ ତଳେ ରହୁଥିଲେ। ଦେଶର ୪ କୋଟି ଲୋକଙ୍କୁ ପକ୍କାଘର ମିଳିବା ଭଳି ଏବେ ତାଙ୍କୁ ପକ୍କାଘର ମିଳିବ ବୋଲି ମୋଦି କହିଥିଲେ।

ଶନିବାର ସକାଳେ ମୋଦି ଅଯୋଧାରେ ପହଞ୍ଚିବା ପରେ ବିମାନବନ୍ଦରରୁ ଏକ ରୋଡ୍‌ଶୋ'ରେ ତାଙ୍କୁ ରେଳଷ୍ଟେଶନ ପର୍ଯ୍ୟନ୍ତ ନିଆଯାଇଥିଲା। ଉକ୍ତ ରାସ୍ତା ପାର୍ଶ୍ୱରେ ଲକ୍ଷାଧିକ ଲୋକ ରୁଣ୍ଡ ହୋଇ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଧାନମନ୍ତ୍ରୀଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ।

### ଉଜ୍ଜ୍ୱଳା ହିତାଧିକାରୀଙ୍କ ଘରେ ଚା' ପିଇଲେ ମୋଦି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଯୋଧା ଗସ୍ତ ଅବସରରେ ଅଚାନକ ଉଜ୍ଜ୍ୱଳା ଯୋଜନାର ଅନ୍ୟତମ ହିତାଧିକାରୀ ମୀରା ମାନ୍‌ଝିଙ୍କ ଘରେ ପହଞ୍ଚିଥିଲେ। ମୋଦି ତାଙ୍କ ଘରେ ଚା' ପିଉଥିବାର ଭିଡିଓକୁ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଶେୟାର କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଘରକୁ ଆସିବା ସମ୍ପର୍କରେ ମୀରାଙ୍କୁ ଜଣା ନ ଥିଲା। ମୋଦି ଆସି ମୀରାଙ୍କ ପରିବାର ସଦସ୍ୟଙ୍କ ସହ କଥା ହେଲେ ଓ ଉଜ୍ଜ୍ୱଳା ଯୋଜନାରୁ ମିଳୁଥିବା ସୁବିଧା ସମ୍ପର୍କରେ ପଚାରିଲେ। ଥଣ୍ଡା ପାଗରେ ଚା' ପିଇବାକୁ ଚାହେଁ ବୋଲି ମୋଦି କହିବାରୁ ମୀରା ଚା' ତିଆରି କରିଥିଲେ। ଚା' ପିଇ ଏହା ଟିକେ ଅଧିକ ମିଠା ହୋଇଗଲା ବୋଲି ମୋଦି କହିଥିଲେ।

## ଫୁର୍‌ସତ୍

## ୨ ବର୍ଷ ହେଲା ବୁଲୁଛନ୍ତି ବିଶ୍ୱ

**ଲଣ୍ଡନ**

ଅନେକ ବ୍ୟକ୍ତି ବିଶ୍ୱ ଭ୍ରମଣ କରିବାକୁ ଚାହୁଁଥିବାବେଳେ ତାଙ୍କ ପାଇଁ ଅର୍ଥ ସର୍ବଦା ବାଧକ ସାଜିଥାଏ। ହେଲେ ଏକ ଦମ୍ପତି ୨ ବର୍ଷ ହେଲା ବିଶ୍ୱ ବୁଲୁଛନ୍ତି। ବ୍ରିଟେନ୍‌ର ବାସିନ୍ଦା ୩୫ ବର୍ଷୀୟା ହନ୍ନା ବୁଲ ଏବଂ ତାଙ୍କ ସ୍ୱାମୀ ୩୮ ବର୍ଷୀୟ ରବଙ୍କର ବୁଲିବା ବହୁତ ପସନ୍ଦ। ସେମାନେ ଚାକିରି କରିବା ଭିତରେ ବି ଛୁଟି ନେଇ ବୁଲିବାକୁ ଯାଉଥିଲେ। ହେଲେ ଦୁହେଁ ଦିନେ ହଠାତ୍ ଚାକିରି ଛାଡ଼ି, ଘର ଗାଡ଼ି ବିକ୍ରି କରିଦେଲେ। କରୋନା ପରେ ପରେ ଗତବର୍ଷ ଜାନୁୟାରୀରେ ସେମାନେ ବୁଲିବାକୁ ବାହାରିପଡ଼ିଲେ। ଦୁହେଁ ଅଜଣା ବ୍ୟକ୍ତିଙ୍କ ଘରେ ଆଶ୍ରୟ ନେବା ସହ ଅନେକ ଗୃହପାଳିତ ପଶୁଙ୍କ ସେବା କରି ପେଟ ପୋଷିଲେ। ଦମ୍ପତି ଆରିଜୋନାରେ ଘୋଡ଼ାକୁ ପାଳିଲେ। ପରେ ବୁଦାପେଷ୍ଟର କିଣ୍ଡରଗାର୍ଡେନରେ ସେ ଲୋକଙ୍କୁ ଇଂରାଜୀ ଶିକ୍ଷା ଦେଇଥିଲେ। କୋଷ୍ଟାରିକାରେ ସେ ଏକ ବହି ସମ୍ପାଦନା କରିବାରେ ସାହାଯ୍ୟ ମଧ୍ୟ କରିଥିଲେ। ମୋଣ୍ଟେନିଗ୍ରୋରେ ଏକ କୁକୁଡ଼ା ଘରେ ଅଶାନ୍ତ ଲୋକଙ୍କ ଝଗଡ଼ାକୁ ଶାନ୍ତ କରିଥିଲେ। ହନ୍ନା କହିଛନ୍ତି, କରୋନା କାରଣରୁ ତାଙ୍କ ଚାକିରି ଚାଲିଗଲା। ସେତେବେଳେ ସେମାନେ ଆଉ ଘରେ ରହିବାକୁ ଚାହିଁଲେନି। ସେମାନେ ୨-୩ ବର୍ଷ ବୁଲିବାକୁ ସ୍ଥିର କଲେ। ସବୁ କିଛି ବିକ୍ରି କରି ବୁଲିବାକୁ ବାହାରିପଡ଼ିଲେ। ଏହି ୨ ବର୍ଷ ମଧ୍ୟରେ ସେମାନେ ୪୦ରୁ ଅଧିକ ସହର ବୁଲିସାରିଲେଣି।



## ରଣବୀରଙ୍କ ସହ କାମ କରିବାକୁ ଚାହାନ୍ତି ଶେହନାଜ

**ମୁମ୍ବାଇ**

ବିଗ୍ ବସ୍ ସିଜନ-୧୩ ଫେମ୍ ତଥା ବଲିଉଡ୍ ଅଭିନେତ୍ରୀ ଶେହନାଜ ଗିଲ୍ ଚଳିତବର୍ଷ ସଲ୍‌ମାନଙ୍କ ଫିଲ୍ମ 'କିସି କା ଭାଇ କିସି କି ଜାନ୍' ଜରିଆରେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଛନ୍ତି। ଏଥିରେ ତାଙ୍କୁ ଦର୍ଶକଙ୍କଠାରୁ ବେଶ୍ ଭଲପାଇବା ମିଳିଥିଲା। ଶେହନାଜ ସଲ୍‌ମାନଙ୍କ ସହ କାମ କରିବା ପରେ ଏବେ ଅଭିନେତା ରଣବୀର କପୁରଙ୍କ ସହ କାମ କରିବାକୁ ଚାହୁଁଥିବା ଏକ ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି। ଶେହନାଜ କହିଛନ୍ତି, ତାଙ୍କ ପାଇଁ ୨୦୨୩ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ପୂର୍ବରୁ ସେ ଛୋଟ ପିଲା ଥିଲେ, ଏବେ ପରିପକ୍ୱ ହୋଇଗଲେଣି। ସେ ଏବେ ସୁପରଷ୍ଟାରଙ୍କ ସହିତ କାମ କରିବାକୁ ଚାହୁଁଛନ୍ତି। ବର୍ତ୍ତମାନ ସେ ରଣବୀରଙ୍କ ସହିତ କାମ କରିବାକୁ ଇଚ୍ଛୁକ ଥିବା କହିଛନ୍ତି। ବ୍ୟକ୍ତିଗତ ଭାବେ ସେ କେବେ ରଣବୀରଙ୍କ ସହିତ ସାକ୍ଷାତ୍ କରିନାହାନ୍ତି, କିନ୍ତୁ ଦୂରରୁ ଦେଖିଛନ୍ତି। ସେ ବର୍ତ୍ତମାନ ଅଡିଶନ ଦେବାକୁ ପ୍ରସ୍ତୁତ ଅଛନ୍ତି। ତେବେ ଶେହନାଜ ଶେଷ ଥର ପାଇଁ ଫିଲ୍ମ 'ଥାଙ୍କ ୟୁ ଫର୍ କମିଙ୍ଗ୍'ରେ ନଜରକୁ ଆସିଥିଲେ। ଆଗକୁ ତାଙ୍କ ପାଖରେ ଆଉ ଏକ ଫିଲ୍ମ ରହିଛି।



भारत सरकार

# ମୋଦୀ ସରକାରଙ୍କ ଗ୍ୟାରେଣ୍ଟି, ପାରମ୍ପରିକ ପ୍ରତିଭାକୁ ନୂଆ ପରିଚୟ



ଏହି ଯୋଜନାରେ କେବଳ ସାରା ଦେଶର କାରିଗର ଓ ଶିଳ୍ପକାରଙ୍କ ପ୍ରତିଭା ବିକଶିତ ହେବ ନାହିଁ, ବରଂ ଆମର ଏହି ପରିବାର ଜନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଜିନିଷକୁ ସାରା ବିଶ୍ୱରେ ନୂଆ ପରିଚୟ ମିଳିବ ।

**- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

# ପିଏମ୍ ବିଶ୍ୱକର୍ମା

## ଯୋଜନାର ଲାଭ

- ପିଏମ୍ ବିଶ୍ୱକର୍ମା ପ୍ରମାଣପତ୍ର ଏବଂ ପରିଚୟପତ୍ର
- କୌଶଳ ବିକାଶ ପାଇଁ ପ୍ରଶିକ୍ଷଣ ଏବଂ ଦୈନିକ ୫୦୦ ଟଙ୍କା ଷ୍ଟାଇପେଣ୍ଡ
- ୧୫ ହଜାର ଟଙ୍କାର ଟୁଲ୍‌କିଟ୍
- ବିଶ୍ୱକର୍ମା ଭାଇ-ଭଉଣୀଙ୍କୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟିରେ ଋଣ
- ଡିଜିଟାଲ ନେଣଦେଣ ପାଇଁ ପ୍ରୋତ୍ସାହନ
- ଉତ୍ପାଦର ଗୁଣବତ୍ତା ଓ ପ୍ରମାଣୀକରଣ, ବ୍ରାଣ୍ଡିଂ ଏବଂ ବିଜ୍ଞାପନ ଭଳି ମାର୍କେଟିଂ ସହାୟତା

## ୧୮ ପ୍ରକାର ପାରମ୍ପରିକ କାରିଗର – ଶିଳ୍ପକାରଙ୍କୁ ମିଳିବ ଲାଭ




CBC 25101/13/0007/2324

**ଯୋଜନାରେ ପଞ୍ଜୀକରଣ ପାଇଁ**
**ବିଶ୍ୱକର୍ମା ଭାଇ-ଭଉଣୀମାନେ ଆଜି ହିଁ ନିଜ ନିକଟସ୍ଥ ଜନସେବା କେନ୍ଦ୍ରକୁ ଯାଆନ୍ତୁ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥିଲେ ଚିରାକନା
ହଜିଲେ ମାଠା।**

ଜିନିଷଟି ପାଖରେ ଥିଲାବେଳେ ଏହା ଅଦରକାରୀ ବା ସାମାନ୍ୟ ଜିନିଷ ଭାବି କେହି କେହି ଏହା ଉପରେ ଅଧିକ ଗୁରୁତ୍ୱ ଦେଇ ନ ଥାନ୍ତି। କିନ୍ତୁ ସେହି ଜିନିଷଟି ହଜିଗଲା ପରେ ଏହାର ମହତ୍ତ୍ୱ ଜଣାପଡ଼ିବା ସହ ତା'ର ମୂଲ୍ୟ ମଧ୍ୟ ଅନେକ ପରିମାଣରେ ବଢ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଥିଲେ ବୋହୂ ବାପର ଶ୍ରାଦ୍ଧ ହୁଏ
ନ ଥିଲେ ଆପଣା ବାପର ଶ୍ରାଦ୍ଧ ନୁହେଁ।**

ହାତରେ ଅଜସ୍ର ଧନ ଥିଲେ ବ୍ୟକ୍ତି ବେପରୁଆ ବା ବଦଖର୍ଚ୍ଚୀ ହୋଇଯାଏ। ତା'ର ଖର୍ଚ୍ଚ କରିବାର ସବୁ ସୀମା ଟପିଯାଏ। ଯଥା ଅଯଥାକୁ ସେ ସେତେଟା ଗୁରୁତ୍ୱ ଦେଇ ନ ଥାଏ। ସେହିପରି ଦାରିଦ୍ର୍ୟ ଘଟିଲେ ବ୍ୟକ୍ତି କିଂକର୍ତ୍ତବିମୂଢ଼ ହୋଇଯାଏ। ଧନ ଅଭାବରୁ ଅତି ଆବଶ୍ୟକ ମନେହେଉଥିବା କାର୍ଯ୍ୟ ମଧ୍ୟ ସେ କରିବାକୁ ଅସମର୍ଥ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ପିଏମ୍‌ଓ ସମ୍ମୁଖରେ ...

ମହିଳା କୁସ୍ତିଯୋଦ୍ଧାମାନଙ୍କୁ ଯୌନ ଶୋଷଣ କରିଥିବା ଅଭିଯୋଗ ହୋଇଥିଲା। ତାଙ୍କ ଇସ୍ତଫା ଓ ଗିରଫଦାରି ଦାବିରେ କୁସ୍ତିଯୋଦ୍ଧାମାନେ ପ୍ରାୟ ୩ ମାସ ଧରି ଯନ୍ତରମନ୍ତରରେ ଧାରଣାରେ ବସିଥିଲେ। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଦିଲ୍ଲୀ ପୋଲିସ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। କିନ୍ତୁ ସେ ଶାସକ ଦଳର ବାହୁବଳୀ ଏମ୍‌ପି ହୋଇଥିବାରୁ ପୋଲିସ ଗିରଫ କରିବାକୁ ପଛଘୁଞ୍ଚା ଦେଇଥିଲା। ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ, ଓ ଭିନେଶଙ୍କ ସମେତ ଅନ୍ୟ କୁସ୍ତିଯୋଦ୍ଧାମାନେ ନ୍ୟାୟ ପାଇଁ ଲଢ଼େଇ ଜାରି ରଖିଥିଲେ। ଡିସେମ୍ବର ୨୧ରେ ବ୍ରିଜ୍‌ଭୂଷଣ ନିଜ ଅନୁଗତ ସଞ୍ଜୟ ସିଂଙ୍କୁ ଡବ୍ଲୁଏଫ୍‌ଆଇ ଅଧ୍ୟକ୍ଷ ନିର୍ବାଚିତ କରାଇବାରେ ସଫଳ ହୋଇଥିଲେ। ଏହା ପରେ ସାକ୍ଷୀ ମଲିକ ଅବସର ଘୋଷଣା କରିଥିବାବେଳେ ବଜରଙ୍ଗ ନିଜ ପଦ୍ମଶ୍ରୀ ପୁରସ୍କାର ଫେରସ୍ତ କରିଥିଲେ। ତେବେ ସଞ୍ଜୟଙ୍କ ବେଆଇନ କାର୍ଯ୍ୟ ଏବଂ ଖେଳାଳିଙ୍କ ପୁରସ୍କାର ଫେରସ୍ତ ଧାରା ଲମ୍ବିବାରେ ଲାଗିଥିବା ଦେଖି କ୍ରୀଡ଼ା ମନ୍ତ୍ରଣାଳୟ ଡବ୍ଲୁଏଫ୍‌ଓକୁ ଭଙ୍ଗ କରିଥିଲା। ମଙ୍ଗଳବାର ପଦକ ଫେରାଇବା ନେଇ ଭିନେଶ ଘୋଷଣା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିଲେ। ଦେଶର ରେସ୍‌ଲରମାନଙ୍କୁ ନ୍ୟାୟ ମିଳୁ ନ ଥିବାରୁ ଏଭଳି ସମ୍ମାନର କୌଣସି ମୂଲ୍ୟ ନାହିଁ ବୋଲି ସେ ଚିଠିରେ ଲେଖିଥିଲେ। ଶନିବାର ପ୍ରଧାନମନ୍ତ୍ରୀଙ୍କୁ ଭେଟି ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ଫେରାଇବା ପାଇଁ ନିଷ୍ପତ୍ତି ନେଇଥିଲେ ଭିନେଶ। ତେବେ ଦିଲ୍ଲୀ ପୋଲିସ ତାଙ୍କୁ ଅଟକାଇବା କାରଣରୁ ସେ ପିଏମ୍‌ଓ ସମ୍ମୁଖ ରାସ୍ତା ମଝିରେ ପଦକ ଛାଡି ଫେରି ଆସିଥିଲେ। ପରେ ଦିଲ୍ଲୀ ପୋଲିସ ପକ୍ଷରୁ ଏହାକୁ ଉଠାଇ ରଖାଯାଇଥିଲା। ପୂର୍ବରୁ ସମାନ ଢଙ୍ଗରେ ବଜରଙ୍ଗ ପୁନିଆ ମଧ୍ୟ କର୍ତ୍ତବ୍ୟ ପଥରେ ନିଜର ପଦ୍ମଶ୍ରୀ ଉପାଧି ରଖି ଫେରି ଆସିଥିଲେ।

### ଅରୁଣ ଷଡ଼ଙ୍ଗୀଙ୍କୁ ...

ଅଫିସରଙ୍କ ତାଲିକା କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇଥିବା ସୂଚନା ମିଳିଛି। ୧୯୮୮ ବ୍ୟାଚ୍‌ର ଅରୁଣ କୁମାର ରାୟ, ୧୯୮୯ ବ୍ୟାଚ୍‌ର ଏ.ଏମ୍.ପ୍ରସାଦ, ବି. ରାଧିକା, ଏସ୍.ଏମ୍. ନରୱଣେ ଏବଂ ୧୯୯୦ ବ୍ୟାଚ୍‌ର ୱାଇ.ବି. ଖୁରାନିଆ, ସୁଧାଂଶୁ ଷଡ଼ଙ୍ଗୀ ଓ ଅରୁଣ ଷଡ଼ଙ୍ଗୀଙ୍କ ନାଁ ରହିଛି।

### ସିଭିଲ ସର୍ଭିସ...

ସେବା ଭୁବନେଶ୍ୱରରେ ଆରମ୍ଭ ହୋଇଥିଲା। ପୁରୀ, କଟକ, ଭୁବନେଶ୍ୱର ଅଞ୍ଚଳରେ କ୍ରୁଟ୍ ପକ୍ଷରୁ ୩୦୫ଟି ମୋ ବସ୍ ଚଳାଚଳ କରିବା ସହିତ ରାଉରକେଲାରେ ୧୦୦ଟି ଚଳାଚଳ କରୁଛି। ଆଗାମୀ ଦିନରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୋ ବସ୍ ସଂଖ୍ୟାରେ ବୃଦ୍ଧି କରାଯିବାକୁ ନିଷ୍ପତ୍ତି ହୋଇଛି। ଇଲେକ୍ଟ୍ରିକ୍ ବସ୍ ବାୟୁ ପ୍ରଦୂଷଣ, ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ଇତ୍ୟାଦିକୁ ହ୍ରାସ କରିବାରେ ସହାୟକ ହେବ। ୨୦୦ ଇଭି ଏସି ବସ୍ କ୍ରୟ ଏବଂ ଏହାର ସୁପରିଚାଳନା କାର୍ଯ୍ୟ ପାଇଁ ଜେବିଏମ୍ ଇକୋ ଲାଇଫ୍ ସହିତ ହେବାକୁ ଥିବା ଚୁକ୍ତିନାମାକୁ କ୍ୟାବିନେଟ ଅନୁମୋଦନ କରିଛି। ଇ-ବସ୍ ଓ ଏହାର ଭିତ୍ତିଭୂମି ନିର୍ମାଣ, ରକ୍ଷଣାବେକ୍ଷଣ କାର୍ଯ୍ୟ(ଜିସିସି) ପାଇଁ ମଡେଲ ଆଧାରରେ ବସ୍ ଅପରେଟ୍ ଲାଗି କିଲୋମିଟର ପିଛା ୬୪.୮୧ ଟଙ୍କା ଲେଖାଏ ୧୦ ବର୍ଷ ପାଇଁ ଧାର୍ଯ୍ୟ ହୋଇଛି। ୨୦୦ ଇ-ବସ୍ କ୍ରୟ ପାଇଁ ୯୩୩,୨୬,୪୦,୦୦୦ ଟଙ୍କା ବ୍ୟୟବରାଦ କରାଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ଓ ସଂରକ୍ଷଣ ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଆଭିମୁଖ୍ୟ ବିଷୟରେ ଜନସାଧାରଣ ଏବଂ ଭବିଷ୍ୟତ ପିଢ଼ିକୁ ସଚେତନ କରିବା ପାଇଁ ୨୦୨୪ ଜାନୟାରୀ ୧୭ରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଉକ୍ତ ସମାରୋହରେ ପ୍ରତ୍ୟେକ ଗ୍ରାମପଞ୍ଚାୟତରୁ ଜନସାଧାରଣ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏଥିନିମନ୍ତେ ୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିସହିତ ଗ୍ରାମ ପଞ୍ଚାୟତ ଏବଂ ବ୍ଲକ ସ୍ତରରେ ବିଭିନ୍ନ ଟିଇସି କାର୍ଯ୍ୟକ୍ରମ ନିମନ୍ତେ ୧୩୫.୮୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିପାଇଁ ପୂର୍ବ ଅନୁମୋଦିତ ବଜେଟ ୪,୦୦୦ କୋଟି ଟଙ୍କାରୁ ୪,୨୧୪ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଲାଗି ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ପୂର୍ବରୁ ଆରମ୍ଭ କରିଥିଲେ। ଗ୍ରାମୀଣ ଓଡ଼ିଶାର ରୂପାନ୍ତରଣ ଯାତ୍ରାକୁ ଆଗକୁ ନେବା ସହିତ ସମୃଦ୍ଧ ଜଗନ୍ନାଥ ସଂସ୍କୃତିକୁ ବିଶ୍ୱବ୍ୟାପକ କରିବା ନିମନ୍ତେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ। ଉକ୍ତ ପ୍ରସ୍ତାବ ସହିତ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୩ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

## ବଢୁଛି କରୋନା, ସତର୍କ କଲା ସ୍ୱାସ୍ଥ୍ୟ ବିଭାଗ




## ପ୍ଲାଷ୍ଟିକମୁକ୍ତ ଫୁଲତୋଡ଼ା ପାଇଁ ଫୁଲ ବ୍ୟବସାୟୀଙ୍କୁ ସଚେତନତା ପତ୍ର

ଭୁବନେଶ୍ୱର, ୩୦।୧୨ (ବନ୍ଦନା ସେଠୀ)

ନୂଆବର୍ଷଠାରୁ ରାଜଧାନୀ ଭୁବନେଶ୍ୱରକୁ ପ୍ଲାଷ୍ଟିକ୍ ଓ ପଲିଥିନ୍ ମୁକ୍ତ କରି ଗଢି ତୋଳିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆହ୍ୱାନ ଦିଆଯାଇଛି। ବିଶେଷକରି ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଫୁଲତୋଡ଼ା ଦିଆନିଆ ହୋଇଥାଏ। ସେହିପରି ଫୁଲମାଳରେ ଘର, ମନ୍ଦିର ଏବଂ ପ୍ରତିଷ୍ଠାନ ମଧ୍ୟ ସଜା ଯାଇଥାଏ। ତେବେ ଫୁଲତୋଡ଼ା, ଫୁଲମାଳ ଆଦିରେ ଯେପରି କୌଣସି ପ୍ରକାର ନିଷିଦ୍ଧ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର କରା ନ ଯାଏ ସେ ନେଇ ବିଏମ୍‌ସି ପକ୍ଷରୁ ସହରର ବିଭିନ୍ନ ଫୁଲ ବ୍ୟବସାୟୀମାନଙ୍କୁ ଏକ ସଚେତନତା ପତ୍ର ବଣ୍ଟନ କରାଯାଇଛି। ବିଏମ୍‌ସି ଅନ୍ତର୍ଗତ ୩ଟି ଜୋନ୍‌ର ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଫୁଲ ବ୍ୟବସାୟୀଙ୍କୁ ଏହି ସଚେତନତା ପତ୍ର ପ୍ରଦାନ କରାଯାଇଛି। ଏଥିସହ ନିଷିଦ୍ଧ ପ୍ଲାଷ୍ଟିକ ବଦଳରେ ଗ୍ରାହକମାନଙ୍କୁ ପରିବେଶ ଉପଯୋଗୀ ସାଜସଜ୍ଜା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ସଚେତନ କରାଇବାକୁ ବ୍ୟବସାୟୀଙ୍କୁ କୁହାଯାଇଛି।

## 'ସଂକ୍ରମଣ ରୋକିବାକୁ ନୂଆବର୍ଷ ଘରେ ପାଳନ କର'

### ସତର୍କ କଲେ, ପରାମର୍ଶ ଦେଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୩୦।୧୨(ଅସମାପିକା ସାହୁ): ରାଜ୍ୟରେ କରୋନା ସଂକ୍ରମଣ ପୁଣି ଆରମ୍ଭ ହୋଇଛି। ଆଉଜଣେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବା ନେଇ ଶନିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଏହାକୁ ମିଶାଇ ମୋଟ ୧୪ଜଣ ରୋଗୀ ଚିହ୍ନଟ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ ବର୍ତ୍ତମାନ ରାଜ୍ୟରେ ସମୁଦାୟ ୩ ଆକ୍ଟିଭ କେସ୍ ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ଏଥିସହ ସଂକ୍ରମଣ ଏଡାଇବାକୁ ଲୋକେ ମାସ୍କ ପିନ୍ଧିବା ସହ ନୂଆବର୍ଷ ଘରେ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଯେଉଁମାନଙ୍କର ଥଣ୍ଡା, ଜ୍ୱର ଓ କାଶ ରହୁଛି, ବାହାରକୁ ନ ଯାଇ ଘରେ ଜିରୋ ନାଇଟ୍ ପାଳନ କରନ୍ତୁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ଅନ୍ୟପଟେ କରୋନା ଆକ୍ରାନ୍ତ ସଂଖ୍ୟା ବଢୁଥିବାରୁ ସଜାଗ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ସେହିପରି ରାଜ୍ୟର ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଜରୁରୀ ଚିଠି କରାଯାଇଛି। ସର୍ଭେଲାନ୍ସ, ଟେଷ୍ଟିଂ ବଢ଼ାଇବା ସହ ଅକ୍ସିଜେନଯୁକ୍ତ ବେଡ୍ ପ୍ରସ୍ତୁତ ରଖିବା ଓ ଆକ୍ରାନ୍ତଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଟଙ୍କା ଲୋଭରେ ମାଲିକଙ୍କୁ ଅପହରଣ କରିଥିଲେ ଡ୍ରାଇଭର

- **ଡ୍ରାଇଭର ଲକି ସମେତ ୩ ଜେଲ ଗଲେ**
- **ମହିଳାଙ୍କ ସମେତ ଅନ୍ୟ ୨ ଅଭିଯୁକ୍ତ ଫେରାର**

ଭୁବନେଶ୍ୱର,୩୦।୧୨ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରରୁ କ୍ୟାବ୍ ଡ୍ରାଇଭର ତଥା ବ୍ୟବସାୟୀ ପିଣ୍ଟୁ ସାହୁଙ୍କୁ ଅପହରଣ କରି ଯାଜପୁରରେ ମୁଣ୍ଡଜାମିନ ରଖି ୧୦ଲକ୍ଷ ଟଙ୍କା ଦାବି କରିବା ମାମଲାର ପର୍ଦ୍ଦାଫାଶ କରିଛି ଖଣ୍ଡଗିରି ପୋଲିସ। ଘଟଣା ପଛରେ ତାଙ୍କ କାର ଡ୍ରାଇଭର ଯାଜପୁର କୁଆଖିଆ ଅଞ୍ଚଳର ସ୍ୱାଗତ ଶେଖର ସାହୁ ଓରଫ ଲକି ହିଁ ମାଷ୍ଟରମାଇଣ୍ଡ ବୋଲି ଜଣାପଡିଛି। ଟଙ୍କା ଲୋଭରେ ସେ ଅନ୍ୟ ସହଯୋଗୀଙ୍କ ସହ ମିଶି ଅପହରଣର ଷଡ଼ଯନ୍ତ୍ର ରଚିଥିଲେ। ପିଣ୍ଟୁ ଜମି କିଣିବା ପାଇଁ ପାଖରେ ଟଙ୍କା ରଖିଥିବା ଜାଣିବା ପରେ ଲକି ଓ ଅନ୍ୟମାନେ ଗୁରୁବାର ରାତିରେ ତାଙ୍କୁ ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡା କୁଞ୍ଜଲ ଗାର୍ଡେନ ଆପାର୍ଟମେଣ୍ଟ ନିକଟରୁ କାର୍‌ରେ ଅପହରଣ କରିନେଇଥିଲେ। ତେବେ ଶୁକ୍ରବାର ରାତିରେ ଭୁବନେଶ୍ୱର କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଯାଜପୁର ଜିଲା ଧର୍ମଶାଳା ଆରୁହା ଜଙ୍ଗଲସ୍ଥିତ ଏକ ପରିତ୍ୟକ୍ତ ଘରୁ ପିଣ୍ଟୁଙ୍କୁ ଉଦ୍ଧାର କରିବା ସହ ମାଷ୍ଟରମାଇଣ୍ଡ ଲକିଙ୍କ ସହ ସହଯୋଗୀ ଧର୍ମଶାଳା ଅଞ୍ଚଳର ମଣ୍ଟୁ ମହାନ୍ତି ଓ ରାଉରକେଲାର ପ୍ରିୟବ୍ରତ ବେହେରାଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଅପରାଧରେ ବ୍ୟବହୃତ କାର ଓ କିଛି ମାରଣାସ୍ତ୍ର ଜବତ କରାଯାଇଛି। ଶନିବାର ସେମାନଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଥିବାବେଳେ ଜଣେ ମହିଳା ସଂପୃକ୍ତ ଥିବା




ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ସେମାନଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଥିବା ସୂଚନା ଦେଇଛି। ସୂଚନାନୁସାରେ, ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡା କୁଞ୍ଜଲ ଗାର୍ଡେନ ଆପାର୍ଟମେଣ୍ଟରେ ରୁହନ୍ତି ପିଣ୍ଟୁ। ସେ ନିଜ କାର୍‌ଗୁଡିକୁ କ୍ୟାବ୍‌ରେ ଭଡ଼ାରେ ଲଗାଇଥିଲେ। ନିଜେ ଗାଡି ଚଳାଇବା ସହ କେତେଜଣ ଡ୍ରାଇଭରଙ୍କୁ ରଖିଥିଲେ। ଗୁରୁବାର ରାତିରେ ସେ ଜଣେ ଡ୍ରାଇଭରଙ୍କ ସହ ଆପାର୍ଟମେଣ୍ଟ ତଳକୁ ଆସିଥିଲେ। ଏହି ସମୟରେ ଆପାର୍ଟମେଣ୍ଟ ନିକଟରେ ପୂର୍ବରୁ ଏକ କାର୍‌ରେ ଲୁଚି ରହିଥିବା ଅଭିଯୁକ୍ତମାନେ ପିଣ୍ଟୁଙ୍କୁ ଜୋର୍ ଜବରଦସ୍ତ କାର୍‌ରେ ଅପହରଣ କରିନେଇଥିଲେ। ଏହାପରେ ସେମାନେ ପିଣ୍ଟୁଙ୍କୁ ଯାଜପୁର ଧର୍ମଶାଳା ଅଞ୍ଚଳକୁ ନେଇ ମାଡ଼ ମାରିବା ସହ ନାନା ନିର୍ଯାତନା ଦେଇଥିଲେ। ଏଥିସହ ତାଙ୍କ ସ୍ତ୍ରୀଙ୍କ ମୋବାଇଲକୁ ଭିଡିଓ କଲ୍ କରି ସ୍ୱାମୀଙ୍କୁ ମାଡ଼ ମାରୁଥିବା ଦୃଶ୍ୟ ଦେଖାଇ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ଭୟରେ ତାଙ୍କ ସ୍ତ୍ରୀ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ୨ଲକ୍ଷ ଟଙ୍କା ଟ୍ରାନ୍ସଫର କରିବା ସହ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## 'ପ୍ଲାଷ୍ଟିକ୍‌ମୁକ୍ତ ପିକ୍‌ନିକ୍' ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୩୦।୧୨(ଅସମାପିକା ସାହୁ)

ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଓ ପଲିଥିନର ବହୁଳ ବ୍ୟବହାର ସାରା ବିଶ୍ୱ ପାଇଁ ବଡ଼ ବିପଦ ପାଲଟିଛି। ଏହାର ବ୍ୟବହାରକୁ ରୋକିବା ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଶେଷ ସଚେତନତା କାର୍ଯ୍ୟକ୍ରମ ଭାବେ ଶନିବାରଠାରୁ 'ପ୍ଲାଷ୍ଟିକ୍‌ମୁକ୍ତ ପିକ୍‌ନିକ' ଆରମ୍ଭ ହୋଇଛି। ଏହା ଅଧୀନରେ ରାଜ୍ୟର ପ୍ରମୁଖ ପିକନିକ ସ୍ଥାନଗୁଡ଼ିକୁ ପ୍ଲାଷ୍ଟିକମୁକ୍ତ କରିବା ଲାଗି ଛାତ୍ରୀଛାତ୍ର, ଯୁବଗୋଷ୍ଠୀ ଓ ସାଧାରଣ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରାଯାଉଛି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଅଭିନେତା ସବ୍ୟସାଚୀ ମିଶ୍ର ସାମିଲ ହୋଇ ପିକ୍‌ନିକ୍ ବେଳେ ପ୍ଲାଷ୍ଟିକ ଜିନିଷ ବର୍ଜନ କରିବାକୁ ଜନସାଧାରଣଙ୍କୁ ଅପିଲ କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ପିକ୍‌ନିକ୍ ବେଳେ ପୁନଃବ୍ୟବହାରଯୋଗ୍ୟ ସାମଗ୍ରୀ ବ୍ୟବହାର କରିବା ସହ ପରିବେଶକୁ କିପରି ସଫାସୁତରା ରଖିବା ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଭବିଷ୍ୟତ ପିଢ଼ିଙ୍କ ନିମନ୍ତେ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ସମସ୍ତେ ଆଗେଇ ଆସିବା ପାଇଁ ସେ ଆହ୍ୱାନ କରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ କେ. ମୁରୁଗେଶନ କହିଛନ୍ତି, ପ୍ଲାଷ୍ଟିକ ଏବଂ ପଲିଥିନ୍ ଭଳି ପ୍ରଦୂଷଣକାରୀ ଜିନିଷ ଆମ ପରିବେଶ




ପାଇଁ କ୍ଷତିକାରକ। ତେଣୁ ପ୍ରାକୃତିକ ସ୍ଥାନରେ ପିକନିକ କରିବା ବେଳେ ଏଭଳି ସାମଗ୍ରୀ ବ୍ୟବହାର କରିବା ନାହିଁ। ଏହି ପ୍ରଦୂଷଣକାରୀ ଜିନିଷ ମଣିଷ ସମାଜକୁ ବିପଦରେ ପକାଇବା ସହିତ ଅନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ପ୍ରଭାବିତ କରିଥାଏ। ପ୍ଲାଷ୍ଟିକ୍‌ମୁକ୍ତ ପିକନିକ ଅଭିଯାନରେ ସାମିଲ ହୋଇ ପରିବେଶକୁ ସୁରକ୍ଷିତ ରଖିବାକୁ ସେ ଆହ୍ୱାନ ଦେଇଛନ୍ତି। 'ୟୁଥ ଫର୍ ୱାଟର' ଅଭିଯାନର ପ୍ରତିଷ୍ଠାତା ତଥା ଓଡ଼ିଶାର ଜଳମାନବ ଭାବେ ପରିଚିତ ରଞ୍ଜନ ପଣ୍ଡା କହିଛନ୍ତି, ପ୍ରକୃତି ଓ ପରିବେଶକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ଏଥିପାଇଁ ଯୁବପିଢ଼ି ସଙ୍କଳ୍ପବଦ୍ଧ ହେବା ଦରକାର। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହରାଞ୍ଚଳରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ଓ ୧୨୦ ମାଇକ୍ରନରୁ କମ୍ ପତଳା ପଲିଥିନ ବ୍ୟାଗ ଆଦି ବ୍ୟବହାରକୁ ନିଷେଧ କରାଯାଇଛି। ଚଳିତବର୍ଷ ୧୭୬ଟି ପ୍ରମୁଖ ପିକ୍‌ନିକ୍ ସ୍ଥଳରେ ଏହି କଟକଣାକୁ କଡ଼ାକଡ଼ି ପାଳନ କରାଯିବ। ଏଥିଲାଗି ବ୍ୟାପକ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି। ତେଣୁ ଏନେଇ ସ୍ଥାନୀୟ ସାମାଜିକ କର୍ମୀ, ଇକୋ କ୍ଲବର ସଦସ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଲୋକମାନଙ୍କୁ ସଚେତନ କରୁଛନ୍ତି। ତୃଣମୂଳ ସ୍ତରରେ ଏହାକୁ କାର୍ଯ୍ୟକାରୀ କରିବାରେ 'ୟୁଥ୍ ଫର୍ ୱାଟର' ଅଭିଯାନ ପ୍ରମୁଖ ଭୂମିକା ଗ୍ରହଣ କରୁଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚନ୍ଦ୍ର କେନ୍ଦ୍ରସ୍ଥ ଗୁରୁ ଗଜକେଶରୀ ଯୋଗ ସୃଷ୍ଟି କରୁଥିବାରୁ ଆଜିର ପ୍ରତ୍ୟୁଷ ଯାତ୍ରା, ମାଙ୍ଗଳିକ କାମ, ସୁନ୍ଦର ପାରିବାରିକ ଜୀବନ ଅତିବାହିତ କରିବେ। ସାମାଜିକ ସ୍ତରରେ ଆନୁଷ୍ଠାନିକ କ୍ଷେତ୍ରରୁ ସମ୍ମାନ ଓ ସଦିଚ୍ଛା ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରିଯିବ ଏବଂ ଆତ୍ମୀୟ ସ୍ୱଜନଙ୍କୁ ପାଇ ଖୁସି ହୋଇଯିବେ।

**ବୃଷ** ବୁଧଯୁକ୍ତ ଶୁକ୍ରଜନିତ ଅଟକିଥିବା କାମ ସମ୍ପନ୍ନରେ ସମର୍ଥ ହେବେ। ସବୁଥିରେ ଆଗୁଆ ରହି କାମ କରିବା ହେତୁ କ୍ଳାନ୍ତି ଅନୁଭବ କରିବେ। ସକାଳୁ ବନ୍ଧୁଙ୍କଠାରୁ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟାରୁ ମନ ଭାରାକ୍ରାନ୍ତ ରହିବ। ସାଧାରଣ କଥାକୁ କେନ୍ଦ୍ରକରି କୌଣସି ବନ୍ଧୁ କ୍ଷୁବ୍ଧ ହୋଇ ପାରନ୍ତି।

**ମିଥୁନ** ଆଜି ଯେତିକି ପାଇବେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ସାମାଜିକ ସ୍ତରରେ କୌଣସି କାର୍ଯ୍ୟ ସମ୍ପନ୍ନ କାରଣରୁ ସମ୍ପର୍କୀୟଙ୍କ ପ୍ରଶଂସାରେ ମସ୍‌ଗୁଲ ହୋଇ ଉଠିବେ। ବୃହସ୍ପତିଙ୍କ ହେତୁ ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆରଦ୍ରା ପରିଶ୍ରମ ମୁତାବକ ଫଳ ନ ପାଇବା କାରଣରୁ ଭାବପ୍ରବଣତା ବୃଦ୍ଧି ପାଇବ।

**କର୍କଟ** ସ୍ୱଗୃହୀ ଚନ୍ଦ୍ର ହେତୁ ଆରୋଗ୍ୟ ଲାଭରୁ ଆଶ୍ୱସ୍ତି ଲଭିବେ। ବନ୍ଧୁଙ୍କ କଥାକୁ ଭାଙ୍ଗି ନ ପାରି ସକାଳୁ କୌଣସି କାମରେ ନିଜକୁ ହଜାଇ ଦେଇପାରନ୍ତି। କର୍ମକ୍ଷେତ୍ରରେ ନିଃସ୍ୱାର୍ଥପର କାମ କଲେ ମଧ୍ୟ ପ୍ରଶଂସା ଶୁଣିବାକୁ ମିଳିବ ନାହିଁ। ପରିବହନରେ ଅଭିଯୋଗ ଆସିପାରେ କିମ୍ବା ଘରୋଇ କଥାରେ କିଛି ମତ ପାର୍ଥକ୍ୟ ସୃଷ୍ଟି ହୋଇପାରେ।

**ସିଂହ** ରବି ସହ ମଙ୍ଗଳଙ୍କ ସଂଯୋଗ ହେତୁ ଅସଫଳତାର ଚିନ୍ତାଧାରା ମନକୁ ବିବ୍ରତ କରିପାରିବ ନାହିଁ। ପରିସ୍ଥିତି ବଶତଃ ବାଧ୍ୟବାଧକତାରେ ଦୂରସ୍ଥାନକୁ ଯିବାକୁ ପଡ଼ିପାରେ। ପୃଷ୍ଠପୋଷକତା ଅଭାବରୁ କାମଗୁଡ଼ିକ ସୁବିଧାରେ ହେବା କଷ୍ଟକର ହୋଇ ପଡ଼ିବ। କାର୍ଯ୍ୟ ହାସଲ ସକାଶେ ଅର୍ଥାଭାବ ପ୍ରତ୍ୟେକ କାମକୁ ବିଳମ୍ବିତ କରିବ।

**କନ୍ୟା** ଅଷ୍ଟମସ୍ଥ ବୃହସ୍ପତିଙ୍କ ଯୋଗୁ ଫେରିବା ବେଳକୁ ଯିବା ସମୟର ଆନନ୍ଦ ଆଉ ରହିବ ନାହିଁ। ରୋଗଣା ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବାରୁ ଚିନ୍ତିତ ରହିପାରନ୍ତି। ସତର୍କତା ଅବଲମ୍ବନ ନ କଲେ ବ୍ୟବସାୟରେ ଠକାମିରେ ପଡ଼ିପାରନ୍ତି। ପ୍ରକାଶନ, ପ୍ରଶାସନ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତ ସୁଫଳ ଲାଭ କରି ଖୁସି ହେବେ।

**ତୁଳା** ଆଜି ବନ୍ଧୁଙ୍କ ନିକଟରୁ ବାଧିଲା ଭଳି କଥା ଶୁଣି ସବୁ ଆନନ୍ଦ ପାଣି ଫୋଟକା ପରି କୁଆଡ଼େ ମିଳାଇ ଯିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦ୍ୱାଦଶରେ କେତୁ ଥିବାରୁ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ମସ୍‌ଗୁଲ୍ ରହିପାରନ୍ତି।

**ବିଛା** ବିବାଦୀୟ ପରିସ୍ଥିତିରେ ଯେତେଟା ଓ ଯେପରି ଆଶଙ୍କା, ସେମିତି କିଛି ହେବନି। ଚନ୍ଦ୍ରଙ୍କ ସୁପ୍ରଭାବରୁ କଳା, ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବନ୍ଧୁମିଳନ କ୍ଷେତ୍ରରେ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। କିଛି କାମ ହାସଲ କରିବା ସକାଶେ ଅନେକ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହେବେ।

**ଧନୁ** ବୁଧଙ୍କ ପ୍ରଭାବରୁ ଅପ୍ରିୟ ସତ୍ୟ ଭାଷଣଜନିତ ମତାନ୍ତରର ସମ୍ଭାବନା ରହିଛି। ଭାଙ୍ଗି ପଡିଥିବା ସମ୍ପର୍କକୁ ପୁଣି ଯୋଡ଼ିବା ସକାଶେ ଚେଷ୍ଟା କରି କିଛି ଲାଭ ପାଇବେ ନାହିଁ। ଦୀର୍ଘ ଦିନରୁ ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସମାଧାନ କରିବେ। କୌଣସି ନୂତନ କାମ ଆରମ୍ଭ କରିବା ପାଇଁ ମନ ବଳାଇପାରନ୍ତି।

**ମକର** ଦିନଟି ସବୁ ଦିଗରୁ ଭଲରେ ଯିବ। କଅଁଳ କଥା କହି ପରକୁ ଆପଣାର କରିବେ। ପ୍ରଶଂସା ଓ ପ୍ରୋତ୍ସାହନ ଲାଭ କରି ନିଜର ଭାବାବେଗକୁ ରୋକି ପାରିବେ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ମନଟା ଅଜଣା ଆଶଙ୍କାରେ ଉଦ୍‌ବେଳିତ ହୋଇପାରେ। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**କୁମ୍ଭ** କୌଣସି ନୂତନ ବନ୍ଧୁଙ୍କ ସହ ସମ୍ପର୍କ ସ୍ଥାପନ ହେବାର ଉଜ୍ଜ୍ୱଳ ଆଶା ରହିଛି। ପୂର୍ବଭାଦ୍ରବ ନକ୍ଷତ୍ର ଯେତିକି ପାଇବେ, ତାହାଠାରୁ ଅଧିକ ଖର୍ଚ୍ଚ କରିବେ। ପ୍ରତ୍ୟେକ କ୍ଷେତ୍ରରେ କିଛି ନ ବୁଝି ନ ଶୁଝି କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ରେସ୍, ପବ୍ଲିକେଶନ, ଆଇନ ଅଦାଲତ, ଗବେଷଣା, ଅନୁସନ୍ଧାନ, ନିର୍ମାଣ କାମରୁ ସୁଫଳ ମିଳିବ।

**ମୀନ** ଆଜି ଯେତେ ପ୍ରକାରର ପ୍ରତିବନ୍ଧକ ଆସୁନା କାହିଁକି ଆପଣ କେବେ ପଛକୁ ହଟିବେ ନାହିଁ। ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। ଗତକାଲିର ଯୋଜନା ଓ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଉପସ୍ଥିତ ପରିସ୍ଥିତି ପ୍ରତି ସତର୍କ ରହି କାମ କଲେ ଉପକୃତ ହୋଇପାରିବେ।

ଆଜି ପୌଷ କୃଷ୍ଣ ଚତୁର୍ଥୀଯୁକ୍ତ ୫ମୀ ରବିବାର, ଡିସେମ୍ବର ୩୧ ତାରିଖ, ଖ୍ରୀଷ୍ଟୀୟ ବର୍ଷ ଶେଷ, ରାଶି ନକ୍ଷତ୍ର- ମଘା/ସିଂହ, ୫ମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୭ ଗତେ ଘ.୦୯।୧୭ ମଧ୍ୟେ, ଘ.୦୧।୧୦ ଗତେ ଘ.୦୩।୦୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୫୨ ଗତେ ଘ.୦୫।୧୪ ମଧ୍ୟେ ରାହୁକାଳ।




ନୂଆବର୍ଷ ୨୦୨୪କୁ ସ୍ୱାଗତ କରିବା ସହ ଉଦ୍‌ଘାଟନ ଅପେକ୍ଷାରେ ଥିବା ପୁରୀର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭକାମନା ଜଣାଇ କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ଶିଳ୍ପୀ ସରିତା ଗୋଚ୍ଛାୟତ ଶନିବାର ତିଆରି କରିଥିବା ବାଲୁକାକଳା। **(ଫଟୋ: ଜ୍ୟୋତିରାଜ ମହାନ୍ତି)**

# ୭୦ ହଜାର ଏକର ଜମିକୁ ପାଣି

## ନବରଙ୍ଗପୁର ଜିଲା ପାଇଁ ୧୧ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ, ତୁରୀ-ଗୁନ୍ତାତ୍ ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ନବରଙ୍ଗପୁର ଜିଲା ପାଇଁ ୨ଟି ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ ୧୧ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ୧୨୭୨ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଏହା ଦ୍ୱାରା ନନ୍ଦାହାଣ୍ଡି, ନବରଙ୍ଗପୁର ଓ ତେନ୍ତୁଲିଖୁଣ୍ଟି ବ୍ଲକର ପ୍ରାୟ ୧୨୦ଟି ଗାଁର ୫୦ ହଜାର ହେକ୍ଟର ଚାଷଜମିକୁ ପାଣି ମିଳିପାରିବ। ସେହିପରି ତୁରୀ-ଗୁନ୍ତାତ୍ ଜଳସେଚନ ପ୍ରକଳ୍ପର ମଧ୍ୟ ଭିତ୍ତିପ୍ରସ୍ତର ରଖାଯାଇଛି। ଏହି ପ୍ରକଳ୍ପରେ ୨ଟି ବ୍ୟାରେଜ୍ ନିର୍ମାଣ କରାଯିବ। ଏଥିପାଇଁ ୫୭୭ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ଦ୍ୱାରା ନବରଙ୍ଗପୁର ଓ କୋଷାଗୁମୁଡ଼ା ବ୍ଲକର ୪୦ଟି ଗ୍ରାମର ୨୦ ହଜାର ଏକର ଚାଷଜମିକୁ ପାଣି ମିଳିପାରିବ।

ସବୁ ପ୍ରକଳ୍ପରେ ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗ କରାଯାଇ ଭୂତଳ ପାଇପଲାଇନ ମାଧ୍ୟମରେ ଜଳସେଚନ କରାଯିବ। ଏଥିଯୋଗୁ କୌଣସି ବିସ୍ଥାପନର ଆବଶ୍ୟକତା ପଡ଼ିବ ନାହିଁ।

ଭିଡିଓ କନ୍ଫରେନ୍ସ ଜରିଆରେ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନବରଙ୍ଗପୁର ଜିଲା ପାଇଁ ସ୍ୱତନ୍ତ୍ର ଧ୍ୟାନ ରହିଛି। ଗତ ମାର୍ଚ୍ଚରେ ୫-ଟି ଅଧ୍ୟକ୍ଷ ନବରଙ୍ଗପୁର ଯାଇଥିଲେ। ବିଭିନ୍ନ ବିକାଶ କାମ ବୁଲି ଦେଖିଥିଲେ। ଯାହା ସବୁ ପ୍ରସ୍ତାବ ଅଛି, ସେସବୁ କାର୍ଯ୍ୟକାରୀ ହେବ। ଆଗାମୀ କିଛି ବର୍ଷ ମଧ୍ୟରେ ନବରଙ୍ଗପୁରର ଭିତ୍ତିଭୂମି କ୍ଷେତ୍ରରେ ବହୁତ ବଡ଼ ରୂପାନ୍ତର ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କିଛିଦିନ ତଳେ ନବରଙ୍ଗପୁରରେ ଲକ୍ଷ୍ମୀ ଯୋଜନା ଆରମ୍ଭ କରାଯାଇଥିଲା। ଏହା ଲୋକମାନଙ୍କ ଜୀବନଧାରାକୁ ସହଜ କରୁଥିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୃଷି ଆମ ଅର୍ଥନୀତି, ଆମ ସାମାଜିକ ବ୍ୟବସ୍ଥାର ମେରୁଦଣ୍ଡ। ଚାଷର ଉନ୍ନତି ଓ ଚାଷୀର କଲ୍ୟାଣ ପାଇଁ ରାଜ୍ୟ ସରକାର ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି। ସାରା ରାଜ୍ୟରେ ଅନେକ ବଡ଼ ବଡ଼ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଚାଷୀମାନଙ୍କ ପାଇଁ କାଳିଆ ଯୋଜନା, ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧବିହୀନ ଋଣ ଆଦି ଅନେକ ସୁବିଧା କରାଯାଉଛି। ଚାଷୀ ଓ ମା'ମାନଙ୍କ ଉନ୍ନତି ବିନା ବିକାଶର ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ। ସେଥିପାଇଁ ଚାଷୀମାନଙ୍କ କଲ୍ୟାଣ, ମା'ମାନଙ୍କ କଲ୍ୟାଣ ସବୁବେଳେ ତାଙ୍କର ମୁଖ୍ୟ ଫୋକସ୍ ରହି ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଏବେ ଗାଁର ସବୁ ଲୋକଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏବେ ରାଜ୍ୟର ୯୦ ପ୍ରତିଶତ ଲୋକ ମାଗଣାରେ ଭଲ ଚିକିତ୍ସା ସୁବିଧା ପାଇବେ। ଅର୍ଥ ଅଭାବରୁ କେହି ଯେପରି ଭଲ ଚିକିତ୍ସା ପାଇବାରୁ ବଞ୍ଚିତ ନ ହେବେ, ତାହା ତାଙ୍କର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ ବେଳେ ନବରଙ୍ଗପୁର ଜିଲାବାସୀ ଏହି ପ୍ରକଳ୍ପ ୨ଟି ଅନୁମୋଦନ ପାଇଛି ବୋଲି ଜାଣି ଖୁସି ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସେମାନଙ୍କ ଖୁସିକୁ ଦ୍ୱିଗୁଣିତ କରିଛି। ଏହି ପ୍ରକଳ୍ପ ଜରିଆରେ ଅଧିକରୁ ଅଧିକ କୃଷିଜାତ ଦ୍ରବ୍ୟ ଉତ୍ପନ୍ନ କରି ସେଗୁଡ଼ିକର ବିକ୍ରିବଟା ପାଇଁ ପୂର୍ବରୁ ଜିଲାକୁ ଆସିଥିବା ଲକ୍ଷ୍ମୀ ବସ୍ ସେମାନଙ୍କୁ ସହାୟତା କରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ତାଙ୍କ ଗସ୍ତ ବେଳେ ସେ ବହୁତ ଲୋକଙ୍କୁ ଭେଟିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଗ୍ରାମାଞ୍ଚଳର ଅନେକ ଲୋକ ସୁବିଧାରୁ ବଞ୍ଚିତ ହେଉଥିବାରୁ ସେମାନଙ୍କ ପାଇଁ କିଛି ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଥିଲେ।

ଏହି ପ୍ରସ୍ତାବକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା- ନବୀନ କାର୍ଡ ଆରମ୍ଭ କରୁଛନ୍ତି। ଜାନୁୟାରୀ ୬ରୁ ଏଥିପାଇଁ ପଞ୍ଜୀକରଣ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗଦେଇଥିଲେ। ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମନୋରମା ମହାନ୍ତି ପାଣିପାଗ କେନ୍ଦ୍ରର ନୂଆ ନିର୍ଦ୍ଦେଶିକା

ଭୁବନେଶ୍ୱର, ୩୦।୧୨
(ଅସମାପିକା ସାହୁ)



ଡ. ମନୋରମା ମହାନ୍ତି

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନୂଆ ନିର୍ଦ୍ଦେଶିକା ଭାବେ ଡ. ମନୋରମା ମହାନ୍ତି ନିଯୁକ୍ତି ପାଇଛନ୍ତି। ସେ ଏବେ ଗୁଜରାଟ ଅହମ୍ମଦାବାଦ ପାଣିପାଗ କେନ୍ଦ୍ରର ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କୁ ପଦୋନ୍ନତି ସହ ଏହି ନୂଆ ନିଯୁକ୍ତି ମିଳିଥିବା ନେଇ କେନ୍ଦ୍ର ପୃଥ୍ୱୀବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଥିବା ଡ. ଏଚ୍. ଆର୍. ବିଶ୍ୱାସଙ୍କୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର କୋଲକାତାକୁ ବଦଳି କରାଯାଇଛି।

ମନୋରମା ମହାନ୍ତିଙ୍କ ଘର ଓଡ଼ିଶାରେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ହାସଲ ପରେ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ରେ ଯୋଗଦେଇଥିଲେ। ଗୁଜରାଟରେ ଅବସ୍ଥାପିତ ମନୋରମା ଆରବସାଗର ଇତିହାସରେ ସବୁଠାରୁ ଶକ୍ତିଶାଳୀ ବାତ୍ୟା 'ତାଉତେ' ଏବଂ 'ବିପର୍ଯ୍ୟୟର' ଠିକ୍ ଗତିପଥ ଓ ତୀବ୍ରତା ଆକଳନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଫଳରେ ଗୁଜରାଟରେ ଅନେକ ଧନଜୀବନ ରକ୍ଷା ପାଇଥିଲା। ଏଥିପାଇଁ ସେ ଗୁଜରାଟ ସରକାରଙ୍କ ପକ୍ଷରୁ ମଧ୍ୟ ପ୍ରଶଂସିତ ହୋଇଥିଲେ। ଓଡ଼ିଶା ପରି ବାତ୍ୟାପ୍ରବଣ ରାଜ୍ୟରେ ତାଙ୍କର ଅଭିଜ୍ଞତା ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି।

# ଭିଡ଼ ନିୟନ୍ତ୍ରଣ, ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

ପୁରୀ, ୩୦।୧୨(ଅଜିତ୍ ମହାନ୍ତି)

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ପ୍ରତ୍ୟୁଷରେ ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ପରିକ୍ରମା ପ୍ରକଳ୍ପ ସହିତ ଅନ୍ୟାନ୍ୟ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଆସନ୍ତା ୧୭ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ଲୋକାର୍ପଣ ଉତ୍ସବ ପୂର୍ବରୁ ପରିକ୍ରମା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଭକ୍ତମାନଙ୍କ ସୁବ୍ୟବସ୍ଥିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ନେଇ ସମୀକ୍ଷା କରିଥିଲେ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ



ସମୀକ୍ଷା ପରେ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଉଥିବା ଶ୍ରୀଦାଣ୍ଡ ବା ଶ୍ରୀମାର୍ଗ ରାସ୍ତାରେ ଯାଇ କାର୍ଯ୍ୟର ସମୀକ୍ଷା କରିଥିଲେ। ଭକ୍ତମାନଙ୍କ ପାଇଁ ନିର୍ମାଣ କରାଯାଉଥିବା ଏସି ଶେଡର କାର୍ଯ୍ୟ ସମ୍ପର୍କରେ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ଆଉ ଇଂଲିଶ ନବ ବର୍ଷକୁ ଗୋଟିଏ ଦିନ ବାକିଥିବାବେଳେ କିପରି ଶେଡର ନିର୍ମାଣ କାର୍ଯ୍ୟ ଶେଷ ହୋଇ ଭକ୍ତମାନେ ଶେଡ୍ ଦେଇ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ ସେନେଇ ଆଲୋଚନା କରିଥିଲେ। ପରେ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂକୁ ଯାଇ ସେଠାରେ ନିର୍ମାଣ କରାଯାଉଥିବା କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ। ସମୀକ୍ଷା ସମୟରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କେ. ବିଶାଲ ସିଂହ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ନିର୍ମାଣକାରୀ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ରହି ୫-ଟି ଅଧ୍ୟକ୍ଷଙ୍କୁ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

# ୧୨ ଶିଳ୍ପୀ ପାଇଲେ 'ରାଜ୍ୟ ଚାରୁକଳା ପୁରସ୍କାର'

ଭୁବନେଶ୍ୱର,୩୦।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)



ପୁରସ୍କୃତ ଚିତ୍ରଶିଳ୍ପୀଙ୍କ ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ୍‌ଙ୍କ ସହ ଅନ୍ୟମାନେ।

ଓଡ଼ିଶା ଲଳିତକଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ୪୧ତମ ରାଜ୍ୟ ଚାରୁକଳା ପୁରସ୍କାର ପ୍ରଦାନ ଉତ୍ସବ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ୮ଟି ବିଭାଗରେ ପୁରସ୍କାର ପ୍ରଦାନ କରାଯାଉଥିବାବେଳେ ଚଳିତବର୍ଷ ୧୨ଟି ବିଭାଗରେ ୧୨ଜଣ ଶିଳ୍ପୀଙ୍କୁ 'ରାଜ୍ୟ ଚାରୁକଳା ପୁରସ୍କାର-୨୦୨୩' ପ୍ରଦାନ କରାଯାଇଛି। ଚାରୁକଳା କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିବା ଚିତ୍ରଶିଳ୍ପୀ ହେଲେ ସୋଫିୟା ୟାସ୍ମିନ୍, ଦିନେଶ ମୁଦୁଲି, ବିକ୍ରମ କେଶରୀ ଫାରକ, ନରେନ୍ଦ୍ର କୁମାର ମାଝୀ ଓ ନରେଶ ସୁନା, ଭାସ୍କର୍ଯ୍ୟ କଳାରେ ଭିକାରୀ ପ୍ରଧାନ, କାନ୍ତ କିଶୋର ମହାରଣା ଓ ହିମାଂଶୁ ମହନ୍ତ, ମୁଦ୍ରଣ କଳାରେ ଅମିୟ ରଞ୍ଜନ ଓଝା ଓ ଅଙ୍କିତା ସାହୁ ଏବଂ ପାରମ୍ପରିକ କଳାରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ପୁଷ୍ପାଞ୍ଜଳି ରାଓ। ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ୨ ଲକ୍ଷ ଟଙ୍କାର ଅର୍ଥରାଶି ସହ ଉପଢୌକନ, ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଛି।

ଉତ୍ସବ ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ। ଚଳିତ ବର୍ଷଠାରୁ ୧୨ଟି ବିଭାଗରେ ପୁରସ୍କାର ପ୍ରଦାନ ନିମନ୍ତେ ସରକାର ଘୋଷଣା କରିଥିବା ନେଇ ସେ ତାଙ୍କ ବାର୍ତ୍ତାରେ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଭାଗୀୟ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ୍ ଯୋଗଦେଇ ଶିଳ୍ପୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଲେ, ଶିଳ୍ପୀଙ୍କ ମଧ୍ୟରେ କୌଣସି ଭେଦଭାବର ପାର୍ଥକ୍ୟ ନ ଥାଏ। ବାସ୍ତବତାକୁ ନିଖୁଣ ରୂପ ଦେବାରେ ଜଣେ ଶିଳ୍ପୀ ସର୍ବଦା ଗୁରୁତ୍ୱ ଦେଇଥାଏ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାୟ ଯୋଗଦେଇ ଯେଉଁମାନେ ପୁରସ୍କାର ପାଇପାରିନାହାନ୍ତି ମନ ଖରାପ ନ କରି ନିରନ୍ତର ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଏକାଡେମୀ ସଭାପତି ତଥା ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଉତ୍ସବରେ ଅଧ୍ୟକ୍ଷତା କରି କହିଲେ, ରାଜ୍ୟ ବାହାରର ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ଚୟନ କମିଟି ଗଠନ କରାଯାଇଥିଲା। ଏହି କମିଟି ଦ୍ୱାରା ଚୟନ ହୋଇଥିବା ୧୨ଜଣ ଶିଳ୍ପୀଙ୍କୁ ସେମାନଙ୍କ ଶ୍ରେଷ୍ଠ କଳାକୃତି ପାଇଁ 'ରାଜ୍ୟସ୍ତରୀୟ ଚାରୁକଳା ପୁରସ୍କାର' ପ୍ରଦାନ କରାଯାଇଛି। ଏକାଡେମୀ ସଚିବ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ତଥା ଏକାଡେମୀର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ମଧୁସୂଦନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ବିଜେଡି ପର୍ଯ୍ୟବେକ୍ଷକ ନିଯୁକ୍ତ

## ମାନସ ମଙ୍ଗରାଜଙ୍କୁ ସମ୍ବଲପୁର ଲୋକ ସଭା ଆସନ ଦାୟିତ୍ୱ

ଭୁବନେଶ୍ୱର,୩୦।୧୨(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ଜିଲାର ଲୋକ ସଭା, ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ସାଙ୍ଗଠନିକ ଜିଲା ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟ ସଭା ସଦସ୍ୟ ମାନସ କୁମାର ମଙ୍ଗରାଜଙ୍କୁ ସମ୍ବଲପୁର ଲୋକ ସଭା ଆସନର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ସୌଭାଗ୍ୟ ନାୟକଙ୍କୁ ସମ୍ବଲପୁର ଏବଂ ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀ, ଗୌତମ ବୁଦ୍ଧ ଦାସଙ୍କୁ ଦେବଗଡ଼ ଏବଂ ଅମରେଶ ଜେନାଙ୍କୁ ବୌଦ୍ଧ ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି।

ଧରିତ୍ରୀ DHARITRI Oriya daily

ଆବଶ୍ୟକ କରୁଛି

ପ୍ଲମ୍ବର

ପ୍ରାର୍ଥୀ ପ୍ଲମ୍ବିଂରେ ଆଇ.ଟି.ଆଇ. କିମ୍ବା ଡିପ୍ଲୋମା ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତି କମ୍‌ରେ ୨ ବର୍ଷରୁ ଅଧିକ ଅଭିଜ୍ଞତା ଥିବ ଓ ତାଙ୍କ ବୟସ ୪୦ ବର୍ଷରୁ କମ୍ ହୋଇଥିବା ବାଞ୍ଛନୀୟ । ସେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍ ଥିବା ଆବଶ୍ୟକ ।

ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com

ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।

सत्यमेव जयते
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
ବର୍ଷ ୨୦୨୩-୨୪ ପାଇଁ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଟ୍ରିକୋତ୍ତର ଛାତ୍ରବୃତ୍ତି ଯୋଜନା
ଅଧୀନରେ ଉଚ୍ଚ ଶିକ୍ଷାରେ ଅଧ୍ୟୟନ କରିବା ସକାଶେ
ଅନୁସୂଚିତ ଜାତିର ୬୯ ଲକ୍ଷ ଛାତ୍ରଛାତ୍ରୀଙ୍କ ଲାଗି ଛାତ୍ରବୃତ୍ତି
ସମ୍ପର୍କରେ ଘୋଷଣା କରୁଛନ୍ତି

ଯୋଗ୍ୟତା
- ପିତାମାତା/ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ
- ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ/ବିଦ୍ୟାଳୟ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀ

ପରିସର
- ଏକାଦଶ ଶ୍ରେଣୀ ପରବର୍ତ୍ତୀ ସମସ୍ତ ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମ
- ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ
- ସବୁଠାରୁ ଗରିବ ପରିବାରଙ୍କୁ ପ୍ରାଥମିକତା

ହକ୍‌ଦାରିତା
- ବାଧ୍ୟତାମୂଳକ ଅଣ-ଫେରସ୍ତଯୋଗ୍ୟ ଦେୟ (ଟ୍ୟୁଶନ ଫି' ସମେତ)
- ଶିକ୍ଷାଗତ ଭତ୍ତାର ପରିମାଣ ବାର୍ଷିକ ₹୨୫୦୦ ରୁ ଟ.୧୩୫୦୦ ପର୍ଯ୍ୟନ୍ତ
- ଦିବ୍ୟାଙ୍ଗ (ଭିନ୍ନକ୍ଷମ) ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା

- ଛାତ୍ରଛାତ୍ରୀମାନେ ସେମାନଙ୍କ ରାଜ୍ୟର ସ୍କଲାରଶିପ୍ ପୋର୍ଟାଲରେ ଆବେଦନ କରିବେ
- ଛାତ୍ରଛାତ୍ରୀମାନଙ୍କ ନିକଟରେ ଏକ ବୈଧ ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ରହିଥିବା ଆବଶ୍ୟକ ।

- ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ
http://socialjustice.gov.in/schemes/25

cbc 38101/11/0057/2324

ଯେତେବେଳେ ତୁମେ ଏକ ସାମ୍ପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ- ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ- ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ- ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ। - ଶ୍ରୀମା



# ସୁହାଇଲା ଭଳି ନ୍ୟାୟ



ଆକାର ପଟେଲ

ସେନା ହେପାଜତରେ ଥିବା ବ୍ୟକ୍ତିଙ୍କ ମୃତ୍ୟୁ ପରେ ସେମାନଙ୍କ ପରିବାରକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭେଟି ନ୍ୟାୟର ଆଶ୍ୱାସନା ଦେଇଛନ୍ତି। ଯେଉଁମାନଙ୍କର ମୃତ୍ୟୁ ଘଟିଲା ସେମାନେ ଆଉ ଫେରିଆସିବେ ନାହିଁ, କିନ୍ତୁ ନ୍ୟାୟ ମିଳିବ ବୋଲି କହିଥିବା ଜଣାପଡ଼ିଛି। ମାନବିକତା ଦୃଷ୍ଟିରୁ ଏଭଳି କହିବା ଭଲ କଥା। ତେବେ ନ୍ୟାୟ ମିଳିବ କି ନାହିଁ ଦେଖିବା। ଲୋକମାନଙ୍କ ପ୍ରତି ଆମ ସେନା କରିଥିବା ଅନ୍ୟାୟରେ କି ପ୍ରକାର ନ୍ୟାୟ ପ୍ରଦାନ କରାଯାଇଛି ତା' ଉପରେ ଏକବାର ତଥା ଏହା ପୂର୍ବ ସରକାରଙ୍କ ରେକର୍ଡ ଯାଞ୍ଚ କରିବା ଦରକାର। ଏ ଦୃଷ୍ଟିରୁ ଆଫସ୍ପା ଅଧିକ ଧ୍ୟାନ ଆକର୍ଷଣ କରେ। ଭାରତର 'ଅଶାନ୍ତ ଅଞ୍ଚଳ'ରେ ଏହି ଆଇନ ସଶସ୍ତ୍ର ବଳକୁ ଅତ୍ୟଧିକ କ୍ଷମତା ଓ ସୁରକ୍ଷା ଦେଇଥାଏ। ୨୦୧୫ରେ ଉଲ୍ଲେଖ କରାଯାଇଥିଲା ଯେ, ୧୯୯୦ରେ କଶ୍ମୀରରେ 'ଅଶାନ୍ତ ଅଞ୍ଚଳ ଆଇନ' ରଦ୍ଦ ହୋଇଥିଲା, କିନ୍ତୁ ତାହା ବଳବତ୍ତର ରହିଥିଲା। ଆଫସ୍ପା ପୋଲିସ ଏବଂ ସାମରିକ ଓ ଅର୍ଦ୍ଧ ସାମରିକ ଯବାନଙ୍କୁ ବ୍ୟାପକ କ୍ଷମତା ଦେଇଛି। ଆଇନ ଶୃଙ୍ଖଳା ବଜାୟ ରଖିବାକୁ ଗୁଳି କରିବା ଆବଶ୍ୟକ ବୋଲି ଅନୁଭବ କଲେ ସେମାନେ ତାହା କରିପାରିବେ। ହେଲେ କେନ୍ଦ୍ରର ବିନା ଅନୁମତିରେ ସେମାନଙ୍କ କାର୍ଯ୍ୟକଳାପ ପାଇଁ ସେମାନେ ଦୋଷୀ ସାବ୍ୟସ୍ତ ହୁଅନ୍ତି ନାହିଁ। ଜାନୁୟାରୀ ୨୦୧୮ରେ ରାଜ୍ୟ ସଭାରେ ସରକାର ପ୍ରକାଶ କରିଥିଲେ ଯେ ଆଫସ୍ପା ଅଧୀନରେ କାର୍ଯ୍ୟରତ ଯବାନମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରତିରକ୍ଷା ମନ୍ତ୍ରଣାଳୟ ଜମ୍ମୁ-କଶ୍ମୀର ସରକାରଙ୍କଠାରୁ ୨୬ ବର୍ଷ ମଧ୍ୟରେ ୫୦ଟି ଅନୁରୋଧ ପାଇଥିଲା । କିନ୍ତୁ ସରକାର କୌଣସି ମମାଲାରେ ବିଚାର ଲାଗି ଅନୁମତି ଦେଇ ନ ଥିଲେ। ୨୦୧୫ରେ ଆମ୍ନେଷ୍ଟି ଇଣ୍ଡିଆର ଏକ ରିପୋର୍ଟରେ ପ୍ରକାଶ ପାଇଥିଲା ଯେ, ଏ ସମ୍ପର୍କରେ ୧୦୦ରୁ ଅଧିକ ମାମଲାର ସମୀକ୍ଷା କରାଯାଇ ୫୮ଟି ପରିବାର ସହ ସାକ୍ଷାତ କରାଯାଇଥିଲା। ଜାଣିବାକୁ ମିଳିଥିଲା, ୧୯୯୦ରୁ କଶ୍ମୀର ସରକାରଙ୍କ ଅପରାଧ ଆଇନରେ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ମକଦ୍ଦମା ସକାଶେ କୌଣସି ମଞ୍ଜୁରୀ ପ୍ରଦାନ କରାଯାଇ ନ ଥିଲା।

ସେନା ତାହାର ନିଜସ୍ୱ ନ୍ୟାୟିକ ବ୍ୟବସ୍ଥା ଓ ସେନା କୋର୍ଟର ପରିଚାଳନା କରେ ବୋଲି କହେ। ଏଗୁଡ଼ିକ ଅସ୍ୱଚ୍ଛ ପ୍ରକ୍ରିୟା ଯେଉଁଠାରେ ପୀଡ଼ିତର ପ୍ରବେଶ ନ ଥାଏ ଏବଂ ସାମରିକ ଶୃଙ୍ଖଳା ସହ ଜଡ଼ିତ ନ ଥିବା ଅପରାଧ ପାଇଁ ଏହାକୁ ବ୍ୟବହାର କରାଯାଏନାହିଁ। ଇକୋନୋମିକ ଟାଇମ୍ସର ଏକ ସମ୍ପାଦକୀୟ ('ପାଥ୍ରିବଲ ମିଥ୍ୟା ଏନ୍‌କାଉଣ୍ଟର ମାମଲା: ଅଭିଯୁକ୍ତ ଯବାନମାନଙ୍କୁ ଭାରତର ସେନା ନିର୍ଦ୍ଦୋଷରେ ଖଲାସ କରିଛି', ୨୭ ଜାନୁୟାରୀ ୨୦୧୪)ରେ ସେନା କୋର୍ଟରେ କ'ଣ ହୁଏ ତାହା ପ୍ରକାଶ ପାଇଥିଲା। ମାର୍ଚ୍ଚ ୨୦୦୦ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍‌ଙ୍କ ଭାରତ ଗସ୍ତ ସମୟରେ ହୋଇଥିବା ଆକ୍ରମଣ ସମ୍ପର୍କରେ ଦର୍ଶାଯାଇଥିଲା। ସେନା ଦାବି କରିଥିଲା ଯେ, ଏହା ଏକ କୁଟୀର ଉପରେ ଆକ୍ରମଣ କରିଛି ଯେଉଁଥିରେ ଲଶ୍କର-ଇ-ତୋଇବା ଉଗ୍ରବାଦୀମାନେ ରହିଥିଲେ ଓ ସେମାନେ କ୍ଲିଣ୍ଟନ୍‌ଙ୍କ ଗସ୍ତ ପୂର୍ବରୁ ଚାଟ୍ଟିସିଂପୋରା ଗାଁରେ ଶିଖଙ୍କ ହତ୍ୟାରେ ସମ୍ପୃକ୍ତ ଥିଲେ। ୧୧ ମେ ୨୦୦୬ରେ ଏହି ମାମଲାର ଅନୁସନ୍ଧାନ ପରେ ସିବିଆଇ ଶ୍ରୀନଗରର ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟରେ '୭ରାଷ୍ଟ୍ରୀୟ ରାଇଫଲ୍ସ ୟୁନିଟ୍'ର ୫ ଜଣ ଯବାନଙ୍କ ବିରୋଧରେ ହତ୍ୟା ମାମଲା ଦାୟର କରିଥିଲା। ସିବିଆଇର ଯୁକ୍ତି ଥିଲା ଯେ ଏହା ଏକ ଅମାନବୀୟ ହତ୍ୟା ମାମଲା। ତେଣୁ ଅପରାଧୀମାନଙ୍କୁ ସୁରକ୍ଷା ଦିଆଯାଇପାରିବ ନାହିଁ। ଭାରତୀୟ ସେନା ଆଫସ୍ପାର ଧାରା ୭ ଅନୁଯାୟୀ ୫ଜଣ ସେନା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ବନ୍ଦ କରିଥିଲା। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସେନାର କାର୍ଯ୍ୟକଳାପକୁ ସମର୍ଥନ କରି ସେନା କୋର୍ଟରେ ସେମାନଙ୍କ ବିଚାର କରିବାକୁ ଚାହୁଁଛନ୍ତି କି ନାହିଁ ତାହା ସ୍ଥିର କରିବାକୁ କହିଥିଲେ। ପାଥ୍ରିବଲରେ ୫ଜଣ ନାଗରିକଙ୍କ ମୃତ୍ୟୁର ୧୨ ବର୍ଷ ପରେ ସେପ୍ଟେମ୍ବର ୨୦୧୨ରେ ଭାରତୀୟ ସେନା ସେହି ମାମଲାକୁ ସେନା କୋର୍ଟକୁ ଆଣି ବିଚାର ଆରମ୍ଭ କରିଥିଲା। ୨୪ ଜାନୁୟାରୀ ୨୦୧୪ରେ ଭାରତୀୟ ସେନା ପ୍ରକାଶ କଲା ଯେ, ପ୍ରମାଣ ଅଭାବରୁ ଏହାର ୫ ଜଣ କର୍ମଚାରୀଙ୍କ ବିରୋଧରେ ସମସ୍ତ ଅଭିଯୋଗକୁ ଖାରଜ କରିଦେଇଛି। ଇକୋନୋମିକ ଟାଇମ୍ସ ସମ୍ପାଦକୀୟ ପ୍ରକାଶ କରିଥିଲା ଯେ, ପାଥ୍ରିବଲ ଅଭିଯୁକ୍ତଙ୍କୁ ସେନା ତା' ନିଜସ୍ୱ ବିଚାର ପ୍ରକ୍ରିୟାରେ ନିର୍ଦ୍ଦୋଷରେ ଖଲାସ କରିବା ଜମ୍ମୁ-କଶ୍ମୀର ଓ ଭାରତର ଉତ୍ତର ପୂର୍ବାଞ୍ଚଳରେ ଲଗାତର ଘଟୁଥିବା ମାନବ ଅଧିକାର ଉଲ୍ଲଂଘନ ଘଟଣାକୁ ଆଢୁଆଳରେ ରଖିଛି, ଯେଉଁଠି ନିଜକୁ ସୁହାଇବା ଭଳି ନ୍ୟାୟ କରିବାରେ ସେନାର ସ୍ୱାଧୀନତା ରହିଛି। ଅନ୍ୟ ଏକ ମାମଲାରେ, ୧୧ ଜୁଲାଇ ୨୦୧୮ ରେ ଏକ ଖବର ପ୍ରକାଶ ପାଇଥିଲା (ମାଚିଲ ଏନ୍‌କାଉଣ୍ଟର: ୫ ଜଣ ସେନାର ଆଜୀବନ କାରାଦଣ୍ଡ ସ୍ଥଗିତ)ଯେ, ୩ଜଣ ସାଧାରଣ ନାଗରିକଙ୍କୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ଯବାନଙ୍କୁ ମଧ୍ୟ ସେନା ଟ୍ରିବ୍ୟୁନାଲ ବିନା ବିଚାରରେ ମୁକ୍ତ କରିଥିଲା। ଦୁଇବର୍ଷ ପୂର୍ବେ, ୪ ଡିସେମ୍ବର ୨୦୨୧ରେ ନାଗାଲାଣ୍ଡର ମନ୍ ଜିଲାରେ ୬ ଜଣ କୋଇଲା ଶ୍ରମିକଙ୍କୁ ୨୧ ପାରା ସ୍ପେଶିଆଲ ଆର୍ମି ୟୁନିଟ୍‌ର ଯବାନମାନେ ଗୁଳିକରି ହତ୍ୟା କରିଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକେ ଓ ଯବାନଙ୍କ ମଧ୍ୟରେ ଘଟିଥିବା ସଂଘର୍ଷରେ ଆଉ ୭ଜଣ ନାଗରିକ ଓ ଜଣେ ଯବାନଙ୍କ ମୃତ୍ୟୁ ଘଟିଥିଲା। ଜୁନ୍ ୨୦୨୨ରେ,ନାଗାଲାଣ୍ଡ ପୋଲିସ ଜଣେ ମେଜରଙ୍କ ସମେତ ୩୦ ଜଣ ଯବାନଙ୍କ ବିରୋଧରେ ଅଭିଯୋଗ ଦାୟର କଲା। ପରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଜାଣିବାକୁ ପାଇଥିଲେ ଯେ, ସେନା ଠିକ୍ ବିଚାର ନ କରି ଭୁଲ୍ ପରିଚୟ ବ୍ୟବହାରକରି ଖଣି ଶ୍ରମିକମାନଙ୍କୁ ହତ୍ୟା କରିବାର ସ୍ପଷ୍ଟ ଉଦ୍ଦେଶ୍ୟରେ ଗୁଳି ଚଳାଇଛନ୍ତି। ୧୪ ଏପ୍ରିଲ ୨୦୨୩ ରେ ଭାରତ ସରକାର ବିଚାର ଆରମ୍ଭ କରିବାକୁ ଅନୁମତି ଦେବାକୁ ମନା କରିଦେଇଥିଲେ। ବାସ୍ତବରେ ଏହା ହେଉଛି ପୃଷ୍ଠଭୂମି ଏବଂ କଶ୍ମୀରରେ ଘଟିଥିବା ଘଟଣାଗୁଡ଼ିକ ବିଷୟରେ ରାଜନାଥ ସିଂ ଯାହା କହିଛନ୍ତି ତାହାର ସମ୍ପୂର୍ଣ୍ଣ ବିପରୀତ।

Email:aakar.patel@gmail.com

# ଏନ୍‌ସିଆର୍‌ବି ଆଇନାରେ ମହିଳା ସୁରକ୍ଷା



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଚଳିତ ମାସ ପ୍ରଥମ ସପ୍ତାହରେ କେନ୍ଦ୍ର ସରକାରଙ୍କ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ (ଏନ୍‌ସିଆର୍‌ବି)ର ବାର୍ଷିକ ରିପୋର୍ଟ 'କ୍ରାଇମ୍ ଇନ୍ ଇଣ୍ଡିଆ-୨୦୨୨' ପ୍ରକାଶ ପାଇଛି। ଏହି ରିପୋର୍ଟରେ ମହିଳାଙ୍କ ବିରୋଧରେ ହିଂସା, ଆତ୍ମହତ୍ୟା ଓ ୟୁଏପିଏ ପରି ଆତଙ୍କବାଦୀ ଆଇନ ବଳରେ ଗିରଫ ହେବାର ଘଟଣା ସଂଖ୍ୟା ପୂର୍ବବର୍ଷ ତୁଳନାରେ ବଢ଼ିଥିବା ଜଣାପଡ଼ିଛି। ବିଶେଷକରି ରିପୋର୍ଟରେ ଦେଶରେ ମହିଳା ବିରୋଧୀ ହିଂସାର ଏକ ଉଦ୍‌ବେଗଜନକ ଚିତ୍ର ଦେଖିବାକୁ ମିଳିଛି। ଦେଶରେ ମହିଳା ଓ ସେମାନଙ୍କ ଉପରେ ହେଉଥିବା ହିଂସାକୁ ନେଇ ସମାଜ, ପ୍ରଶାସନ ଓ ପୋଲିସ ବ୍ୟବସ୍ଥାର ଆଭିମୁଖ୍ୟର ଏକ ସ୍ପଷ୍ଟ ଚିତ୍ର ମଧ୍ୟ ଏହି ରିପୋର୍ଟ ଆଧାରରେ ଦେଖିବାକୁ ମିଳିଛି। ଥାନାରେ ପଞ୍ଜୀକୃତ ହୋଇଥିବା ମାମଲାର ପରିସଂଖ୍ୟାନରୁ ଗୋଟିଏ କଥା ସ୍ପଷ୍ଟ ଯେ, ଦେଶରେ ଆଜି ବି ମହିଳାମାନେ ବିପଜ୍ଜନକ ସ୍ଥିତିରେ ରହିଛନ୍ତି ଏବଂ ସେମାନଙ୍କ ବିରୋଧରେ ସଂଗଠିତ ଅପରାଧ ସଂଖ୍ୟା ପ୍ରତିବର୍ଷ କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ, ଗତ ୨୦୨୨ ବର୍ଷରେ ଦେଶରେ ମହିଳାଙ୍କ ବିରୋଧରେ ମୋଟ ୪,୪୫,୨୫୬ଟି ମାମଲା ଦାଏର ହୋଇଛି। ଅଥଚ ତା'ର ପୂର୍ବବର୍ଷ ଅର୍ଥାତ୍ ୨୦୨୧ରେ ସର୍ବମୋଟ ୪,୨୮,୨୭୮ଟି ଓ ବିଗତ ବର୍ଷ ଅର୍ଥାତ୍ ୨୦୨୦ରେ ମୋଟ ୩,୭୧,୫୦୩ ମାମଲା ଦାଏର ହୋଇଥିଲା। ତୁଳନାତ୍ମକ ଭାବେ ଦେଖିଲେ ୨୦୨୧ ତୁଳନାରେ ୨୦୨୨ ବର୍ଷରେ ଦେଶରେ ମହିଳା ବିରୋଧୀ ଅପରାଧ ମାମଲାରେ ୨.୧୩% ବୃଦ୍ଧି ଘଟିଛି। ସେହିପରି ପ୍ରତି ଏକ ଲକ୍ଷ ମହିଳାଙ୍କ ଅନୁପାତରେ ଅପରାଧ ହାର ୨୦୨୧ରେ ୬୪.୫ ରହିଥିବା ବେଳେ ୨୦୨୨ରେ ତାହା ୧.୯% ବୃଦ୍ଧି ପାଇ ୬୬.୪ରେ ପହଞ୍ଚିଛି। ମହିଳାଙ୍କ ବିରୋଧରେ ହିଂସା ମଧ୍ୟରେ ସ୍ୱାମୀ ଓ ତାଙ୍କ ପରିବାରର ସଦସ୍ୟଙ୍କ ଦ୍ୱାରା କରାଯାଉଥିବା ହିଂସା ଓ ଅପହରଣ ଆଦି ଅପରାଧ ପ୍ରମୁଖ ରହିଛି। ଏହି ଦୁଇଟି ଅପରାଧ ହିଁ ୨୦୨୨ରେ ମହିଳାଙ୍କ ବିରୋଧରେ ହୋଇଥିବା ଅପରାଧର ପାଖାପାଖି ୮୯% ରହିଥିବା ଜଣାପଡ଼ିଛି। ୨୦୨୧ ତୁଳନାରେ ଏହି ଅପରାଧଗୁଡ଼ିକ ୧୧% ବୃଦ୍ଧି ପାଇଥିବା ଜଣାପଡ଼ିଛି।

ମହିଳାଙ୍କ ବିରୋଧରେ ଅପରାଧ କ୍ଷେତ୍ରରେ ଦେଶର ମହାନଗରଗୁଡ଼ିକ ମଧ୍ୟରେ ଦିଲ୍ଲୀ ଲଗାତାର ଉପରେ ରହିଥିବା ବେଳେ ରାଜ୍ୟଗୁଡ଼ିକ ମଧ୍ୟରେ ଉତ୍ତରପ୍ରଦେଶ ସବୁଠାରୁ ଆଗରେ ରହିଛି। ବଳାତ୍କାର, ଅପହରଣ, ଯୌତୁକ ହତ୍ୟା, ଅସଦାଚରଣ ଓ ପୋକ୍‌ସୋ ପରି ମହିଳାଙ୍କ ବିରୋଧରେ ସଂଗଠିତ ସବୁ ଶ୍ରେଣୀର ଜଘନ୍ୟ ଅପରାଧ କ୍ଷେତ୍ରରେ ଗତବର୍ଷ ଉତ୍ତରପ୍ରଦେଶ ପ୍ରଥମ ସ୍ଥାନରେ ରହିଛି। ଉତ୍ତରପ୍ରଦେଶରେ ଗତବର୍ଷ ଦେଶର ସର୍ବାଧିକ ଅର୍ଥାତ୍ ୧୪,୮୮୭ଟି ମହିଳା/ବାଳିକା ଅପହରଣ




ଘଟଣା ଘଟିଥିବା ବେଳେ ସର୍ବାଧିକ ଯୌତୁକଜନିତ ହତ୍ୟା ଅର୍ଥାତ୍ ୨୧୩୮ଟି ସେଠାରେ ହିଁ ଘଟିଛି। ମହିଳାଙ୍କ ବିରୋଧରେ ସଙ୍ଗଠିତ ବଳାତ୍କାର, ଅପହରଣ, ଯୌତୁକ ହତ୍ୟା, ଅସଦାଚରଣ ଓ ପୋକ୍‌ସୋ ପରି ସବୁ ପ୍ରକାରର ଅପରାଧରେ ବୃଦ୍ଧି ହେଉଥିବା ରିପୋର୍ଟରେ କୁହାଯାଇଛି। ଗତ ୩ ବର୍ଷ ମଧ୍ୟରେ ଦେଶର ୧୩.୧୩ ଲକ୍ଷ ମହିଳା ଓ ଯୁବତୀ ନିଖୋଜ ହୋଇଛନ୍ତି। ୨୦୨୨ ବର୍ଷରେ ଦେଶରେ ମୋଟ ୩୧,୫୧୬ଟି ବଳାତ୍କାର ମାମଲା ଦାଏର ହୋଇଛି। ବଳାତ୍କାରଜନିତ ହତ୍ୟାର ସର୍ବାଧିକ ଘଟଣା ଅର୍ଥାତ୍ ୯୨ଟି କେବଳ ଉତ୍ତରପ୍ରଦେଶରେ ଘଟିଛି। ସେହିପରି ପୋକ୍‌ସୋ ଆଇନ ମୁତାବକ ନାବାଳିକା ବଳାତ୍କାର ଘଟଣାରେ ପୂର୍ବବର୍ଷ ତୁଳନାରେ ବୃଦ୍ଧି ପାଇଛି। ୨୦୨୨ରେ ଉତ୍ତରପ୍ରଦେଶକୁ ଛାଡ଼ିଦେଲେ ଅବଶିଷ୍ଟ ଦେଶରେ ସର୍ବମୋଟ ୫୨୩୪ଟି ଘଟଣା ଘଟିଥିବା ବେଳେ କେବଳ ଉତ୍ତରପ୍ରଦେଶରେ ହିଁ ୭୧୬୦ଟି ଘଟଣା ଘଟିଛି। କେନ୍ଦ୍ର ଗୃହମନ୍ତ୍ରୀ ରାତି ବାରଟା ପରେ ଯୁବତୀମାନେ ଉତ୍ତରପ୍ରଦେଶର ରାଜରାସ୍ତାରେ ନିର୍ଭୟରେ ବୁଲି ପାରୁଛନ୍ତି ବୋଲି ବାହୁସ୍ଫୋଟ ମାରୁଥିବା ବେଳେ ସେଠାରେ ମହିଳାଙ୍କ ବିରୋଧରେ ସର୍ବାଧିକ ଅପରାଧ ହେବା ଲଜ୍ଜାର ବିଷୟ। ମୋଟ ବଳାତ୍କାର ଘଟଣାରେ ନାବାଳିକା ବଳାତ୍କାର ଘଟଣା ଗୋଆରେ ସର୍ବାଧିକ ଦେଖିବାକୁ ମିଳିଛି। ଅର୍ଥାତ୍ ପୋକ୍‌ସୋ ପରି ନାବାଳିକା ବଳାତ୍କାର ଘଟଣା ହେଉଛି ସେଠାରେ ଘଟିଥିବା ମୋଟ ବଳାତ୍କାର ଘଟଣାର ୭୬%।

ଦେଶରେ ମହିଳା ବିରୋଧୀ ହିଂସା ଘଟଣାର ଅନ୍ୟତମ ଦିଗ ହେଉଛି ମହିଳା ବା ନାବାଳିକା ଚାଲାଣ। ୨୦୨୧ ତୁଳନାରେ ୨୦୨୨ରେ ଦେଶରେ ମହିଳା ଓ ନାବାଳିକା ଚାଲାଣ ସମ୍ପର୍କିତ ମାମଲା ବୃଦ୍ଧି ପାଇଛି। ଦୁର୍ଭାଗ୍ୟର ବିଷୟ, ଏ କ୍ଷେତ୍ରରେ ସବୁଠୁ ଉପରେ ଓଡ଼ିଶା (୧୧୨୦) ରହିଥିବା ବେଳେ ମହାରାଷ୍ଟ୍ର (୮୦୫) ଦ୍ୱିତୀୟରେ ରହିଛି। ୨୦୨୨ରେ ରାଜ୍ୟରେ ଘଟିଥିବା ମୋଟ ୧୧୨୦ ଜଣ ମାନବ ଚାଲାଣ ମାମଲା ମଧ୍ୟରୁ ୫୦୨ ଜଣ ମହିଳା ହୋଇଥିବା ବେଳେ ୩୫୩ ଜଣ ନାବାଳିକା । ମହିଳାଙ୍କ ବିରୋଧରେ ସାଇବର ଅପରାଧରେ ଓଡ଼ିଶା ଶୀର୍ଷରେ ଅଛି। ସେହିପରି ୨୦୨୨ ରେ ଦେଶରେ ମହିଳାଙ୍କ ଉପରେ ଏସିଡ୍ ଆକ୍ରମଣର ମୋଟ ୨୦୨ଟି ଘଟଣା ଦେଖିବାକୁ ମିଳିଛି। ୨୦୨୧ରେ ୧୭୪ଟି ମାମଲା ଘଟିଥିବା ବେଳେ ତା' ତୁଳନାରେ ୨୦୨୨ରେ ୪୦% ବୃଦ୍ଧି ପାଇଛି।

ଉଦ୍‌ବେଗଜନକ ହେଉଛି ମହିଳା ବିରୋଧୀ ହିଂସା କ୍ଷେତ୍ରରେ ପୋଲିସ ଏବଂ ଅଦାଲତର ଭୂମିକା। ପୂର୍ବ ବର୍ଷ ଭଳି ୨୦୨୨ରେ ମଧ୍ୟ ଏଭଳି ଅପରାଧ କ୍ଷେତ୍ରରେ ପୋଲିସର ଅଭିଯୋଗପତ୍ର ଦାଖଲ ଓ ଅଦାଲତରେ ଦଣ୍ଡହାର କମିବା ଦେଖାଯାଇଛି। ୨୦୨୧ରେ ଏଭଳି ଅପରାଧଗୁଡ଼ିକରେ ପୋଲିସର ଅଭିଯୋଗପତ୍ର ଦାଖଲ ହାର ୭୭.୧% ରହିଥିବା ବେଳେ ୨୦୨୨ରେ ତାହା ୧.୩% ହ୍ରାସ ପାଇ ୭୫.୮%ରେ ପହଞ୍ଚିଛି। ସେହିପରି ମହିଳା ବିରୋଧୀ ଅପରାଧ କ୍ଷେତ୍ରରେ ଦଣ୍ଡହାର ପୂର୍ବବର୍ଷ ତୁଳନାରେ ୩% ହ୍ରାସ ପାଇଛି। ଗ୍ରାମାଞ୍ଚଳ ଅପେକ୍ଷା ସହର ଓ ମହାନଗରଗୁଡ଼ିକରେ ଆଇନଶୃଙ୍ଖଳା ପରିସ୍ଥିତି ଅପେକ୍ଷାକୃତ ଭଲ ସ୍ଥିତିରେ ରହିଥାଏ ବୋଲି ଯେଉଁ ଧାରଣା ରହିଆସିଛି, ମହିଳା ବିରୋଧୀ ଅପରାଧ କ୍ଷେତ୍ରରେ ତାହା କିନ୍ତୁ ଭୁଲ୍ ପ୍ରମାଣିତ ହୋଇଛି। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ମହିଳା ବିରୋଧୀ ହିଂସାର ସ୍ଥିତି ଉଦ୍‌ବେଗଜନକ । ଏହାର ଅର୍ଥ ହେଲା, ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ମହିଳାମାନେ ଅଧିକ ଅସୁରକ୍ଷିତ ସ୍ଥିତିରେ ରହିଛନ୍ତି।

ଭାରତକୁ ବିଶ୍ୱଗୁରୁରେ ପରିଣତ କରିବାକୁ ଶାସକମାନେ ବାରମ୍ବାର ଘୋଷଣା କରୁଥିବା ବେଳେ ଦେଶରେ ମହିଳାମାନଙ୍କ ସ୍ଥିତି ଅଧିକରୁ ଅଧିକ ଖରାପ ହେବା ଚିନ୍ତାର ବିଷୟ। ମହିଳାଙ୍କ ପାଇଁ ବିଶେଷକରି ସେମାନଙ୍କ ସୁରକ୍ଷା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯେତେସବୁ କାର୍ଯ୍ୟକ୍ରମ ଘୋଷଣା କରୁଛନ୍ତି, ସେସବୁ ଯେ ତଳସ୍ତରରେ କାର୍ଯ୍ୟକାରୀ ହୋଇପାରୁନି, ତା'ର ପ୍ରମାଣ ସେମାନଙ୍କ ବିରୋଧରେ ସଂଗଠିତ ବର୍ଦ୍ଧିତ ହିଂସା ଘଟଣାରୁ ମିଳୁଛି। ତେବେ ଘରେ ବାହାରେ, ରାସ୍ତାରେ ଯାଉଥିବା ବେଳେ, କାର୍ଯ୍ୟସ୍ଥଳରେ, ଶିକ୍ଷାନୁଷ୍ଠାନରେ ଏପରିକି ଧର୍ମାନୁଷ୍ଠାନ ମଧ୍ୟରେ, କେଉଁଠି ବି ମହିଳା ଆଜି ସୁରକ୍ଷିତ ନ ରହିବା କେବଳ ଆମର ଶାସନ ବ୍ୟବସ୍ଥାର ଦକ୍ଷତାକୁ ହିଁ ପ୍ରଶ୍ନ କରୁନି ବରଂ ମହିଳାଙ୍କ ପ୍ରତି ଆମ ସମାଜର ମାନସିକତା ଉପରେ ପ୍ରଶ୍ନଚିହ୍ନ ଲଗାଉଛି। ମହିଳା ବିରୋଧୀ ହିଂସାର ସବୁଠାରୁ ବଡ଼ କାରଣଟି ଯେ ଆମ ସମାଜର ପୁରୁଷବାଦୀ ମାନସିକତା, ଏକଥା ଆମେ ବୁଝିବା ଦରକାର। ଏହି ମାନସିକତା ଘର ଭିତରେ ଓ ବାହାରେ ଉଭୟ କ୍ଷେତ୍ରରେ ରହିଛି। ସେହି କାରଣରୁ ଏଭଳି ହିଂସାର ସିଂହଭାଗଟି ଆମ ଘର ଭିତରେ ହିଁ ଦେଖିବାକୁ ମିଳୁଛି। ଖୋଦ୍ ଏନ୍‌ସିଆର୍‌ବିର ରିପୋର୍ଟ ଅନୁଯାୟୀ, ଦେଶରେ ମହିଳାଙ୍କ ବିରୋଧରେ ସଂଗଠିତ ମୋଟ ଆପରାଧିକ ମାମଲାର ୩୧.୪% ଭାଗ କେବଳ ଘର ଭିତରେ ହେଉଛି। ଅର୍ଥାତ୍ ସେସବୁ ଅପରାଧରେ ସମ୍ପୃକ୍ତ ମହିଳାଙ୍କ ପତି ଓ ଅନ୍ୟ ସଦସ୍ୟମାନେ ସାମିଲ ରହୁଛନ୍ତି।

ମୋ: ୯୪୩୭୧୬୬୩୯୧

# କୃଷି ସାମ୍ବାଦିକତାର ଗୁରୁତ୍ୱ



ନଟବର ଖୁଣ୍ଟିଆ

ସମାଜରେ ଦୈନନ୍ଦିନ ଘଟି ଯାଉଥିବା ବିଭିନ୍ନ କ୍ଷେତ୍ରର ଘଟଣା, ଆବିଷ୍କାର, ଉଦ୍ଭାବନ ଆଦିକୁ ସରଳ ଓ ବୋଧଗମ୍ୟ ଭାଷାରେ ଜନସାଧାରଣଙ୍କ ସମ୍ମୁଖରେ ମୁଖ୍ୟତଃ ସମ୍ବାଦପତ୍ର, ଟେଲିଭିଜନ, ରେଡିଓ ଓ ଆଜିକାର ସାମାଜିକ ଗଣମାଧ୍ୟମ ମାଧ୍ୟମରେ ପରିବେଷଣ କରିବା ହେଲା ସାମ୍ବାଦିକତା। ଜନସାଧାରଣ ଏହା ପଢ଼ି ସଚେତନ ହୁଅନ୍ତି, ବିଭିନ୍ନ ବିଷୟରେ ଜ୍ଞାନ ଅର୍ଜନ କରି ସତର୍କ ରୁହନ୍ତି। ସଫଳ କାହାଣୀ ଶୁଣି ନିଜେ ପ୍ରୟୋଗ କରନ୍ତି, ଅସଫଳ କାହାଣୀ ଶୁଣି ସତର୍କ ରୁହନ୍ତି। ଏହା ଫଳରେ ଏକ ସଚେତନ ସମାଜ ଗଢ଼ି ଉଠି ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିଥାଏ।

ଦେଖାଯାଏ, ଗଣମାଧ୍ୟମଗୁଡ଼ିକ ସବୁ କ୍ଷେତ୍ର ପ୍ରତି ସମାନ ଗୁରୁତ୍ୱ ନ ଦେଇ କେତେକ କ୍ଷେତ୍ର ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତି, ଯାହାଫଳରେ ଅନ୍ୟ କ୍ଷେତ୍ର ସମ୍ବନ୍ଧରେ ସୂଚନା ସାଧାରଣ ଜନତା ନ ପାଇ ଅନ୍ଧାରରେ ରହି ସେସବୁ କ୍ଷେତ୍ରର ବିକାଶ କରିପାରନ୍ତି ନାହିଁ। ଗଣମାଧ୍ୟମ ବିଶେଷ ଭାବରେ ରାଜନୀତି, ଆମୋଦପ୍ରମୋଦ, କ୍ରୀଡ଼ା, ଅପରାଧ ଇତ୍ୟାଦି ସମ୍ବନ୍ଧରେ ଯେତେ ସମ୍ବାଦ ପରିବେଷଣ କରନ୍ତି, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ସମ୍ବନ୍ଧିତ ଖବର ଆବଶ୍ୟକ ତୁଳନାରେ ବହୁ କମ ପରିବେଷଣ କରିଥାଆନ୍ତି।

ଓଡ଼ିଶାରେ ତିନି ଚତୁର୍ଥାଂଶ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କୃଷି ଓ କୃଷି ଆନୁଷଙ୍ଗିକ ବୃତ୍ତି ଉପରେ ନିର୍ଭରଶୀଳ। ଯଦି ଆଧୁନିକ କୃଷି ପ୍ରଣାଳୀ ଚାଷୀମାନେ ଉପଯୋଗ ନ କରନ୍ତି, ତେବେ ସେମାନଙ୍କ କୃଷିରୁ ଆୟ ବ୍ୟୟ ତୁଳନାରେ ବୃଦ୍ଧି ପାଇବ ନାହିଁ। କୃଷକମାନେ ଆତ୍ମନିର୍ଭର ନ ହେଲେ ଦେଶର ତିନି ଚତୁର୍ଥାଂଶ ଲୋକମାନଙ୍କ ମଧ୍ୟରୁ ଯଦି ଅଧିକାଂଶଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ହେବ, ତେବେ ରାଜ୍ୟର ବିକାଶ ହୋଇଛି ବୋଲି କୁହାଯାଇ ପାରିବନାହିଁ।

ମଣିଷର ପ୍ରଥମ ଆବଶ୍ୟକତା ହେଲା ଖାଦ୍ୟ। ଖାଦ୍ୟ ବିନା ମଣିଷ ବଞ୍ଚି ରହିପାରିବ ନାହିଁ। ସୁତରାଂ କୃଷିର ବିକାଶ ନ ହେଲେ ସୀମିତ ଚାଷଜମିରୁ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଖାଦ୍ୟ ଯୋଗାଇବା ସମ୍ଭବ ନୁହେଁ। କୃଷି ବିଶ୍ୱବିଦ୍ୟାଳୟ ଓ କୃଷି ଗବେଷଣା କେନ୍ଦ୍ରମାନଙ୍କରେ ଗବେଷଣା କରାଯାଇ ଯେଉଁ ନୂତନ ବିହନ ଓ ଉନ୍ନତ ଚାଷପ୍ରଣାଳୀ ବାହାରୁଛି, ସେସବୁ ଚାଷୀଙ୍କ ନିକଟରେ ପହଞ୍ଚିଲେ ଓ ଚାଷୀମାନେ ତାହା ପ୍ରୟୋଗ କଲେ ଉତ୍ପାଦନ ବୃଦ୍ଧି ପାଇବ। ସେହି ଉତ୍ପାଦ ଖାଦ୍ୟ ସାମଗ୍ରୀ ଯୋଗାଇଦେବା ସହ ଚାଷୀର ଆୟ ବୃଦ୍ଧି କରିବ। ଏହି ଜ୍ଞାନ କୌଶଳକୁ ସରକାରୀ କୃଷି ସମ୍ପ୍ରସାରଣ ସଂସ୍ଥା ଏବଂ କୃଷି ବିଶ୍ୱବିଦ୍ୟାଳୟର କୃଷି ସମ୍ପ୍ରସାରଣ ବ୍ୟବସ୍ଥା ଯଦିଓ ଚାଷୀଙ୍କ ନିକଟରେ ପହଞ୍ଚାଇବାର ପ୍ରାଥମିକ କର୍ତ୍ତବ୍ୟ, କିନ୍ତୁ ତାହା ଯଥେଷ୍ଟ ନୁହେଁ। ଆମ ଗଣମାଧ୍ୟମର ଅନ୍ୟ ଏକ ପ୍ରମୁଖ ଦାୟିତ୍ୱ ହେଲା କୃଷି ଓ କୃଷି ଆନୁଷଙ୍ଗିକ ବୃତ୍ତି ସମ୍ବନ୍ଧରେ ବିଭିନ୍ନ ଜ୍ଞାନ କୌଶଳକୁ ଅତି ସରଳ ଭାଷାରେ ପାଠକ, ଦର୍ଶକ, ଶ୍ରୋତାଙ୍କ ନିକଟରେ ନିୟମିତ ଭାବରେ ପହଞ୍ଚାଇ ଦେବା, ଯେପରି ରାଜନୀତି, କ୍ରୀଡ଼ା, ମନୋରଞ୍ଜନ ସାହିତ୍ୟ ଆଦି କ୍ଷେତ୍ରରେ କରୁଛନ୍ତି।

କୃଷି ଉପରେ ଆମ ଜୀବନର ପ୍ରାଥମିକ ଆବଶ୍ୟକତା ଖାଦ୍ୟ ପାଇଁ ଆମେ ନିର୍ଭରଶୀଳ



ହେବାବେଳେ ଏବଂ କୃଷି ଆମ ଲୋକସଂଖ୍ୟାର ତିନି ଚତୁର୍ଥାଂଶ ଜୀବନ ଧାରଣର ଉତ୍ସ ହୋଇଥିବାରୁ ଗଣମାଧ୍ୟମ ଏହି କ୍ଷେତ୍ରକୁ ଅଣଦେଖା ନ କରି ପ୍ରାଥମିକତା ଦେଇ କୃଷି ସମ୍ବନ୍ଧୀୟ ଖବରକୁ ପ୍ରଚାର ପ୍ରସାର କରିବା ଉଚିତ୍।

୧୯୬୦ ଦଶକରେ ପ୍ରତି ସପ୍ତାହରେ ଦିନେ ପ୍ରଜାତନ୍ତ୍ରରେ 'ଗ୍ରାମ କୃଷି କୃଷକ' ଶୀର୍ଷରେ ଏକ ସ୍ୱତନ୍ତ୍ର ପୃଷ୍ଠା ପ୍ରକାଶ ପାଉଥିଲା, ଯେଉଁଥିରେ କୃଷି ଓ କୃଷି ଆନୁଷଙ୍ଗିକ ବୃତ୍ତି ସମ୍ବନ୍ଧରେ ଲେଖାମାନ ପ୍ରକାଶ ପାଉଥିଲା। ପରବର୍ତ୍ତୀ ସମୟରେ ଏହା ବନ୍ଦ ହୋଇ ଯାଇଥିଲା। ପରେ ଅନ୍ୟ କେତେକ ଖବରକାଗଜ କୃଷି ପୃଷ୍ଠା ବାହାର କଲେ ବି ସ୍ଥାୟୀ ହେଲା ନାହିଁ। ଆକାଶବାଣୀ କିନ୍ତୁ କୃଷି ସଂସାର ପ୍ରତିଦିନ ସନ୍ଧ୍ୟା ସାଢ଼େ ସାତଟା ବେଳେ ଦେଉଥିଲା। ଏହା ଖୁବ୍ ଲୋକପ୍ରିୟ ଥିଲା। ଏବେ ଅନେକ ଖବରକାଗଜ ଓ ଘରୋଇ ଟିଭି ଚ୍ୟାନେଲ ଛାଇ ହୋଇଗଲେଣି, କିନ୍ତୁ କୃଷି ସମ୍ବନ୍ଧୀୟ ଖବର ଓ ଆଲୋଚନା ପାଇଁ ଯେପରି ସ୍ୱତନ୍ତ୍ର ପୃଷ୍ଠା ପ୍ରାୟ କେହି ନିୟମିତ ବାହାର କରୁନାହାନ୍ତି ଧରିତ୍ରୀ ବ୍ୟତୀତ । ଟିଭି ଚ୍ୟାନେଲଗୁଡ଼ିକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରୁନାହାନ୍ତି ଦୂରଦର୍ଶନ ବ୍ୟତୀତ।

ନିକଟରେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ତରଫରୁ କୃଷି ସାମ୍ବାଦିକତା ସମ୍ବନ୍ଧରେ ଏକ ଆଲୋଚନାଚକ୍ର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ରାଜ୍ୟ କୃଷିମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କୃଷି ବିଚାର ସହ ସମ୍ପୃକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, କୃଷି ନୀତି ଉପରେ ଲେଖୁଥିବା ସ୍ତମ୍ଭକାର, ବିଭିନ୍ନ ସମ୍ବାଦପତ୍ର, ଟିଭି ଚ୍ୟାନେଲ ଓ ରେଡିଓ ଆଦିର ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସମସ୍ତେ ଏକମତ ହୋଇଥିଲେ ଯେ, କୃଷି ପରି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ବନ୍ଧରେ ଚାଷୀମାନେ ଜାଣିବା ପାଇଁ ପ୍ରତ୍ୟେକ କିସମର ଗଣମାଧ୍ୟମ ସ୍ୱତନ୍ତ୍ର ଦୃଷ୍ଟି ଦେଇ ନିୟମିତ କୃଷି ସମ୍ବନ୍ଧୀୟ ଖବରକୁ ବ୍ୟବସ୍ଥିତ ଢଙ୍ଗରେ ପ୍ରଚାର ପ୍ରସାର କରନ୍ତୁ। କୃଷି ବିଜ୍ଞାନ ଏକ ଜଟିଳ ବୈଷୟିକ ପାଠ। ଏହାକୁ ଅନେକେ ବୁଝିପାରନ୍ତି ନାହିଁ। ସୁତରାଂ ଓୟୁଏଟିର କୃଷି ସମ୍ପ୍ରସାରଣ ବିଭାଗ, ପ୍ରତି ଜିଲାରେ ପ୍ରତିଷ୍ଠିତ କୃଷି ବିଜ୍ଞାନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ବିଭାଗର ପ୍ରତିଜିଲାରେ ଥିବା ଡେପୁଟି ଡାଇରେକ୍ଟର ଅଫିସରେ ଅବସ୍ଥାପିତ କୃଷି ବିଜ୍ଞାନୀମାନଙ୍କ ମଧ୍ୟରୁ ଅନ୍ତତଃ ଜଣ ଜଣଙ୍କୁ ଦାୟିତ୍ୱ ଦିଆଯାଉ। ଚାଷୀମାନେ ବୁଝିପାରିଲା ଭଳି ଭାଷାରେ ବୈଜ୍ଞାନିକ ତତ୍ତ୍ୱ ସମ୍ପୃକ୍ତ ଅଞ୍ଚଳର ସାମ୍ବାଦିକମାନଙ୍କୁ ଯୋଗାଇଦେବେ।

ପ୍ରତ୍ୟେକ ଖବରକାଗଜ ଏକ ସାପ୍ତାହିକ କୃଷି ପୃଷ୍ଠା ପ୍ରକାଶ କରନ୍ତୁ। ଓୟୁଏଟିର କୃଷି ସମ୍ପ୍ରସାରଣ ବିଭାଗ ଏକ ପିଜି ପାଠ୍ୟକ୍ରମ କୃଷି ସାମ୍ବାଦିକତାରେ ଖୋଲୁ। ଏହି କୃଷି ସାମ୍ବାଦିକତା ପଢ଼ିଥିବା ପୋଷ୍ଟ ଗ୍ରାଜୁଏଟମାନଙ୍କୁ ପ୍ରତି କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲା ଡିଡିଏ ଅଫିସରେ ପୋଷ୍ଟିଂ ଦିଆଯାଉ। ପ୍ରଥମେ କୃଷି ସମ୍ବନ୍ଧୀୟ ପୃଷ୍ଠାର ପରିଚାଳନା ପାଇଁ ଏବଂ ପରବର୍ତ୍ତୀ ସମୟରେ କୃଷି ସାମ୍ବାଦିକ ହିସାବରେ ଅନ୍ତତଃ ଜିଲାସ୍ତରରେ ନିଯୁକ୍ତି ଦେବାପାଇଁ।

କୃଷି ପରି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ବିକାଶ ପାଇଁ ଗଣମାଧ୍ୟମର ଭୂମିକା ଅପରିହାର୍ଯ୍ୟ। ସୁତରାଂ ପ୍ରତ୍ୟେକ ଗଣମାଧ୍ୟମ ଏହି ଜାତୀୟ କର୍ତ୍ତବ୍ୟ ନିର୍ବାହ ପାଇଁ ନୂତନ ଚିନ୍ତାଧାରା ଗ୍ରହଣ କରି ଆଧୁନିକ କୃଷି ବିଜ୍ଞାନକୁ ଚାଷୀମାନଙ୍କ ମଧ୍ୟରେ ଲୋକପ୍ରିୟ କରାନ୍ତୁ।

ମୋ: ୯୯୩୭୯୫୧୨୬୨

## ଏଇ ଭାରତରେ

ଶୀତଳ ଭଣ୍ଡାର ଅଭାବରୁ କୃଷକମାନେ ସେମାନଙ୍କ ଉତ୍ପାଦିତ ଫସଲକୁ ସୁରକ୍ଷିତ ରଖି ନ ପାରିବା ଯୋଗୁ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ତେବେ ଏଭଳି ସମସ୍ୟା ଦୂରକରିବା ଲାଗି ବିହାର ଭାଗଲପୁରର ଆଇଆଇଟି ଗ୍ରାଜୁଏଟ ନିକ୍କି କୁମାର ଝା ଓ ତାଙ୍କ ଭଉଣୀ ରଶ୍ମି ଝାଙ୍କ ଦ୍ୱାରା ନିର୍ମିତ ଫ୍ରିଜ୍ ଅନେକ ଆଶା ସୃଷ୍ଟି କରିଛି। ସେମାନେ ଏହି ଫ୍ରିଜ୍ ନାମ ରଖିଛନ୍ତି 'ସବ୍‌ଜିକୋଠି'। ଏଥିରେ ପନିପରିବା ୩ରୁ ୩୦ ଦିନ ଯାଏ ତଟକା ରହୁଛି। ବଜାରରେ ଉପଲବ୍ଧ ଫ୍ରିଜ୍ କ୍ଷମତା ତୁଳନାରେ ୧୦ ଗୁଣ ଅଧିକ ଜିନିଷ ଏଥିରେ ରହିପାରୁଛି। ଏହି ଫ୍ରିଜ୍ ଲାଗି କମ୍ ବିଦ୍ୟୁତ୍ ଆବଶ୍ୟକ ହେଉଛି। ଏହାକୁ ୧ ଦିନ ଚଳାଇବା ଲାଗି ୨୦ ୱାଟ୍ ବିଦ୍ୟୁତ୍ ଓ ୧ ଲିଟର ପାଣି ଆବଶ୍ୟକ ହେଉଛି। ଏବେ ବଜାରରେ ଉପଲବ୍ଧ ରେଫ୍ରିଜରେଟର ଦାମ୍‌ର ଅଧାରେ ଏହା ନିର୍ମାଣ ହୋଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୩୧ ଡିସେମ୍ବର ୧୯୭୪

- ପାକିସ୍ଥାନର ଉତ୍ତରାଞ୍ଚଳରେ ସଙ୍ଘଟିତ ହୋଇଥିବା ଭୟାଭବ ଭୂମିକମ୍ପରେ ଅନ୍ୟୁନ ୪ ହଜାର ଲୋକଙ୍କ ପ୍ରାଣହାନୀ।
- ସୋଭିଏତ୍ ଋଷିଆ ଭାରତକୁ ୧ ଦଶମିକ ୨ ନିୟୁତ ଟନ୍ ପେଟ୍ରୋଲଜାତ ପଦାର୍ଥ, ୧ ନିୟୁତ ଟନ୍ କିରୋସିନ୍ ଏବଂ ୨ ଲକ୍ଷ ଟନ୍ ଡିଜେଲ ଯୋଗାଇ ଦେବା ସଂକ୍ରାନ୍ତରେ ଉଭୟ ଦେଶ ମଧ୍ୟରେ ଏକ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ।
- ୨୦୦ ଯାତ୍ରୀଙ୍କୁ ଧରି ଏକ ବଡ଼ ମଟର ଲଞ୍ଚ ଜୁଣ୍ଟୁଲୀ ନଦୀରେ ଯାଉଥିବା ସମୟରେ ଚନ୍ଦନ ନଗର ପାଖରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ବୁଡିଯିବା ଫଳରେ ୧୬ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ତୋଳରେ ସେ ମାଟି ମାଆର ତିଳକ ଲଗାଅ ପଳେ
ଦେଖ ଦେଖ ଆଜି କାହାର ରୁଧିର ପଡିଲା ତଳେ।
ପିଶାଚୀ ବସୁଧା କାହା ଲହୁ ଆଜି ପିଇଲା ବାଛି
ଗୁଣେ ତୀର ଯୋଖ ନବୀନ ଯୁଗର ସବ୍ୟସାଚୀ।
-(ରକ୍ତ-ସ୍ରୋତ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 3 |
| | | | | 3 | 4 | 6 | 2 | |
| | 3 | | | 6 | | 4 | 7 | |
| 7 | | | 6 | | | | | |
| 2 | | | | | | 5 | | |
| | 4 | | | 2 | 3 | | 8 | |
| | 8 | | | | | 9 | | 2 |
| | 6 | | | | | | | 1 |
| | | | 1 | 5 | | 8 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 6 | 1 | 5 | 8 | 4 | 2 | 9 |
| 9 | 2 | 8 | 7 | 4 | 3 | 6 | 1 | 5 |
| 4 | 1 | 5 | 2 | 9 | 6 | 8 | 3 | 7 |
| 1 | 4 | 7 | 3 | 8 | 5 | 9 | 6 | 2 |
| 5 | 8 | 3 | 9 | 6 | 2 | 1 | 7 | 4 |
| 2 | 6 | 9 | 4 | 1 | 7 | 5 | 8 | 3 |
| 3 | 9 | 4 | 8 | 2 | 1 | 7 | 5 | 6 |
| 6 | 7 | 1 | 5 | 3 | 9 | 2 | 4 | 8 |
| 8 | 5 | 2 | 6 | 7 | 4 | 3 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅସହ୍ୟ ଦୁର୍ଗନ୍ଧ

ମହାଶୟ,

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନ ୱାର୍ଡ ନଂ.୦୫ ପ୍ରବେଶ ପଥ (ଦୟା ୱେଷ୍ଟ କେନାଲ, ଦୁର୍ଗାମଣ୍ଡପ ସନ୍ନିକଟ) ଏବେ ନର୍କକୁଣ୍ଡ। ରାସ୍ତା ଅବସ୍ଥା ଦୟନୀୟ। ଅଳିଆ ଆବର୍ଜନା ରାସ୍ତାର ଚିର ସହଚର। ଡ୍ରେନ ବ୍ୟବସ୍ଥା କିମ୍ଭୂତ କିମାକାର ଓ ଦୁର୍ଗନ୍ଧ ଅସହ୍ୟ। ଏହା ମଧ୍ୟ ମଶାଙ୍କ ଅନ୍ତୁଡ଼ିଶାଳ। ବରିଷ୍ଠ ନାଗରିକଙ୍କ ପାଇଁ କୌଣସି ସୁବିଧା ନାହିଁ। ପ୍ରାତଃଭ୍ରମଣ ପାଇଁ ପାର୍କ ନାହିଁ କି ପିଲାଙ୍କ ପାଇଁ କିଛି ବ୍ୟବସ୍ଥା ନାହିଁ। ଷ୍ଟ୍ରିଟ ଲାଇଟ ଅଭାବରୁ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ସ୍ଥାନ ଘନ ଅନ୍ଧାର। ବୁଲା ଗୋରୁ, ଗାଈ, ଷଣ୍ଢଙ୍କ ଅବାଧ ବିଚରଣ। ବୁଲା କୁକୁରଙ୍କ ଅକଥନୀୟ ଆତଙ୍କରାଜ। କହିବାକୁ ଗଲେ ଲୋକେ ସାଧାରଣ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ୱାର୍ଡର ପ୍ରବେଶ ପଥ ପୋଲ, ସମେଇଗାଡ଼ିଆସ୍ଥିତ ନୂଆ ଓ ପୁରୁଣା ପୋଲ ସହ ୟୁବିଏସ୍‌ଏସ୍ ପାଖ ପୋଲ ଉତ୍ତର ଭୁବନେଶ୍ୱରର ମିନି ଡମ୍ପିୟାର୍ଡ଼ ପାଲଟିଛି। ପାନୀୟ ଜଳ ଅପଚୟର କଥା ନ କହିବା ଭଲ। ସତେ ଯେମିତି ୱାର୍ଡ ନମ୍ବର -୦୫ ବିଏମ୍‌ସିର ସାବତ ପୁଅ!

ଶୋଭକୁମାର, ଚକେଇସିହାଣୀ-ସମେଇଗାଡ଼ିଆ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

ଲାଠୋର,୩୦।୧୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଥାନା ଚହକପଡ଼ା ଗ୍ରାମର ଦାଦନ ଶ୍ରମିକ ଧ୍ରୁବଲେଶ୍ୱର ଘିବେଲା(୪୫)ଙ୍କ ମୃତଦେହ ଶୁକ୍ରବାର ରାତିରେ ଗ୍ରାମରେ ପହଞ୍ଚିଛି। ଶନିବାର ସକାଳେ ଶୋକାକୂଳ ପରିବେଶ ମଧ୍ୟରେ ପରିବାରବର୍ଗ ଶେଷକୃତ ସମ୍ପନ୍ନ କରିଛନ୍ତି। ବେଲପଡ଼ା ଥାନା ସଦର ଗ୍ରାମର ଦାଦନ ଶର୍ଦ୍ଦାର ପ୍ରଦୀପ ତାଣ୍ଡି ମୃତ ଶ୍ରମିକ ଧ୍ରୁବଲେଶ୍ୱର ଘିବେଲା, ତାଙ୍କ ସ୍ତ୍ରୀ ପ୍ରେମଶିଳା, ଦୁଇପୁଅ ସୁଶାନ୍ତ,ପିତାମ୍ବର ଏବଂ ବୋହୂ ମଞ୍ଜୁଲତାଙ୍କୁ କିଛିଦିନ ତଳେ ଅଗ୍ରୀମ ଟଙ୍କା ଦେଇ ବିଜୟନଗରମସ୍ଥିତ ଇଟାଭାଟିକୁ କାମ କରିବାକୁ ନେଇଥିଲେ। ସେମାନେ ମୁରଲି ନାମକ ଏକ ଇଟାଭାଟି ମାଲିକଙ୍କ ପାଖରେ କାମ କରୁଥିଲେ। ସେଠାରେ ଧ୍ରୁବଲେଶ୍ୱର ଅସୁସ୍ଥ ହୋଇ ପଡିଥିଲେ ଏବଂ ନିକଟସ୍ଥ ଏକ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଇଟାଭାଟି ମାଲିକ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଚହକପଡ଼ା ପଠାଇ ଦେଇଥିଲେ। ଦାଦନ ଚାଲାଣରେ ଯେଉଁ ସବୁ ସରକାରୀ ନିୟମ ପାଳନ କରିବା କଥା ତାହା ଧ୍ରୁବଲେଶ୍ୱରଙ୍କ କ୍ଷେତ୍ରରେ ଅନୁସରଣ କରାଯାଇଛି କି ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ବିନୋଦ ବିହାରୀ ନାଏକଙ୍କୁ ଯୋଗାଯୋଗ କରିବାରୁ ସେ ମଙ୍ଗଳବାର ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଫଳକରେ ନାମ ନ ରହିବାକୁ ନେଇ ହୋହଲ୍ଲା

ଦେଓଗାଁ,୩୦।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)


ପଞ୍ଚାୟତ ସମିତି ବୈଠକରେ ଜନପ୍ରତିନିଧିଙ୍କ ମଧ୍ୟରେ ଉଚ୍ଚବାଚ।

**ଦେଓଗାଁ ପଞ୍ଚାୟତ ସମିତି ବୈଠକ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଳକ ସଭାଗୃହରେ ଶନିବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ହରିଶଙ୍କରଠାରେ ସରପଞ୍ଚଙ୍କୁ ମାଡ ଘଟଣାରେ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା। ପରେ ଗ୍ରାମ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ବିବରଣୀରେ ପୂର୍ବ ବୈଠକର ଅନେକ ପ୍ରସ୍ତାବ ଲିପିବଦ୍ଧ ହୋଇ ନ ଥିବାରୁ ଜନପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଆସିଥିବା ଅନୁଦାନକୁ ନେଇ ବିଭିନ୍ନ ଗାଁରେ ଲଗାଯାଇଥିବା ଫଳକରେ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟଙ୍କ ନାଁ ନ ରହିବାକୁ ନେଇ କଥା କଟାକଟି ହୋଇଥିଲା। ଏହି ସମୟରେ ଭୀମଡୁଙ୍ଗୁରୀ ପର୍ଯ୍ୟଟନ ସ୍ଥଳୀର ବିକାଶକୁ ନେଇ ଉଭୟ ବିଜେଡି ଓ କଂଗ୍ରେସ ମୁହାଁମୁହିଁ ହୋଇଥିଲେ। ଉଭୟ ଦଳର ସମର୍ଥିତ ଜନପ୍ରତିନିଧି ଦଳୀୟ ନେତାଙ୍କ ନାଁରେ ବୈଠକରେ ନାରାବାଜି କରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ଅଧ୍ୟକ୍ଷ ଗୃହକୁ ୩୦ମିନିଟ ମୁଲତବୀ ଘୋଷଣା କରିଥିଲେ। ପରେ ଅପରାହ୍ନ ୧.୪୫ରେ ଅଧିବେଶନ ବସିଥିଲା। ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂନିନା ଗୃହରେ ଶାନ୍ତି ବଜାୟ ରଖିବାପାଇଁ ନିବେଦନ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଠିକ୍‌ଭାବେ ପରିଚାଳିତ କରିବା ପାଇଁ ଅନୁରୋଧ କରିଥିଲେ। ଏହାସହ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ ଦୁର୍ନୀତି ହେଉଥିବା ଅବଗତ କରିଥିଲେ। ସେପରି ଡୁମେରପିଟା ପଞ୍ଚାୟତରେ ଜିଆରଏସଙ୍କ ଅନୁପସ୍ଥିତ ଯୋଗୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ବ୍ୟାହତ ହୋଇଥିବା କହିଥିଲେ। ଆଦର୍ଶ ଗ୍ରାମ ଆଏଁଲାପାଲିରେ ଏମ୍‌ପିଙ୍କ ଅନୁଦାନ ଠିକ୍ ବିନିଯୋଗ ହୋଇ ନ ଥିବା ଅଭିଯୋଗ କରିଥିଲେ। ସରପଞ୍ଚ, ସମିତି ସଭ୍ୟ ତଥା ପ୍ରଶାସନକୁ ନେଇ ଏକ ସ୍କ୍ରିନିଂ କମିଟି ଗଠନ କରିବାପାଇଁ ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର ପ୍ରସ୍ତାବ ଦେଇଥିଲେ। ଦେଓଗାଁ ରେଳଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଦେଓଗାଁ ସରପଞ୍ଚ ନୀନା ଛତ୍ରିଆ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ନାଇକେନଶିରାର ଦାବଲିକାନୀରେ ପ୍ରାଥମିକ ବିଦ୍ୟାଳୟକୁ ସରକାର ଉଠାଇ ଦେଇଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଥିପ୍ରତି ଦୃଷ୍ଟି ଦିଆ ଯାଉ ନ ଥିବାରୁ ସମିତି ସଭ୍ୟ ବିଶ୍ୱଜିତ ପାତ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ । ଶିକ୍ଷା ବିଭାଗ ଦ୍ୱାରା ସ୍କୁଲକୁ ଆସୁଥିବା କମ୍ପୋଜିଟ ଗ୍ରାଣ୍ଟ ଠିକ୍‌ଭାବେ ଖର୍ଚ୍ଚ କରାଯାଉ ନ ଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ବ୍ଲକର ଅନେକ ପ୍ରାଥମିକ ବିଦ୍ୟାଳୟରେ ମରାମତି କାମ ଆବଶ୍ୟକ ଥିବାରୁ ଏ ଦିଗରେ ଦୃଷ୍ଟି ଦେବାପାଇଁ ବ୍ଲକ ଶିକ୍ଷା ଅଧିକାରୀ ମମତା ମାହାଡିକ ଅବଗତ କରିଥିଲେ। ଗାଁ ମାନଙ୍କରେ ଲଗାଯାଇଥିବା ଷ୍ଟ୍ରିଟ ଲାଇଟଗୁଡିକ ଲଗାଯିବାର କମ୍ ଦିନରେ ଅଚଳ ହୋଇ ପଡିଥିବା ଅଭିଯୋଗ ଆସିଥିଲଶ। ସମ୍ପୃକ୍ତ ଏଜେନ୍ସି ଏ ଦିଗରେ କର୍ଣ୍ଣପାତ କରୁ ନ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ବୀଣା ପଧାନ ସୂଚନା ଦେଇଥିଲେ। ବୈଠକରେ ବିଡିଓ କ୍ଷମାନିଧି ଭୋଇ, ଏବିଡିଓ ପୁଷ୍ପାଞ୍ଜଳି ନାଏକ, ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ଜିଲା ପରିଷଦ ସଭ୍ୟା ସୁମତୀ ସେଠ, ମମତା କୁମୁରା, ସହକାରୀ ଯନ୍ତ୍ରୀ ପ୍ରାଚୀ ପରମିତା ସାବତ, ସରପଞ୍ଚ, ସମିତି ସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ‘ହସ୍ପିଟାଲ କାନ୍ଥରେ ଲେଖ ରୋଗୀଙ୍କୁ ଭଲ ବ୍ୟବହାର କର’

**ଚର୍ଚ୍ଚାରେ ଭୀମ ଭୋଇ ମେଡିକାଲ କଲେଜ ଡିନ୍‌ଙ୍କୁ ଅଧ୍ୟାପକଙ୍କ ଚିଠି**

- ବିଗିଡିଗଲାଣି ରୋଗୀ-ଡାକ୍ତର, ବରିଷ୍ଠ ଡାକ୍ତର-କନିଷ୍ଠ ଡାକ୍ତର ସମ୍ପର୍କ

ବଲାଙ୍ଗୀର,୩୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରୁ ଗତ ଗୁରୁବାର ସନ୍ଧ୍ୟାରେ ହଷ୍ଟେଲକୁ ଫେରୁଥିବା ଜଣେ ହାଉସ ସର୍ଜନଙ୍କୁ ରାସ୍ତାରେ ଅଟକାଇ ୨ଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଏସବୁ ଭିତରେ ଏବେ ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲର ବିଭିନ୍ନ ପ୍ରସଙ୍ଗ ଚର୍ଚ୍ଚାର ବିଷୟ ହୋଇଛି। ଶନିବାର ଟିଟିଲାଗଡ ଡିଏଭି କଲେଜ ଇଂଲିଶ ବିଭାଗ ଅଧ୍ୟାପକ ଜୟଦେବ କର ମେଡିକାଲ କଲେଜ ଏବଂ ହସ୍ପିଟାଲ ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ସ୍ୱୟଂପ୍ରଭା ପ୍ରଧାନଙ୍କୁ ଲେଖିଥିବା ଏକ ଚିଠି ଏବେ ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ ଅନୁରୋଧଭରା ଚିଠିରେ ଅଧ୍ୟାପକ କର କ୍ରମଶଃ ବିଗିଡି ଯାଉଥିବା ରୋଗୀ–ଡାକ୍ତର ଏବଂ ବରିଷ୍ଠ–କନିଷ୍ଠ ଡାକ୍ତରଙ୍କ ସମ୍ପର୍କକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସହ ଏହାର ସମୟୋଚିତ ପ୍ରତିକାର ସମାଜ ପାଇଁ କିଭଳି ମଙ୍ଗଳକର ହେବ ଉଲ୍ଲେଖ କରିଛନ୍ତି। ଉକ୍ତ ଚିଠିରେ ଅଧ୍ୟାପକ କର ଉଲ୍ଲେଖ କରିଛନ୍ତି ଯେ, ପ୍ରାୟତଃ ହସ୍ପିଟାଲ କାନ୍ଥରେ ଡାକ୍ତର, ନର୍ସ ଓ କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର ନକରିବା ପାଇଁ ଦୃଷ୍ଟିଗୋଚର ହେବା ଭଳି ଅକ୍ଷରରେ ସତର୍କ ବାଣୀ ଲେଖାଯାଇଥାଏ। ତେବେ ଠିକ୍ ସେଭଳି ଭାବେ ହସ୍ପିଟାଲ କାନ୍ଥରେ ଡାକ୍ତର, ନର୍ସ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଗରିବ, ଗ୍ରାମୀଣ, ସରଳ, ଏବଂ ଚିକିତ୍ସାକୁ ନେଇ ବିରକ୍ତ ହୋଇଯାଇଥିବା ରୋଗୀ ଓ ତାଙ୍କ ପରିଜନଙ୍କୁ ଦୁର୍ବ୍ୟବହାର କର ନାହିଁ ବୋଲି ଲେଖିବାକୁ ଅନୁରୋଧ ଜଣାଇଛନ୍ତି। ଏଭଳିକି ଡାକ୍ତର, ନର୍ସ ମାନଙ୍କୁ ମାନବିକ ଅଧିକାର ଏବଂ ବ୍ୟବହାର ନେଇ ପାଠ ପଢ଼ାଇବାକୁ ଅନୁରୋଧ କରିଛନ୍ତି। ଡାକ୍ତରମାନଙ୍କୁ ଭଗବାନଙ୍କ ଅବତାର ବୋଲି କୁହାଯାଏ। ସେମାନେ କିଭଳି ମେଡିକାଲ ପାଠ ସହ ମାନବିକ ବ୍ୟବହାର ଉପରେ ବେଶୀ ଜୋର ଦେବେ ସେନେଇ ସୁବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଛନ୍ତି। ଆବଶ୍ୟକ ପଡିଲେ ସେ ନିଜେ ମାନବିକ ଅଧିକାର ସଂକ୍ରାନ୍ତୀୟ ସାମଗ୍ରୀ ଯୋଗୋଇ ଦେବେ ବୋଲି କହିଛନ୍ତି। ଏହି ଚିଠି ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଚିଠିକୁ ଅଧ୍ୟାପକ କର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଡିନ୍ ତଥା ଅଧ୍ୟକ୍ଷଙ୍କ ଇମେଲ ଯୋଗେ ଶନିବାର ପଠାଇଥିବା ଜଣାଇଛନ୍ତି।

**ଟିଟିଲାଗଡ଼ ଜିଲା ଦାବି ପ୍ରସଙ୍ଗ**

# ୫–ଟି ଅଧ୍ୟକ୍ଷଙ୍କୁ ଭେଟିଲେ କ୍ରିୟାନୁଷ୍ଠାନ କମିଟି ସଦସ୍ୟ

ଟିଟିଲାଗଡ଼, ୩୦।୧୨ (ଶରତ ମିଶ୍ର)


୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ଜିଲା କ୍ରିୟାନୁଷ୍ଠାନ କମିଟି ପ୍ରତିନିଧି ମଣ୍ଡଳୀ ଓ ମନ୍ତ୍ରୀ ଟୁକୁନି ସାହୁ।

ଟିଟିଲାଗଡ଼ ଜିଲା ଦାବି ନେଇ ଜିଲା କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ଶନିବାର ଭୁବନେଶ୍ୱର ନବୀନ ନିବାସରେ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ସାକ୍ଷାତ ଆଲୋଚନା କରିଥିଲେ। ମନ୍ତ୍ରୀ ଟୁକୁନି ସାହୁଙ୍କ ସହ କ୍ରିୟାନୁଷ୍ଠାନ କମିଟି ଆବାହକ କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ମଣ୍ଡଳୀ ସହ ପାଣ୍ଡିଆନଙ୍କ ସହ ଦୀର୍ଘ ଆଲୋଚନା କାଳରେ ଟିଟିଲାଗଡ଼ ଜିଲା ଦାବି ନେଇ ଦୃଢ ଯୁକ୍ତି ଉପସ୍ଥାପନ କରିଥିଲେ। ଟିଟିଲାଗଡ଼ ଉପଖଣ୍ଡର ଭୌଗୋଳିକ ସ୍ଥିତି, ବର୍ତ୍ତମାନର ଜିଲା ମୁଖ୍ୟାଳୟ ବଲାଙ୍ଗୀର ସହରରୁ ଦୂରତା, ଦାଦନ ସମସ୍ୟା, ନିଯୁକ୍ତି ପାଇଁ ଶିଳ୍ପ କଳକାରଖାନାର ଅଭାବ ଆଦି ନେଇ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ତାଙ୍କୁ ଅବଗତ କରିଥିଲେ। ଦୀର୍ଘ ୩୧ ବର୍ଷ ଧରି ଟିଟିଲାଗଡ଼ ଜିଲା ଦାବି ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇ ଆସିଛନ୍ତି। ଏଥର ଜିଲା ଘୋଷଣା କରନ୍ତୁ ବୋଲି ସେମାନେ କହିଥିଲେ। ଆଲୋଚନାକାଳରେ ଉଚ୍ଚ ନ୍ୟାୟାଳୟରେ ଜିଲା ଘୋଷଣା ମାମଲା ଲଟକି ରହିଥିବା ପ୍ରସଙ୍ଗ ଉଠିଥିଲା। ସରକାର ଏନେଇ ଉଚ୍ଚ ନ୍ୟାୟାଳୟରେ ଖୁବ୍‌ଶୀଘ୍ର ପକ୍ଷ ରଖିବେ ବୋଲି ୫–ଟି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଆବଶ୍ୟକ ହେଲେ ଟିଟିଲାଗଡ଼ କ୍ରିୟାନୁଷ୍ଠାନ କମିଟି ମାମଲାରେ ପକ୍ଷଭୁକ୍ତ ହେବ ବୋଲି ଆବାହକ ସାହୁ ଗଣମାଧ୍ୟମକୁ କହିଛନ୍ତି। ନବୀନ ନିବାସରେ ଜିଲା ଦାବି ନେଇ ଆଲୋଚନା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିବା ଟିଟିଲାଗଡ଼ ନଗର ଭାଜପା ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, କଂଗ୍ରେସ ନେତା ତୁଳସୀ ସାହୁ, ବିଜେଡିର ପ୍ରେମଚାନ୍ଦ ଜୈନ, ଦିଲୀପ ପୁରୋହିତ, ରଞ୍ଜିତ ପୃଷ୍ଟି, କୁମୁଡା ପାହଡ ସୁରକ୍ଷା ସମିତି ସଭାପତି ଉପେନ୍ଦ୍ର ବାଗ କହିଛନ୍ତି।

## ମୋ ଜଙ୍ଗଲ ଜମି ଯୋଜନା ତାଲିମ ନେଲେ ସ୍ୱେଚ୍ଛାସେବୀ

ଲୋଇସିଂହା,୩୦।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଏଫଇଏସ ଓ ଆରସିଡିସି ସହାୟତାରେ ଲୋଇସିଂହା ଓ ଆଗଲପୁର ବ୍ଲକର ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କୁ ନେଇ ସ୍ଥାନୀୟ ବ୍ଲକ ସଭାଗୃହରେ ମୋ ଜଙ୍ଗଲ ଜମି ଯୋଜନାକୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଜମିରେ ବାସ କରି ଆସୁଥିବା ଅନୁସୂଚିତ ଜନଜାତି ତଥା ପାରମ୍ପରିକ ବନବାସୀଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରଦାନ ଉଦ୍ଦେଶ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବନ ବିଭାଗ କର୍ମଚାରୀ ଯୋଗଦେଇଥିଲେ। ଜିପିଇଓ କିଶୋର ମାନସିଂ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିରେ ଲୋଇସିଂହା ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ମୁଖ୍ୟ ଅତିଥି, ବିଡ଼ିଓ ଯୁଧିଷ୍ଠିର ମେହେର, ଆଗଲପୁର ତହସିଲଦାର ସହଦେବ କୁଡୁକା, ଲୋଇସିଂହା ତହସିଲଦାର ସଂଘମିତ୍ରା କାଲୋ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର କୁଳମଣୀ ସାହୁ ତାଲିମ ପ୍ରଦାନ କରିଥିଲେ। ମାଷ୍ଟର ଟ୍ରେନର ମହେନ୍ଦ୍ର ପଧାନଙ୍କ ସହ ଲୋଇସିଂହା ଓ ଆଗଲପୁର ବ୍ଲକର ଡିଇଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ଉଭୟ ବ୍ଲକରୁ ୨୬ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

# ସମବାୟ ସାମାଜିକ ସଶକ୍ତିକରଣର ମନ୍ତ୍ର


ବିଡିସିସି ବ୍ୟାଙ୍କ ବାର୍ଷିକ ସାଧାରଣ ସଭାରେ ମଞ୍ଚାସୀନ ସଦସ୍ୟ ଓ ଅତିଥି।

ବଲାଙ୍ଗୀର,୩୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)

**ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ୬୧ତମ ବାର୍ଷିକ ସାଧାରଣ ସଭା**

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ୬୧ ତମ ବାର୍ଷିକ ସାଧାରଣ ସଭା ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ନଟରାଜ ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ମୁଖ୍ୟ ନିର୍ବାହୀ ଅଧିକାରୀ ହରିଶ୍ଚନ୍ଦ୍ର ଦାସ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସଭା ପ୍ରାରମ୍ଭରେ ସହକାରୀ ପରିଚାଳକ ଶୁଭସ୍ମିତା ବେହେରା ୬୦ତମ ସଭାର ନିର୍ଦ୍ଧାରଣ ପାଠ କରିଥିଲେ। ସଭାରେ ସମବାୟ ସମିତି ସମୂହ ଉପନିବନ୍ଧକ ଦମୟନ୍ତୀ ସିଂ ଅତିଥିଭାବେ ଯୋଗଦେଇ ସମବାୟ ସମିତି କିଭଳି ସୁଦୃଢ଼ ହେବ, ବିଶେଷକରି ସମିତିର ନିର୍ବାଚିତ ପ୍ରତିନିଧିଙ୍କ ଭୂମିକା ଓ ଗୁରୁଦାୟିତ୍ୱ ସମ୍ପର୍କରେ କହିଥିଲେ। ସମବାୟ ମାଧ୍ୟମରେ କିଭଳି ସମାଜିକ ସଶକ୍ତିକରଣ ସମ୍ଭବ ତାହା ଉପରେ ସେ ବକ୍ତବ୍ୟ ରଖିଥିଲେ।

ସଭାପତୀୟ ଅଭିଭାଷଣରେ ବ୍ୟାଙ୍କ ସଭାପତି ମିଶ୍ର ବର୍ଦ୍ଧିତ ଏନ୍‌ପିଏ ହାରକୁ କମାଇବା ପାଇଁ ବ୍ୟାଙ୍କର ଋଣ ଆଦାୟରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମବାୟର ଅସଲ କାର୍ଯ୍ୟକାରିତା ପାଇଁ ସମସ୍ତଙ୍କୁ ମିଳିତ ଭାବେ ଏବଂ ସକ୍ରିୟତାର ସହ କାର୍ଯ୍ୟ କାରିବାକୁ ହେବ ବୋଲି କହିଥିଲେ। ଚାଷୀଙ୍କ ଉତ୍ପାଦିତ ଧାନ ବିକ୍ରିକୁ ନେଇ ଦେଖାଯାଉଥିବା ସମସ୍ୟା ଉପରେ ସେ ଆଲୋକପାତ କରି ଚାଷୀ ନ୍ୟାୟ ନ ପାଇଲେ ସମବାୟ ସଶକ୍ତ ହେବନାହିଁ ବୋଲି କହିଥିଲେ। ସଭାରେ ଉପସ୍ଥିତ ବ୍ୟାଙ୍କ ନିର୍ଦ୍ଦେଶକ ଚିନ୍ତାମଣି ଭୋଇ, ଲକ୍ଷ୍ମଣ କୁମାର ମେହେର, ସୁଶୀଳ କୁମାର ଚାନ୍ଦ, ଯୋଗେନ୍ଦ୍ର ମିର୍ଦ୍ଧା, କୁଶଳେଶ୍ୱର ମେହେର ପ୍ରମୁକ ସମବାୟ ବ୍ୟାଙ୍କର ଉନ୍ନତି ଉପରେ ଗଠନମୂଳକ ପରାମର୍ଶ ଦେଇଥିଲେ। ସଭାରେ ବ୍ୟାଙ୍କ ବରିଷ୍ଠ କର୍ମଚାରୀ ସତ୍ୟପ୍ରିୟ ବେହେରା ଓ ଜ୍ୟୋତି ରଞ୍ଜନ ପଟେଲ ସମୀକ୍ଷା ପତ୍ର ପଠନ କରିବା ସହ ୨୦୨୩–୨୪ ମସିହାର ବଜେଟ୍ ଉପସ୍ଥାପନ କରିଥିଲେ। ସଙ୍ଗୀତ ମହାପାତ୍ର ଲାଭାଂଶ ବଣ୍ଟନ ଉପରେ ସୂଚନା ପ୍ରଦାନ କରିଥିଲେ। ସହକାରୀ ପରିଚାଳକ କ୍ଷୀରାବ୍ଦୀ ତନୟା ମନହୀରା ସଭା ପରିଚାଳନା କରିଥିଲେ। ଏହି ସଭାରେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲା ସମବାୟ ସମିତି ସଦସ୍ୟ, ସଭାପତି, ଉପସଭାପତି, ନିର୍ଦ୍ଦେଶକ, ବ୍ୟାଙ୍କ ଅଧିକାରୀ, କର୍ମଚାରୀ ଯୋଗ ଦେଇଥିଲେ।

**ମେଡିକାଲ କଲେଜ ହାଉସ ସର୍ଜନଙ୍କୁ ଆକ୍ରମଣ ଘଟଣା**

# ଜେଲଗଲେ ୨ଅଭିଯୁକ୍ତ

- ଡାକ୍ତରଙ୍କ ବିରୋଧରେ ପାଲଟା ଅଭିଯୋଗ, ମାମଲା ରୁଜୁ
- ରାଧାରାଣୀପଡା ଡକାୟତି ମାମଲାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ

ବଲାଙ୍ଗୀର,୩୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)



ଖବରଦାତା ସମ୍ମିଳନୀରେ ପୋଲିସ ଗିରଫ ଦୁଇ ଅଭିଯୁକ୍ତଙ୍କୁ ହାଜର କରିଛି।

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲର ହାଉସ ସର୍ଜନ ଡା. ବିଶ୍ୱରଞ୍ଜନ ସାହୁଙ୍କୁ ଗୁରୁବାର ଆକ୍ରମଣ ହୋଇଥିଲା। ଏହି ଘଟଣାରେ ପୋଲିସ କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ଅଞ୍ଚଳରୁ ଫେରାର ମୁଖ୍ୟ ଅଭିଯୁକ୍ତ ସମୀର ବଡମାଲି (୨୬) ଓ ତାଙ୍କ ସହଯୋଗୀ ଲିପୁନ୍ ଓରଫ୍ ରାଜୁ ସାହୁ (୨୪)ଙ୍କୁ ଶୁକ୍ରବାର ଗିରଫ କରିଥିଲା। ଅଭିଯୁକ୍ତଙ୍କୁ ସେଠାରୁ ବଲାଙ୍ଗୀର ଟାଉନ୍ ଥାନାକୁ ଆଣିବା ପରେ ଶନିବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଅଭିଯୁକ୍ତ ବଡମାଲି ତାଙ୍କ ସ୍ତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଅଭିଯୋଗ କରିଥିବା ନେଇ ହାଉସ ସର୍ଜନ ସାହୁଙ୍କ ବିରୋଧରେ ଲିଖିତ ଜଣାଇବାରୁ ପୋଲିସ ଡା. ସାହୁଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ଶନିବାର ସଦର ଏସ୍‌ଡିପିଓ ତୋଫାନ୍ ବାଗ ଟାଉନ୍ ଥାନାରେ ଏକ ଖବରଦାତା ସମ୍ମିଳନୀ ଡାକି ଡାକ୍ତର ଆକ୍ରମଣ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଏସ୍‌ଡିପିଓ ବାଗ କହିଥିଲେ ଯେ, ହାଉସ ସର୍ଜନ ସାହୁଙ୍କ ଆକ୍ରମଣ ଘଟଣାକୁ ନେଇ ହସ୍ପିଟାଲ ଅଧୀକ୍ଷକ ଡା ମାନସୀ ପଣ୍ଡା ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଭିତ୍ତିରେ ଏକ ମାମଲା(୭୪୦/୨୩)ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଦଫା ୩୪୧, ୨୯୪, ୩୨୩, ୩୨୪, ୩୦୭, ୩୪ ଏବଂ ୩ ମେଡିକେୟାର ସର୍ଭିସ ପର୍ସନ ଏବଂ ମେଡିକେୟାର ସର୍ଭିସ ଇନଷ୍ଟିଚ୍ୟୁସନ୍ ଆକ୍ଟ ୨୦୦୮ ରୁଜୁ ହୋଇଛି। ଅଭିଯୁକ୍ତ ବଡମାଲିଙ୍କ ଅଭିଯୋଗ କ୍ରମେ ଥାନାରେ ରୁଜୁ ହୋଇଥିବା ମାମଲା (୭୪୨/୨୩)ରେ ଦଫା ୩୫୪, ୩୨୩ ଲଗାଯାଇଛି। ପୋଲିସ ଅଭିଯୁକ୍ତଙ୍କଠାରୁ ବାଇକ(ଓଡି୦୫ପି ୯୬୮୪) ଓ ଧାତୁ ନିର୍ମିତ ମାରଣାସ୍ତ୍ର (ନକଲ୍) ଜବତ କରିଛି। ଟାଉନ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ଗଠିତ ଟିମ୍ ଓ ଗୋଚ୍ଛାପଡା ଥାନା ଆଇଆଇସି ପ୍ରଭାତ କୁମାର ବେହେରା ଓ ଟିମ୍ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫ ଦୁଇ ଅଭିଯୁକ୍ତ ୨୦୧୯ ମସିହାରେ ରାଧାରାଣୀପଡାଠାରେ ସଂଘଟିତ ଡ୍ରେ ମାରି ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ଏସ୍‌ଡିପିଓ ବାଗ ସୂଚନା ଦେଇଥିଲେ।

ପ୍ରକାଶଯୋଗ୍ୟ ଯେ, ଗତ ଗୁରୁବାର ପୂର୍ବାହ୍ନରେ ଅଭିଯୁକ୍ତ ବଡମାଲି ତାଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲର ସ୍ତ୍ରୀରୋଗ ଓ ପ୍ରସୂତୀ ବିଭାଗକୁ ଯାଇଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାବେଳେ ହାଉସ ସର୍ଜନ ସାହୁ ଅଭିଯୁକ୍ତ ବଡମାଲିଙ୍କ ସ୍ତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ଆଣି ଗାଳିଗୁଲଜ କରିଥିଲେ। ଅପରାହ୍ନରେ ଡ୍ୟୁଟି ସାରି ହାଉସ ସର୍ଜନ ସାହୁ ତାଙ୍କର ଜଣେ ସାଙ୍ଗଙ୍କ ସହ ବାଇକରେ ଗନ୍ଧରେଲ ସ୍ଥିତ ମେଡିକାଲ କଲେଜ ହଷ୍ଟେଲକୁ ଯାଉଥିଲେ। ଏହି ସମୟରେ ଦୁଇ ଅଭିଯୁକ୍ତ ଲାଲଟିକ୍ରା ଗ୍ରୀଡ ପାଖରେ ଅଟକାଇ ଡାକ୍ତରଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ।


ଗିରଫ ଦୁଇ ଅଭିଯୁକ୍ତ।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା, ୨ଗିରଫ

ଲୋଇସିଂହା,୩୦।୧୨(ସୁଶାନ୍ତ ବାରିକ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମର ଗୋକୁଳ ମେହେର ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ହୋଇ ଗୋକୁଳ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ଅଭିଯୋଗ ଆଧାର ପୋଲିସ ଏକ ମାମଲା (୩୪୧/୨୩) ରୁଜୁ କରି ସେହି ଗାଁର ଆନନ୍ଦ ମେହେର(୨୯) ଓ ପ୍ରମୋଦ ବିଶି (୪୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ଫେରାର ହୋଯାଇଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗୋକୁଳଙ୍କର ଆଗଲପୁରରେ ଅନୁଷ୍ଠିତ ଧନୁଯାତ୍ରା ଅବସରରେ ପେରି ଦୋକାନ ପକାଇଛନ୍ତି। ଫେରି ସାମଗ୍ରୀ ଆଣିବା ପାଇଁ ଶୁକ୍ରବାର ସେ ବଲାଙ୍ଗୀର ଯାଉଥିଲେ। କେତେକ ତାଙ୍କୁ ଝାରମୁଣ୍ଡାର ଭଇଁସା ନିକଟରେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ବାଇକରୁ ସେ ପଡିଯାଇଥିଲେ। ଏହା ପରେ ଦୁର୍ବୃତ୍ତ ସେଠାରୁ ଖସି ପଳାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋକୁଳଙ୍କୁ ଉଦ୍ଧାର କରି ବଲାଙ୍ଗୀର ସ୍ଥାନାନ୍ତର କରିଥିଲେ। ଅପରପକ୍ଷେ ଗାଁରେ ଗାଳିଗୁଲଜ ଓ ଆତଙ୍କ ଖେଳାଉଥିବା ନେଇ ଗୋକୁଳଙ୍କ ବିରୋଧରେ ପାଲଟା ଅଭିଯୋଗ ହୋଇଛି। ଏନେଇ ଏକ ମାମଲା (୩୪୨/୨୩) ରୁଜୁ ହୋଇଛି।

**DISTRICT COUNCIL OF CULTURE, KALAHANDI**

No. 685/DCC(KUG) Date: 30.12.2023

**RE-TENDER CALL NOTICE FOR KALAHANDI UTSAV GHUMURA - 2024**

In continuous of Tender Call Notice No. 619/DCC(KUG) / Dated: 15.12.2023, again re-tenders are invited from registered Firms/ Agency/Proprietor/Vendor/Tent House having work experience and valid GST & PAN. They should have fulfill the minimum eligibility criteria as stipulated in the terms and conditions of the tender for arrangement of following works during ‘Kalahandi Utsav Ghumura - 2024’ at Lal Bahadur Shastri Stadium, Bhawanipatna, Kalahandi. The detailed tender paper along with terms and conditions are available from dated 27.12.2023 to 02.01.2024 in the district website **www.kalahandi.nic.in** or in the office of the District Culture Officer, Kalahandi. Last date for receipt of tender paper: 02.01.2024 latest by 04.00 P.M.

01. Installation of Sound System
02. Electrical Installation

By order of Collector, Kalahandi
**Sd./- DCO & Secretary**
**DCC, Kalahandi**

# ଗମ୍ଭିରାଦରହ ପ୍ରକଳ୍ପ ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ

**ବୌଦ୍ଧ,୩୦।୧୨(ଅଜିତ କୁମାର ବାରିକ)**

ଶନିବାର କେନ୍ଦ୍ର ଜଳସମ୍ପଦ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଦିନିକିଆ ବୌଦ୍ଧ ଜିଲା ଗସ୍ତରେ ଆସି ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ପରେ ସହରର ଟାଉନହଲଠାରେ ଭାଜପାର କାର୍ଯ୍ୟକର୍ତ୍ତା ସମାବେଶରେ ଯୋଗ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଟୁଡୁ ଜିଲାର ବହୁଚର୍ଚ୍ଚିତ ଓ ମହତ୍ୱାକାଂକ୍ଷୀ ଜଳସେଚନ ପ୍ରକଳ୍ପ ସାଲୁଙ୍କି ନଦୀର ଗୁରୁଜିମୁଣ୍ଡାଠାରେ ଗମ୍ଭିରାଦରହ ପ୍ରକଳ୍ପ ନିର୍ମାଣ ପାଇଁ ବିଶେଷଜ୍ଞ କମିଟି ଦ୍ୱାରା ଅନୁଧ୍ୟାନ ପରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଶନିବାର ଜଳସମ୍ପଦ ବିଭାଗର ଏକ ପ୍ରତିନିଧି ମଣ୍ଡଳୀ ଗୁରୁଜିମୁଣ୍ଡା ଅଞ୍ଚଳ ପରିଦର୍ଶନ କରି ଭିତ୍ତିଭୂମି ଅନୁଧ୍ୟାନ କରିବା ପରେ ସମୀକ୍ଷା ବୈଠକରେ ଏହି ତଥ୍ୟ ପ୍ରଦାନ କରିଥିଲେ । ତେବେ ଜିଲାରେ ଜଳସେଚନ ଓ ପାନୀୟ ଜଳର ବ୍ୟବସ୍ଥା ଜାତୀୟ ହାର ତୁଳନାରେ ବହୁତ ତଳେ ରହିଥିବା ସମୀକ୍ଷା ବୈଠକରୁ ଜଣାପଡିଥିବା ନେଇ ମନ୍ତ୍ରୀ ପ୍ରକାଶ କରିଥିଲେ । କେନ୍ଦ୍ର ସରକାର ଜଳସେଚନ ଓ କୃଷିର ଉନ୍ନତି ପାଇଁ ପର୍ଯ୍ୟାପ୍ତ ଅର୍ଥ ଯୋଗାଇ ଦେଉଥିବା ବେଳେ ରାଜ୍ୟ ସରକାର ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରାଇବା ଦିଗରେ ବିଶେଷ ଆଗ୍ରହ ପ୍ରକାଶ କରୁ ନ ଥିବାରୁ ମନ୍ତ୍ରୀ ଟୁଡୁ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରକାଶଥାଉ କି କିଛି ଦିନ ପୂର୍ବରୁ ରାଜ୍ୟ ସରକାର ବୌଦ୍ଧ ଜିଲାରେ ଜଳସେଚନର ସୁବିଧା ପାଇଁ ପ୍ରସ୍ତାବିତ ସତୀଘାଟ ପ୍ରକଳ୍ପ ପାଇଁ ଅନୁଦାନ ଘୋଷଣା କରିଥିବା ବେଳେ ଏହାକୁ ନେଇ ବିରୋଧୀ ଦଳ ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଉଛି। ସତୀଘାଟ ପ୍ରକଳ୍ପ ନିର୍ମାଣ ହେଲେ ଜିଲାର ଚାଷୀମାନେ ବିଶେଷ ଉପକୃତ ହେବେ ନାହିଁ। ପ୍ରତିବର୍ଷ ୧୭ ଗୋଟି ପଞ୍ଚାୟତ ମରୁଡିର ସମ୍ମୁଖୀନ ହେଉଥିବେ ବୋଲି ବିରୋଧୀ ଦଳଗୁଡିକ ଅଭିଯୋଗ କରୁଥିବା ବେଳେ ମନ୍ତ୍ରୀ ଟୁଡୁ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ସତୀଘାଟ ପ୍ରକଳ୍ପକୁ କେନ୍ଦ୍ର ସରକାର ରଦ୍ଦ କରିଥିବା ନେଇ ପ୍ରକାଶ କରିଥିଲେ ।

ତେବେ ଚାଷୀମାନଙ୍କ ମୁଖ୍ୟ ଦାବି ଗୁରୁଜୀମୁଣ୍ଡାର ଗମ୍ଭିରାଦରହ ପ୍ରକଳ୍ପର ଭିତ୍ତିଭୂମି ବିଶେଷଜ୍ଞ କମିଟି ଦ୍ୱାରା ଅନୁଧ୍ୟାନ ପରେ ୭ ଦିନ ମଧ୍ୟରେ ଏହାର ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିବା ମନ୍ତ୍ରୀ ପ୍ରକାଶ କରିଥିଲେ । ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ରବି ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକର୍ତ୍ତା ସମାବେଶରେ ବରିଷ୍ଠ ଭାଜପା ନେତା ସଚ୍ଚିଦାନନ୍ଦ ଦଲାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ ପାଣିଗ୍ରାହୀ, ସୁଶାନ୍ତ ପ୍ରଧାନ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ର, ଜିଲା ଭାଜପା ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ ମଞ୍ଚାସୀନ ଥିଲେ। ବନମାଳୀ ରଣା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଜିଲାର ଭାଜପା କର୍ମକର୍ତ୍ତା, କୃଷକ, ମହିଳା ସାମିଲ ଥିଲେ।



ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ନେତୃବୃନ୍ଦ ।

**କେନ୍ଦ୍ର ଜଳସମ୍ପଦ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ଦିନିକିଆ ବୌଦ୍ଧ ଗସ୍ତ**

- ପ୍ରସ୍ତାବିତ ସତୀଘାଟ ପ୍ରକଳ୍ପକୁ ରଦ୍ଦ କଲେ କେନ୍ଦ୍ର ସରକାର

# ବୀରମହାରାଜପୁର ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲରେ ବାର୍ଷିକ କ୍ରୀଡ଼ା




ବାର୍ଷିକ କ୍ରୀଡ଼ା ଉତ୍ସବରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

**ଅମରପାଲି,୩୦।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ବାଗବାର ଚନ୍ଦ୍ରମଣି ମଠ ଓ ହନୁମାନ ବାଟିକାରୁ ମଶାଲ ଶୋଭାଯାତ୍ରାରେ ଆସିଲା ପରେ ବାଗବର ସରପଞ୍ଚ ନିରୁପମା ବଗର୍ତ୍ତି ଏହି କ୍ରୀଡା ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ କଲେଜ ଅଧ୍ୟକ୍ଷ ଆଶୁତୋଷ ହୋତା ସଭାପତିତ୍ୱ କରିଥିଲେ। ବୀରମହାରାଜପୁର କଲେଜର ଅବସରପ୍ରାପ୍ତ ଖେଳ ଶିକ୍ଷକ ନରେନ୍ଦ୍ର ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଦୌଡ ପ୍ରତିଯୋଗିତା, ଲମ୍ବ ଡିଆଁ, ଶଟ ପୁଟ ଥ୍ରୋ, ଡିସ୍କସ ଥ୍ରୋ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ବୀରମହାରାଜପୁର ଭାରପ୍ରାପ୍ତ ପୋଲିସ ଅଧୀକ୍ଷକ ରାଜେଶ୍ୱରୀ ଭୋଇ ମୁଖ୍ୟଅତିଥି ଏବଂ ପୂର୍ବତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ଼. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପାଠ ପଢା ସହ କ୍ରୀଡାର ମହତ୍ୱ ବିଷୟରେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସନ୍ତୋଷିନୀ ନାୟକ ସଂଯୋଜନା କରିଥିବା ବେଳେ ଖେଳ ଶିକ୍ଷୟିତ୍ରୀ ସରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀ ଲିଲି ବିଶ୍ୱାଳ ତିନୋଟି ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରି ଏବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ପୁରସ୍କୃତ ହୋଇଥିଲେ। କଲେଜର କର୍ମଚାରୀମାନେ ସହଯୋଗ କରିଥିଲେ।

**ଲିଲି ବିଶ୍ୱାଳ ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ସମ୍ବର୍ଦ୍ଧିତ**

# ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

**ଲାଠୋର,୩୦।୧୨(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ଥାନା ଚହକପଡ଼ା ଗ୍ରାମର ଦାଦନ ଶ୍ରମିକ ଧ୍ରୁବଲେଶ୍ୱର ଘିବେଲା(୪୫)ଙ୍କ ମୃତଦେହ ଶୁକ୍ରବାର ରାତିରେ ଗ୍ରାମରେ ପହଞ୍ଚିଛି। ଶନିବାର ସକାଳେ ଶୋକାକୁଳ ପରିବେଶ ମଧ୍ୟରେ ପରିବାରବର୍ଗ ଶେଷକୃତ ସମ୍ପନ୍ନ କରିଛନ୍ତି। ବେଲପଡ଼ା ଥାନା ସଦର ଗ୍ରାମର ଦାଦନ ଶର୍ଦ୍ଦାର ପ୍ରଦୀପ ତାଣ୍ଡି ମୃତ ଶ୍ରମିକ ଧ୍ରୁବଲେଶ୍ୱର ଘିବେଲା, ତାଙ୍କ ସ୍ତ୍ରୀ ପ୍ରେମଶିଳା, ଦୁଇପୁଅ ସୁଶାନ୍ତ,ପିତାମ୍ବର ଏବଂ ବୋହୂ ମଞ୍ଜୁଲତାଙ୍କୁ କିଛିଦିନ ତଳେ ଅଗ୍ରୀମ ଟଙ୍କା ଦେଇ ବିଜୟନଗରମସ୍ଥିତ ଇଟାଭାଟିକୁ କାମ କରିବାକୁ ନେଇଥିଲେ। ସେମାନେ ମୁରଲି ନାମକ ଏକ ଇଟାଭାଟି ମାଲିକଙ୍କ ପାଖରେ କାମ କରୁଥିଲେ। ସେଠାରେ ଧ୍ରୁବଲେଶ୍ୱର ଅସୁସ୍ଥ ହୋଇ ପଡିଥିଲେ ଏବଂ ନିକଟସ୍ଥ ଏକ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଇଟାଭାଟି ମାଲିକ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଚହକପଡ଼ା ପଠାଇ ଦେଇଥିଲେ। ଦାଦନ ଚାଲାଣରେ ଯେଉଁ ସବୁ ସରକାରୀ ନିୟମ ପାଳନ କରିବା କଥା ତାହା ଧ୍ରୁବଲେଶ୍ୱରଙ୍କ କ୍ଷେତ୍ରରେ ଅନୁସରଣ କରାଯାଇଛି କି ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ଗ୍ରାମବାସୀ କହିଛନ୍ତି।

# ଭୁବନେଶ୍ୱରକୁ ହରାଇ ଅନୁଗୋଳ ଫାଇନାଲରେ



ଖେଳାଳି ଓ ଅତିଥି ।

**ବୌଦ୍ଧ,୩୦।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ବଜାର ଆସୋସିଏଶନ ତିଲେଶ୍ୱର ଆନୁକୂଲ୍ୟରେ ୨୦ତମ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ହେଉଛି। ଶନିବାର ଦିନ ଦ୍ୱିତୀୟ ସେମିଫାଇନାଲ ଖେଳ ବଜରଙ୍ଗୀ କ୍ଲବ ଭୁବନେଶ୍ୱର ବନାମ ଅନୁଗୋଳ ଏକେ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳରେ ଅତିଥିଭାବେ ଜିଲା ପରିଷଦ ସଭ୍ୟ ତାରାମଣି ପ୍ରଧାନ, ଯୁଗଳ କିଶୋର ସାମଲ, ଯୁବ ଶିଳ୍ପପତି ପ୍ରଶାନ୍ତ କୁମାର ମହାକୁଡ, ତିଲେଶ୍ୱର ବଜାର ଆସୋସିଏଶନର ସଭାପତି ଅର୍ଜ୍ଜୁନ ପ୍ରଧାନ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳର ପ୍ରଥମାର୍ଦ୍ଧରେ ଅନୁଗୋଳ ଦଳ ୨ ଗୋଟି ଗୋଲ ଦେଇ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଖେଳକୁ ରେଫରି ସଲିଲ ବେହେରା, ଶେଷଦେବ ବେହେରା, ପ୍ରତାପ ପ୍ରଧାନ ପରିଚାଳନା କରିଥିବା ବେଳେ ଚତୁର୍ଥ ରେଫରି ଭାବେ ବଳରାମ ବେହେରା କାର୍ଯ୍ୟ ତୁଲାଇଥିଲେ। ଖେଳକୁ ବଜାର ଆସୋସିଏଶନର ସମ୍ପାଦକ ଶୁଭ୍ରଜିତ ପ୍ରଧାନ, ସହ ସମ୍ପାଦକ ପ୍ରବୀଣ କୁମାର ବେହେରା, କ୍ରୀଡା ସଂପାଦକ ବିକାଶ ରଞ୍ଜନ ମିଶ୍ର, ସାଂସ୍କୃତିକ ସଂପାଦକ ନାରାୟଣ ମହାନ୍ତି, ଟିକୁ ମହାନ୍ତି , ସିମୁନ ନାଏକଙ୍କ ସହଯୋଗରେ ଟୁର୍ନାମେଣ୍ଟ ଆୟୋଜିତ ହେଉଛି।

**୨୦ତମ ରାଜ୍ୟସ୍ତରୀୟ ତିଲେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟ**

# ମୋ ଜଙ୍ଗଲ ଜମି ଯୋଜନା ତାଲିମ ନେଲେ ସ୍ୱେଚ୍ଛାସେବୀ

**ଲୋଇସିଂହା,୩୦।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଏଫଇଏସ ଓ ଆରସିଡିସି ସହାୟତାରେ ଲୋଇସିଂହା ଓ ଆଗଲପୁର ବ୍ଲକର ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କୁ ନେଇ ସ୍ଥାନୀୟ ବ୍ଲକ ସଭାଗୃହରେ ମୋ ଜଙ୍ଗଲ ଜମି ଯୋଜନାକୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଜମିରେ ବାସ କରି ଆସୁଥିବା ଅନୁସୂଚିତ ଜନଜାତି ତଥା ପାରମ୍ପରିକ ବନବାସୀଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରଦାନ ଉଦ୍ଦେଶ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବନ ବିଭାଗ କର୍ମଚାରୀ ଯୋଗଦେଇଥିଲେ। ଜିପିଇଓ କିଶୋର ମାନସିଂ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିରେ ଲୋଇସିଂହା ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ମୁଖ୍ୟ ଅତିଥି, ବିଡ଼ିଓ ଯୁଧିଷ୍ଠିର ମେହେର, ଆଗଲପୁର ତହସିଲଦାର ସହଦେବ କୁଜୁ୍ରକା, ଲୋଇସିଂହା ତହସିଲଦାର ସଂଘମିତ୍ରା କାଲୋ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର କୁଳମଣୀ ସାହୁ ତାଲିମ ପ୍ରଦାନ କରିଥିଲେ। ମାଷ୍ଟର ଟ୍ରେନର ମହେନ୍ଦ୍ର ପଧାନଙ୍କ ସହ ଲୋଇସିଂହା ଓ ଆଗଲପୁର ବ୍ଲକର ଡିଇଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ଉଭୟ ବ୍ଲକରୁ ୨୬ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

# ଅଧିକ ଲାଭ ଚାଷ ଉପରେ ଗୁରୁତ୍ୱ




ମଞ୍ଚାସୀନ କୃଷି ଅଧିକାରୀ ।

**ଅମରପାଲି,୩୦।୧୨(ପୀତାମ୍ବର ସାହୁ)**

ଓଡ଼ିଶା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ବୀରମହାରାଜପୁରଠାରେ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ପାରା ସମ୍ପ୍ରସାରଣ କର୍ମଚାରୀ ଓ ଅଗ୍ରଣୀ ଚାଷୀଙ୍କ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏଥିରେ କେଉଁ ଚାଷରେ ଅଧିକ ଲାଭ ହେବ ଓ କେଉଁ ପଦ୍ଧତିରେ ଚାଷ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ସହକାରୀ ବୈଷୟିକ ପରିଚାଳକ ମୀନକେତନ ମହାକୁର ଏହାକୁ ପରିଚାଳନା କରିଥିଲେ। ଏଥିରେ ଉଭୟ ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର କୃଷି ଓଭରସିଅର, ଗ୍ରାମ୍ୟ କୃଷି କର୍ମଚାରୀ, ବ୍ଲକ ବୈଷୟିକ ପରିଚାଳକ, ସହକାରୀ ବୈଷୟିକ ପରିଚାଳକ, କୃଷକ ସାଥୀ, ଅଗ୍ରଣୀ ଚାଷୀଙ୍କୁ ମିଶାଇ ୧୫୦ ଜଣ ତାଲିମ ଗ୍ରହଣ କରିଥିଲେ। ଏଥିରେ ଜିଲା କୃଷି ଅଧିକାରୀ ତଥା ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକ ଡ.ବିଭୂତି ଭୂଷଣ ମିଶ୍ର, ଅତିରିକ୍ତ ଜିଲା ଉଦ୍ୟାନ ଅଧିକାରୀ ବିଦ୍ୟାଧର ଦାସ, ମୃତ୍ତିକା ସଂରକ୍ଷଣ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ଶମ୍ଭୁରାଜ ଭୋଇ, ମାର୍କଫେଡ୍ ଗୋଦାମର ପରିଚାଳକ ଗଣେଶ୍ୱର ମହାପାତ୍ର ଯୋଗଦେଇ ବିଭାଗୀୟ ଯୋଜନା ସମ୍ପର୍କରେ ଅବତାରଣା କରିଥିଲେ। ସୁବର୍ଣ୍ଣପୁର ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ.ତ୍ରିନାଥ ଖଣ୍ଡାୟତ ରାୟ,ସହକାରୀ କୃଷି ଅଧିକାରୀ ସୋମ୍ୟରଞ୍ଜନ ପଧାନ, ସହକାରୀ କୃଷି ଯନ୍ତ୍ରୀ ଇଂ. ପ୍ରିୟଙ୍କା ବେହେରା ପ୍ରମୁଖ ଯୋଗଦେଇ ନିଜ ନିଜ ମତବ୍ୟକ୍ତ ରଖିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲା ଅଧିକାରୀ ଦିଲରଞ୍ଜନ ମହାଲିକ ସଚେତନତା ସମାବେଶର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ କରିଥିଲେ। ଗୋଷ୍ଠୀ କୃଷି ଅଧିକାରୀ ମକରଧ୍ୱଜ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

**ପାରା ସମ୍ପ୍ରସାରଣ କର୍ମଚାରୀ, ଅଗ୍ରଣୀ ଚାଷୀଙ୍କ ସଚେତନତା କାର୍ଯ୍ୟକ୍ରମ**

# କର୍ତ୍ତବ୍ୟନିଷ୍ଠା ଓ ଅଧ୍ୟବସାୟ ସଫଳତାର ମୂଳମନ୍ତ୍ର

**ସୋନପୁର,୩୦।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ପିପିଲିପାଲିସ୍ଥିତ ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ୧୨ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ଜିଲା ଉଚ୍ଚ ଶିକ୍ଷା ପରାମର୍ଶଦାତା ତଥା ବୀରମହାରାଜପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଡ. ରଥ ତାଙ୍କ ବକ୍ତବ୍ୟରେ କର୍ତ୍ତବ୍ୟ ନିଷ୍ଠା ଓ ଅଧ୍ୟବସାୟ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ସେହିପରି ସମୟର ମୂଲ୍ୟବୋଧ ଓ ତାର ଉପଯୋଗିତା ଉପରେ ଡ. ରଥ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ମାୟାବାର୍ହା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଜିଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ଓ ମୁଖ୍ୟବକ୍ତା ଭାବେ ଧର୍ମଶାଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ. ପୁରୁଷୋତ୍ତମ ମିଶ୍ର ଯୋଗଦାନ କରି ଭଲ ଓ ବଡ ମଣିଷ ହେବା ପାଇଁ ସ୍ୱପ୍ନ ଦେଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଲୋକନାଥ ଠେଲା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାସୁଦେବ ବିଶି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଲୋକନାଥ ମିସ୍ତ୍ରୀ, ଲବ ପାରୁଆ, ଶୁଭାଶିଷ ଖେତି, ନିତ୍ୟାନନ୍ଦ ପଧାନ, ରାଜେଶ ପାତ୍ର, ମିଳନ ମେହେର, ସନ୍ଧ୍ୟାରାଣୀ ଭୋଇ, ଲିଜାରାଣୀ ସାହୁ ଓ କର୍ମଚାରୀ ଦିବ୍ୟରଞ୍ଜନ ପ୍ରଧାନ, ଅକ୍ଷୟ ବଘାର, ଶେଷଦେବ ଝାଙ୍କର, ପ୍ରଭାସ, ପପୁନ ପାଣ୍ଡେ, ସୁରଥ ଷାଣ୍ଡ ଓ ସୁଜିତ ଭୁକ୍ତା ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ। ସୁଶିଲ କୁମାର ଗାଇଗରିଆ ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।




ଅତିଥିଙ୍କ ଗହଣରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ର ।

**ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ**



ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରବୃନ୍ଦ।

# ସଂସ୍କାର ସ୍କୁଲ ଛାତ୍ରୀଛାତ୍ରଙ୍କ ପରିଭ୍ରମଣ

**ବରଗଡ଼,୩୦।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ର ସୁନ୍ଦରବନ ପରିଭ୍ରମଣରେ ଯାଇଥିଲେ। ପ୍ରିନ୍ସପାଲ କରନ ସାହୁ, ଏକାଡ଼େମିକ କୋଅର୍ଡିନେଟର ସୀମା ସାହୁ, କୋଅଡିନେଟର ରୀତା ନାୟକ, ମମତା ସିହ୍ନାଙ୍କ ତତ୍ତ୍ୱାବଧାନରେ ସ୍କୁଲର ୮୦ଛାତ୍ରୀଛାତ୍ର ଏହି ପରିଭ୍ରମଣ କରିଥିଲେ। ଛାତ୍ରୀଛାତ୍ର ସୁନ୍ଦରବନ ପରିଭ୍ରମଣରେ ଯାଇଥିବାବେଳେ ଧଳା ବରାହ, କୁମ୍ଭୀର, ଡଲଫିନ ଆଦି ଦେଖିଥିଲେ। ଏହା ସହିତ ଛାତ୍ରୀଛାତ୍ର ଡଙ୍ଗାଯାତ୍ରାକୁ ଉପଭୋଗ କରିଥିଲେ। ସ୍କୁଲର ଚେୟାରମ୍ୟାନ ସୁମନ ସାଓ୍ୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

**DISTRICT COUNCIL OF CULTURE, KALAHANDI**

No. 685/DCC(KUG) Date: 30.12.2023

**RE-TENDER CALL NOTICE FOR KALAHANDI UTSAV GHUMURA - 2024**

In continuous of Tender Call Notice No. 619/DCC(KUG) / Dated: 15.12.2023, again re-tenders are invited from registered Firms/ Agency/Proprietor/Vendor/Tent House having work experience and valid GST & PAN. They should have fulfill the minimum eligibility criteria as stipulated in the terms and conditions of the tender for arrangement of following works during 'Kalahandi Utsav Ghumura - 2024' at Lal Bahadur Shastri Stadium, Bhawanipatna, Kalahandi. The detailed tender paper along with terms and conditions are available from dated 27.12.2023 to 02.01.2024 in the district website **www.kalahandi.nic.in** or in the office of the District Culture Officer, Kalahandi. Last date for receipt of tender paper: 02.01.2024 latest by 04.00 P.M.

01. Installation of Sound System
02. Electrical Installation

By order of Collector, Kalahandi
**Sd./- DCO & Secretary**
**DCC, Kalahandi**

## ସଂକ୍ଷେପରେ

### ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡା ଉତ୍ସବ

**ସୁନ୍ଦରଗଡ,୩୦।୧୨(ଜୟ ନାରାୟଣ ମେଣ୍ଡୁଲି):** ରଙ୍ଗାଡିପା ଜୟଦୂର୍ଗା କ୍ଲବର ୧୯ତମ ବାର୍ଷିକ କ୍ରୀଡା ଉତ୍ସବର ଦ୍ୱିତୀୟ ଦିବସ ଶନିବାରେ ବାଳିକା ବାଳକ ବିଭାଗରେ ଅଙ୍କ କଷା, ସାଧାରଣ ଜ୍ଞାନ ପରୀକ୍ଷା, ଡ୍ରଇଂ ଓ କୁନିକୁନି ଝିଅଙ୍କ ମଧ୍ୟରେ ବିଭିନ୍ନ ପ୍ରତଯୋଗିତା ହୋଇଥିଲା। ସନ୍ଧ୍ୟାରେ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ପୌରାଧକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ କାଉନସିଲର ଦୀପାଞ୍ଜଳୀ ନନ୍ଦ, ମିନତୀ ପୂରୋହିତ, ଭାରତୀୟ ପଟେଲ, ରମେଶ ସୋରେଙ୍ଗ, ସାଂସଦ ପ୍ରତିନିଧି ମନୋଜ ପୁରୋହିତ, କ୍ଲବର ବରିଷ୍ଠ ସଦସ୍ୟ ମୂରଲୀଧର ନନ୍ଦ, ପଞ୍ଚାନନ ପଶାୟତ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଫୁଟ୍‌ବଲ ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। ଲିଗ ଓ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଦିବାରାତ୍ର ମ୍ୟାଚର ସେମିଫାଇନାଲ ଓ ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହେବ ବୋଲି କ୍ଲବ ସମ୍ପାଦକ ଅଭୟ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

**ଲାଠୋର,୩୦।୧୨(ଭୁବନେଶ୍ୱର ବାରିକ):** ବଲାଙ୍ଗୀର ଜିଲା ଲାଠୋର ଥାନା ଚହକପଡ଼ା ଗ୍ରାମର ଦାଦନ ଶ୍ରମିକ ଧ୍ରୁବଲେଶ୍ୱର ଘିବେଲା(୪୫)ଙ୍କ ମୃତଦେହ ଶୁକ୍ରବାର ରାତିରେ ଗ୍ରାମରେ ପହଞ୍ଚିଛି। ଶନିବାର ସକାଳେ ଶୋକାକୂଳ ପରିବେଶ ମଧ୍ୟରେ ପରିବାରବର୍ଗ ଶେଷକୃତ ସମ୍ପନ୍ନ କରିଛନ୍ତି। ବେଲପଡ଼ା ଥାନା ସଦର ଗ୍ରାମର ଦାଦନ ଶର୍ଦ୍ଦାର ପ୍ରଦୀପ ତାଣ୍ଡି ମୃତ ଶ୍ରମିକ ଧ୍ରୁବଲେଶ୍ୱର ଘିବେଲା, ତାଙ୍କ ସ୍ତ୍ରୀ ପ୍ରେମଶିଳା, ଦୁଇପୁଅ ସୁଶାନ୍ତ,ପିତାମ୍ବର ଏବଂ ବୋହୁ ମଞ୍ଜୁଲତାଙ୍କୁ କିଛିଦିନ ତଳେ ଅଗ୍ରୀମ ଟଙ୍କା ଦେଇ ବିଜୟନଗରମସ୍ଥିତ ଇଟାଭାଟିକୁ କାମ କରିବାକୁ ନେଇଥିଲେ। ସେମାନେ ମୁରଲି ନାମକ ଏକ ଇଟାଭାଟି ମାଲିକଙ୍କ ପାଖରେ କାମ କରୁଥିଲେ। ସେଠାରେ ଧ୍ରୁବଲେଶ୍ୱର ଅସୁସ୍ଥ ହୋଇ ପଡିଥିଲେ ଏବଂ ନିକଟସ୍ଥ ଏକ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଇଟାଭାଟି ମାଲିକ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଚହକପଡ଼ା ପଠାଇ ଦେଇଥିଲେ। ଦାଦନ ଚାଲାଣରେ ଯେଉଁ ସବୁ ସରକାରୀ ନିୟମ ପାଳନ କରିବା କଥା ତାହା ଧ୍ରୁବଲେଶ୍ୱରଙ୍କ କ୍ଷେତ୍ରରେ ଅନୁସରଣ କରାଯାଇଛି କି ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଅତିରକ୍ତ ଜିଲା ଶ୍ରମ ଅଧିକାରୀ ବିନୋଦ ବିହାରୀ ନାଏକଙ୍କୁ ଯୋଗାଯୋଗ କରିବାରୁ ସେ ମଙ୍ଗଳବାର ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ମୋ ଜଙ୍ଗଲ ଜମି ଯୋଜନା ତାଲିମ ନେଲେ ସ୍ୱେଚ୍ଛାସେବୀ

**ଲୋଇସିଂହା,୩୦।୧୨(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଏଫଇଏସ ଓ ଆରସିଡିସି ସହାୟତାରେ ଲୋଇସିଂହା ଓ ଆଗଲପୁର ବ୍ଲକର ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କୁ ନେଇ ସ୍ଥାନୀୟ ବ୍ଲକ ସଭାଗୃହରେ ମୋ ଜଙ୍ଗଲ ଜମି ଯୋଜନାକୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଜମିରେ ବାସ କରି ଆସୁଥିବା ଅନୁସୂଚିତ ଜନଜାତି ତଥା ପାରମ୍ପରିକ ବନବାସୀଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରଦାନ ଉଦ୍ଦେଶ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବନ ବିଭାଗ କର୍ମଚାରୀ ଯୋଗଦେଇଥିଲେ। ଜିପିଇଓ କିଶୋର ମାନସିଂ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପ୍ରୋଗ୍ରାମ ଅଫିସର କୁଳମଣୀ ସାହୁ ତାଲିମ ପ୍ରଦାନ କରିଥିଲେ।

# ଉନ୍ନୟନ କାମରେ ଅନିୟମିତତା ନେଇ ଉଦ୍‌ବେଗ

## କୁଆଁରମୁଣ୍ଡା ପଞ୍ଚାୟତ ସମିତି ବୈଠକ

**କୁଆଁରମୁଣ୍ଡା,୩୦।୧୨(ମହେନ୍ଦ୍ର କୁମାର ସାହୁ)**


କୁଆଁରମୁଣ୍ଡା ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅତିଥିମାନେ।

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ଘରକୁ ଘର ଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ପାଣି ପାଇପ୍ ବିଛା କାର୍ଯ୍ୟ ଚାଲୁଛି। ହେଲେ କାମ ଶେଷ ପରେ ରାସ୍ତା ମରାମତି କରାଯାଉ ନ ଥିବାରୁ ଲୋକେ ଯାତାୟତରେ ଅସୁବିଧା ଭୋଗୁଛନ୍ତି। ପଞ୍ଚାୟତିରାଜ ଜନପ୍ରତିନିଧି ଏହି ପ୍ରସଙ୍ଗରେ ପଞ୍ଚାୟତ ସମିତିର ୪ର୍ଥ ବୈଠକରେ ଉଠାଇଥିଲେ। ହେଲେ ଗ୍ରାମ୍ୟ ଜଳଯୋଗଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଟପଶିଲ ଅଚ୍ଚି ଏହାର ଉତ୍ତର ଦେଇପାରି ନ ଥିଲେ। ଏହା ବିଭାଗୀୟ ତ୍ରୁଟି ଓ ଅବହେଳା ବୋଲି ଯନ୍ତ୍ରୀ ଅଚ୍ଚି ସ୍ୱୀକାର କରିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧୀନ କେତେକ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପରେ ଖୋଲା ଯାଉ ନ ଥିବାରୁ ବିଭାଗୀୟ ଅଧିକାରୀ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଡିଓ ଗଙ୍ଗାରାମ ବୁଡେକ୍ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା,ପ୍ରାଣୀ ସମ୍ପଦ, ଜଙ୍ଗଲ, ଉଦ୍ୟାନ, କୃଷି, ସାମାଜିକ ନିରାପତ୍ତା,କଲ୍ୟାଣ ଇତ୍ୟାଦି ବିଭାଗର ଅଧିକାରୀ ଉପସ୍ଥିତ ରହି ନିଜ ନିଜ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ସେଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ହେଲେ ବିଦ୍ୟୁତ୍ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ଜ୍ୟୋତି କେରକେଟା ଅଧକ୍ଷତା କରିଥିଲେ। ବ୍ଲକ କଲ୍ୟାଣ ବିଭାଗ ଅଧିକାରୀ ମନୋଜ ଶତପଥୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଡିଓ ଗଙ୍ଗାରାମ ବୁଡ଼େକଙ୍କ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର,ନେଭିଲ୍ କେରକେଟା,ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁନିତା ଅହିର,ବ୍ଲକ ସହକାରୀ ନିର୍ବାହୀ ଅଧିକାରୀ ଚୈତନ୍ୟ ହେମ୍ବ୍ରମ ପ୍ରମୁଖ ମଞ୍ଚାସୀନ ଥିଲେ।

# 'ହସ୍ପିଟାଲ କାନ୍ଥରେ ଲେଖ ରୋଗୀଙ୍କୁ ଭଲ ବ୍ୟବହାର କର'

## ଚର୍ଚ୍ଚାରେ ଭୀମ ଭୋଇ ମେଡିକାଲ କଲେଜ ଡିନ୍‌ଙ୍କୁ ଅଧାପକଙ୍କ ଚିଠି

- ବିଗିଡିଗଲାଣି ରୋଗୀ-ଡାକ୍ତର, ବରିଷ୍ଠ ଡାକ୍ତର-କନିଷ୍ଠ ଡାକ୍ତର ସମ୍ପର୍କ

**ବଲାଙ୍ଗୀର,୩୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରୁ ଗତ ଗୁରୁବାର ସନ୍ଧ୍ୟାରେ ହଷ୍ଟେଲକୁ ଫେରୁଥିବା ଜଣେ ହାଉସ ସର୍ଜନଙ୍କୁ ରାସ୍ତାରେ ଅଟକାଇ ୨ଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଏସବୁ ଭିତରେ ଏବେ ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲର ବିଭିନ୍ନ ପ୍ରସଙ୍ଗ ଚର୍ଚ୍ଚାର ବିଷୟ ହୋଇଛି। ଶନିବାର ଟିଟିଲାଗଡ ଡିଏଭି କଲେଜ ଇଂଲିଶ ବିଭାଗ ଅଧ୍ୟାପକ ଜୟଦେବ କର ମେଡିକାଲ କଲେଜ ଏବଂ ହସ୍ପିଟାଲ ଡିନ୍ ତଥା ଅଧକ୍ଷ ପ୍ରଫେସର ସ୍ୱୟଂପ୍ରଭା ପ୍ରଧାନଙ୍କୁ ଲେଖିଥିବା ଏକ ଚିଠି ଏବେ ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ ଅନୁରୋଧଭରା ଚିଠିରେ ଅଧାପକ କର କ୍ରମଶଃ ବିଗିଡି ଯାଉଥିବା ରୋଗୀ–ଡାକ୍ତର ଏବଂ ବରିଷ୍ଠ–କନିଷ୍ଠ ଡାକ୍ତରଙ୍କ ସମ୍ପର୍କକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସହ ଏହାର ସମୟୋଚିତ ପ୍ରତିକାର ସମାଜ ପାଇଁ କିଭଳି ମଙ୍ଗଳକର ହେବ ଉଲ୍ଲେଖ କରିଛନ୍ତି। ଉକ୍ତ ଚିଠିରେ ଅଧାପକ କର ଉଲ୍ଲେଖ କରିଛନ୍ତି ଯେ, ପ୍ରାୟତଃ ହସ୍ପିଟାଲ କାନ୍ଥରେ ଡାକ୍ତର, ନର୍ସ ଓ କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର ନକରିବା ପାଇଁ ଦୃଷ୍ଟିଗୋଚର ହେବା ଭଳି ଅକ୍ଷରରେ ସତର୍କ ବାଣୀ ଲେଖାଯାଇଥାଏ। ତେବେ ଠିକ୍ ସେଭଳି ଭାବେ ହସ୍ପିଟାଲ କାନ୍ଥରେ ଡାକ୍ତର, ନର୍ସ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଗରିବ, ଗ୍ରାମୀଣ, ସରଳ, ଏବଂ ଚିକିତ୍ସାକୁ ନେଇ ବିରକ୍ତ ହୋଇଯାଇଥିବା ରୋଗୀ ଓ ତାଙ୍କ ପରିଜନଙ୍କୁ ଦୁର୍ବ୍ୟବହାର କର ନାହିଁ ବୋଲି ଲେଖିବାକୁ ଅନୁରୋଧ ଜଣାଇଛନ୍ତି। ଏଭଳିକି ଡାକ୍ତର, ନର୍ସ ମାନଙ୍କୁ ମାନବିକ ଅଧିକାର ଏବଂ ବ୍ୟବହାର ନେଇ ପାଠ ପଢ଼ାଇବାକୁ ଅନୁରୋଧ କରିଛନ୍ତି। ଡାକ୍ତରମାନଙ୍କୁ ଭଗବାନଙ୍କ ଅବତାର ବୋଲି କୁହାଯାଏ। ସେମାନେ କିଭଳି ମେଡିକାଲ ପାଠ ସହ ମାନବିକ ବ୍ୟବହାର ଉପରେ ବେଶୀ ଜୋର ଦେବେ ସେନେଇ ସୁବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଛନ୍ତି। ଆବଶ୍ୟକ ପଡିଲେ ସେ ନିଜେ ମାନବିକ ଅଧିକାର ସଂକ୍ରାନ୍ତୀୟ ସାମଗ୍ରୀ ଯୋଗୋଇ ଦେବେ ବୋଲି କହିଛନ୍ତି। ଏହି ଚିଠି ଏବେ ସାମାଜିକ ଗଣମାଧମରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଚିଠିକୁ ଅଧାପକ କର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଡିନ୍ ତଥା ଅଧକ୍ଷଙ୍କ ଇମେଲ ଯୋଗେ ଶନିବାର ପଠାଇଥିବା ଜଣାଇଛନ୍ତି।

# ଜେଲଗଲେ ୨ଅଭିଯୁକ୍ତ

## ମେଡିକାଲ କଲେଜ ହାଉସ ସର୍ଜନଙ୍କୁ ଆକ୍ରମଣ ଘଟଣା

**ବଲାଙ୍ଗୀର,୩୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)**



ଖବରଦାତା ସମ୍ମିଳନୀରେ ପୋଲିସ ଗିରଫ ଦୁଇ ଅଭିଯୁକ୍ତଙ୍କୁ ହାଜର କରିଛି।

- ଡାକ୍ତରଙ୍କ ବିରୋଧରେ ପାଲଟା ଅଭିଯୋଗ, ମାମଲା ରୁଜୁ
- ରାଧାରାଣୀପଡା ଡକାୟତି ମାମଲାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲର ହାଉସ ସର୍ଜନ ଡା. ବିଶ୍ୱରଞ୍ଜନ ସାହୁଙ୍କୁ ଗୁରୁବାର ଆକ୍ରମଣ ହୋଇଥିଲା। ଏହି ଘଟଣାରେ ପୋଲିସ କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ଅଞ୍ଚଳରୁ ଫେରାର ମୁଖ୍ୟ ଅଭିଯୁକ୍ତ ସମୀର ବଡମାଲି (୨୬) ଓ ତାଙ୍କ ସହଯୋଗୀ ଲିପୁନ୍ ଓରଫ୍ ରାଜୁ ସାହୁ (୨୪)ଙ୍କୁ ଶୁକ୍ରବାର ଗିରଫ କରିଥିଲା। ଅଭିଯୁକ୍ତଙ୍କୁ ସେଠାରୁ ବଲାଙ୍ଗୀର ଟାଉନ୍ ଥାନାକୁ ଆଣିବା ପରେ ଶନିବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଅଭିଯୁକ୍ତ ବଡମାଲି ତାଙ୍କ ସ୍ତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଅଭିଯୋଗ କରିଥିବା ନେଇ ହାଉସ ସର୍ଜନ ସାହୁଙ୍କ ବିରୋଧରେ ଲିଖିତ ଜଣାଇବାରୁ ପୋଲିସ ଡା. ସାହୁଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ଶନିବାର ସଦର ଏସ୍‌ଡିପିଓ ତୋଫାନ୍ ବାଗ ଟାଉନ୍ ଥାନାରେ ଏକ ଖବରଦାତା ସମ୍ମିଳନୀ ଡାକି ଡାକ୍ତର ଆକ୍ରମଣ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଏସ୍‌ଡିପିଓ ବାଗ କହିଥିଲେ ଯେ, ହାଉସ ସର୍ଜନ ସାହୁଙ୍କ ଆକ୍ରମଣ ଘଟଣାକୁ ନେଇ ହସ୍ପିଟାଲ ଅଧୀକ୍ଷକ ଡା ମାନସୀ ପଣ୍ଡା ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଭିତ୍ତିରେ ଏକ ମାମଲା(୭୪୦/୨୩)ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଦଫା ୩୪୧, ୨୯୪, ୩୨୩, ୩୨୪, ୩୦୭, ୩୪ ଏବଂ ୩ ମେଡିକେୟାର ସର୍ଭିସ ପର୍ସନ ଏବଂ ମେଡିକେୟାର ସର୍ଭିସ ଇନଷ୍ଟିଟ୍ୟୁସନ୍ ଆକ୍ଟ ୨୦୦୮ ରୁଜୁହୋଇଛି। ଅଭିଯୁକ୍ତ ବଡମାଲିଙ୍କ ଅଭିଯୋଗ କ୍ରମେ ଥାନାରେ ରୁଜୁ ହୋଇଥିବା ମାମଲା (୭୪୨/୨୩)ରେ ଦଫା ୩୫୪, ୩୨୩ ଲଗାଯାଇଛି। ପୋଲିସ ଅଭିଯୁକ୍ତଙ୍କଠାରୁ ବାଇକ(ଓଡି୦୫ପି ୯୮୭୪) ଓ ଧାତୁ ନିର୍ମିତ ମାରଣାସ୍ତ୍ର (ନକଲ୍) ଜବତ କରିଛି। ଟାଉନ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ଗଠିତ ଟିମ୍ ଓ ଗୋଚ୍ଛାପଡା ଥାନା ଆଇଆଇସି ପ୍ରଭାତ କୁମାର ବେହେରା ଓ ଟିମ୍ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫ ଦୁଇ ଅଭିଯୁକ୍ତ ୨୦୧୯ ମସିହାରେ ରାଧାରାଣୀପଡାଠାରେ ସଂଘଟିତ ସ୍ପ୍ରେ ମାରି ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ଏସ୍‌ଡିପିଓ ବାଗ ସୂଚନା ଦେଇଥିଲେ।

ପ୍ରକାଶଯୋଗ୍ୟ ଯେ, ଗତ ଗୁରୁବାର ପୂର୍ବାହ୍ନରେ ଅଭିଯୁକ୍ତ ବଡମାଲି ତାଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲର ସ୍ତ୍ରୀରୋଗ ଓ ପ୍ରସୂତୀ ବିଭାଗକୁ ଯାଇଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାବେଳେ ହାଉସ ସର୍ଜନ ସାହୁ ଅଭିଯୁକ୍ତ ବଡମାଲିଙ୍କ ସ୍ତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ଆଣି ଗାଳିଗୁଲଜ କରିଥିଲେ। ଅପରାହ୍ଣରେ ଡ୍ୟୁଟି ସାରି ହାଉସ ସର୍ଜନ ସାହୁ ତାଙ୍କର ଜଣେ ସାଙ୍ଗଙ୍କ ସହ ବାଇକରେ ଗନ୍ଧରେଲ ସ୍ଥିତ ମେଡିକାଲ କଲେଜ ହଷ୍ଟେଲକୁ ଯାଉଥିଲେ। ଏହି ସମୟରେ ଦୁଇ ଅଭିଯୁକ୍ତ ଲାଲଟିକ୍ରା ଗ୍ରୀଡ ପାଖରେ ଅଟକାଇ ଡାକ୍ତରଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ।

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା, ୨ଗିରଫ

**ଲୋଇସିଂହା,୩୦।୧୨(ସୁଶାନ୍ତ ବାରିକ)**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମର ଗୋକୁଳ ମେହେର ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ହୋଇ ଗୋକୁଳ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ଅଭିଯୋଗ ଆଧାର ପୋଲିସ ଏକ ମାମଲା (୩୪୧/୨୩) ରୁଜୁ କରି ସେହି ଗାଁର ଆନନ୍ଦ ମେହେର(୨୯) ଓ ପ୍ରମୋଦ ବିଶି (୪୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ଫେରାର ହୋଯାଇଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗୋକୁଳଙ୍କର ଆଗଲପୁରରେ ଅନୁଷ୍ଠିତ ଧନୁଯାତ୍ରା ଅବସରରେ ପେରି ଦୋକାନ ପକାଇଛନ୍ତି। ଫେରି ସାମଗ୍ରୀ ଆଣିବା ପାଇଁ ଶୁକ୍ରବାର ସେ ବଲାଙ୍ଗୀର ଯାଉଥିଲେ। କେତେକ ତାଙ୍କୁ ଝାରମୁଣ୍ଡାର ଭଇଁସା ନିକଟରେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ବାଇକରୁ ସେ ପଡିଯାଇଥିଲେ। ଏହା ପରେ ଦୁର୍ବୃତ୍ତ ସେଠାରୁ ଖସି ପଳାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋକୁଳଙ୍କୁ ଉଦ୍ଧାର କରି ବଲାଙ୍ଗୀର ସ୍ଥାନାନ୍ତର କରିଥିଲେ। ଅପରପକ୍ଷେ ଗାଁରେ ଗାଳିଗୁଲଜ ଓ ଆତଙ୍କ ଖେଳାଉଥିବା ନେଇ ଗୋକୁଳଙ୍କ ବିରୋଧରେ ପାଲଟା ଅଭିଯୋଗ ହୋଇଛି। ଏନେଇ ଏକ ମାମଲା (୩୪୨/୨୩) ରୁଜୁ ହୋଇଛି।

# ଡିଗ୍ରୀ କଲେଜରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ



**ଟେନ୍‌ସା,୩୦।୧୨(ସମୀର କୁମାର ପାଢୀ)**

ସୁନ୍ଦରଗଡ ଜିଲା କୋଇଡା ବ୍ଲକ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ସିପିଆଇଏମ ରାଜ୍ୟ ସମ୍ପାଦକ ପ୍ରଭାତ କୁମାର ପଣ୍ଡା, ସାମାଜିକ କର୍ମୀ ବାଦଲ ବାରିକ, ସନ୍ତୋଷ ସିଂ, ଜନ ଡୁଙ୍ଗଡୁଙ୍ଗ, କଲେଜ ସଭାପତି ବିଦ୍ୟାଧର ମହନ୍ତ ଯୋଗଦେଇଥିଲେ। ପ୍ରଥମ ଦିନ ଉଦ୍‌ଘାଟିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଣାଇଁର ପୂର୍ବତନ ବିଧାୟକ ତଥା ସୁନ୍ଦରଗଡ଼ କଂଗ୍ରେସ ଜିଲା ସଭାପତି ଜନାର୍ଦ୍ଦନ ଦେହୁରୀ, ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ସମ୍ବିତ ମହାନ୍ତି, ସମ୍ମାନିତ ଅତିଥି ବିଦ୍ୟାଧର ମହନ୍ତ ଯୋଗ ଦେଇଥିଲେ। ଏହି ଅବସରରେ କ୍ରୀଡା,ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ରୀଡା ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଡିଗ୍ରୀ କଲେଜ ଅଧକ୍ଷ ସମ୍ବିତ ମହାନ୍ତି, ବରିଷ୍ଠ ଅଧାପକ ପ୍ରଦୀପ କୁମାର ପଟ୍ଟନାୟକ, ଅଧାପକ ଶିତିକାନ୍ତ ଦାସମହାପାତ୍ର, ଅଧାପିକା ଲକ୍ଷ୍ମୀ ରାଏ, ଅଧାପକ ସଞ୍ଜୟ କୁମାର ଦାଶ, ଅଧାପକ ଭଳେଶ୍ୱର ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ।

# କିଶୋରଙ୍କ ଅବଦାନକୁ ଜିଲାବାସୀ ଭୁଲିପାରିବେ ନାହିଁ

**ବ୍ରଜରାଜନଗର,୩୦।୧୨(ବିଜୟ ବରାଡ଼)**

ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ତଥା ଝାରସୁଗୁଡା ଜିଲା ପର୍ଯ୍ୟବେକ୍ଷକ ସାରଦା ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ କିଶୋର ମହାନ୍ତିଙ୍କ ରାଜନୈତିକ ଜୀବନୀ ଉପରେ ଆଲୋକପାତ କରିଥିଲେ। ଖରସୁଗୁଡା ଜିଲା ଗଠନରେ ତାଙ୍କ ଅବଦାନକୁ ଜିଲାବାସୀ ଭୁଲିପାରିବେ ନାହିଁ। ତାଙ୍କ ସ୍ତ୍ରୀ ଅଲକା ମହାନ୍ତି ଆଜି ବ୍ରଜରାଜନଗର ବିଧାୟିକା। ଆଗାମୀ ଦିନ ବିଜୁ ଜନତା ଦଳ ପାଇଁ ଚ୍ୟାଲେଞ୍ଜର ଦିନ। ଅଲକା ମହାନ୍ତିଙ୍କୁ ବିଜୟୀ କରାଇ ବିଧାନସଭାକୁ ପଠାଇବା ସଂକଳ୍ପ ନେଇ ଆଗକୁ ଆସିବା ହେବ କିଶୋର ମହାନ୍ତିଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ସେ କହିଥିଲେ। କିଶୋର ମହାନ୍ତି ଯେଉଁ ଅଧୁରା କାର୍ଯ୍ୟ ଛାଡି ଯାଇଛନ୍ତି ତାକୁ ପୂରଣ କରି ଏକ ବିକାଶଶୀଳ ନିର୍ବାଚନ ମଣ୍ଡଳୀ ଗଢିବାକୁ ଅଞ୍ଚଳର ଜନସାଧାରଙ୍କ ସାହାଯ୍ୟ ଆବଶ୍ୟକ ବୋଲି ଅଲକା ପ୍ରକାଶ କରିଥିଲେ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ମୋଟ ୬୬୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବରିଷ୍ଠ ବିଜେଡି ନେତା କୁଳମଣି ଦାସ ମଞ୍ଚ ପରିଚାଳନା କରିଥିଲେ। ନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଚାଲିଥିବା ବେଳେ ନୃପଲାଲ ତଣ୍ଡିଆ, ନୃସିଂହ ସେଠୀ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

# ସୁନାମୁଣ୍ଡା ଏମ୍‌ଏମ୍‌ସିସି କ୍ରିକେଟ କ୍ଲବ ଚାମ୍ପିୟନ

**ଦେବଗଡ଼,୩୦।୧୨(ଶଶାଙ୍କ ଶେଖର ଝାଙ୍କର)**


ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

## କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

ତିଳେଇବଣି ବ୍ଲକ ସୁଗୁଡା ପଞ୍ଚାୟତ ଗୁଣ୍ଡୁରିପୋଶି ଗ୍ରାମରେ ଭୀମ ଭୋଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ତ୍ରି ଦିବସୀୟ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଗୁଣ୍ଡୁରିପୋଶି କ୍ରିକେଟ କ୍ଲବକୁ ୨୯ ରନରେ ପରାସ୍ତ କରି ସୁନାମୁଣ୍ଡା ଏମ୍‌ଏମ୍ସିସି କ୍ରିକେଟ କ୍ଲବ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ରମେଶ ସାମଲ ଓ ଅଶୋକ ସ୍ୱାଇଁ ପରିଚାଳନା କରିଥିବା ବେଳେ ବାଦଲ କୁମାର ପ୍ରଧାନ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଭୀମ ଭୋଇ କ୍ରିକେଟ କ୍ଲବ ସଭାପତି ଧରଣୀଧର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌରପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ସମ୍ମାନିତ ଅତିଥି ତିଳେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଉପାଧକ୍ଷା ଆରତୀ ପ୍ରଧାନ, ବିଜେଡି ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସୁଗୁଡା ପଞ୍ଚାୟତର ସମିତି ସଦସ୍ୟ ଡମ୍ବରୁଧର ସାହୁ ଓ ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଚାମ୍ପିୟନ ସୁନାମୁଣ୍ଡା ଏମ୍‌ଏମ୍ସିସି କ୍ରିକେଟ କ୍ଲବ ଓ ରନର୍ସ ଅପ୍ ଗୁଣ୍ଡୁରିପୋଶି କ୍ରିକେଟ କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆୟୋଜକ ଭୀମ ଭୋଇ କ୍ରିକେଟ କ୍ଲବ ସମ୍ପାଦକ ହର୍ଷବର୍ଦ୍ଧନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସଦସ୍ୟ ରଞ୍ଜିତ ପ୍ରଧାନ,ଆଶିଷ ସ୍ୱାଇଁ ଓ ରମେଶ କୁମାର ସାମଲଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

# ପାଠପଢ଼ା ସହ ଖେଳକୁଦରେ ସାମିଲ ପାଇଁ ଆହ୍ୱାନ

**ସୁନ୍ଦରଗଡ,୨୯।୧୨(ଜୟ ନାରାୟଣ ମେଣ୍ଡୁଲି)**


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀ।

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ନୂଆ–ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ.ଲଳିତ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ପୂର୍ବତନ ରାଜ୍ୟସଭା ସଦସ୍ୟ ତଥା ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଡ.ଦିଲୀପ ତିର୍କୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପାଠପଢା ସହ ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦିଲ୍ଲୀପ ଷଡ଼ଙ୍ଗୀ, ମୁଖ୍ୟ ବକ୍ତାଭାବେ ପୁରାତନ ଛାତ୍ର ସଂସଦ ସଭାପତି ଡ.ଚିରବ୍ରତ ଦତ୍ତ ଯୋଗଦେଇ ଥିଲେ। କାଉନସିଲର ସୁମନ୍ତ ସାହୁ, ପଞ୍ଚା ବାର୍ଲା, ଆଶିଷ ଦେ, ନୀରଜ ଅଗ୍ରୱାଲା ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ନୂଆ–ଓ କାର୍ଯ୍ୟକ୍ରମର ନୋଡାଲ ଅଫିସର ନୂତନ ଖମାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ ପ୍ରତିଯୋଗିତା, ଖେଳ ଏବଂ ସାମାଜିକ କାର୍ଯ୍ୟକ୍ରମ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଡକ୍ଟର ପ୍ରଦୀପ ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଦ୍ଭୁତା ଶିଶୁ ଯତ୍ନକାରୀ ଅନୁଷ୍ଠାନର ପିଲା ନୃତ୍ୟ ପରିବେଷଣ କରିଥିଲେ। ମାଧ୍ୟମିକ ବିଦ୍ୟାଳୟର ନୋଡାଲ ଅଫିସର ରାଧାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

**DISTRICT COUNCIL OF CULTURE, KALAHANDI**

No. 685/DCC(KUG) Date: 30.12.2023

**RE-TENDER CALL NOTICE FOR KALAHANDI UTSAV GHUMURA - 2024**

In continuous of Tender Call Notice No. 619/DCC(KUG) / Dated: 15.12.2023, again re-tenders are invited from registered Firms/ Agency/Proprietor/Vendor/Tent House having work experience and valid GST & PAN. They should have fulfill the minimum eligibility criteria as stipulated in the terms and conditions of the tender for arrangement of following works during 'Kalahandi Utsav Ghumura - 2024' at Lal Bahadur Shastri Stadium, Bhawanipatna, Kalahandi. The detailed tender paper along with terms and conditions are available from dated 27.12.2023 to 02.01.2024 in the district website **www.kalahandi.nic.in** or in the office of the District Culture Officer, Kalahandi. Last date for receipt of tender paper: 02.01.2024 latest by 04.00 P.M.

01. Installation of Sound System
02. Electrical Installation

By order of Collector, Kalahandi
**Sd./- DCO & Secretary**
**DCC, Kalahandi**

## ଆଜି କ'ଣ କେଉଁଠି

**ସମ୍ବଲପୁର**

- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଦକ୍ଷତା ରଥ ଉଦ୍‌ଘାଟନ । ସକାଳ ୮ଟା ୪୫, ଗୋଶାଳା, ସମ୍ବଲପୁର
- ଶଙ୍କର ମଠରେ ରାମଚଣ୍ଡୀ ମନ୍ଦିର ପାଇଁ ରତ୍ନମୁଦ ଉତ୍ସବ, ପୂର୍ବାହ୍ନ ୧୦ଟା।
- ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପୁଣ୍ୟତିଥି, ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଘର, ଜେଲଛକ, ପୂର୍ବାହ୍ନ ୧୧ଟା
- ବିରତା ଦିବସ ଓ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଶ୍ରାଦ୍ଧ ଦିବସ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସନ୍ଧ୍ୟା ୬ଟା ୩୦
- ବୀର ଛବିଲ ସାଏ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା, ସିନ୍ଦୂରପଙ୍କ ଖେଳ ପଡିଆ, ପୂର୍ବାହ୍ନ ୯ଟା

# ଅଙ୍ଗନୱାଡି କର୍ମୀଙ୍କୁ ଏବେ ଅଣ୍ଡା ଚିନ୍ତା

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ସମ୍ବଲପୁର,୩୦।୧୨(ବି.ଶଙ୍କର)**

ଅଙ୍ଗନବାଡି କର୍ମୀଙ୍କୁ ଏବେ ଅଣ୍ଡା ଚିନ୍ତା ଘାରିଛି । ସମ୍ପ୍ରତି ବଜାରରେ ଗୋଟିଏ ଅଣ୍ଡାକୁ ଦର ୮ଟଙ୍କା ରହିଛି । ଏହି ମୂଲ୍ୟରେ ଅଣ୍ଡା କିଣି ଅଙ୍ଗନୱାଡି କର୍ମୀମାନେ ପିଲାଙ୍କୁ ଖାଇବାକୁ ଦେଉଛନ୍ତି । କିନ୍ତୁ ଯୋଜନା ଅନୁସାରେ ମାତ୍ର ୫ ଟଙ୍କା ୯୦ ପଇସାରେ ଅଙ୍ଗନବାଡି କେନ୍ଦ୍ରର ଶିଶୁଙ୍କୁ ରନ୍ଧା ଖାଦ୍ୟ ଓ ସପ୍ତାହରେ ୫ଦିନ ଅଣ୍ଡା ଖାଇବାକୁ ଦେବା କଷ୍ଟକର ହୋଇପଡ଼ିଛି । ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ପଶ୍ଚିମ ଓଡିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ଶୁକ୍ରବାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବ ଓ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି । ସମ୍ବଲପୁର ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଦାବିପତ୍ର ଗ୍ରହଣ କରିବା ସହ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ସଂଘର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାସିନୀ ପାଢୀ, ଜିଲା ସଭାନେତ୍ରୀ ଦିଶିଲା ଧୁରୁଆ, ସମ୍ପାଦିକା ପ୍ରମିଳା ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

କର୍ମକର୍ତ୍ତାମାନେ ଦର୍ଶାଇଥିଲେ, ବର୍ତ୍ତମାନ ମାତ୍ର ୫ ଟଙ୍କା ୯୦ ପଇସାରେ ଅଙ୍ଗନୱାଡି କେନ୍ଦ୍ରର ଶିଶୁଙ୍କୁ ରନ୍ଧା ଖାଦ୍ୟ ଓ ଦୁଇଦିନ ଅଣ୍ଡା ଖାଇବାକୁ ଦେବା ସହ ଗର୍ଭବତୀ ମା'ମାନଙ୍କୁ ମଧ୍ୟ ଅଣ୍ଡା ଦିଆଯାଉଛି । ଗୋଟିଏ ଅଣ୍ଡା ପାଇଁ ୫ ଟଙ୍କା ଓ ମସଲା ବାବଦରେ ଦୈନିକ ୯୦ ପଇସା ମିଳୁଛି । ବିଭାଗୀୟ ନିର୍ଦ୍ଦେଶ ମୁତାବକ ପ୍ରତି ମାସରେ କର୍ମୀମାନେ ତାଙ୍କ କେନ୍ଦ୍ର ଅଞ୍ଚଳର ଗର୍ଭବତୀ, ପ୍ରସୂତି ଓ ତିନି ବର୍ଷରୁ କମ ବୟସ୍କ ପିଲାମାନଙ୍କୁ ମାସିକ ୧୨ଟି ଅଣ୍ଡା ପ୍ରଦାନ କରୁଛନ୍ତି । ବର୍ତ୍ତମାନ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ଅଙ୍ଗନୱାଡି କେନ୍ଦ୍ରକୁ ଯୋଡାଯାଇଛି । ଏହି ଯୋଜନାରେ ୧୫ରୁ ୧୯ ବର୍ଷର କିଶୋରୀ ବାଳିକାମାନଙ୍କୁ ମାସକୁ ୫ ଟଙ୍କା ଦରରେ ୧୬ଟି ଅଣ୍ଡା ଯୋଗାଇଦେବାକୁ ଅଙ୍ଗନୱାଡି କର୍ମୀଙ୍କୁ ନିର୍ଦ୍ଦେଶ ରହିଛି । ମାସକୁ ମାତ୍ର ୭,୫୦୦ ଟଙ୍କା ପାରିଶ୍ରମିକ ପାଉଥିବା ଅଙ୍ଗନୱାଡି କର୍ମୀଙ୍କ ଉପରେ ସରକାର ଅଧିକ କାମ ଲଦି ଦେଉଛନ୍ତି । ସ୍ୱଳ୍ପ ମୂଲ୍ୟରେ ପୁଷ୍ଟିକର ଖାଦ୍ୟ ଯୋଗାଇବା ନିର୍ଦ୍ଦେଶ ମାନସିକ ଭାରାକ୍ରାନ୍ତ କରୁଛି । ବଜାରରେ ସୋରିଷ ତେଲ ଲିଟର ପିଛା ୧୮୦ଟଙ୍କା ଥିବାବେଳେ ମିଳୁଛି ୯୦ ଟଙ୍କା । ସେହିପରି ଡାଲି କେଜି ପ୍ରତି ୧୭୦ଟଙ୍କା ଥିବାବେଳେ ୬୦ ଟଙ୍କା ଦେଉଛନ୍ତି । ମସଲା, ଅନ୍ୟ ସାମଗ୍ରୀ ରହିଛି, ଯାହାର ବଜାର ଦର ବହୁତ ଅଧିକ । ଅଙ୍ଗନୱାଡି କର୍ମୀ ନିଜ ହାତରୁ ଟଙ୍କା ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛି । ମାସିକ ପାରିଶ୍ରମିକ ବୃଦ୍ଧି କରାଯାଉ ନାହିଁ କିମ୍ବା ସରକାରୀ ମାନ୍ୟତା ପ୍ରଦାନ କରୁନାହାନ୍ତି । କର୍ମୀଙ୍କ ଦାବି ପ୍ରତି ସରକାର ସମ୍ପୂର୍ଣ୍ଣ ଉଦାସୀନ । ଚାଉଳ ଭଳି ଅଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଅନ୍ତୁ, ନଚେତ ଅଣ୍ଡାର ବଜାର ଦର ଅନୁସାରେ ଟଙ୍କା ଦେବାକୁ ଦାବି କର୍ମକର୍ତ୍ତା ଦାବି କରିଛନ୍ତି । କନକ ପ୍ରଧାନ, ହେମାଦ୍ରି ପ୍ରଧାନ, ସୁରେଖା ସାହୁ, ଦ୍ରୌପଦୀ ଗୌଡ ଓ ରତ୍ନ ସାହୁ, ସୌଦାମିନୀ ପାଣ୍ଡେ, ରୀତାରାଣୀ ପତି, ଅନିତା ନାୟକ, ମିନି ପଣ୍ଡା, ଯଶୋବନ୍ତୀ ବେହେରା, ଜୟନ୍ତୀ ମିଶ୍ର, ଫନି ରାଉଳ, ପଦ୍ମିନୀ ପାଣିଗ୍ରାହୀ ତୁଳସୀ ଭୋଇ, ମଞ୍ଜୁଲତା ମାଝି, ଝୁମି ସେଠ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ରଙ୍ଗିଆଟିକିରାରେ ଭାଜପା ମହିଳା ସମାବେଶ




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଉପସ୍ଥିତ ମହିଳାମାନେ ।

**କୁଚିଣ୍ଡା,୩୦।୧୨(ବିରଞ୍ଚି ଦର୍କା)**

ବାମରା ବ୍ଲକ ରଙ୍ଗିଆଟିକିରାଠାରେ ଭାଜପା ପକ୍ଷରୁ ମଣ୍ଡଳସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ବାମରା ବ୍ଲକ ଅଧ୍ୟକ୍ଷା ପିଙ୍କି ଧୁରୁଆଙ୍କ ସଭାପତିତ୍ୱରେ ହୋଇଥିବା ସମାବେଶରେ ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମୁଖ୍ୟଅତିଥି, ସମ୍ବଲପୁର ଜିଲା ବିସ୍ତାରକ ଅମୃତ ସ୍ୱାଇଁ ମୁଖ୍ୟବକ୍ତା, ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ମଣ୍ଡଳ ସଭାପତି ନରେଶ ସିଂ ଠାକୁର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଧୁରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ସମାବେଶରେ ସରପଞ୍ଚ ଲାବଣ୍ୟ ନାଏକ, ସୁବନ୍ତି କେଲ୍ଲୁ, ସମିତିସଭ୍ୟା ବିଶାଖା ମାଝି, ସୁନିଆଁ ମାଝି, ମଣ୍ଡଳ ଉପସଭାନେତ୍ରୀ କଲ୍ୟାଣୀ ଦୁବେ, ସମ୍ପାଦିକା ସବିତା ଷଡଙ୍ଗୀଙ୍କ ସମେତ ଶତାଧିକ ମହିଳା ଯୋଗଦେଇଥିଲେ ।

# ଆୟୁଷ ଡାକ୍ତରଙ୍କ ବିରୋଧରେ ସିଡିଏମ୍‌ଓଙ୍କୁ ଅଭିଯୋଗ

**ଜମନକିରା,୩୦।୧୨୩(ରବୀନ୍ଦ୍ର ପ୍ରସାଦ ଦାନି):** ଜମନକିରା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଉଥିବା ରୋଗୀମାନଙ୍କୁ ଜଣେ ଆୟୁଷ ଡାକ୍ତର ନିରାମୟ ଔଷଧ ନ ଦେଇ ବାହାର ଦୋକାନରୁ ଔଷଧ କିଣିବାକୁ କହୁଥିବା ନେଇ ଶୁକ୍ରବାର ଭାଜପା ପକ୍ଷରୁ ସିଡିଏମ୍‌ଓଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ରୋଗୀମାନଙ୍କୁ କେବଳ ହୋମିଓପାଥି ମେଡିସିନ ଓ ସାଧାରଣ କିଛି ନିର୍ଦ୍ଧାରିତ ଔଷଧ ଲେଖିବା ପାଇଁ ନିୟମ ରହିଛି । ମାତ୍ର ସମ୍ପୃକ୍ତ ଅୟୁଷ ଡାକ୍ତର ଦୋକାନରୁ ଔଷଧ କିଣିବାକୁ ଲେଖୁଥିବା ନେଇ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି । ଫଳରେ ଗରିବ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ନେଇ ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝିଙ୍କ ନେତୃତ୍ୱରେ ଦିନେଶ ପଧାନ, ପପୁନ ମୁଦୁଲି, ପ୍ରାଣବନ୍ଧୁ ନାଏକ ପ୍ରମୁଖ କର୍ମୀମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଏଥିସହ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ତଦନ୍ତ ପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ଆରବିଆଇ ପକ୍ଷରୁ ଆର୍ଥିକ ସଚେତନତା ଶୀର୍ଷକ ୱାକାଥନ




ୱାକାଥନରେ ଭାଗ ନେଇଥିବା ଛାତ୍ରୀଛାତ୍ର, ଅଧିକାରୀ ଓ ଅନ୍ୟମାନେ ।

**ସମ୍ବଲପୁର,୩୦।୧୨(ବି.ଶଙ୍କର)**

ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଆର୍ଥିକ ସାକ୍ଷରତା ଓ ସଚେତନତା ଶୀର୍ଷକ ୱାକାଥନ ଶନିବାର ସମ୍ବଲପୁରଠାରେ ଅନୁଷ୍ଠିତ ହୋଇଯାଇଛି । ତପସ୍ୱିନୀ ପ୍ରେକ୍ଷାଳୟଠାରୁ ଆରମ୍ଭ ହୋଇଥିବା ୱାକାଥନ ଲକ୍ଷ୍ମୀଟକିଜ ଛକ ପରେ ପାନ୍ଥ ନିବାସରେ ଶେଷ ହୋଇଥିଲା । ଏଥିରେ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ, କୃଷକ, ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ । ପରେ ଏକ କ୍ଷେତ୍ର ସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ହୋଇଥିଲା । ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା, ସାଇବର ସିକ୍ୟୁରିଟି, ଡିଜିଟାଲ ବ୍ୟାଙ୍କିଂ, ବିଭିନ୍ନ ପ୍ରକାରର ଠକେଇ, ଚିରାଫଟା ନୋଟ ବିନିମୟ ସୁବିଧା ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଉପ-ମହାପ୍ରବନ୍ଧକ ମଧୁକର ଆନନ୍ଦ, ସହାୟକ ମହାପ୍ରବନ୍ଧକ ପ୍ରଶାନ୍ତ କୁମାର ଜେନା, ପ୍ରବନ୍ଧକ ଉତ୍କଳ କୁମାର ସାହୁ, ସହାୟକ ଦୀପକ କୁମାର ଜେନା ଉପସ୍ଥିତ ଥିଲେ । ଏହା ସହ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ମଣ୍ଡଳ ଅଧ୍ୟକ୍ଷ ଅଜିତ କୁମାର ମେହେର, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଉପ-ମହାପ୍ରବନ୍ଧକ ମନମୋହନ ସ୍ୱାଇଁ, ସିରଜିତ କୁମାର ବେହେରା, ଜୋନାଲ ହେଡ୍, ବ୍ୟାଙ୍କ ଅଫ ଇଣ୍ଡିଆ, ଧର୍ମେନ୍ଦ୍ର ରାଜୋରିଆ, ଜୋନାଲ ହେଡ୍, ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ସୁଧୀର କୁମାର ଲାକ୍ରା, ଅଗ୍ରଣୀ ଜିଲା ପ୍ରବନ୍ଧକ, ସମ୍ବଲପୁର ନାବାର୍ଡର ଜିଲା ମୁଖ୍ୟ ଧୀରେନ୍ଦ୍ର କୁମାର ଦାସ ଯୋଗଦେଇଥିଲେ ।

# ବନ୍ଧୁକ ଦେଖାଇ ଲୁଟିନେଲେ ୫୦ହଜାର

**ରେଙ୍ଗାଲି,୩୦।୧୨(ଦେବବ୍ରତ ପଣ୍ଡା)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ବସ୍‌ଷ୍ଟାଣ୍ଡ ନିକଟ ଏସ୍‌ବିଆଇ ସେବା କେନ୍ଦ୍ରରୁ ଶନିବାର ବନ୍ଧୁକ ମୁନରେ ଡକାୟତି ହୋଇଛି । ୩ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ସେବା କେନ୍ଦ୍ରରୁ ପ୍ରାୟ ୫୦ହଜାର ଟଙ୍କା ଲୁଟିନେଇ ବାଇକ୍‌ରେ ଫେରାର ହୋଇଯାଇଛନ୍ତି । ସୂଚନାଯୋଗ୍ୟ ରେଙ୍ଗାଲି ଚାଉଳଡିପୋର ମାନସ କୁମାର ମାହାଣା ବସ୍‌ଷ୍ଟାଣ୍ଡ ନିକଟରେ ଏକ ଏସ୍‌ବିଆଇ ସେବାକେନ୍ଦ୍ର ଖୋଲିଛନ୍ତି । ମଧ୍ୟାହ୍ନରେ ମାନସ ସେବାକେନ୍ଦ୍ରରେ ଥିବାବେଳେ ହଠାତ୍ ୩ଜଣ ଯୁବକ ଟଙ୍କା ଉଠାଇବାର ବାହାନାରେ ପହଞ୍ଚି ବନ୍ଧୁକ ଦେଖାଇ ଟେବୁଲ ଡ୍ରରେ ଥିବା ୫୦ହଜାର ଟଙ୍କା ନେଇଯାଇଥିଲେ । ମାନସ ବାହାରକୁ ଆସି ପାଟି କରିବାରୁ ସେଠାରେ ଲୋକେ ଜମା ହୋଇଥିଲେ । ହେଲେ ଦୁର୍ବୃତ୍ତମାନେ ସେମାନଙ୍କୁ ଭୟଭୀତ କରି ଫେରାର ହୋଇଯାଇଥିଲେ । ମାନସ ରେଙ୍ଗାଲି ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ତଦନ୍ତ ଆରମ୍ଭ କରିଛି ।

# ଢେଙ୍କାନାଳର ପପୁଲାର୍ କ୍ଲବ ବିଜେତା

## ରାଜ୍ୟସ୍ତରୀୟ ବାଜି ରାଉତ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ



ଅତିଥିଙ୍କ ସହ ଖେଳାଳିମାନେ ।

**ସମ୍ବଲପୁର,୩୦।୧୨ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ହାୱା ମଇଦାନ ପଡିଆରେ ଶନିବାର ଦ୍ୱିତୀୟ ବାଜି ରାଉତ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟ ଓ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର ଓ ଦେବଗଡ଼ ଜିଲାର ଫୁଟ୍‌ବଲ ଦଳ ଭାଗ ନେଇଥିଲେ । ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଓ ରେଙ୍ଗାଲି ବିଧାୟକ ନାଉରୀ ନାୟକ, କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାଏକ, ଭାଜପା ଜିଲା ସଭାପତି ଗିରିଷ ପଟେଲ, ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଫାଇନାଲ ଖେଳ ଢେଙ୍କାନାଳର ପପୁଲାର କ୍ଲବ ଓ ଦେବଗଡର ପୁରୁଣା ପାଣି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୨-୨ ଗୋଲରେ ମ୍ୟାଚ୍ ଡ୍ର ରହିବା ପରେ ଟାଇବ୍ରେକର ଜରିଆରେ ଢେଙ୍କାନାଳର ପପୁଲାର୍ କ୍ଲବ ବିଜୟୀ ହୋଇଥିଲା । ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଦେଇ ସମ୍ମାନିତ କରିଥିଲେ ।

# ରୋଟାରି କ୍ଲବ ପକ୍ଷରୁ ଯୁବ ନେତୃତ୍ୱ କାର୍ଯ୍ୟକ୍ରମ

**ସମ୍ବଲପୁର,୩୦।୧୨ (ଭବାନୀ ଶଙ୍କର ଭୋଇ)**

ରୋଟାରି କ୍ଲବ ସମ୍ବଲପୁର ପକ୍ଷରୁ ଗୋଲାବନ୍ଧସ୍ଥିତ କଲ୍ୟାଣ ମଣ୍ଡପଠାରେ ଶନିବାର ଯୁବ ନେତୃତ୍ୱ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍ ନାଗାରାଜୁ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଏଥିରେ ୬୧ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଅନ୍ୱେଷା ପଣ୍ଡା ବାଳିକା ବର୍ଗରେ ଓ ଆକ୍ରାନ୍ତ ଦିକ୍ଷିତ ବାଳକ ବର୍ଗରେ ଶ୍ରେଷ୍ଠ ରୋଟାରି ଯୁବ ନେତୃତ୍ୱ ଭାବେବିବେଚିତ ହୋଇଥିଲେ । କାର୍ଯ୍ୟକ୍ରମକୁ କ୍ଲବର ପୂର୍ବତନ ସଭାପତି ମୁରଲି ପ୍ରସାଦ ନାୟକ ପରିଚାଳନା କରିଥିଲେ । ରୋଟାରି କ୍ଲବ ସମ୍ବଲପୁର ସଭାପତି ସୁଜିତ ପାଣିଗ୍ରାହୀ ଓ ସମ୍ପାଦକ ୟାସେ ମଲ୍ଲିକ, ପୂର୍ବତନ ସଭାପତି ରାଜକିଶୋର ଦାସଙ୍କ ସମେତ କ୍ଲବର ସଭ୍ୟମାନେ ଉପସ୍ଥିତ ଥିଲେ ।

# କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ବୀର ଛବିଲ ସାଏ ଶହୀଦ ସ୍ମାରକୀ ଉଦ୍‌ଘାଟିତ

**ସମ୍ବଲପୁର,୩୦।୧୨ (ଭବାନୀ ଶଙ୍କର ଭୋଇ)**

୧୮୫୭ ମସିହା ଡିସେମ୍ବର ୩୦ରେ ସମ୍ବଲପୁର ମହାନଗର ନିଗମ ୩୯ନଂ. ୱାର୍ଡ କୁଦୋପାଲିରେ ବୀର ଛବିଲ ସାଏ ଓ ୫୭ ଜଣ ସହଯୋଗୀ ଶହୀଦ ହୋଇଥିଲେ । ଏହାର ସ୍ମୃତିରେ ଶନିବାର ବଳିଦାନ ଦିବସ ଅବସରରେ କୁଦୋପାଲିଠାରେ ବୀର ଛବିଲ ସାଏ ଶହୀଦ ସ୍ମାରକୀକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି । ଛାତ୍ର ଅଭାବରୁ ବନ୍ଦ ପଡିଥିବା ସ୍କୁଲ ପରିସରରେ ସ୍ଥାପିତ ଶହୀଦ ସ୍ମାରକୀ ଓ ବୀର ଛବିଲ ସାଏଙ୍କ ପ୍ରତିମୂର୍ତ୍ତିରେ କେନ୍ଦ୍ରମନ୍ତ୍ରୀ ମାଲ୍ୟାର୍ପଣ କରିବା ସହ ଦୀପ ପ୍ରଜ୍ୱଳନ କରି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପଶ୍ଚିମାଞ୍ଚଳ ଏକତା ମଞ୍ଚର କାର୍ଯ୍ୟକ୍ରମ ସଂଯୋଜକ ଡ. ପ୍ରମୋଦ ରଥ ପ୍ରମୁଖ ଉପସ୍ଥିତ ଥିଲେ । ପରେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟ ଅତିଥିମାନେ ଗତ ୩୭ ବର୍ଷ ଧରି ଆୟୋଜନ କରାଯାଇ ଆସୁଥିବା କାର୍ଯ୍ୟକ୍ରମର ସ୍ମୃତି ଏବଂ କୁଦୋପାଲିର ଇତିହାସକୁ ନେଇ କରାଯାଇଥିବା ପ୍ରଦର୍ଶନୀକୁ ବୁଲି ଦେଖିଥିଲେ । ଏହି ଅବସରରେ କୁଦୋପାଲିକୁ ଐତିହାସିକ ଗ୍ରାମ ଭାବରେ ଘୋଷଣା କରିବା, କୁଦୋପାଲିର ଇତିହାସକୁ ଲୋକଲୋଚନକୁ ଆଣିବା ସହ ବୀର ଛବିଲ ସାଏ ଶହୀଦ ସ୍ମାରକୀର ବିକାଶ ପାଇଁ କମିଟି ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ବୀର ଛବିଲ ସାଏ ଶହୀଦ ସ୍ମାରକୀ କମିଟି କୁଦୋପାଲିର ସଭାପତି ପ୍ରଫୁଲ୍ଲ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଡ. ପ୍ରମୋଦ ରଥ ମୁଖ୍ୟଅତିଥି, ସୁବୋଧ ଦୋରା ସମ୍ମାନିତ ଅତିଥି ଓ ଗବେଷକ ଦାଶରଥୀ ସାହୁ ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିଲେ । ଏହି ଅବସରରେ କୁଦୋପାଲିର ଇତିହାସକୁ ଲୋକଲୋଚନକୁ ଆଣିବାରେ ପ୍ରମୁଖ ଭୂମିକା ନେଇଥିବା ଗବେଷକ ଦାଶରଥୀ ସାହୁ, ବୀର ଛବିଲ ସାଏ ସ୍ମୃତି କମିଟିର ପୂର୍ବତନ ସଭାପତି ପ୍ରଦ୍ୟୁମ୍ନ ସେଠ, ରାମ ସାଗର ସାହୁ, ରାମା ରାଓ, ଫକୀର ବଡାଇ ଓ ସମ୍ବଲପୁରୀ ଗୀତିକାର ଜଗଦୀଶ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କୋଷାଧ୍ୟକ୍ଷ ତରଣୀ ସେଠ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୋଖରୀରେ ବୁଡ଼ି ଜଣଙ୍କର ମୃତ୍ୟୁ

**ସମ୍ବଲପୁର,୩୦।୧୨ (ଭବାନୀ ଶଙ୍କର ଭୋଇ)**

ଯୁଯୁମୁରା ବ୍ଲକ କଂସର ଗ୍ରାମପଞ୍ଚାୟତର ଢାଡୁମୁଣ୍ଡା ଗାଁରେ ଶନିବାର ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ହେଲେ ବଜରାଜ ମୁଣ୍ଡା (୫୫) । ସୂଚନାକ୍ରମେ ଅପରାହ୍ନରେ ବଜରାଜ ଗାଁର ବିଛିନାବାହାଲ କଟାକୁ ଶୌଚ ପାଇଁ ଯାଇଥିଲେ । କୌଣସି କାରଣରୁ ତାଙ୍କ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ବୁଡି ପ୍ରାଣ ହରାଇଥିବା କୁହାଯାଉଛି । ଏଣେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ସନ୍ଧ୍ୟାରେ କଟାରେ ତାଙ୍କ ମୃତଦେହ ଭାସୁଥିବା ଦେଖିଥିଲେ । ସ୍ଥାନୀୟ ସରପଞ୍ଚ ଦିବାକର ବେହେରାଙ୍କ ସହାୟତାରେ ତାଙ୍କୁ ପାଣିରୁ ବାହାର କରାଯାଇ ଯୁଯୁମୁରା ପୋଲିସକୁ ଖବର ଦିଆଯାଇଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

# ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

**ସମ୍ବଲପୁର,୩୦।୧୨ (ପ୍ରମୋଦ ବହିଦାର)**

ମାନେଶ୍ୱର ବ୍ଲକ ଧମାସ୍ଥିତ ମା' ଝାଡ଼େଶ୍ୱରୀ ମହାବିଦ୍ୟାଳୟର ୩୦ତମ ବାର୍ଷିକ ଉତ୍ସବ ସହ ନୂଆ-ଓ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଯୁକ୍ତଦୁଇ ସ୍ରୋତର ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମାନେଶ୍ୱର ବିଡିଓ ପ୍ରଣବ କୁମାର ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଡ. ଗୌରିଦାସ ପ୍ରଧାନ ନିଜ ଭିତରେ ଥିବା ସାମର୍ଥ୍ୟକୁ ଚିହ୍ନିବା ସହ ଦୁର୍ବଳତାକୁ ଆକଳନ କରିପାରିଲେ ଛାତ୍ରୀଛାତ୍ର ନିଜର ଅନ୍ତର୍ନିହିତ ପ୍ରତିଭାକୁ ଠିକ ପ୍ରତିପାଦନ କରିପାରିବେ ବୋଲି କହିଥିଲେ । ଧମା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା ପ୍ରବନ୍ଧକ ଅନୀତ ସ୍ୱାଇଁ, ଧମା ସରପଞ୍ଚ ଇଲାବତୀ ପୂଜାରୀ, ହୁମା ସରପଞ୍ଚ ଲଳିତା ପ୍ରଧାନ, ବରଗାଁ ସରପଞ୍ଚ ପ୍ରଭାସିନୀ ହୋତା, ଯୁକ୍ତତିନି ସ୍ରୋତର ସଭାପତି ଲଳିତ ମୋହନ ଶତପଥି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଅଧ୍ୟାପିକା ତନୟା ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟାପିକା ସ୍ମାରିକୀ ମାହାରଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ନୂଆ-ଓ କାର୍ଯ୍ୟକ୍ରମ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଅଧ୍ୟାପକ ପ୍ରମୋଦ କୁମାର ଦେହୁରି ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଭିଯୁକ୍ତ ଗିରଫ, ଚୋରି ସାମଗ୍ରୀ ଉଦ୍ଧାର




**ସମ୍ବଲପୁର,୩୦।୧୨(ପ୍ରମୋଦ ବହିଦାର):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନକଉଡ଼ାରେ ଏସି ଆଉଟ୍‌ର ଚୋରି କରିଥିବା ୨ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ଗିରଫ କରି ସେମାନଙ୍କୁ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି । ଗିରଫ ଦ୍ୱୟ ହେଲେ ସୁନାପାଲିର ଆକାଶ ଓରାମ ଓ ଭକ୍ତ ପ୍ରସାଦ ରାଉତ । ସୂଚନା ଅନୁସାରେ ଶୁକ୍ରବାର ଧନକଉଡ଼ାର ପ୍ରତାପ କୁମାର ପଣ୍ଡା ନାମକ ବ୍ୟକ୍ତି ତାଙ୍କ ଘର ବାହାର ପାର୍ଶ୍ୱରେ ଲାଗିଥିବା ଏସିର ଆଉଟର୍ ଚୋରି ହୋଇଯାଇଥିବା ନେଇ ସଦର ଥାନାରେ ଏତଲା ଦେଇଥିଲେ । ପୋଲିସ ଏକ ମାମଲା (ନଂ.୩୪୬/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଫଟୋ: ଗିରଫ ଅଭିଯୁକ୍ତ ।

# ରଙ୍ଗଭୂମି ଶ୍ରେଷ୍ଠ ପ୍ରାୟୋଜିତ ନାଟକ

**ସମ୍ବଲପୁର,୩୦।୧୨(ବ୍ୟୁରୋ)**

ବୀର ସୁରେନ୍ଦ୍ର ସାଏ ୨୫ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା-୨୦୨୩ ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ବରଗଡ ଜିଲା ପଦମପୁର ଲୁ ନାଟ୍ୟ ଅନୁଷ୍ଠାନର ରଙ୍ଗଭୂମି ଶ୍ରେଷ୍ଠ ପ୍ରାୟୋଜିତ ନାଟକ ଟ୍ରଫି ହାସଲ କରିଛି । ସେହିପରି ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଆଶ୍ରମର ଭାବନୁ ଅଭାବ ଦ୍ୱିତୀୟ ଶ୍ରେଷ୍ଠ ଓ ସମ୍ବଲପୁର ଶବ୍ଦ ସାଂସ୍କୃତିକ ଅନୁଷ୍ଠାନର କୁନୁଆଁ ତୃତୀୟ ଶ୍ରେଷ୍ଠ ପ୍ରାୟୋଜିତ ନାଟକ ଭାବେ ପୁରସ୍କୃତ ହୋଇଛି । ସ୍ୱର୍ଣ୍ଣପ୍ରଭା ରହଣା ଶ୍ରେଷ୍ଠ ଅଭିନେତ୍ରୀ, ଜଗନ୍ନାଥ ସେଠ ଶ୍ରେଷ୍ଠ ଅଭିନେତା ଓ ଶ୍ରେଷ୍ଠ ନିର୍ଦ୍ଦେଶକ, ଆରାଧା ଖମାରୀ ଶ୍ରେଷ୍ଠ ଶିଶୁ କଳାକାର, ସଞ୍ଜୀବ ପାଢ଼ୀ ଶ୍ରେଷ୍ଠ ହାସ୍ୟ ଅଭିନେତା, ଦୀପକ ଦାଶ ଶ୍ରେଷ୍ଠ ଖଳ ଅଭିନେତା, ଗିରିଜା ଶଙ୍କର ମିଶ୍ର ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ଓ ଶ୍ରେଷ୍ଠ ଗାୟକ, ରାଜକୁମାର ଭୋଇ ଓ ସୁଧାଂଶୁ ସାହୁ ଶ୍ରେଷ୍ଠ ମଞ୍ଚସଜ୍ଜା ଟ୍ରଫି ହାସଲ କରିଛନ୍ତି । ସେହିପରି ଅତିଶ କୁମାର ଶତପଥିଙ୍କୁ ଶ୍ରେଷ୍ଠ ପାଣ୍ଡୁଲିପି ପୁରସ୍କାର ପ୍ରଦାନ କରାଯାଇଛି । ଆୟୋଜକ ଯୁବ ଉଦୟନ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା । ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଟ୍ୟଦଳ ଯୁବ ବର୍ଗକୁ ସଚେତନା କଳା ଭଳି ନାଟକ ପରିବେଷଣ କରିବାକୁ ଆହ୍ୱାନ ଦେଇଥିଲେ । ରେଙ୍ଗାଲି ବିଧାୟକ ନାଉରୀ ନାଏକ ସମ୍ମାନିତ ଅତିଥି ଥିଲେ । ସାଧାରଣ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ବିବରଣୀ ପାଠ ଓ ସହ ସମ୍ପାଦକ ଅଭିଷେକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମଞ୍ଚ, ବେତାର ଓ ଚଳଚ୍ଚିତ୍ର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ନରେନ୍ଦ୍ର କୁମାର ବେହେରାଙ୍କୁ ଉଦୟନ ନାଟ୍ୟ ସମ୍ମାନ- ୨୦୨୩ ପ୍ରଦାନ କରାଯାଇଥିଲା । ଗତ ୨୪ରୁ ୨୮ତାରିଖ ପର୍ଯ୍ୟନ୍ତ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରୁ ମନୋନୀତ ୧୫ଟି ସମ୍ବଲପୁରୀ ନାଟକ ମଞ୍ଚସ୍ଥ ହୋଇଥିଲା । ନାଟ୍ୟ ନିର୍ଦ୍ଦେଶକ ପଦ୍ମଲୋଚନ ଦାଶ, ଡ. ଶ୍ୟାମସୁନ୍ଦର ଧର ଓ ନାଟ୍ୟଶ୍ରୀ ପଦ୍ମାଞ୍ଜଳି ବେହେରା ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ ।




ଟ୍ରଫି ଓ ପୁରସ୍କାର ସହିତ ଶ୍ରେଷ୍ଠ ପ୍ରାୟୋଜିତ ନାଟ୍ୟ ଦଳ ।

**ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ**

- ଜଗନ୍ନାଥ ସେଠ ଶ୍ରେଷ୍ଠ ଅଭିନେତା
- ସ୍ୱର୍ଣ୍ଣପ୍ରଭା ରହଣା ଶ୍ରେଷ୍ଠ ଅଭିନେତ୍ରୀ


**DISTRICT COUNCIL OF CULTURE, KALAHANDI**

No. 685/DCC(KUG) Date: 30.12.2023

**RE-TENDER CALL NOTICE FOR KALAHANDI UTSAV GHUMURA - 2024**

In continuous of Tender Call Notice No. 619/DCC(KUG) / Dated: 15.12.2023, again re-tenders are invited from registered Firms/ Agency/Proprietor/Vendor/Tent House having work experience and valid GST & PAN. They should have fulfill the minimum eligibility criteria as stipulated in the terms and conditions of the tender for arrangement of following works during 'Kalahandi Utsav Ghumura - 2024' at Lal Bahadur Shastri Stadium, Bhawanipatna, Kalahandi. The detailed tender paper along with terms and conditions are available from dated 27.12.2023 to 02.01.2024 in the district website **www.kalahandi.nic.in** or in the office of the District Culture Officer, Kalahandi. Last date for receipt of tender paper: 02.01.2024 latest by 04.00 P.M.

01. Installation of Sound System
02. Electrical Installation

By order of Collector, Kalahandi
Sd./- DCO & Secretary
DCC, Kalahandi

# ନିୟମ ଉଲ୍ଲଂଘନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ

## ଜିଲା ସଡ଼କ ସୁରକ୍ଷା ସମିତି ବୈଠକ

■ନଭେମ୍ବରରେ ସଡ଼କ ଦୁର୍ଘଟଣାରେ ୧୬ ଜଣଙ୍କ ମୃତ୍ୟୁ

ଭବାନୀପାଟଣା,୩୦।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ସଡକ ସୁରକ୍ଷା ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି.ଅନ୍ୱେଶା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଆରମ୍ଭରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଗତିକୃଷ୍ଣ ସାମନ୍ତରାୟ ବୈଠକ ଉପରେ ସୂଚନା ଦେଇଥିଲେ। ଗତ ନଭେମ୍ବର ମାସରେ ଜିଲାର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୧୬ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା କହିଥିଲେ। ଜିଲାପାଳ ଦୁର୍ଘଟଣାର କାରଣ ଓ ଏହାର ନିରାକରଣ ଉପରେ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଦୁର୍ଘଟଣାର ନିରାକରଣ ନିମନ୍ତେ ସ୍ଥାନୀୟ ପୋଲିସ ଓ ପରିବହନ ପ୍ରଶାସନକୁ ଅଧିକ ଯତ୍ନବାନ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ସେହିପରି ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ଆଇନ ଖିଲାପକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୧।୧।୨୦୨୪ ରୁ ୭।୧।୨୦୨୪ ପର୍ଯ୍ୟନ୍ତ ଜିଲାରେ ସଡକ ସୁରକ୍ଷା ସପ୍ତାହ ପାଳନ ହେବ। ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ ପୋଲିସ ଓ ପରିବହନ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ସପ୍ତାହରେ ହେଲମେଟ ଓ ସିଟ ବେଲ୍ଟ ପିନ୍ଧି ନ ଥିବା ବ୍ୟକ୍ତି , ମଦ୍ୟପାନ କରି ଗାଡ଼ି ଚାଳକ, ଦ୍ରୁତ ବେଗରେ ଚଳାଉଥିବା ବ୍ୟକ୍ତିମାନଙ୍କୁ ଧରପଗଡ କରି କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହିସବୁ ଆଇନ ଉଲ୍ଲଘଂନ ଯୋଗୁ ନଭେମ୍ବରରେ ଜିଲାରେ ପରିବହନ ବିଭାଗ ଦ୍ୱାରା ୧୬୩ ଜଣଙ୍କ ଲାଇସେନ୍ସ ବାତିଲ କରାଯାଇଛି। ପୋଲିସ ପ୍ରଶାସନ, ଅବକାରୀ ବିଭାଗ, ଶିକ୍ଷା ବିଭାଗ, ରାସ୍ତା ଓ କୋଠାବାଡି ବିଭାଗ, ଜାତୀୟ ରାଜପଥ ବିଭାଗ ଆଦି ସଂସ୍ଥାମାନେ ଏହି ସଡ଼କ ସୁରକ୍ଷା ସପ୍ତାହରେ ସାମିଲ ହେବା ସହ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲାପାଳ ଅବଗତ କରାଇଥିଲେ। ଓଡ଼ିଶା ସଡ଼କ ପରିବହନ ନିଗମ ପକ୍ଷରୁ ସ୍ଥାନୀୟ ବସଷ୍ଟାଣ୍ଡରେ ମାଗଣା ଚକ୍ଷୁ ପରୀକ୍ଷା କରିବା ପାଇଁ ଅଧିକାରୀ ରବୀନ୍ଦ୍ର କୁମାର ବେହେରା ପ୍ରସ୍ତାବ ଦେଇଥିଲେ। ଜିଲାପାଳ ରେଡ୍ଡି କଳାହାଣ୍ଡି ଜିଲାରେ କିପରି ଦୁର୍ଘଟଣାହ୍ରାସ ପାଇବ ସେ ବିଷୟରେ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସଡ଼କ ସୁରକ୍ଷା ହେଉଛି ପରିବାରର ରକ୍ଷା। ତେଣୁ ସମସ୍ତେ ସଡକ ସୁରକ୍ଷା ନିମନ୍ତେ ସଚେତନ ହେବା ଆଗାମୀ ଦିନର ଆହ୍ୱାନ ଅଟେ ବୋଲି ଜିଲାପାଳ କହିଥିଲେ। ବୈଠକରେ କମିଟି ସଦସ୍ୟ ଭାବେ ଶିକ୍ଷା, ସ୍ୱାସ୍ଥ୍ୟ, ଜାତୀୟ ରାଜପଥ, ଅବକାରୀ, ପୌର, ବିଜ୍ଞାପିତଅଞ୍ଚଳ, ରାସ୍ତା ଓ ଗୃହ ନିର୍ମାଣ, ପୋଲିସ, ସୂଚନା ଓ ଲୋକ ସମ୍ପର୍କ, ଓଏସ୍ଆର୍‌ଟିସି ବିଭାଗୀୟ ଅଧିକାରୀ, ସଦସ୍ୟ, ବସ ମାଲିକ ସଂଘ, ଟ୍ରକ ମାଲିକ ସଂଘ, ଅଟୋ ଚାଳକ ସଂଘ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।



ଭବାନୀପାଟଣାରେ ଜିଲା ସଡ଼କ ସୁରକ୍ଷା ସମିତି ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

# ଡ୍ୟାନ୍ସ ଏକାଡେମୀ ନିର୍ଦ୍ଦେଶକଙ୍କୁ ନୃତ୍ୟ ରତ୍ନାକର ସମ୍ମାନ





ସମ୍ମାନିତ ହୋଇଥିବା ଧର୍ମେଶ ମେହେର ଓ ଅନ୍ୟମାନେ।

ଖଡ଼ିଆଳ,୩୦।୧୨(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଧର୍ମେଶ ଡ୍ୟାନ୍ସ ଏକାଡେମୀର ନିର୍ଦ୍ଦେଶକ ଧର୍ମେଶ ମେହେରଙ୍କୁ ଦୁର୍ଗ ରାୟପୁରରେ ଚାଲିଥିବା ନାଟ୍ୟ ନର୍ତ୍ତନ ଡ୍ୟାନ୍ସ ଫେଷ୍ଟିଭାଲରେ ନୃତ୍ୟ ରତ୍ନାକର ସମ୍ମାନ-୨୩ରେ ସମ୍ମାନିତ କରାଯାଇଛି। ଏଥିସହ ତାଙ୍କର ୨ଜଣ ଛାତ୍ର ଶ୍ରେୟନ୍ସ ଯୋଶୀ ଓ ତନିଶ ଶବର ଡୁଇଟ ଡ୍ୟାନ୍ସରେ ପ୍ରଥମ ପୁରସ୍କାର ପାଇଛନ୍ତି। ଧର୍ମେଶ ଡ୍ୟାନ୍ସ ଏକାଡେମୀ ସହକାରୀ ଶିକ୍ଷକ ପବିତ୍ର କୈବର୍ତ୍ତ ମଧ୍ୟ ସିନିୟର୍ ସେମି କ୍ଲାସିକାଲ ଫର୍ମରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଧର୍ମେଶ ଜଣେ ଜଣାଶୁଣା ନୃତ୍ୟ ଏବଂ କରାଟେ ଗୁରୁ ହୋଇଥିବାରୁ ବିଭିନ୍ନ ଟିଭି ଶୋରେ ଯୋଗଦେଇ ସଫଳତା ଅର୍ଜନ କରିଛନ୍ତି। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସେ ନୃତ୍ୟ ଓ କରାଟେ ଶିକ୍ଷା ଦେଇଥାନ୍ତି।

# ଉପକାଗଙ୍ଗା ମନ୍ଦିର ଉନ୍ନତୀକରଣ ନିଷ୍ପତ୍ତି

ନୂଆପଡ଼ା/ ବୋଡ଼େନ,୩୦।୧୨ (ମକାରୁ ବେମାଲ/ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ନାଗପଡା ପଞ୍ଚାୟତସ୍ଥିତ ତୀର୍ଥକ୍ଷେତ୍ର ଉପକାଗଙ୍ଗା ଠାରେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପଡ଼ିରହିଥିବା ମନ୍ଦିରଗୁଡ଼ିକର ଉନ୍ନତିକରଣ ହେବ। ଏଥିପାଇଁ ଏକ ସାଧାରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲା ସଂଯୋଜକ ରାମଲାଲ ହଂସ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଘନଶ୍ୟାମ କରୁଆ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ପୂର୍ବତନ ଯାଦବ ସମାଜ ସଭାପତି ହରେରାମ କାଠର, ଚୈତନ୍ୟ ମାଝି, ଜୟସିଂହ ଚିନ୍ଦା, ବିଜୁ କଟା, ପବିତ୍ର ପୋଡ, ଉପକାଗଙ୍ଗା ମନ୍ଦିର ପରିଚାଳନା କମିଟି ସଭାପତି ଡିଙ୍ଗର ଗହିର, ସମ୍ପାଦକ ଉପେନ୍ଦ୍ର କଟା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉକ୍ତ ସଭାରେ ଉପକାଗଙ୍ଗାଠାରେ ଥିବା ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର ଓ ପାରିପାର୍ଶ୍ୱିକ ସ୍ଥିତିରେ ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ବେଳେ ତାହାର ପୁନରୁଦ୍ଧାର ହେବ ବୋଲି ନିଷ୍ପତ୍ତି ହୋଇଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରୁ ଏହି ସବୁ ମନ୍ଦିରର ଉନ୍ନତିକରଣ ହେବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଛନ୍ତି। ଏହି ସଭାକୁ ସୁରେଶ ବାଗ ମଞ୍ଚ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ କୃଷି ମହୋତ୍ସବ ଉଦ୍‌ଯାପିତ

ନୂଆପଡ଼ା,୩୦।୧୨(ମକାରୁ ବେମାଲ)

ନୂଆପଡ଼ା ସଦର ମହକୁମାସ୍ଥିତ ପୋଲିସ ପଡ଼ିଆଠାରେ କୃଷି ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୫ଦିନ ଧରି ଚାଲିଥିବା ଜିଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ହିମାଂଶୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମୁଖ୍ୟ ଅତିଥି, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଭଗତ ମାଝି, ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୋନିଆ ଜୈନ, ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମହମ୍ମଦ ଆଦାମ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳାରେ କୃଷିକ୍ଷେତ୍ରରେ ସଫଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଲେଟ ଚୂନା କରିବା ଯନ୍ତ୍ର, ଥ୍ରେସର, କୃଷିକ୍ଷେତ୍ରରେ ସଫଳ ହୋଇଥିବା ଚାଷୀଙ୍କୁ ଟ୍ରାକ୍ଟର, କୃଷି ଯନ୍ତ୍ରପାତି ପ୍ରଦାନ କରାଯାଇଛି। ମହିଳା ସ୍ୱୟଂ ସହାୟକ ଦଳଙ୍କ ପ୍ରଗତିରେ କୃଷି ଯନ୍ତ୍ରପାତି, ନିରନ୍ତର କୃଷି ପାଇଁ ସମନ୍ୱିତ କୃଷି ପଦ୍ଧତି, ସମନ୍ୱିତ ରୋଗପୋକ ପରିଚାଳନା, କୃଷି କ୍ଷେତ୍ରରେ ଡ୍ରୋନ ପ୍ରଯୁକ୍ତି ବ୍ୟବହାର, ଜଳ ବିଭାଜିକା ପ୍ରକଳ୍ପ ଉପରେ ଦୈନିକ ଶହେ ଚାଷୀଙ୍କୁ ତାଲିମ ଦିଆଯାଇଛି। ନୂଆପଡ଼ା ବ୍ଲକ ସହକାରୀ କୃଷି ଅଧିକାରୀ ସତ୍ୟଭୂଷଣ ନାଗ, ଖଡ଼ିଆଳ ବ୍ଲକ ସହକାରୀ କୃଷି ଅଧିକାରୀ ସରୋଜ ମିର୍ଦ୍ଧା, ସିନାପାଲି ସହକାରୀ କୃଷି ଅଧିକାରୀ ତପସ୍ୱିନୀ ମାଝି, ବୋଡେନ ବ୍ଲକ ସହକାରୀ କୃଷି ଅଧିକାରୀ ସୁଧାଂଶୁ ଶେଖର ସାହୁ, କୋମନା ବ୍ଲକ ସହକାରୀ କୃଷି ଅଧିକାରୀ ସଙ୍ଗିତା ମେହେର, ସହକାରୀ କୃଷି ଅଧିକାରୀ ଦୀପାଶ୍ରୀ ମଣ୍ଡଳ, ବର୍ଷା ଆଜାଦ, ଆଭାଷ ନାଏକ, ଆଶିଷ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପିତ



ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଗଣ।

■ଶେଷ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ 'ଔର ପେଡ ଗିର ଗୟା' ଓ 'ରେମୋ'

■ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମନୋଜ ଶର୍ମା ସମ୍ବର୍ଦ୍ଧିତ

ଭବାନୀପାଟଣା,୩୦।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି କଳାକାର ସଂଘ ପକ୍ଷରୁ ଭବାନୀପାଟଣା ଟାଉନ ହଲ୍‌ଠାରେ ୨୮ରୁ ଚାଲିଥିବା ୧୩ତମ ଜାତୀୟ ନାଟକ ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ ବିଧାୟକ ମୌଷଧି ବାଗ, ବିସିସିବି ସଭାପତି ଗିରିଶ ଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ଅନାମ ନାଏକ, କଳାହାଣ୍ଡି କଳାକାର ସଂଘ ସଭାପତି କାଦିର ଖାଁ, ସମ୍ପାଦକ ରିୟାଜ ଖାଁ, ସହ ସମ୍ପାଦକ ଉମାକାନ୍ତ ବାଗ, ଶେଷଦେବ ମିଶ୍ର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମନୋଜ ଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଦିଲ୍ଲୀର ସଂସ୍ଥା ସ୍ୱପ୍ନା ଅନୁଷ୍ଠାନ ପକ୍ଷରୁ କ୍ରିଷ୍ଣ ଚନ୍ଦେରଙ୍କ ରଚିତ ଓ ଈଶ୍ୱର ଶୂନ୍ୟଙ୍କ ନିର୍ଦ୍ଦେଶିତ ନାଟକ 'ଔର ପେଡ ଗିର ଗୟା'' (ହିନ୍ଦୀ)ମଞ୍ଚସ୍ଥ ହୋଇଥିଲା। ପରେ କୋରାପୁଟ ସାଂସ୍କୃତିକ ସୋସାଇଟି ପକ୍ଷରୁ ହୃଦରଞ୍ଜନ ଶତପଥିଙ୍କ ରଚିତ ଓ ଯୋଗେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶିତ ନାଟକ 'ରେମୋ' ପରିବେଷଣ ହୋଇଥିଲା। ଏହି ୨ଟି ନାଟକକୁ ଉପସ୍ଥିତ ଦର୍ଶକ ବେଶ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ ବିରଞ୍ଚି ନାରାୟଣ ମୁଣ୍ଡ ପରିଚାଳନା କରିଥିଲେ। ସେହିପରି ଭୀମସେନ ସାହୁ, ଉମାଶଙ୍କର ବାବୁ, ସୋହନ ଲାଲ ଅଗ୍ରୱାଲ, ହିତେଶ ଭୋଇ, ଅନୀଲ ବୈଠାରୁ, ପଦ୍ମନାଭ କୁମ୍ଭାର, କାହ୍ନୁଚରଣ ଗୌଡ, ବିଶ୍ୱନାରାୟଣ ଧଙ୍ଗଡାମାଝି, ସତ୍ୟନାରାୟଣ ସିଂହ, ଅବଦୁଲ୍ଲା ଖାଁ, ଅଶୋକ ପାତ୍ର, ଆଲୋକ ସାହୁ, ବାବୁଲାଲ ଶର୍ମା, ବିଭୂରଞ୍ଜନ ପଣ୍ଡା, ଦେବାଶିଷ ତ୍ରିପାଠୀ, ପ୍ରଦୀପ ଧଙ୍ଗଡାମାଝି ପ୍ରମୁଖ ସହଯୋଗ କରିଥିଲେ। ୩ଦିନ ଧରି ଅନୁଷ୍ଠିତ ଏହି ନାଟକ ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ୬ଟି ନାଟକ ପରିବେଷଣ ହୋଇଥିଲା।

# ଭବାନୀପାଟଣା ଆକାଶବାଣୀ କେନ୍ଦ୍ରର ପ୍ରତିଷ୍ଠା ଦିବସ

ଭବାନୀପାଟଣା,୩୦।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଆକାଶବାଣୀ କେନ୍ଦ୍ରର ୩୦ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ଯୋଗଦେଇ ଆଗାମୀ ଦିନରେ ଆକାଶବାଣୀକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବରେ କେନ୍ଦ୍ରର ଭାରପ୍ରାପ୍ତ କାର୍ଯ୍ୟକ୍ରମ ମୁଖ୍ୟ ସଚ୍ଚିଦାନନ୍ଦ ମଲ୍ଲିକ, ଉପ ନିର୍ଦ୍ଦେଶକ ଅଭିଯାନ୍ତ୍ରିକ ଭୁବନେନ୍ଦ୍ରନ ଭି. ପି. ଦୁରଦର୍ଶନ କେନ୍ଦ୍ର ମୁଖ୍ୟ ଅଶୋକ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ପାଠାଗାର ନିରୀକ୍ଷକ ଦିଲ୍ଲୀପ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହାସହ ପ୍ରତିଷ୍ଠା ଦିବସରେ ସମସ୍ତ ସାମୟିକ ଉଦ୍‌ଘୋଷକ, ଉଦ୍‌ଘୋଷିକା, ଉପସ୍ଥାପକ, ଉପସ୍ଥାପିକା ଯୋଗ ଦେଇଥିଲେ। ସମସ୍ତେ ଆଗକୁ ଆହୁରି ସରସ ସୁନ୍ଦର କାର୍ଯ୍ୟକ୍ରମ ପ୍ରସାରଣରେ ବ୍ରତୀ ରହିବା ସହ ଜିଲାର ଶିକ୍ଷା, ସଂସ୍କୃତି, କଳା, ଲୋକ ବାଦ୍ୟ, ଲୋକ ନାଟକ, ସଙ୍ଗୀତ, ଯୁବ ବିକାଶ, ମହିଳା ସଶକ୍ତିକରଣ, କୃଷି ଭଳି କାର୍ଯ୍ୟକ୍ରମ ଦ୍ୱାରା ଶ୍ରୋତାଙ୍କ ମନୋରଞ୍ଜନ କରାଯିବ ବୋଲି ସଙ୍କଳ୍ପ ନେଇଥିଲେ।

# ଭବାନୀପାଟଣାରେ ଓପିଏସ୍‌ସି ପରୀକ୍ଷା କେନ୍ଦ୍ର ହେଉ



## ଜିଲାପାଳଙ୍କୁ ବିବେକ ସେନା ପକ୍ଷରୁ ଦାବିପତ୍ର

ଭବାନୀପାଟଣା,୩୦।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାରେ ଓଡ଼ିଶା ପ୍ରଶାସନିକ ସେବା (ଓପିଏସ୍‌ସି)ର ପରୀକ୍ଷା କେନ୍ଦ୍ର ହେଉ ବୋଲି ଦାବି ହୋଇଛି। ଏ ନେଇ ସ୍ୱେଚ୍ଛାସେବୀ ସଙ୍ଗଠନ ବିବେକ ସେନା ତରଫରୁ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଓଡିଶା ଲୋକସେବା ଆୟୋଗ ଅଧ୍ୟକ୍ଷ, ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିବେକ ସେନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ. ଶିବରାମ ନାୟକଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର, କଟକ, ବାଲେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁର ପରୀକ୍ଷା କେନ୍ଦ୍ର ଥିବାବେଳେ ଭବାନୀପାଟଣାରୁ ଦୂର ଯାତ୍ରା, ସମୟ ସାପେକ୍ଷ ଓ ବ୍ୟୟବହୁଳ ଯୋଗୁ ପରୀକ୍ଷାର୍ଥୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଭବାନୀପାଟଣା ଅବିଭକ୍ତ କେବିକେ ଅଞ୍ଚଳର କେନ୍ଦ୍ରସ୍ଥଳରେ ଅବସ୍ଥିତ। ଏଠାରେ ପରୀକ୍ଷା କେନ୍ଦ୍ର ହେଲେ ସ୍ଥାନୀୟ ପରୀକ୍ଷାର୍ଥୀ ସଂଖ୍ୟା ବୃଦ୍ଧି ପାଇବ। ଏହା ସହ ନିକଟସ୍ଥ ନୂଆପଡ଼ା, ରାୟଗଡ଼ା, କନ୍ଧମାଳ, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ପରୀକ୍ଷାର୍ଥୀମାନଙ୍କ ପାଇଁ ଏହି ପରୀକ୍ଷା କେନ୍ଦ୍ର ନିକଟ ହେବ। ଏଣୁ ରାଜ୍ୟ ସରକାର ଶୀଘ୍ର ଏହାର ବିଚାର କରିବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଙ୍ଗଠନ ସଦସ୍ୟ ସୁଭମ କୁମାର ନାୟକ, ହିତେଶ କୁମାର ବେହେରା, ବୃଷଭ ଦାଶ, ପ୍ରତ୍ୟୁଷ ରଞ୍ଜନ ଦାଶଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଦାବିପତ୍ର ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର ଗ୍ରହଣ କରିଥିଲେ।

# ସର୍ବଭାରତୀୟ ଫୁଟ୍‌ବଲ ପ୍ରତିଯୋଗିତା, ରାୟଗଡ଼ା ଚାମ୍ପିୟନ

ବେହେରା,୩୦।୧୨(ଭୂପେଶ ତିୱାରୀ)



ଫୁଟବଲ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ପର୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାରେ ରାୟଗଡ଼ା ଚାମ୍ପିୟନ ହୋଇଛି। ଶନିବାର ଫାଇନାଲ ଖେଳ ରାୟଗଡ଼ା ଓ ଜଗଦଲପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ଦଳ ୪/୨ଗୋଲରେ ଜଗଦଲପୁରକୁ ହରାଇ ଚାମ୍ପିୟନ ହୋଇଥିଲା। ଦୁଇ ଦଳ ମଧ୍ୟରେ ଏକ ଚିତ୍ତାକର୍ଷକ ଖେଳ ଦେଖିବାକୁ ମିଳିଥିଲା। ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ସମାନ ସ୍ଥିତିରେ ରହିଥିଲେ। ପେନାଲ୍ଟି ସୁଟରେ ରାୟଗଡ଼ା ଦଳ ୪/୨ ଗୋଲରେ ଜଗଦଲପୁରକୁ ପରାଜିତ କରିଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗ, ଜୁନାଗଡ଼ ଏନଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ, କୋଡ଼ିଙ୍ଗା ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ପଞ୍ଚାନନ ଦୁରିଆ ପ୍ରମୁଖ ଯୋଗଦେଇଥିଲେ। ଖେଳର ରେଫରି ଭାବେ ଜଗନ୍ନାଥ ମାଝି ଖେଳ ପରିଚାଳନା କରିଥିବା ବେଳେ ତାପସ କୁମାର ଦାସ ଓ ସଞ୍ଜୀବ ଦୁର୍ଗା ଲାଇନରେ ସହଯୋଗ କରିଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର: ୨୨୭ ଜଣଙ୍କ ପଞ୍ଜୀକରଣ

କୋକସରା,୩୦।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ଓଡ଼ିଶା ସରକାରଙ୍କ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କଳାହାଣ୍ଡି ଜିଲା କୋକସରା ବ୍ଲକ ପରିସରରେ ଶନିବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରାଙ୍କ ପରିଚାଳନାରେ ହୋଇଥିଲା। ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଓମଫେଡ ରାଜ୍ୟ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଡ଼ିଓ ସ୍ନେହପ୍ରଭା ମାଝି, ଓଡ଼ିଶା ଭିନ୍ନକ୍ଷମ ମଞ୍ଚ କଳାହାଣ୍ଡି ଜିଲା ସଭାନେତ୍ରୀ, ଜିଲା ସଭାପତି କ୍ଷିରାବ୍ଧ ମାଝି, ହେମନ୍ତ କୁମାର ତାଣ୍ଡି, ଜିଲା ସମ୍ପାଦକ ଡୋଳାମଣି ପ୍ରଧାନ, ସହ ସମ୍ପାଦକ ଚଣ୍ଡିଦାସ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ଭିନ୍ନକ୍ଷମମାନଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ବିଷୟରେ କହିଥିଲେ। ଏହି ଯୋଜନାର ଲାଭ କେମିତି ନେବେ ସେନେଇ ଉପସ୍ଥିତ ଥିବା ଭିନ୍ନକ୍ଷମଙ୍କୁ ବୁଝାଇଥିଲେ। ଭବାନୀପାଟଣା ଜଗନ୍ନାଥ ନେତ୍ରାଳୟ ପକ୍ଷରୁ ଶିବିରରେ ମାଗଣାରେ ଚକ୍ଷୁ ପରୀକ୍ଷା ସହ ଚଷମା ଯୋଗାଇ ଦିଆଯାଇଛି। ଶିବିରକୁ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ସଂଖ୍ୟକ ଭିନ୍ନକ୍ଷମ ପହଞ୍ଚି ନାମ ପଞ୍ଜିକରଣ କରିବା ସହ ସରକାରୀ ଯୋଜନା ପାଇବା ପାଇଁ ଆବେଦନ କରିଥିଲେ। ଭିନ୍ନକ୍ଷମ ଶିବିରରେ ଜିଲାରୁ ଆସିଥିବା ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସୁନିଲ ପାଢ଼ୀ, ମାନସିକ ରୋଗ ବିଶେଷଜ୍ଞ ଡା. ଅନନ୍ତଚରଣ ମେହେର, ଚକ୍ଷୁବିଶେଷଜ୍ଞ ଡା. ତନ୍ମୟ ବେହେରା, କର୍ଣ୍ଣ ଗଳା ନାଶା ବିଶେଷଜ୍ଞ ଡା. ସୁଚରିତା ସାହୁ, ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର କଳାହାଣ୍ଡିର ବାଦଲ ପଟ୍ଟନାୟକ, ଚଳନ ପ୍ରଶିକ୍ଷକ ଶ୍ରୀନିବାସ ଚନ୍ଦ୍ର ସାହୁ ଆସିଥିବା ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡାକ୍ତରଙ୍କ ପରୀକ୍ଷା ପରେ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ଓ ପରାମର୍ଶ ପ୍ରଦାନ କରାଯାଇଛି। ଭିନ୍ନକ୍ଷମ ଶିବିରରେ ମୋଟ ୨୨୭ ଜଣ ପଞ୍ଜିକରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱେଚ୍ଛାସେବୀ ଦ୍ରୋଣସେନ ନାଏକ, କଳାହାଣ୍ଡି ଭିନ୍ନକ୍ଷମ ଗୋଲାମୁଣ୍ଡା ବ୍ଲକ ସଭାନେତ୍ରୀ ବନିତା ଅଗ୍ରିଆ, ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଯୋଗାଣ ସହାୟକ, ବ୍ଲକ କର୍ମଚାରୀ ଡିଗ୍ରୀ ମହାବିଦ୍ୟାଳୟର ଏନସିସି ଛାତ୍ରମାନେ ସହଯୋଗ କରିଥିଲେ।



କୋକସରା ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ଆସିଥିବା ଭିନ୍ନକ୍ଷମ।

# ଖେଳପଡ଼ିଆ ଚିହ୍ନଟ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ନୂଆପଡ଼ା,୩୦।୧୨(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ସାଲିହା ପଞ୍ଚାୟତ ଖାଲବାହାଲ ଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖେଳପଡ଼ିଆ ପାଇଁ ଜିଲାପାଳଙ୍କୁ ଶନିବାର ଦାବିପତ୍ର ପ୍ରଦାନ କରାଯାଇଛି। ଗରିବ ସେନା ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ଗ୍ରାମବାସୀ ଲିଖିତ ଭାବରେ ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲାପାଳ ପ୍ରତିନିଧି ଆଲୋକ କୁମାର ଅନଗୁଲିଆଙ୍କୁ ଏହି ଦାବିପତ୍ର ଦେଇଥିଲେ। ଖାଲବାହାଲ ଗାଁରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଖେଳିବା ପାଇଁ ଖେଳପଡିଆ ନାହିଁ। ବିଦ୍ୟାଳୟକୁ ଲାଗି ଶହେରୁ ଊର୍ଦ୍ଧ୍ୱ ଏକର ଗୋଚର ଜମି ରହିଛି। ସେହି ଜମିର କିଛି ଅଂଶକୁ ଖେଳପଡିଆ ଭାବରେ ନିର୍ମାଣ କରି ଛାତ୍ରୀଛାତ୍ର ଖେଳୁଥିଲେ। ହେଲେ ବନବିଭାଗ ସେହି ଜମିକୁ ନର୍ସରୀ କରିଛନ୍ତି। ଗଛ ରୋପଣ କରି ଦେଇଥିବାରୁ ବିଦ୍ୟାଳୟର ଛାତ୍ରୀଛାତ୍ର ଖେଳକୁଦ କରିପାରୁନାହାନ୍ତି। ବର୍ତ୍ତମାନ ରାଜ୍ୟ ସରକାର କ୍ରୀଡା ପ୍ରତି ଅଧିକ ଗୁରୁତ୍ୱ ଦେଉଥିବାବେଳେ ତାହା ଏଠାରେ ବ୍ୟତିକ୍ରମ ଦେଖାଦେଇଛି। ଗାଁରେ ଅନେକ ଥର ଗ୍ରାମବାସୀଙ୍କୁ ନେଇ ସଭା ସମିତି କରି ବିଦ୍ୟାଳୟକୁ ଲାଗି ରହିଥିବା ଜମିକୁ ଖେଳପଡିଆ ଭାବରେ ଚିହ୍ନଟ କରାଯାଇଥିଲା। ସେହି ଖେଳପଡିଆରେ ଖେଳି ଅନେକ ପ୍ରତିଭା ବ୍ଲକ, ଜିଲା ଓ ରାଜ୍ୟସ୍ତରକୁ ଉନ୍ନିତ ହୋଇଛନ୍ତି। ବର୍ତ୍ତମାନ ଖେଳପଡିଆ ନ ଥିବାରୁ ଛାତ୍ରୀଛାତ୍ର ଖେଳିପାରୁ ନାହାନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ଉକ୍ତ ଜାଗାକୁ ଖେଳପଡିଆ ଭାବରେ ଚିହ୍ନଟ କରାଗଲେ ଛାତ୍ରୀଛାତ୍ର ଉପକୃତ ହୋଇପାରନ୍ତେ ବୋଲି ଗ୍ରାମବାସୀ ଜଣାଇଛନ୍ତି। ନୂଆପଡ଼ା ଜିଲାପାଳଙ୍କ ସହ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସଦର ତହସିଲଦାରଙ୍କୁ ମଧ୍ୟ ଲିଖିତ ଭାବରେ ଗ୍ରାମବାସୀ ଜଣାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଘନଶ୍ୟାମ ସାହୁ, କୃଷ୍ଣ ମାଝି, ପୁରନ ରାଉତ, ବାଲେଶ୍ୱର ପ୍ରସାଦ ସାହୁ, ଶିବେଶ୍ୱର ରାଉତ, ଭୋଳେଶଙ୍କର ରାଉତ, ଜଗଦିଶ ସାହୁ, ଦିଲୀପ କୁମାର ସାହୁ, ଈଶ୍ୱର ରାଉତ, ଦେଓ କୁମାର ସାହୁ, ଏନ.କୁମାର ସାହୁ, ସଦାନନ୍ଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ନୂଆପଡ଼ା ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ଗ୍ରାମବାସୀ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ଗାଇସିଲେଟ,୩୦।୧୨(ବେଦପ୍ରକାଶ କଲେତ): ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଡାଙ୍ଗବାହାଲରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗାଇସିଲେଟ ବ୍ଲକ ସନ୍ଧିବାହାଲ ଗ୍ରାମର ନିରଞ୍ଜନ ସାହୁ(୨୭)। ଦୁର୍ଘଟଣାରେ ୨ଜଣ ଆହତ ହୋଇଥିବା ସୂଚନା ମିଳିଛି। ଏକ ବାଇକ୍(ନଂ.ଓଡ଼ି୦୩ଆର/୦୮୩୫) ଯୋଗେ ନଅଗାଁ(କ)ରୁ ଯାତ୍ରା ଦେଖି ସନ୍ଧିବାହାଲକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ବିଲକୁ ପଶି ଏହି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଥିଲା।

### ରାଜବୋଡାସମ୍ବର ବ୍ଲକ ଗୋଁଣ୍ଡ ସମାଜ ବୈଠକ

ପଦ୍ମପୁର, ୩୦।୧୨(ପ୍ରଦୀପ୍ତ ଦାଶ): ରାଜବୋଡାସମ୍ବର ବ୍ଲକ ଗୋଁଣ୍ଡ ସମାଜର ବ୍ଲକ ସଭାପତି ରମେଶ ଜଗତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୋଁଣ୍ଡ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ ସହ ଉନ୍ନତି ଓ ପ୍ରସ୍ତାବିତ ପଦ୍ମପୁର ଜିଲା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଜିଲା ପ୍ରଚାର ସଚିବ ରଘୁନନ୍ଦନ ଦେଓ, ବ୍ଲକ ମହାସଚିବ କମଳଲୋଚନ ଭୋଇ, ପୂରେନା ସଭାପତି ଓିଲେଶ୍ୱର ସିଦ୍ଦାର, ଉମେଶ ସିଦ୍ଦାର, ପଦ୍ମପୁର ସର୍କଲ ସଭାପତି ଅଶୋକ ସିଦ୍ଦାର, ମଙ୍ଗଳ ସିଂ ସିଦ୍ଦାର, ସାରସମାଲ ସଭାପତି ସନାତନ ଧରୁଆ, କେଦାର ଧରୁଆ, ପଞ୍ଚାନନ ନେଟୀ, ଯଜ୍ଞ ନେଟୀ, ଠାକୁର ନେଟୀ, ଶ୍ୟାମସୁନ୍ଦର ଧରୁଆ, ରୀତା ଧରୁଆ, ଅଶ୍ୱିନୀ ଧରୁଆ, ଶାଖା ନେଟୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜରେ ପୁରସ୍କାର ବିତରଣ, ସାଂସ୍କୃତିକ କାର୍ଯ୍ୟକ୍ରମ

ପାଇକମାଲ,୩୦।୧୨(ବଢ଼ ଶତପଥୀ): ପାଇକମାଲ ବ୍ଲକର ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି, ପାଇକମାଳ ବ୍ଲକ୍ ଅଧ୍ୟକ୍ଷା ଭାବନା ସିଂ, ଉପାଧ୍ୟକ୍ଷ ସଞ୍ଜୀବ ବରିହା, ବିଡିଓ ପ୍ରଫୁଲ୍ଲ କୁମାର ଓଦ୍ଦୁ, ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିଜୟ କୁମାର ସ୍ୱାଇଁ, ମହାବିଦ୍ୟାଳୟ ଅଧ୍ୟକ୍ଷ ଲୋହିତ କୁମାର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ ଓ ଅଧ୍ୟାପିକା ଝରଣା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟାପକ ରୋଶନ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ମଣ୍ଡି ଅବ୍ୟବସ୍ଥା, କଟ୍‌ନି ଛଟ୍‌ନିକୁ ବିରୋଧ

## ସୁବର୍ଣ୍ଣପୁରରେ ଜିଲା କୃଷକ ସଂଗଠନର ସମାବେଶ

ସୋନପୁର,୩୦।୧୨(ମୃତ୍ୟୁଞ୍ଜୟ ଶତପଥୀ)



ଚାଷୀ ପ୍ରତିନିଧିମାନେ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି ।

ସୁବର୍ଣ୍ଣପୁର ସହରର ରୟାଲ ପଡିଆଠାରେ ଜିଲା କୃଷକ ସଂଗଠନର ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ସଭାପତି ବୈକୁଣ୍ଠନାଥ ଶତପଥୀ ଅଧ୍ୟକ୍ଷତା କରିଥିଲେ। ଜିଲାର ସୋନପୁର, ବିନିକା, ଡୁଙ୍ଗୁରିପାଲି, ଉଲୁଣ୍ଡା, ବୀରମହାରାଜପୁର ଓ ତରଭା ବ୍ଲକର ଚାଷୀ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ଜିଲାରେ ଡିସେମ୍ବର ୬ ତାରିଖରୁ ଧାନ ସଂଗ୍ରହ ଆରମ୍ଭ ହୋଇଛି। ତେବେ ମଣ୍ଡିରେ ଅବ୍ୟବସ୍ଥା ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ । ମଣ୍ଡି ଗୁଡିକରେ ମିଲର୍ସଙ୍କ ରାଜ ଚାଲିଛି। ଶୁଖିଲା ଧାନକୁ ଆଦ୍ରତା ଦର୍ଶାଇ ୧ କୁଇଣ୍ଟାଲ ଧାନରୁ ୨ କିଲୋ ଲେଖାଏ ଜବରଦସ୍ତ କଟା ଯାଉଥିବା ଚାଷୀ ଅଭିଯୋଗ କରିଥିଲେ। କୋଟସମଲାଇ ମଣ୍ଡିରେ ଚାଷୀ ପ୍ରତିବାଦ କରିବାରୁ ଅସମ୍ମାନ ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଥିଲା। ଟୋକନ ଠିକ୍ ସମୟରେ ଆସୁ ନ ଥିବାରୁ ଧାନ ବିକ୍ରିରେ ସମସ୍ୟା ନେଇ ଆଲୋଚନା ହୋଇଥିଲା। ପଡୋଶି ଛତିଶଗଡରେ ସେଠାକାର ରାଜ୍ୟ ସରକାର ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ପ୍ରାୟ ୧ ହଜାର ଟଙ୍କା ଅଧିକ ବୋନସ ଆକାରରେ ଦେଉଛନ୍ତି । ତେଣୁ ଓଡିଶା ସରକାର ଚାଷୀଙ୍କୁ ସହାୟତା କରିବାକୁ ଅନୁରୋଧ କରାଯାଇଥିଲା । ଚାଷୀଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଣ ଓ କୃଷି ଋଣ ଛାଡ ନେଇ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ ସହ ପ୍ରତିକାର ପାଇଁ ଅନୁରୋଧ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ନବନିର୍ମାଣ କୃଷକ ସଂଗଠନର ଜିଲା ସଭାପତି ପ୍ରଦ୍ୟୁମ୍ନ ପାଢୀ, ରାଜ୍ୟ ଉପଦେଷ୍ଟା ରାଜେନ୍ଦ୍ର ମିଶ୍ର, ସୋନପୁର ବ୍ଲକରୁ ନିରଞ୍ଜନ ତ୍ରିପାଠୀ, ପ୍ରଦୀପ ପୁରୋହିତ, ବାଳଗୋପାଳ ମହାପାତ୍ର, ବୀରମହାରାଜପୁର ବ୍ଲକରୁ ନରୋତ୍ତମ ପଧାନ, ଗୋପାଳ ଦାସ, ମୁକୁଳି ବିଶ୍ୱାଳ, ଉଲୁଣ୍ଡାରୁ ନରେନ୍ଦ୍ର ଆଚାର୍ଯ୍ୟ, ସତ୍ୟ ପ୍ରଧାନ, ବୃନ୍ଦାବନ ପ୍ରଧାନ, ଗୋବିନ୍ଦ ମିଶ୍ର, ତରଭା ବ୍ଲକରୁ ସଦାନନ୍ଦ ପାଣିଗ୍ରାହୀ, ମିତ୍ରବ୍ରତ ମିଶ୍ର, ରାଜେନ୍ଦ୍ର ମିଶ୍ର, ବିନିକା ବ୍ଲକରୁ ପ୍ରମୋଦ ପଣ୍ଡା, ଦେବାଶିଷ ଦାସ, ରାସେଶ୍ୱରୀ ସାହୁ, ଡୁଙ୍ଗୁରିପାଲି ବ୍ଲକରୁ ନାରାୟଣ ପାଣି, ଜଗନ୍ନାଥ ପଣ୍ଡା, ରମେଶ ଦାସ, ପ୍ରତ୍ୟୁଷ ଚନ୍ଦ୍ର ପଣ୍ଡା, ଅମିତ କୁମାର ପଣ୍ଡା ଓ ନାରାୟଣ ପ୍ରସାଦ ପାଢୀଙ୍କ ସମେତ ଶତାଧିକ ଚାଷୀ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଜନ୍ମମାଟିରେ ଡାକ୍ତରଙ୍କ ରୋଗୀସେବା

ସରଣ୍ଡା,୩୦।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ସୋହେଲା ବ୍ଲକ ସରକଣ୍ଡା ଗାଁର ଡାକ୍ତର ମେଘନାଥ ମେହେର। ଗତ ୨୨ ତାରିଖରୁ ସେ ଗାଁରେ ଆରମ୍ଭ କରିଛନ୍ତି ନିଃଶୁଳ୍କ କ୍ଲିନିକ୍। ରାତି ପାହିଲେ ଧାଡ଼ି ଲାଗୁଛି କ୍ଲିନିକ୍ ଆଗରେ। ଛୁଆଠୁ ବୁଢ଼ା ଗରିବ ହେଉକି ଧନୀ ସମସ୍ତେ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି। ମେଘନାଥ ବର୍ତ୍ତମାନ ଭୁବନେଶ୍ୱରର ଏକ ହସ୍ପିଟାଲରେ କାର୍ଯ୍ୟରତ ଥିଲେ ମଧ୍ୟ ସେ ନିଜ ଜନ୍ମମାଟିକୁ ଭୁଲିନାହାଁନ୍ତି। ନିଜ ଜନ୍ମମାଟି ଲୋକ ଯେପରି ଚିକିତ୍ସାରୁ ବଞ୍ଚିତ ନ ହେବେ ସେଥିପାଇଁ ସେ ତାଙ୍କ ମା'ଙ୍କ ନାମରେ ତାରା ସ୍ୱାସ୍ଥ୍ୟ ସଚେତନ କେନ୍ଦ୍ର ନାମରେ ଏକ କ୍ଲିନିକ ଖୋଲିଛନ୍ତି। ଏହାସହ ସପ୍ତାହରେ ଦୁଇଦିନ ଲୋକଙ୍କୁ ମାଗଣା ଚିକିତ୍ସା କରୁଛନ୍ତି। ଅନ୍ୟଦିନରେ ମଧ୍ୟ ଡାକ୍ତରଙ୍କ ଦ୍ୱାରା ଉକ୍ତ କ୍ଲିନିକ୍‌ରେ ମାଗଣା ଚିକିତ୍ସା କରାଯାଉଥିବା ମେଘନାଦ କହିଛନ୍ତି। ସେହିପରି ରୋଗରୁ ଲୋକେ କିପରି ଦୂରେଇ ରହିବେ ସେ ନେଇ ସଚେତନ ମଧ୍ୟ କରୁଛନ୍ତି। ସାଧାରଣ ଜ୍ୱରଠାରୁ ଆରମ୍ଭ କରି ମ୍ୟାଲେରିଆ, ମଧୁମେହ, ବ୍ଲଡପ୍ରେସର ଭଳି ରୋଗର ମାଗଣା ପରୀକ୍ଷା କରିବା ସହ ଔଷଧ ମଧ୍ୟ ପ୍ରଦାନ କରୁଛନ୍ତି।

ପିଲାଟି ଦିନରୁ ମେଘନାଥ ଡାକ୍ତର ହେବାର ସ୍ୱପ୍ନ ଦେଖିଥିଲେ। ଗାଆଁ ଲୋକେ କିପରି ସୁବିଧାରେ ଚିକିତ୍ସା ପାଇପାରିବେ ସେହି ଲକ୍ଷ୍ୟ ନେଇ ସେ ଆଗକୁ ବଢ଼ିଲେ। ସେ ଗାଁ ସ୍କୁଲରେ ଦଶମ ପର୍ଯ୍ୟନ୍ତ ପାଠ ପଢିଥିବା ବେଳେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜ ଓ କଟକରେ ଡାକ୍ତରୀ ପାଠ ପଢ଼ି ଡିଗ୍ରୀ ଅର୍ଜନ କରିଥିଲେ। ଏହାପରେ ଭୁବନେଶ୍ୱର ଏମ୍ସରେ ତିନି ବର୍ଷ ଚାକିରି କଲା ପରେ ଏବେ ସେ ଏକ ଘରୋଇ ହସ୍ପିଟାଲରେ କାର୍ଯ୍ୟରତ ଅଛନ୍ତି। ଆଉ ଏବେ ନିଜ ଅଞ୍ଚଳବାସୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଡାକ୍ତର ମେଘନାଥ ମେହେରଙ୍କ ଏପରି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।


ଡାକ୍ତର ମେଘନାଦ ମେହେର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

# ଭୁଲିଆ ସମାଜର ମହାସଭା


ମହାସଭାରେ ଭୁଲିଆ ସମାଜର ମଞ୍ଚାସୀନ ଅତିଥି ବୃନ୍ଦ ।

ଡୁଙ୍ଗୁରିପାଲି,୩୦।୧୨ (ଦୀନବନ୍ଧୁ ସୁନା)

## ଶହୀଦ ଗୁରୁବାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭୁଲିଆ ସମାଜର କେନ୍ଦ୍ର ବୋର୍ଡ ଗଠିତ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମସି ଶିବାନନ୍ଦପଡ଼ାଠାରେ ଶହୀଦ ଗୁରୁବାରୀ ମେହେରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭୁଲିଆ ସମାଜର କେନ୍ଦ୍ର ବୋର୍ଡ ଗଠନ ହେବା ସହ ସମାଜର ଏକ ମହାସଭା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ୨୬ ନମ୍ବର ଜାତୀୟ ରାଜପଥରେ ଥିବା ଶିବ ମନ୍ଦିରରୁ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ବାହାରି ଡୁଙ୍ଗୁରିପାଲି ସହର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ । ପ୍ରଥମେ ଶହୀଦ ଗୁରୁବାରୀ ମେହେର ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟା ଅର୍ପଣ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ରାଧେଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହାସଭାରେ ନିଖିଳ ଓଡିଶା ଭୁଲିଆ ସମାଜ ରାଜ୍ୟ ସଭାପତି ବୈଶମ୍ପାୟନ ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସମ୍ପାଦକ ରମାକାନ୍ତ ମେହେର, ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମେହେର, ରାଜ୍ୟ ସଂଯୋଜକ ସୁବାଷ ମେହେର, ବରଗଡ ଭୁଲିଆ ସମାଜର ସଭାପତି ରାମକୃଷ୍ଣ ମେହେର, ବରପାଲି ଭୁଲିଆ ସମାଜ ସଭାପତି ମହେନ୍ଦ୍ର ମେହେର, ବଲାଙ୍ଗୀର ଭୁଲିଆ ସମାଜ ସଭାପତି ନିମାଇଁ ମେହେର, ଜରାସିଂହା ଭୁଲିଆ ସମାଜ ସଭାପତି କାମେଶ୍ୱର ମେହେର, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ମେହେର ଯୋଗ ଦେଇଥିଲେ । କବି ଘନଶ୍ୟାମ ମେହେର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଡୁଙ୍ଗୁରିପାଲି କଲେଜର ପୂର୍ବତନ ପ୍ରାଧ୍ୟାପକ କିଶୋର ମେହେର ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଏହି ଅବସରରେ ବିନିକା, ଉଲୁଣ୍ଡା ଓ ଡୁଙ୍ଗୁରିପାଲି ବ୍ଲକ ଭୁଲିଆ ସମାଜର କର୍ମକର୍ତ୍ତାମାନେ ଯୋଗଦେଇ ଗୁରୁବାରୀଙ୍କ ସ୍ମୃତିଚାରଣ କରିଥିଲେ। ବ୍ରିଟିଶ ଅମଳ ଶାସନ ବେଳେ ପ୍ରଜାମଣ୍ଡଳ ଆନ୍ଦୋଳନରେ ଶହୀଦ ହୋଇଥିବା ଗୁରୁବାରୀ ମେହେରଙ୍କ ସ୍ମୃତି ଉଦ୍ଦେଶ୍ୟରେ ମୁଖ୍ୟଅତିଥି ମେହେର କେନ୍ଦ୍ର ବୋର୍ଡ ଗଠନ ଘୋଷଣା କରିଥିଲେ । ଆଗକୁ ଭୁଲିଆ ସମାଜର ଯେପରି ଉନ୍ନତି ହେବ ସେ ଦିଗରେ ଅତିଥିମାନେ ମତ ରଖି ଗୁରୁବାରୀ ମେହେରଙ୍କ ଜୀବନୀ ଉପରେ ସ୍ମୃତିଚାରଣ କରିଥିଲେ। ଡୁଙ୍ଗୁରିପାଲି ଭୁଲିଆ ସମାଜର ମୁକୁନ୍ଦ ମେହେର, ସୀତାରାମ (ଚକା )ମେହେର, ସୁଶାନ୍ତ ମେହେର, ସିଦ୍ଧେଶ୍ୱର ମେହେର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ନବକୃଷ୍ଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । କେନ୍ଦ୍ର ବୋର୍ଡ ଗଠନରେ ଡୁଙ୍ଗୁରିପାଲିରୁ ଉପଦେଷ୍ଟା କମିଟିରେ ରାଧେଶ୍ୟାମ ମେହେର, ଡୋଲାମଣି ମେହେର ଓ ବନମାଳୀ ମେହେର ରହିଥିବାରୁ ଭୁଲିଆ ସମାଜ ମଧ୍ୟରେ ଆନନ୍ଦ ଖେଳିଯାଇଛି ।

## ବିଦ୍ୟାଳୟ ପରିଚାଳନା କମିଟି ତାଲିମ ଶିବିର

ବଘିଆପଡା,୩୦।୧୨( ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ବାଉଁଶୁଣୀର ୱାଇସିଡିଏ ପକ୍ଷରୁ ବୌଦ୍ଧ ବ୍ଲକର ଟିକରପଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ବିଦ୍ୟାଳୟ ପରିଚାଳନା କମିଟିର ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଦିବ୍ୟଲୋଚନ ବାରିକ, ପୂର୍ଣ୍ଣଚନ୍ଦ୍ର କରଡିଆ ତାଲିମଦାତା ଭାବେ ଯୋଗ ଦେଇଥିଲେ । ଏଫଏଫଭିଡିପି ପ୍ରୋଜେକ୍ଟର ପୋଗ୍ରାମ ଅଫିସର ଅଙ୍ଗୁରବାଳା ମେହେର ଶିବିର ପରିଚଳନା କରିଥିଲେ । ମଲିକପଡା, ଜାମୁଖୋଲ, ବିରିଗଡ, ବୁରଗୋର ବିଦ୍ୟାଳୟର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ପଦ୍ମପୁର,୩୦।୧୨(ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ରଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉପଜିଲାପାଳ ଆଲୋକ କୁମାର ପଟେଲଙ୍କ ଆବାହକତ୍ୱରେ ସହକାରୀ ଜିଲାପାଳ ସନ୍ତୋଷ ପତି ଓ ମନୋରଞ୍ଜନ ନାୟକ, ଅନୁବିଭାଗ ଅଧିକାରୀ ସତ୍ୟବ୍ରତ ସାହୁ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଉପଜିଲାପାଳ ସ୍ମୃତିଚିହ୍ନ ସ୍ୱରୂପ ସ୍ୱାମୀ ବିବେକାନନ୍ଦଙ୍କ ଉପରେ ଆଧାରିତ ଏକ ପୁସ୍ତକ ତାଙ୍କୁ ପ୍ରଦାନ କରିଥିଲେ। ମିଶ୍ର ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସ୍ୱତନ୍ତ୍ର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦାୟିତ୍ୱ ସମ୍ପାଦନ କରିବେ ବୋଲି ଜଣାପଡିଛି ।

# ବର୍ଜ୍ୟବସ୍ତୁ ପୁନଃ ବ୍ୟବହାର ଉପରେ ସଚେତନତା

ପଦ୍ମପୁର,୩୦।୧୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ବିଜାଡ଼ିହି ଗ୍ରାମରେ ଶନିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଠିତେ ହୋଇଯାଇଛି। ସୁସ୍ଥ ଜୀବନଯାପନକୁ ପ୍ରୋତ୍ସାହିତ କରିବା ପାଇଁ ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର ଉପରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଛାତ୍ରୀମାନେ ଗ୍ରାମର ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କୁ ବୁଝାଇଥିଲେ। ନୋଡାଲ ଅଫିସର ଡ. ଚନ୍ଦ୍ରିକା ଭୋଇ, ସୁଶ୍ରୀ କାଦମ୍ବିନୀ ପାଣିଗ୍ରାହୀ, ସୁଶ୍ରୀ ପଦ୍ମିନୀ ପଧାନ, ବିରେନ୍ଦ୍ର କୁମାର ମେହେର, ଅନିଲ କୁମାର ପୁରୋହିତ, ସୁଶ୍ରୀ ଗୀତା ପୁରୋହିତ, ଗୋବିନ୍ଦ ବେହେରା, ରବି ଅମରି, ଚୂଡ଼ାମଣି ବେହେରା ସହଯୋଗ କରିଥିଲେ। ସାମାଜିକ କାର୍ଯ୍ୟକ୍ରମର ନୋଡାଲ ଅଫିସର ସୁଶ୍ରୀ ସଙ୍ଗତା ଗୌନ୍ତିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଞ୍ଜନ କୁମାର ମହାନ୍ତି, ଚନ୍ଦ୍ର ଲେଥରା ଓ ବିନୋଦ ସାହୁଙ୍କ ସମେତ ସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବିରାଟ ଧନୁଯାତ୍ରା ଦ୍ୱିତୀୟ ସନ୍ଧ୍ୟା



ଉଲୁଣ୍ଡା,୩୦।୧୨(ଉରୁକ୍ରମ ପାଣ୍ଡିଆ)

## ଦେବକୀ-ବସୁଦେବ ବିବାହ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାରେ ଚାଲିଥିବା ୧୬ତମ ବିରାଟ ଧନୁଯାତ୍ରା ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ପୌରାଣିକ କଥାବସ୍ତୁ ଆଧାରିତ ଆଜିର ଦରବାରରେ ମହାରାଜ ଉଗ୍ରସେନ ଝିଅ ଦେବକୀର ବିବାହ ବସୁଦେବଙ୍କ ସହିତ କରନ୍ତି । ଏହି ସମୟରେ ମୃଗୟାରୁ ଫେରି ଯୁବରାଜ କଂସ ଭଉଣୀ, ଭିଣୋଇଙ୍କୁ ପାଲିଙ୍କିରେ ବସାଇ ବସୁଦେବ ନଗରକୁ ନେଲାବେଳେ ହଠାତ୍ ଶୂନ୍ୟବାଣୀ ହୁଏ କଂସ ଯାହାକୁ ତୁ ନେଉଛୁ ପାଟ ପାଲିଙ୍କିରେ, ତାର ଅଷ୍ଟମ ଗର୍ଭ ସନ୍ତାନ ହେବ ତୋର ମୃତ୍ୟୁର କାରଣ। ଏଥିରେ ଉତ୍‌କ୍ଷିପ୍ତ ହୋଇ କଂସ ଦେବକୀ ବସୁଦେବଙ୍କୁ କାରାଗୃହରେ ବନ୍ଦୀ କରେ। ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସ ମଥୁରା ରାଜସିଂହାସନ ଅକ୍ତିଆର କରେ । ମନ୍ତ୍ରୀ ଅକ୍ରୁରଙ୍କୁ ନିର୍ବାସନ ଦଣ୍ଡ ଦିଏ। ପରେ ଦେବକୀଙ୍କ ଗର୍ଭରୁ ଜାତ ହେଉଥିବା ସାତ ପୁତ୍ରକୁ ଶିଳାରେ କଚାଡି ହତ୍ୟା କରେ। ଶୀତୁଆ ରାତିରେ ଦର୍ଶକମାନେ ଏହାକୁ ମନଭରି ଉପଭୋଗ କରିଥିଲେ । ଏଥିସହିତ ଦରବାରରେ ଆଞ୍ଚଳିକ ଲୋକନୃତ୍ୟ ଓ ରାଜ ନର୍ତ୍ତକୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସେହିପରି ଗୋପପୁରରେ ହରିବଂଶ ପାଠ ସହିତ ଶର୍ମିଷ୍ଠା ପଣ୍ଡାଙ୍କ ପାଲା ପରିବେଷିତ ହୋଇଥିଲା ।

# ରାସ୍ତା ପାଲଟିଛି ମରଣଯନ୍ତା

ମନମୁଣ୍ଡା,୩୦।୧୨( ବେଣୁଧର ପଧାନ)

ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରି ଆସୁଥିବା ବେଳେ ଏହା ଲୋକଙ୍କ କାମରେ ଆସିପାରୁନାହିଁ। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ଗ୍ରାମାଞ୍ଚଳର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ସିନ୍ଦୁରପୁର ଗ୍ରାମ ରାସ୍ତା ଏହାର ଏକ ଉଦାହରଣ । କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତର ସିନ୍ଦୁରପୁର ଗ୍ରାମ ରାସ୍ତା ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ରାସ୍ତାର ମଝିରେ ମଝିରେ ଖାଲ ହୋଇଥିବାରୁ ଅସରାଏ ବର୍ଷା ହେଲେ ପାଣି ଜମି ରହୁଛି। ଏହି ରାସ୍ତା ଦେଇ ପ୍ରତିଦିନ ଶିମିଳିପଦର, ଖଟଖଟିଆ, ଘିକୁଣ୍ଡି ଆଦି ୩ ଗୋଟି ପଞ୍ଚାୟତର ୪୦ ଗୋଟି ଗ୍ରାମର ଜନସାଧାରଣ ଯିବା ଆସିବା କରିଥାନ୍ତି। କିନ୍ତୁ ରାସ୍ତା ଖରାପ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ବିଦ୍ୟାଳୟକୁ ଛାତ୍ରୀଛାତ୍ର ଯିବା ସମୟରେ ଗାଡି ମୋଟର ଯିବା ଆସିବା ଯୋଗୁ ବିପଦ ରହୁଛି । ଏନେଇ ପ୍ରଶାସନ ନିକଟରେ ବହୁବାର ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।


ରାସ୍ତାରେ ହୋଇଥିବା ଖାଲ ।

# ମିଶନ ଶକ୍ତି ଉପଦେଷ୍ଟାଙ୍କ ବୀରମହାରାଜପୁର ଗସ୍ତ

ଅମରପାଲି,୩୦।୧୨(ପୀତାମ୍ବର ସାହୁ)

ମିଶନ ଶକ୍ତି ଉପଦେଷ୍ଟା ଡ.ଲୋପାମୁଦ୍ରା ବକ୍ସିପାତ୍ର ବୀରମହାରାଜପୁର ଗସ୍ତରେ ଯାଇ ବ୍ଲକ ମିଶନ ଶକ୍ତି ଗୃହ ପରିଦର୍ଶନ କରିଛନ୍ତି। ଏହି ଅବସରରେ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ବୈଠକରେ ମିଶନ ଶକ୍ତିର ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ମିଶନ ଶକ୍ତି ଓ ବିଭିନ୍ନ ବିଭାଗର ସହଭାଗିତାରେ ମହିଳା ଗୋଷ୍ଠୀମାନଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଜୀବିକା ସମ୍ପର୍କିତ କାର୍ଯ୍ୟକ୍ରମର ଅନୁଶୀଳନ କରିଥିଲେ। ବିନା ସୁଧରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୫ ଲକ୍ଷରୁ ୧୫ ଲକ୍ଷ ପର୍ଯ୍ୟନ୍ତ ଋଣ ପ୍ରଦାନ ବ୍ୟବସ୍ଥା ଥିବା ସେ ପ୍ରକାଶ କରିଥିଲେ। ମାଆମାନେ ଆଗକୁ କିପରି ଭଲ କାମ କରି ନିଜ ବ୍ଲକ ତଥା ଜିଲାର ଗାରିମା ବୃଦ୍ଧି କରିବେ ନେଇ ସେ ଆଲୋଚନା କରିଥିଲେ। ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀ, ଡିପିସି ବିଶ୍ୱଜିତ ପରିଡ଼ା, ବିପିସି ଶାନ୍ତନୁ ମେହର, ବିପିଏମ ମନୋଜ ବାଘ, ବିଏଲସି ରମାକାନ୍ତ ହରିପାଲ, ଏସଡିସି ରଞ୍ଜିତ ଖମାରୀ, ବିଥିକାରାଣୀ ମିଶ୍ର ଓ ମିଶନ ଶକ୍ତି ସଦସ୍ୟାମାନେ ଉପସ୍ଥିତ ଥିଲେ। ମିଶନ ଶକ୍ତି ମହିଳାମାନଙ୍କ ପକ୍ଷରୁ ସିଆରପି ସଂଘ, ଏମବିକେ ସଂଘ, ବ୍ୟାଙ୍କ ମିତ୍ର ସଂଘ ପକ୍ଷରୁ ଫୁଲତୋଡା ଦେଇ ତାଙ୍କୁ ସ୍ୱାଗତ କରାଯାଇଥିଲା।


ବୀରମହାରାଜପୁରରେ ମିଶନ ଶକ୍ତି ଉପଦେଷ୍ଟାଙ୍କ ସହିତ ସଦସ୍ୟାମାନେ ।

# ହେରିଟେଜ୍ ପାର୍କ ନିର୍ମାଣ ବିଳମ୍ବିତ

ସୋନପୁର,୩୦।୧୨(ମୃତ୍ୟୁଞ୍ଜୟ ଶତପଥୀ)


ପ୍ରସ୍ତାବିତ ସୁବର୍ଣ୍ଣପୁର ହେରିଟେଜ୍ ପାର୍କ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି ।

ସୁବର୍ଣ୍ଣପୁର ସହରର ଆହାର କେନ୍ଦ୍ର ଛକ ନିକଟରେ ନିର୍ମାଣ ହେଉଛି ହେରିଟେଜ୍ ପାର୍କ । ତେବେ ଏହି ପାର୍କର ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ପ୍ରକଳ୍ପଟି ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି। ଏହାର ନିର୍ମାଣ କାମ କେବେ ସରିବ ସେନେଇ ସନ୍ଦେହ ସୃଷ୍ଟି ହୋଇଛି । ବିଳମ୍ବିତ କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ପାର୍କ ନିର୍ମାଣ ପାଇଁ ୫୦ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା। ସଂସ୍କୃତି ବିଭାଗ ପକ୍ଷରୁ ପାର୍କର ଡିଜାଇନ ଓ ଅନୁଦାନ ହସ୍ତାନ୍ତର ପରେ ସୁବର୍ଣ୍ଣପୁର ପୌର ପରିଷଦ ଏହାର ନିର୍ମାଣ ଦାୟିତ୍ୱ ନେଇଛି। ପ୍ରାକ୍ତନ ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେ ଗତ ୨୦୨୨ ସେପ୍ଟେମ୍ବର ୯ ତାରିଖରେ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରସ୍ତୁତ ଡିଜାଇନ ଅନୁଯାୟୀ ହେରିଟେଜ୍ ପାର୍କରେ କଂକ୍ରିଟ୍ ଶହୀଦ ସ୍ମୃତି ସ୍ତମ୍ଭ, ଫୁଟପାଥ ଓ ପ୍ରାଚୀର ନିର୍ମାଣ ହୋଇଛି । ତେବେ ଟାଇଲ ଫିଟିଂ କି ଫିନିସିଂ କାର୍ଯ୍ୟ ଆଦୌ ଆରମ୍ଭ ହୋଇନି। ସେହିପରି ପାର୍କ ଭିତରେ ମହିଳା ଓ ପୁରୁଷ ବୁଣାକାର ତନ୍ତରେ ଶାଢୀ ବୁଣୁଥିବା ଏବଂ ଯୁବତୀମାନେ ଡାଲଖାଇ ନୃତ୍ୟ ପରିବେଷଣ କରୁଥିବା ପ୍ରତିକୃତି ନିର୍ମାଣ ବାକି ରହିଛି। ଏପରି କି ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିର ଆକୃତିର ଏକ ଟେରାକୋଟା ପ୍ରଦର୍ଶିତ ହେବାର ଯୋଜନା ଅଛି । ପ୍ରକଳ୍ପ ସହରର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିର୍ମାଣ ହେଉଛି । ଏହା ସମ୍ପୂର୍ଣ୍ଣ ହେଲେ ସହରର ସୌନ୍ଦର୍ଯ୍ୟ କେତେକାଂଶରେ ବୃଦ୍ଧି ପାଇ ପାରନ୍ତା। ବାହାରୁ ଆସୁଥିବା ଜନସାଧାରଣ ଓ ପର୍ଯ୍ୟଟକଙ୍କୁ ଜିଲା ବିଷୟରେ ସମ୍ୟକ ସୂଚନା ମିଳି ପାରନ୍ତା। ମାତ୍ର ଏହା ସମ୍ପୂର୍ଣ୍ଣ ନ ହେବା ବୁଦ୍ଧିଜୀବୀଙ୍କୁ ନିରାଶ କରିଛି । ଏ ସମ୍ପର୍କରେ ସୁବର୍ଣ୍ଣପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡାଙ୍କୁ ପଚାରିବାରେ ଡିଜାଇନିଂ କାର୍ଯ୍ୟ ଓ କିଛି ସାମଗ୍ରୀ ମିଳିବାରେ ବିଳମ୍ବ ହେଉଛି । ଆସନ୍ତା ଜାନୁୟାରୀ ମାସରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ପ୍ରୟାସ କରାଯିବ ବୋଲି କହିଥିଲେ ।

## ସଂକ୍ଷେପରେ

### କପର, ଆଇରନ୍ ଚୋରି, ଜଣେ ଗିରଫ

**ରାଉରକେଲା,୩୦।୧୨(ସଙ୍ଗୀତା ଜେନା):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପାଚେରି ଡେଇଁ ୨୦ କେଜି କପର୍ ଓ ୨୦କେଜି ଆଇରନ୍ ଚୋରି ଅଭିଯୋଗରେ ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଇଁଥାବସା ଅଞ୍ଚଳର ରାଜେଶ ହାଁସଦା। ତାଙ୍କ ନାମରେ ପୂର୍ବରୁ ୧୯ଟି ଆପରାଧିକ ମାମଲା ରହିଛି। ଏ ନେଇ ଟାଙ୍ଗରପାଲି ଥାନା ପୋଲିସ ଏକ ମାମଲା (ନଂ. ୨୦୬/୨୩) ରୁଜୁ କରି ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ରାଜେଶ ଶୁକ୍ରବାର ରାତିରେ ଆର୍‌ଏସ୍‌ପି ପାଚେରି ଡେଇଁ କପର ଓ ଆଇରନ ଚୋରି କରୁଥିଲେ। ଏହି ସମୟରେ ତାଙ୍କୁ ସୁରକ୍ଷାକର୍ମୀମାନେ କାବୁକରି ଟାଙ୍ଗରପାଲି ପୋଲିସକୁ ହସ୍ତାନ୍ତର କରିଥିଲେ।

### ଭାରସାମ୍ୟ ହରାଇ କାର୍ ଦୁର୍ଘଟଣାଗ୍ରସ୍ତ

**ରାଉରକେଲା,୩୦।୧୨(ସଙ୍ଗୀତା ଜେନା):** ରାଉରକେଲା ବିମାନ ବନ୍ଦର ସମ୍ମୁଖରେ ଶନିବାର ମଧ୍ୟାହ୍ନରେ ଏକ କାର୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଚାଳକଙ୍କ ସମେତ ୪ଜଣ ଏକ କାର୍ (ଓଆର୍୧୪ଏକ୍ସ/୬୫୪୨) ଯୋଗେ ଦ୍ରୁତଗତିରେ ବିମାନ ବନ୍ଦର ସମ୍ମୁଖରୁ ବିଜୁ ପଟ୍ଟନାୟକ ଗେଟ୍-୧ ଆଡକୁ ଯାଉଥିଲେ। ଏହି ସମୟରେ କାର୍ ନିୟନ୍ତ୍ରଣ ହରାଇ ଡିଭାଇଡର ଉପରକୁ ଚଢ଼ିଯିବାରୁ ଏକ ଲୁହା ଏଙ୍ଗେଲରେ ଲାଗି ଯାଇଥିଲା। ତେବେ ଗାଡ଼ିରେ ସମସ୍ତେ ନିଶାସକ୍ତ ଅବସ୍ଥାରେ ଥିଲେ ଏବଂ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ଘଟଣାସ୍ଥଳରେ ଛେଣ୍ଡ ଥାନା ପୋଲିସ ପହଞ୍ଚି ତଦନ୍ତ କରିଛି।

### ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ହେମଗିର,୩୦।୧୨(ଚୈତନ୍ୟ ପଟେଲ):** ହେମଗିର ବ୍ଲକ ଡୁଡୁକାସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅଧକ୍ଷ ଅଶୋକ କୁମାର ନାୟକଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। ମୁଖ୍ୟଅତିଥି ଅତିଥି ହକି ଇଣ୍ଡିଆ ସଭାପତି ଡା.ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ, ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସୁଶିଲ କୁମାର ଚୈଧୁରୀ, କାଉନସିଲର ସୁମନ୍ତ ସାହୁ, ମୁଖ୍ୟବକ୍ତାଭାବେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଅଧକ୍ଷ ଲଳିତ ରଞ୍ଜନ ସାହୁ ଯୋଗଦେଇଥିଲେ।

### ଯୁବକ ନିଖୋଜ, ଥାନାରେ ଅଭିଯୋଗ

**ବଡ଼ଗାଁ, ୩୦।୧୨ (ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଇତମା ଗ୍ରାମର ନିମାଇଁ ଚରଣ କର୍ସେଲ(୩୫) ନାମକ ଜଣେ ଯୁବକ ଚାରିଦିନ ହେଲା ନିଖୋଜ ହେବା ନେଇ ତାଙ୍କ ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଙ୍ଗଳବାର କର୍ସେଲଙ୍କ ଶରୀର ଅସୁସ୍ଥ ହେବାରୁ ସ୍ତ୍ରୀ ତାଙ୍କୁ ବଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ସନ୍ଧ୍ୟାରେ ବଡ ଉଉଣୀଙ୍କ ଘର ବେଦବ୍ୟାସ ନିକଟ ଜିଆବାହାଲ ଗାଁକୁ ଯାଉଛି ବୋଲି କହି ବସ୍‌ରେ ବସିଥିଲେ। ହେଲେ ଭଉଣୀଙ୍କ ଘର କି ଅନ୍ୟ ସମ୍ପର୍କୀୟଙ୍କ ଘରକୁ ଯାଇ ନ ଥିବା ଜଣାପଡିବା ପରେ ସ୍ତ୍ରୀ ବଡ଼ଗାଁ ଥାନାରେ ଲିଖିତ ଜଣାଇଛନ୍ତି।



ଶନିବାର ରାଉରକେଲା ଏଡିଏମ୍‌ଙ୍କ ଅଫିସ ଘେରାଉ କରିବା ପାଇଁ ଆଦିବାସୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ଏଡିଏମ୍ ଅଫିସ ଘେରିଲା ରାଜୀ ପାଡ୍‌ହା

**ରାଉରକେଲା,୩୦।୧୨(ଦିନେଶ ମିଶ୍ର)**

ଆଦିଧର୍ମକୁ ସାମ୍ବିଧାନିକ ମାନ୍ୟତା ଓ ଧର୍ମର କୋଡ୍ ପ୍ରଦାନ ଦାବିରେ ରାଜୀ ପାଡ୍‌ହା ଓଡିଶା ଶାଖା ସୁନ୍ଦରଗଡ ଜିଲା ଓ ରାଉରକେଲା ପକ୍ଷରୁ ଶତାଧିକ ଆଦିବାସୀ ଉଦିତନଗରସ୍ଥିତ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଦିବାସୀମାନେ ରାଉରକେଲା ଉଦିତନଗର ଆରଏମ୍‌ସି ସମ୍ମୁଖ ଫିଟନେସ୍ ପାର୍କ ସମ୍ମଖରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ରାଉରକେଲା ଅତିରିକ୍ତ ଜିଲାପାଳ(ଏଡିଏମ୍)ଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସେମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ସ୍ମାରକପତ୍ରରେ କୁହାଯାଇଛି, ଭାରତରେ ଆଦିବାସୀ ସମ୍ପ୍ରଦାୟକୁ ଛାଡିଦେଲେ ଅନ୍ୟ ସମସ୍ତ ସମ୍ପ୍ରଦାୟ ପାଇଁ ଆଇନ ପ୍ରଣୟନ କରି ସେମାନଙ୍କ ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ସୁରକ୍ଷା କରାଯାଉଛି । କିନ୍ତୁ ଦେଶ ସ୍ୱାଧୀନତାର ୭୬ ବର୍ଷ ବିତିଯାଇଥିଲେ ମଧ୍ୟ ମୂଳବାସୀ ଆଦିବାସୀମାନଙ୍କ ଏକ ନିର୍ଦ୍ଦିଷ୍ଟ ଆଦିବାସୀ ଧର୍ମ ଥିବାବେଳେ ଏହା କୌଣସି ସାମ୍ବିଧାନିକ ଓ ଧର୍ମକୋଡ୍ ଆଜିଯାଏ ପାଇପାରିଲାନାହିଁ। ତେଣୁ ଆଦିବାସୀ ସମ୍ପ୍ରଦାୟର ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ବ୍ୟବସ୍ଥା ଶୋଷଣ ଶିକାର ହେବାକୁ ପଡୁଛି। ତେଣୁ ଆଦିଧର୍ମକୁ ସାମ୍ବିଧାନିକ ମାନ୍ୟତା ଓ ଧର୍ମର କୋଡ୍ ତୁରନ୍ତ ପ୍ରଦାନ କରିବା ପାଇଁ ଆଦିବାସୀ ସମ୍ପ୍ରଦାୟ ଦାବି କରିଛି। କାର୍ଯ୍ୟକ୍ରମରେ ରାଜ୍ୟ ବେଲ ପାଦା ପାଡ୍‌ହା ସମାଜର ମୁଖ୍ୟ ସମେ ଟପ୍ପୋ, ଦେୱାନ ପାଦା ପାଡ୍‌ହାର ବିରୁଆ ଓରାମ, ବିନୋଜ ଭଗତ, ଲହାର ଓରାମ, ଶ୍ରୀମାନ ଫାଉଦା ଓରାମ, ବିନୋସେ ଭଗତଙ୍କ ସମେତ ମୁଣ୍ଡା, ଖାଡିଆ, କିଷାନ, ହୋ, ସାନ୍ତାଳ, ଗୋଣ୍ଡ, ଭୂୟାଁ ସମାଜର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୨୩ତମ ବାଣିଜ୍ୟ ମେଳା ଉଦ୍‌ଘାଟିତ

**ରାଉରକେଲା,୩୦।୧୨(ଦିନେଶ ମିଶ୍ର)**

ରାଉରକେଲା ସେକ୍ଟର-୧୩ ସ୍ଥିତ ମେଳଣ ପଡିଆରେ ୨୩ତମ ବାଣିଜ୍ୟ ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ମେଳାକୁ ଆର୍‌ଏସ୍‌ପି ସହରସେବା ବିଭାଗର ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସନ୍ତୋଷ ସ୍ୱାଇଁ ଓ ଚୌଧୁରୀ ଅଶୋକ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆୟୋଜକ ସୁଭାଷ କଂସାରୀ ସ୍ୱାଗତ ଭାଷଣ ସହ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ମେଳାରେ ରାଜ୍ୟ ସମେତ ରାଜ୍ୟ ବାହାରର ୧୫୦ ବ୍ୟବସାୟୀ ଷ୍ଟଲ ଖୋଲିଛନ୍ତି। ଆସନ୍ତା ଜାନୁଆରୀ ୧୪ ତାରିଖ ପର୍ଯ୍ୟନ୍ତ ବାଣିଜ୍ୟ ମେଳା ଚାଲିବ ବୋଲି ଆୟୋଜକ ସୁଭାଷ କଂସାରୀ ଓ ଦୀପକ ଦାସ ସୂଚନା ଦେଇଛନ୍ତି। ଏହି ମେଳାରେ ବିଶେଷ କରି ବହୁ ପ୍ରତିଷ୍ଠିତ କମ୍ପାନିଗୁଡିକର ଉତ୍ପାଦ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆୟୋଜକ।

ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରି ହେଉଛି। ଆସନ୍ତା ଦିନରେ ବାହାଘର ଋତୁ ଥିବାରୁ ଉକ୍ତ ମେଳାରେ ବିଭିନ୍ନ ସାମଗ୍ରୀ ରିହାତି ଦରରେ ମିଳୁଛି। ଏହା ସହିତ ବିଭିନ୍ନ କମ୍ପାନୀର ଏକ୍ସଚେଞ୍ଜ ଅଫରମାନ ରହିଛି। ମେଳାରେ ସହରବାସୀଙ୍କ ପାଇଁ ବିଭିନ୍ନ ହୋମ୍ ଆପ୍ଲିୟାନ୍ସ, ହୋମ୍ ଡେକର, ମଡ୍ୟୁଲାର କିଚେନ, ଚିମିନି ଚୁଲା, ମାର୍ବଲ ପ୍ରଡକ୍ଟ, ଇମ୍ପୋଟେଡ୍ ଫର୍ଣ୍ଣିଚର, ଗୃହସ୍ଥୀ ମସଲା, ହୋମ୍‌ଫିଲ ମସଲା, ଶ୍ରୀକ୍ଷେତ୍ର ମସଲା ପକ୍ଷରୁ ରିହାତି ପ୍ରଦାନ କରାଯିବ। ସେହିପରି ଅଟୋ ମୋବାଇଲ କ୍ଷେତ୍ରରେ ମାରୁତି, ନେକ୍ସା, ଟାଟା, ହୁଣ୍ଡାଇ, ସୁଜୁକି, ଭୋକସ ୱାଗନ ଭଳି ନାମୀଦାମୀ କମ୍ପାନୀର କପଡା ଷ୍ଟଲ ଓ ସୁସ୍ୱାଦୁ ବ୍ୟଞ୍ଜନ ଷ୍ଟଲ ମେଳାରେ ଶୋଭାପାଉଛି। ଏଥିସହ କଳା ସଂସ୍କୃତିର ବିକାଶ ପାଇଁ ଆକର୍ଷଣୀୟ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ଦୀପକ ଦାସ ସୂଚନା ଦେଇଛନ୍ତି।

### କଳ୍ପତରୁ ଆଶ୍ରମର ରଜତ ଜୟନ୍ତୀ ମହୋତ୍ସବ ଆରମ୍ଭ

**ରାଉରକେଲା,୩୦।୧୨(ଦିନେଶ ମିଶ୍ର):** ବାସନ୍ତୀ କଲୋନି ସ୍ଥିତ କଳ୍ପତରୁ ଆଶ୍ରମ ପରିସରରେ ଶ୍ରୀମଦ୍ ବାୟାବାବାଙ୍କ ୧୨୬ତମ ଜନ୍ମ ଉତ୍ସବ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଗୁରୁକୁଳ କଳ୍ପତରୁ ସେବାଶ୍ରମର ରଜତ ଜୟନ୍ତୀ ମହୋତ୍ସବ ଆରମ୍ଭ ହୋଇଛି। ଏହା ଜାନୁଆରୀ ୩ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ନବରାତ୍ର ନାମଯଜ୍ଞ ସହ ଶ୍ରୀମଦ୍ ଭାଗବତ ସପ୍ତାହ ପାଠ ଆରମ୍ଭ ହୋଇଥିଲା। ପରେ ବୈଷ୍ଣବ ଚରଣ ଦାସଙ୍କ ଉପସ୍ଥିତିରେ ସନ୍ଧ୍ୟାରେ ଭକ୍ତ ଓ ଭଗବାନଙ୍କ ଯୋଗସୂତ୍ର ଭଗବତ୍ ଗୀତା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଗକୁ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ସାଙ୍ଗକୁ ସାଧୁ ସମ୍ମିଳନୀ, ଆଶ୍ରମର ପୁରାତନ ବିଦ୍ୟାର୍ଥୀ ସମ୍ମିଳନୀ ଅନୁଷ୍ଠିତ ହେବ। ଉଦ୍‌ଯାପନୀ ଉତ୍ସବରେ ଶ୍ରୀପାଦ ବାବାଙ୍କ ଅଭିଷେକ, ଶ୍ରୀଗୋପାଳ ସହସ୍ର ନାମପାଠ, ହରିହାଟ, ସତ୍ୟନାରାୟଣ ପାଲା ପରିବେଷଣ କରାଯିବ ବୋଲି ଆଶ୍ରମ ପକ୍ଷରୁ ବାବାଜୀ ଶ୍ୟାମାନନ୍ଦ ଦାସ ସୂଚନା ଦେଇଛନ୍ତି। ସେବାଶ୍ରମର ସରୋଜ କୁମାର ପାତ୍ର, ପିଣ୍ଟୁ ସାହ, ବିରବର ଦେହୁରୀ, ଅନ୍ତରାମ ସିଂ ପ୍ରମୁଖ ସହଯୋଗ କରିଛନ୍ତି।

## ଆର୍‌ଜିଏଚ୍‌ରେ କୋଭିଡ୍ ନମୁନା ସଂଗ୍ରହ

**ରାଉରକେଲା,୩୦।୧୨(ସଙ୍ଗୀତା ଜେନା)**

କେରଳରେ କୋଭିଡ୍ ପଜିଟିଭଙ୍କ ସଂଖ୍ୟା ବଢୁଥିବାରୁ ଓଡ଼ିଶା ସରକାର ସଜାଗ ହୋଇଛନ୍ତି। ତେବେ ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ମେଡ଼ିକାଲକୁ ନୋଟିସ ଜାରି କରାଯାଇଛି। ଫଳରେ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଶୁକ୍ରବାର ଫ୍ଲୁ କ୍ଲିନିକ୍ ସକ୍ରିୟ କରାଯାଇଛି। ଆର୍‌ଜିଏଚ୍ ମ୍ୟାନେଜର ମୋହିତ ଶ୍ରୀବାସ୍ତବ ସୂଚନା ଦେଇ କହିଛନ୍ତି, କୋଭିଡ୍ ନମୁନା ସଂଗ୍ରହ

**ନୂଆ ଗାଇଡ୍‌ଲାଇନ୍‌କୁ ଅପେକ୍ଷା**




ଆର୍‌ଜିଏଚ୍ ପରିସରରେ କୋଭିଡ୍ ନମୁନା ସଂଗ୍ରହ ବୁଥ୍।

ବୁଥ୍ ସ୍ଥାପନ କରାଯାଇଛି। ଏଥିରେ ର୍ୟାପିଡ୍ ଆଣ୍ଟିଜେନ୍ ଟେଷ୍ଟ କରଯାଉଛି। ୪ଶହ ଶଯ୍ୟାକୁ ଅକ୍ସିଜେନ୍ ଯୋଗାଣ ବ୍ୟବସ୍ଥା ହୋଇଛି। ପର୍ଯ୍ୟାପ୍ତ ପରିମାଣରେ ଔଷଧ ମହଜୁଦ ରହିଛି। ପ୍ରତ୍ୟେକ ଦିନ ୨୨ /୨୪ ଜଣଙ୍କ ପରୀକ୍ଷା କରାଯାଉଛି। ୨ଦିନ ତଳେ ଜଣେ ଯୁବକଙ୍କ କୋଭିଡ୍ ଆଣ୍ଟିଜେନ୍ ଟେଷ୍ଟରେ ପଜିଟିଭ୍ ଆସିଥିଲା। ତାଙ୍କର ଆର୍‌ଟିପିସିଆର ରିପୋର୍ଟ ଆସିନାହିଁ। ୨୦୨୩ ଜାନୁଆରୀ କୋଭିଡ୍ ମାର୍ଗଦର୍ଶିକାକୁ ଅନୁସରଣ କରାଯାଉଛି। ବର୍ତ୍ତମାନ ସୁଦ୍ଧା ନୂତନ ଗାଇଡ୍‌ଲାଇନ୍ ବା ମାର୍ଗଦର୍ଶିକା ଆସିନାହିଁ। ଏହା ଆସିଲେ ସେହି ଅନୁସାରେ କାର୍ଯ୍ୟ କରାଯିବ ବୋଲି ଶ୍ରୀବାସ୍ତବ କହିଥିଲେ।

### ଠକେଇ ଶିକାର ହେଲେ ମହିଳା

**ରାଜଗାଙ୍ଗପୁର,୩୦।୧୨(ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ରହୁଥିବା ତଥା କୁତ୍ରା ଜେଏସ୍‌ଡବ୍ଲ୍ୟୁରେ କାର୍ଯ୍ୟରତ ମହିଳା କ୍ରିଷ୍ଣାରାଣୀ ସାହୁଙ୍କ କଟକ ନିଆଳି ସ୍ଥିତ ବ୍ୟାଙ୍କ ଆକାଉଣ୍ଟରୁ ଅଚାନକ ୯୯୦୦୦ ହଜାର ଟଙ୍କା ଅନ୍ୟତ୍ର ଏକ ଆକାଉଣ୍ଟକୁ ଚାଲିଯିବା ନେଇ ସେ ସାଇବର ଥାନାକୁ ଜଣାଇଥିଲେ। ଶନିବାର ରାଜଗାଙ୍ଗପୁର ଥାନାର ମଧ ଦ୍ୱାରସ୍ଥ ହୋଇଛନ୍ତି। ଆପେ ଆପେ କିପରି ତାଙ୍କ ଆକାଉଣ୍ଟରୁ ଅନ୍ୟ ଏକ ଆକାଉଣ୍ଟକୁ ଏତେ ଟଙ୍କା ପଳାଇଲା, ସେ ଆଶ୍ଚର୍ଯ୍ୟ ଚକିତ ହୋଇଛନ୍ତି।

## ପୂର୍ବତନ ସରପଞ୍ଚଙ୍କୁ ଜାମିନ

**ରାଉରକେଲା,୩୦।୧୨(ସଙ୍ଗୀତା ଜେନା)**

**ବାଞ୍ଛାନିଧି ହତ୍ୟା ମାମଲା**

ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ ଝରିଆଟୋଲା ଅଞ୍ଚଳରେ ଅନାବାଦି ଜମି ଦଖଲକୁ ନେଇ ଠିକାଦାର ବାଞ୍ଛାନିଧି ତନ୍ତୀଙ୍କୁ ଗୁଳି କରି ହତ୍ୟା ଘଟଣାରେ ଗିରଫ ହୋଇ ଜେଲ୍‌ରେ ଥିବା ଅଭିଯୁକ୍ତ ତଥା ପୂର୍ବତନ ସରପଞ୍ଚ ଉପାସୀ ଓରାମଙ୍କୁ ଜାମିନ ମିଳିଛି। ଫଳରେ ଉପାସୀ ଜେଲ୍‌ରୁ ମୁକୁଳିଛନ୍ତି।

ସୂଚନାଯୋଗ୍ୟ,୨୦୨୨ ନଭେମ୍ବର ମାସରେ କୋଏଲ ନଦୀ କୂଳ ଝରିଆଟୋଲାରେ ଠିକାଦାର ବାଞ୍ଛାନିଧି ମାଆ, ସ୍ତ୍ରୀ ଓ ୨ଝିଅଙ୍କ ସହ ରହୁଥିଲେ। ପୂର୍ବରୁ ସେଠାରେ ପୂର୍ବତନ ସରପଞ୍ଚ ଉପାସୀ ଓରାମ ଏକ ଗୋଦାମ ଘର ତିଆରି କରିଥିଲେ। ତେବେ ଉକ୍ତ ଜମି ଅକ୍ତିଆର କରିବାକୁ ନେଇ କିଛିଦିନ ହେଲା ଉଭୟଙ୍କ ମଧରେ ବିବାଦ ଲାଗିରହିଥିଲା। ହତ୍ୟାକାଣ୍ଡ ପୂର୍ବଦିନ ସନ୍ଧ୍ୟାରେ ଉପାସୀଙ୍କ ପୁତୁରା ତଥା ମୁଖ୍ୟ ଅଭିଯୁକ୍ତ ଅଜିତ ଓରାମ ଓରଫ୍ ଛନୁକୁ ବାଞ୍ଛାଙ୍କ ଘରକୁ ଯାଇଥିଲେ ଏବଂ ବାଞ୍ଛା ଘରେ ନ ଥିବାରୁ ତାଙ୍କ ମା'ଙ୍କୁ ଧମକଚମକ ଦେଇ ଫେରିଆସିଥିଲେ। ପରଦିନ ଅର୍ଥାତ୍ ହତ୍ୟାକାଣ୍ଡ ଦିନ ସକାଳେ ବାଞ୍ଛା କୋଏଲ ନଦୀ କୂଳରୁ ଶୌଚ ସାରି ଫେରୁଥିବା ବେଳେ ଛନୁକୁ ତାଙ୍କ ଉପରକୁ ୨ରାଉଣ୍ଡ ଗୁଳି ଚଳାଇଥିଲେ। ବାଞ୍ଛାଙ୍କୁ ଗୁରୁତର ଅବସ୍ଥାରେ ଆଇଜିଏଚ୍ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ଝିରପାଣି ଗ୍ରାମବାସୀ ଥାନା ଘେରାଉ କରିଥିଲେ। ହତ୍ୟାକାଣ୍ଡର ୩୬ ଘଣ୍ଟା ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ଛନୁକୁଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ଏକ ୯ଏମ୍‌ଏମ୍ ବନ୍ଧୁକ ଓ ୫ଟି ଗୁଳି ଜବତ କରାଯାଇଥିଲା। ଏ ନେଇ ଝିରପାଣି ଥାନା ପୋଲିସ ଏକ ମାମଲା (ନଂ.୧୦୧/୨୨) ରୁଜୁ କରି ତଦନ୍ତ କରିଥିଲା। ଅନ୍ୟପକ୍ଷେ ହତ୍ୟା ଷଡ଼ଯନ୍ତ୍ରକାରୀ ଉପାସୀ ଓ ତାଙ୍କ ସ୍ୱାମୀ ପାନ୍‌ହା ଓରାମ ଫେରାର ହୋଇଯାଇଥିଲେ ଏବଂ ପ୍ରାୟ ୬ ମାସ ତଳେ ଉଭୟ ଆତ୍ମସମର୍ପଣ କରିଥିଲେ। ତେବେ ଗତ ୨୮ ତାରିଖରେ ଉପାସୀଙ୍କୁ ଜାମିନ ମିଳିଥିବାବେଳେ ଅଜିତ ଓରାମ ଓ ପାନ୍‌ହା ଓରାମ ବର୍ତ୍ତମାନ ଜେଲରେ ଅଛନ୍ତି।

## ଅକ୍ଷତ ଚାଉଳ, ରଥକୁ କୁଆଁରମୁଣ୍ଡାରେ ସ୍ୱାଗତ



ଶ୍ରଦ୍ଧାଳୁମାନେ ରଥକୁ ସ୍ୱାଗତ କରୁଛନ୍ତି।

**କୁଆଁରମୁଣ୍ଡା,୩୦।୧୨(ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡାରେ ଶନିବାର ରାମଲାଲାଙ୍କ ରଥ ଓ ଅକ୍ଷତ ଚାଉଳ ପହଞ୍ଚିବା ପରେ ଶ୍ରଦ୍ଧାଳୁମାନେ ଏହାକୁ ଭବ୍ୟ ସ୍ୱାଗତ କରିବା ସହ କୀର୍ତ୍ତନ କରି ସ୍ଥାନୀୟ ଲୋକନାଥ ମନ୍ଦିରକୁ ନେଇଥିଲେ। ଏହାପରେ ଚନ୍ଦ୍ରଚୁଡ ମନ୍ଦିର ସମେତ ଅନ୍ୟାନ୍ୟ ଅଞ୍ଚଳର ମନ୍ଦିରକୁ ଶୋଭାଯାତ୍ରାରେ ନେଇଥିଲେ। ଏହି ଶୋଭାଯାତ୍ରାରେ କୁଆଁରମୁଣ୍ଡାର ଶ୍ରଦ୍ଧାଳୁ ଶଙ୍କର ପୁଝାରୀ,ରାଜୁ ତିୱାରୀ, ବାଲକିସନ ଅଗ୍ରୱାଲ, ଦିଲ୍ଲୀପ ପଟେଲ, ଦୀପକ ସାହୁ, ଅଜୟ ସାହୁ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ ପ୍ରକାରର ସହାୟତା କରିଥିଲେ।

## ଅଣ୍ଡର ୧୭ କ୍ରିକେଟ୍ : ଝାରସୁଗୁଡା ବିଜୟୀ

**ରାଉରକେଲା,୩୦।୧୨(ଦିନେଶ ମିଶ୍ର)**

ବାସନ୍ତୀ କଲୋନି ସ୍ଥିତ ଡିଏଭି ଖେଳ ପଡିଆରେ ଅଲ୍ ଓଡ଼ିଶା ଅଣ୍ଡର-୧୭ କ୍ରିକେଟ୍ ଟୁର୍ନାମେଣ୍ଟ ୟୁଥ୍ କ୍ରିକେଟ କ୍ଲବ(ୱାଇସିସି) ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ମୋଟ୍ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଆଜିର ମ୍ୟାଚ ବାସନ୍ତୀ କଲୋନି ସ୍ଥିତ ୟୁଥ କ୍ରିକେଟ୍ କ୍ଲବ ଓ ଝାରସୁଗୁଡା ସାଇନିଂ ଷ୍ଟାର ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଝାରସୁଗୁଡା ଦଳ ପ୍ରଥମେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବାସନ୍ତୀ ୟୁଥ୍ କ୍ଲବ ଦଳ ନିର୍ଦ୍ଧାରିତ ୩୦ ଓଭରରେ ୬ ଉଇକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଷ୍ଣୁ କୁମାର ବେଉରିଆ ୭୭ଟି ବଲ ଖେଳି ସର୍ବାଧିକ ୧୨୨ ରନ ସଂଗ୍ରହ କରିଥିଲେ। ଏହି ରନ୍ ଲକ୍ଷ୍ୟ ନେଇ ଝାରସୁଗୁଡା ଦଳ ୨୯.୪ ଓଭରରେ ୮ ଉଇକେଟ ହରାଇ ବିଜୟୀ ହୋଇଥିଲା। ଝାରସୁଗୁଡା ଦଳ ପକ୍ଷରୁ ଅଧିନାୟକ ଅଶ୍ୱିନୀ କୁମାର ମାତ୍ର ୪୯ ବଲ ଖେଳି ସର୍ବାଧିକ ୮୪ ରନ କରି ଦଳକୁ ବିଜୟୀ କରାଇଥିଲେ। ୱାଇସିସି ଦଳ ପକ୍ଷରୁ କୌସ୍ତିକ ମହାନ୍ତି ୬ ଓଭର ବୋଲିଂ କରି ୨୬ ରନ ଦେଇ ୩ ଉଇକେଟ ନେଇଥିଲେ। ଅଶ୍ୱିନୀ କୁମାରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ସରୋଜ ପଟ୍ଟନାୟକ ଓ ବିଶ୍ୱଜିତ ସାହୁ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ରବିବାର ଝାରସୁଗୁଡାର ସାଇନିଂ ଷ୍ଟାର ଓ ସିକ୍ସ କ୍ରିକେଟ୍ ଏକାଡେମୀ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କ୍ଲବର ସମ୍ପାଦକ ଶୁଭେନ୍ଦୁ ଧଳ ସୂଚନା ଦେଇଛନ୍ତି।

## ଜାନୁୟାରୀ ୨୬ ପରେଡ୍‌ରେ ଯୋଗଦେବେ ରତିକା

**ରାଉରକେଲା/ବନ୍ଧମୁଣ୍ଡା, ୩୦।୧୨ (ସଙ୍ଗୀତା ଜେନା/ସୁବ୍ରତ ଡେ)**

ଜାନୁଆରୀ ୨୬ରେ ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ପ୍ୟାରେଡରେ ରାଉରକେଲା ବନ୍ଧମୁଣ୍ଡା ଅଞ୍ଚଳର ରତିକା ମହାନ୍ତ ଯୋଗ ଦେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏନେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବନ୍ଧମୁଣ୍ଡା କଲେଜ୍ ଅଫ୍ ଆର୍ଟସ, ସାଇନ୍ସ ଆଣ୍ଡ ଟେକନୋଲୋଜି( କାଷ୍ଟ)ରେ ଯୁକ୍ତ ୩ ବାଣିଜ୍ୟ ଫାଇନାଲ୍ ଛାତ୍ରୀ ରତିକା। ୨୦୨୦ରେ ରତିକା ସେଲ୍ଫ ଡିଫେନ୍ସ କ୍ଷେତ୍ରରେ ବିଭିନ୍ନ କଲେଜରେ ପ୍ରଶିକ୍ଷଣ ଦେବା ସହ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିଲେ। ରବିବାର ରତିକା ନୂଆଦିଲୀ ଅଭିମୁଖେ ଯାତ୍ରା କରିବେ ବୋଲି କାଷ୍ଟର ପରିଚାଳନା କମିଟି ସଭାପତି ଆରତୀ ଚୌଧୁରୀ



ରତିକା ମହାନ୍ତ।

ସୂଚନା ଦେଇଛନ୍ତି। ରତିକାଙ୍କ ସଫଳତା ପାଇଁ ରାଉରକେଲା ବିଧାୟକ ସାରଦା ନାୟକ, ଐର ମହାନ୍ତି, କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ତଥା ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## 'ଜିଲାର ବିକାଶ ବିରୋଧୀଙ୍କୁ ଜବାବ ଦିଆଯିବ'

**ସୁନ୍ଦରଗଡ,୩୦।୧୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଏକ କର୍ମୀ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ସୁନୀଲ କୁମାର ନାଏକଙ୍କ ସଭାପତିତ୍ୱରେ ସ୍ଥାନୀୟ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସମ୍ପାଦକ ଅଭୟ ସାହୁ ଯୋଗଦେଇଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ କୁମାର ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ପରଲୋକଗତ ପ୍ରାକ୍ତନ ଜିଲା ସମ୍ପାଦକ ଏସ୍‌କେ ଚାଟାର୍ଜୀ, ଉତ୍କଳ ମହିଳା ସମିତିର ପ୍ରାକ୍ତନ ସମ୍ପାଦିକା କୃଷ୍ଣା ମହାରଣା ଓ ବରଗଡ ଜିଲାର ରମେଶ ଗୁରୁଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି ବିବରଣୀ ପାଠ କରିଥିଲେ। ହେମଗିର ଜୋନ ସମ୍ପାଦକ ରାଧେଶ୍ୟାମ ଗର୍ଡିଆ ବିସ୍ଥାପନ ଓ ପ୍ରଦୂଷଣ ସମସ୍ୟା ଉପରେ ଆଲୋକପାତ କରିଥିଲେ। କମଳ ଷଣ୍ଢ ସମସ୍ତ ଗଣ ସଙ୍ଗଠନକୁ ଆଗକୁ ଆଣି ମିଳିତ ଭାବେ ନିର୍ବାଚନ ମୈଦାନକୁ ଓହ୍ଲାଇବା ପାଇଁ ଆହ୍ୱାନ ଦେଇଥିଲେ। ଛାତ୍ର ନେତା ମହେଶ୍ୱର ଦୀପ ନୂତନ ଶିକ୍ଷା ନୀତି ଛାତ୍ର ବିରୋଧୀ ବୋଲି ଅଭିହିତ କରିଥିଲେ। ଟାଙ୍ଗରପାଲି ଜୋନ ସମ୍ପାଦକ ସନ୍ତୋଷ କୁମାର ଆଚାର୍ଯ୍ୟ ରାଜନୈତିକ ଉଦାସୀନତା,ପ୍ରଶାସନିକ ଅବହେଳା ଯୋଗୁ ଜିଲାର ବିକ୍ରି ବାଧାପ୍ରାପ୍ତ ହେଉଛି ବୋଲି ମତ ଦେଇଥିଲେ। ରାଜ୍ୟ ପରିଷଦ ସଭ୍ୟ ରାଜେନ୍ଦ୍ର ନାଏକ ଜିଲାରେ



ଉପସ୍ଥିତ କମ୍ୟୁନିଷ୍ଟ ପାର୍ଟିର କର୍ମୀ ଓ ଅନ୍ୟମାନେ।

ଅବହେଳିତ ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନ, କୃଷି, ଜଳସେଚନ, ଜଙ୍ଗଲ ଓ ପରିବେଶ, ବେକାରୀ,ବିସ୍ଥାପନ ,ପ୍ରଦୂଷଣ ସମସ୍ୟା, ଜଙ୍ଗଲ ଜମି ଇତ୍ୟାଦି ସମସ୍ୟା ଉପରେ ଜନ ପ୍ରତିନିଧି ସ୍ୱର ଉତ୍ତୋଳନ ନ କରିବା ଜିଲା ବାସୀଙ୍କୁ ପ୍ରତାରିତ କରିଛି ମତ ରଖିଥିଲେ। ନିର୍ବାଚନରେ ଜିଲାର ବିକାଶ ବିରୋଧୀଙ୍କୁ କମ୍ୟୁନିଷ୍ଟ ପାର୍ଟି ଉଚିତ ଜବାବ ଦେବ ବୋଲି ରାଜ୍ୟ ସମ୍ପାଦକ ସଦସ୍ୟ ଅଶୋକ କୁମାର ଦାଶରଥି କହିଥିଲେ। ରାଜ୍ୟ ସମ୍ପାଦକ ଅଭୟ ସାହୁ ଦେଶର ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ଉପରେ ଆଲୋଚନା କରି ନିର୍ବାଚନ ପୂର୍ବରୁ ସଦର ନିର୍ବାଚନ ମଣ୍ଡଳୀର ସମସ୍ତ ଗ୍ରାମରେ ଲାଲ ପତାକା ଉଡାଇବାକୁ ଆହ୍ୱାନ ଦେଇଥିଲେ। ଅପରାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ୨୦୨୪ ସାଧାରଣ ନିର୍ବାଚନରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଇଣ୍ଡିଆ ମେଣ୍ଟରେ ରହି ସଦର ନିର୍ବାଚନ ମଣ୍ଡଳୀରେ ବିଧାନସଭା ପ୍ରାର୍ଥୀ ଦିଆଯିବ ବୋଲି ରାଜ୍ୟ ସମ୍ପାଦକ ସାହୁ ଘୋଷଣା କହିଥିଲେ। କମ୍ୟୁନିଷ୍ଟ ପାର୍ଟିର ଲଢୁଆ ସାଥୀ ରାଜେନ୍ଦ୍ର ନାଏକ ପ୍ରାର୍ଥୀ ପାଇଁ ଚୟନ ହୋଇଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ଦଶରୁ କିଷାନ, ଯଶୋଦା ରୋହିଦାସ, ନରେଶ ମେହେର, ମମତା ସା, ବ୍ରହ୍ମା କିସାନ, ଭୋଳାନାଥ ଭୋଏ, ସୁକମତି ଓରାମ, ଗୋପାଳ ସୋରେଙ୍ଗ,ନୀଳମଣି ଭୋଏ,କାର୍ତ୍ତିକ ସା, ବନଶୀଧର କଉଡି, ଶ୍ରୀକୃଷ୍ଣ ସଖା,ଗୋଲାପୀ ବନଛୋର,ଶୁକଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ଗାଇସିଲେଟ,୩୦।୧୨(ବେଦପ୍ରକାଶ କଲେତ): ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଡାଙ୍ଗବାହାଲରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗାଇସିଲେଟ ବ୍ଲକ ସନ୍ଧିବାହାଲ ଗ୍ରାମର ନିରଞ୍ଜନ ସାହୁ(୨୭)। ଦୁର୍ଘଟଣାରେ ୨ଜଣ ଆହତ ହୋଇଥିବା ସୂଚନା ମିଳିଛି। ଏକ ବାଇକ୍(ନଂ.ଓଡ଼ି୦୩ଆର/୦୮୩୫) ଯୋଗେ ନଅଗାଁ(କ)ରୁ ଯାତ୍ରା ଦେଖି ସନ୍ଧିବାହାଲକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ବିଲକୁ ପଶି ଏହି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଥିଲା।

### ରାଜବୋଡାସମ୍ବର ବ୍ଲକ ଗୋଁଣ୍ଡ ସମାଜ ବୈଠକ

ପଦ୍ମପୁର, ୩୦।୧୨(ପ୍ରଦୀପ୍ତ ଦାଶ): ରାଜବୋଡାସମ୍ବର ବ୍ଲକ ଗୋଁଣ୍ଡ ସମାଜର ବ୍ଲକ ସଭାପତି ରମେଶ ଜଗତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୋଁଣ୍ଡ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ ସହ ଉନ୍ନତି ଓ ପ୍ରସ୍ତାବିତ ପଦ୍ମପୁର ଜିଲା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଜିଲା ପ୍ରଚାର ସଚିବ ରଘୁନନ୍ଦନ ଦେଓ, ବ୍ଲକ ମହାସଚିବ କମଳଲୋଚନ ଭୋଇ, ପୂରେନା ସଭାପତି ଡିଲେଶ୍ୱର ସିଦ୍ଧାର, ଉମେଶ ସିଦ୍ଧାର, ପଦ୍ମପୁର ସର୍କଲ ସଭାପତି ଅଶୋକ ସିଦ୍ଧାର, ମଙ୍ଗଳ ସିଂ ସିଦ୍ଧାର, ସାରସମାଲ ସଭାପତି ସନାତନ ଧରୁଆ, କେଦାର ଧରୁଆ, ପଞ୍ଚାନନ ନେଟୀ, ଯଜ୍ଞ ନେଟୀ, ଠାକୁର ନେଟୀ, ଶ୍ୟାମସୁନ୍ଦର ଧରୁଆ, ରୀତା ଧରୁଆ, ଅଶ୍ୱିନୀ ଧରୁଆ, ଶାଖା ନେଟୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜରେ ପୁରସ୍କାର ବିତରଣ, ସାଂସ୍କୃତିକ କାର୍ଯ୍ୟକ୍ରମ

ପାଇକମାଳ,୩୦।୧୨(ବଢ଼ ଶତପଥୀ): ପାଇକମାଳ ବ୍ଲକର ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି, ପାଇକମାଳ ବ୍ଲକ୍ ଅଧ୍ୟକ୍ଷା ଭାବନା ସିଂ, ଉପାଧ୍ୟକ୍ଷ ସଞ୍ଜୀବ ବରିହା, ବିଡିଓ ପ୍ରଫୁଲ୍ଲ କୁମାର ଓଦ୍ଦୁ, ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିଜୟ କୁମାର ସ୍ୱାଇଁ, ମହାବିଦ୍ୟାଳୟ ଅଧ୍ୟକ୍ଷ ଲୋହିତ କୁମାର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ ଓ ଅଧ୍ୟାପିକା ଝରଣା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟାପକ ରୋଶନ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ବିଦ୍ୟାଳୟ ପରିଚାଳନା କମିଟି ତାଲିମ ଶିବିର

ବଘିଆପଡା,୩୦।୧୨( ଶ୍ରୀକାନ୍ତ ସାହୁ): ବୌଦ୍ଧ ଜିଲା ବାଉଁଶୁଣୀର ୱାଇସିଡିଏ ପକ୍ଷରୁ ବୌଦ୍ଧ ବ୍ଲକର ଟିକରପଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ବିଦ୍ୟାଳୟ ପରିଚାଳନା କମିଟିର ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଦିବ୍ୟଲୋଚନ ବାରିକ, ପୂର୍ଣ୍ଣଚନ୍ଦ୍ର କରଡିଆ ତାଲିମଦାତା ଭାବେ ଯୋଗ ଦେଇଥିଲେ । ଏଫଏଫଭିଡିପି ପ୍ରୋଜେକ୍ଟର ପୋଗ୍ରାମ ଅଫିସର ଅଙ୍ଗୁରବାଳା ମେହେର ଶିବିର ପରିଚଳନା କରିଥିଲେ । ମଲିକପଡା, ଜାମୁଖୋଲ, ବିରିଗଡ, ବୁରଗୋର ବିଦ୍ୟାଳୟର ସଦସ୍ୟମାନେ ଉପସ୍ଥିତ ଥିଲେ।

# ମଣ୍ଡି ଅବ୍ୟବସ୍ଥା, କଟ୍‌ନି ଛଟ୍‌ନିକୁ ବିରୋଧ

## ସୁବର୍ଣ୍ଣପୁରରେ ଜିଲା କୃଷକ ସଂଗଠନର ସମାବେଶ

ସୋନପୁର,୩୦।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରର ରୟାଲ ପଡିଆଠାରେ ଜିଲା କୃଷକ ସଂଗଠନର ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ସଭାପତି ବୈକୁଣ୍ଠନାଥ ଶତପଥୀ ଅଧ୍ୟକ୍ଷତା କରିଥିଲେ। ଜିଲାର ସୋନପୁର, ବିନିକା, ଡୁଙ୍ଗୁରିପାଲି, ଉଲୁଣ୍ଡା, ବୀରମହାରାଜପୁର ଓ ତରଭା ବ୍ଲକର ଚାଷୀ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ଜିଲାରେ ଡିସେମ୍ବର ୬ ତାରିଖରୁ ଧାନ ସଂଗ୍ରହ ଆରମ୍ଭ ହୋଇଛି। ତେବେ ମଣ୍ଡିରେ ଅବ୍ୟବସ୍ଥା ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ । ମଣ୍ଡି ଗୁଡିକରେ ମିଲର୍ସଙ୍କ ରାଜ ଚାଲିଛି। ଶୁଖିଲା ଧାନକୁ ଆଦ୍ରତା ଦର୍ଶାଇ ୧ କୁଇଣ୍ଟାଲ ଧାନରୁ ୨ କିଲୋ ଲେଖାଏ ଜବରଦସ୍ତ କଟା



ଚାଷୀ ପ୍ରତିନିଧିମାନେ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି ।

ଯାଉଥିବା ଚାଷୀ ଅଭିଯୋଗ କରିଥିଲେ। କୋଟସମଲାଇ ମଣ୍ଡିରେ ଚାଷୀ ପ୍ରତିବାଦ କରିବାରୁ ଅସମ୍ମାନ ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଥିଲା। ଟୋକନ ଠିକ୍ ସମୟରେ ଆସୁ ନ ଥିବାରୁ ଧାନ ବିକ୍ରିରେ ସମସ୍ୟା ନେଇ ଆଲୋଚନା ହୋଇଥିଲା। ପଡୋଶି ଛତିଶଗଡରେ ସେଠାକାର ରାଜ୍ୟ ସରକାର ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ପ୍ରାୟ ୧ ହଜାର ଟଙ୍କା ଅଧିକ ବୋନସ ଆକାରରେ ଦେଉଛନ୍ତି । ତେଣୁ ଓଡିଶା ସରକାର ଚାଷୀଙ୍କୁ ସହାୟତା କରିବାକୁ ଅନୁରୋଧ କରାଯାଇଥିଲା। ଚାଷୀଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଣ ଓ କୃଷି ଋଣ ଛାଡ ନେଇ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ ସହ ପ୍ରତିକାର ପାଇଁ ଅନୁରୋଧ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ନବନିର୍ମାଣ କୃଷକ ସଂଗଠନର ଜିଲା ସଭାପତି ପ୍ରଦ୍ୟୁମ୍ନ ପାଢୀ, ରାଜ୍ୟ ଉପଦେଷ୍ଟା ରାଜେନ୍ଦ୍ର ମିଶ୍ର, ସୋନପୁର ବ୍ଲକରୁ ନିରଞ୍ଜନ ତ୍ରିପାଠୀ, ପ୍ରଦୀପ ପୁରୋହିତ, ବାଳଗୋପାଳ ମହାପାତ୍ର, ବୀରମହାରାଜପୁର ବ୍ଲକରୁ ନରୋତ୍ତମ ପଧାନ, ଗୋପାଳ ଦାସ, ମୁକୁଳି ବିଶ୍ୱାଳ, ଉଲୁଣ୍ଡାରୁ ନରେନ୍ଦ୍ର ଆଚାର୍ଯ୍ୟ, ସତ୍ୟ ପ୍ରଧାନ, ବୃନ୍ଦାବନ ପ୍ରଧାନ, ଗୋବିନ୍ଦ ମିଶ୍ର, ତରଭା ବ୍ଲକରୁ ସଦାନନ୍ଦ ପାଣିଗ୍ରାହୀ, ମିତ୍ରବ୍ରତ ମିଶ୍ର, ରାଜେନ୍ଦ୍ର ମିଶ୍ର, ବିନିକା ବ୍ଲକରୁ ପ୍ରମୋଦ ପଣ୍ଡା, ଦେବାଶିଷ ଦାସ, ରାସେଶ୍ୱରୀ ସାହୁ, ଡୁଙ୍ଗୁରିପାଲି ବ୍ଲକରୁ ନାରାୟଣ ପାଣି, ଜଗନ୍ନାଥ ପଣ୍ଡା, ରମେଶ ଦାସ, ପ୍ରତ୍ୟୁଷ ଚନ୍ଦ୍ର ପଣ୍ଡା, ଅମିତ କୁମାର ପଣ୍ଡା ଓ ନାରାୟଣ ପ୍ରସାଦ ପାଢୀଙ୍କ ସମେତ ଶତାଧିକ ଚାଷୀ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସ୍ୱୀକୃତି ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୩୦।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ସାମାଜିକ ସୁରକ୍ଷା ବିଭାଗ ଓ ରାଉରକେଲା ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ କିନ୍ନର ମା' ୱେଲଫେୟାର ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ରାଜ୍ୟ ସରକାରଙ୍କ ସ୍ୱୀକୃତି ପ୍ରକଳ୍ପ ସମ୍ପର୍କରେ ଏକ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ନିର୍ଦ୍ଦେଶିକା ଜୟା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥିଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ଯୋଗଦେଇ କିନ୍ନରଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇ ସେମାନଙ୍କ ସାମାଜିକ ସୁରକ୍ଷା ସହ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ରୋଜଗାର ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରି କରାଯାଉଥିବା ସ୍ୱୀକୃତି ଯୋଜନା ଏବଂ ଏଥିରେ ଥିବା ସେମାନଙ୍କ ଅଧିକାର ବିଷୟରେ ସଚେତନ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ନିର୍ଦ୍ଦେଶିକା ତ୍ରିପାଠୀ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

# ଜନ୍ମମାଟିରେ ଡାକ୍ତରଙ୍କ ରୋଗୀସେବା



ଡାକ୍ତର ମେଘନାଦ ମେହେର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ସରଣ୍ଡା,୩୦।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ସୋହେଲା ବ୍ଲକ ସରକଣ୍ଡା ଗାଁର ଡାକ୍ତର ମେଘନାଥ ମେହେର। ଗତ ୨୨ ତାରିଖରୁ ସେ ଗାଁରେ ଆରମ୍ଭ କରିଛନ୍ତି ନିଃଶୁଳ୍କ କ୍ଲିନିକ୍। ରାତି ପାହିଲେ ଧାଡ଼ି ଲାଗୁଛି କ୍ଲିନିକ୍ ଆଗରେ। ଛୁଆଠୁ ବୁଢ଼ା ଗରିବ ହେଉକି ଧନୀ ସମସ୍ତେ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି। ମେଘନାଥ ବର୍ତ୍ତମାନ ଭୁବନେଶ୍ୱରର ଏକ ହସ୍ପିଟାଲରେ କାର୍ଯ୍ୟରତ ଥିଲେ ମଧ୍ୟ ସେ ନିଜ ଜନ୍ମମାଟିକୁ ଭୁଲିନାହାଁନ୍ତି। ନିଜ ଜନ୍ମମାଟି ଲୋକ ଯେପରି ଚିକିତ୍ସାରୁ ବଞ୍ଚିତ ନ ହେବେ ସେଥିପାଇଁ ସେ ତାଙ୍କ ମା'ଙ୍କ ନାମରେ ତାରା ସ୍ୱାସ୍ଥ୍ୟ ସଚେତନ କେନ୍ଦ୍ର ନାମରେ ଏକ କ୍ଲିନିକ ଖୋଲିଛନ୍ତି। ଏହାସହ ସପ୍ତାହରେ ଦୁଇଦିନ ଲୋକଙ୍କୁ ମାଗଣା ଚିକିତ୍ସା କରୁଛନ୍ତି। ଅନ୍ୟଦିନରେ ମଧ୍ୟ ଡାକ୍ତରଙ୍କ ଦ୍ୱାରା ଉକ୍ତ କ୍ଲିନିକ୍‌ରେ ମାଗଣା ଚିକିତ୍ସା କରାଯାଉଥିବା ମେଘନାଦ କହିଛନ୍ତି। ସେହିପରି ରୋଗରୁ ଲୋକେ କିପରି ଦୂରେଇ ରହିବେ ସେ ନେଇ ସଚେତନ ମଧ୍ୟ କରୁଛନ୍ତି। ସାଧାରଣ ଜ୍ୱରଠାରୁ ଆରମ୍ଭ କରି ମ୍ୟାଲେରିଆ, ମଧୁମେହ, ବ୍ଲଡପ୍ରେସର ଭଳି ରୋଗର ମାଗଣା ପରୀକ୍ଷା କରିବା ସହ ଔଷଧ ମଧ୍ୟ ପ୍ରଦାନ କରୁଛନ୍ତି।

ପିଲାଟି ଦିନରୁ ମେଘନାଥ ଡାକ୍ତର ହେବାର ସ୍ୱପ୍ନ ଦେଖିଥିଲେ। ଗାଆଁ ଲୋକେ କିପରି ସୁବିଧାରେ ଚିକିତ୍ସା ପାଇପାରିବେ ସେହି ଲକ୍ଷ୍ୟ ନେଇ ସେ ଆଗକୁ ବଢ଼ିଲେ। ସେ ଗାଁ ସ୍କୁଲରେ ଦଶମ ପର୍ଯ୍ୟନ୍ତ ପାଠ ପଢିଥିବା ବେଳେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜ ଓ କଟକରେ ଡାକ୍ତରୀ ପାଠ ପଢ଼ି ଡିଗ୍ରୀ ଅର୍ଜନ କରିଥିଲେ। ଏହାପରେ ଭୁବନେଶ୍ୱର ଏମ୍ସରେ ତିନି ବର୍ଷ ଚାକିରି କଲା ପରେ ଏବେ ସେ ଏକ ଘରୋଇ ହସ୍ପିଟାଲରେ କାର୍ଯ୍ୟରତ ଅଛନ୍ତି। ଆଉ ଏବେ ନିଜ ଅଞ୍ଚଳବାସୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଡାକ୍ତର ମେଘନାଥ ମେହେରଙ୍କ ଏପରି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

## ମିଶନ ଶକ୍ତି ଉପଦେଷ୍ଟାଙ୍କ ବୀରମହାରାଜପୁର ଗସ୍ତ

ଅମରପାଲି,୩୦।୧୨(ପୀତାମ୍ବର ସାହୁ)

ମିଶନ ଶକ୍ତି ଉପଦେଷ୍ଟା ଡ.ଲୋପାମୁଦ୍ରା ବକ୍ସିପାତ୍ର ବୀରମହାରାଜପୁର ଗସ୍ତରେ ଯାଇ ବ୍ଲକ ମିଶନ ଶକ୍ତି ଗୃହ ପରିଦର୍ଶନ କରିଛନ୍ତି । ଏହି ଅବସରରେ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ବୈଠକରେ ମିଶନ ଶକ୍ତିର ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ମିଶନ ଶକ୍ତି ଓ ବିଭିନ୍ନ ବିଭାଗର ସହଭାଗିତାରେ ମହିଳା ଗୋଷ୍ଠୀମାନଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଜୀବିକା ସମ୍ପର୍କିତ କାର୍ଯ୍ୟକ୍ରମର ଅନୁଶୀଳନ କରିଥିଲେ। ବିନା ସୁଧରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୫ ଲକ୍ଷରୁ ୧୫ ଲକ୍ଷ ପର୍ଯ୍ୟନ୍ତ ଋଣ ପ୍ରଦାନ ବ୍ୟବସ୍ଥା ଥିବା ସେ ପ୍ରକାଶ କରିଥିଲେ। ମାଆମାନେ ଆଗକୁ କିପରି ଭଲ କାମ କରି ନିଜ ବ୍ଲକ ତଥା ଜିଲାର ଗାରିମା ବୃଦ୍ଧି କରିବେ ନେଇ ସେ ଆଲୋଚନା କରିଥିଲେ। ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀ, ଡିପିସି ବିଶ୍ୱଜିତ ପରିଡ଼ା, ବିପିସି ଶାନ୍ତନୁ ମେହର, ବିପିଏମ ମନୋଜ ବାଘ, ବିଏଲସି ରମାକାନ୍ତ ହରିପାଲ, ଏସଡିସି ରଞ୍ଜିତ ଖମାରୀ, ବିଥିକାରାଣୀ ମିଶ୍ର ଓ ମିଶନ ଶକ୍ତି ସଦସ୍ୟାମାନେ ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିର କରି ସିଡିଏମ୍‌ଓଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ଦେବଗଡ,୩୦।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଣୀ ଡାକ୍ତର ସାଧନା ଦାଶଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇବା ସହ ଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେପ୍ପୀ ଟୁ ହେଲ୍ପ ଫାଉଣ୍ଡେଶନ ପକ୍ଷରୁ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ହେପ୍ପୀ ଟୁ ହେଲ୍ପ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଓ ସମ୍ମାନିତ ଅତିଥିଭାବେ ପୌରପରିଷଦ ଉପାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାପରେ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ଓଡିଶା ରକ୍ତ କେନ୍ଦ୍ରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଦାୟୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଣୀ ଡାକ୍ତର ଦାଶ ଓ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀଙ୍କ ଉପସ୍ଥିତିରେ ଏହାକୁ ଅତିରିକ୍ତ ଜିଲାପାଳ ବିଲୁଙ୍ଗ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ବହୁ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଫାଉଣ୍ଡେଶନର ପ୍ରତିଷ୍ଠାତା ସଦସ୍ୟ ରାଜକିଶୋର ଦାଶ, ବିକାଶ କୁମାର ପ୍ରଧାନ, ଆଲୋକ କୁମାର ଅମାନ୍ତ, ଏମଡି ନସରୁଲ୍ଲା, ପିଙ୍କୁନ ଜତିନ, ଜୟକୃଷ୍ଣ ସାହୁ, ଭୁବନ ମୋହନ ନାଏକ, ସୁକାନ୍ତ ନାୟକ, ଦୀପୁନ ନାୟକ, ଶୈଳେନ୍ଦ୍ର ବ୍ରିନେଦ,ଅମ୍ଳାଂଶୁ ପୂଜାରୀ, ସୁକେନ ମୁଖି, ବିକାଶ ନାୟକ, ପପୁନ ଦେହୁରୀ, ବିକି ଦାଶ, ପିଙ୍କଲ ପୃଷ୍ଟି, ଦୁଷ୍ମନ୍ତ ବିଶି, ସଞ୍ଜୟ ଥାପ୍ପା, ଦୀପକ ଷଣ୍ଢ, ରାଜୁ ମାଟିଆରୀ, ଶିକି ରଣା ଓ ଦେବା ମୁଖି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



ସିଡିଏମ୍‌ଓଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର

ଦେବଗଡ଼, ୩୦।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ଶ୍ରମ ବିଭାଗ ଓ ପ୍ରଶାସନ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ବାଲିରୋଇ ସ୍ଥିତ ନୂଆ ବସ୍ ଷ୍ଟାଣ୍ଡ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନଙ୍କ ସଭାପତିତ୍ୱ ଓ ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ବରେଣ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିରରେ ୧୮୨୪



ଜଣ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଅଧିନରେ ବିଭିନ୍ନ ସୁବିଧା ବାବଦରେ ୧୧ କୋଟି ୩୦ ଲକ୍ଷ ୯୭ ହଜାର ୪୦୦ ଟଙ୍କା ବଣ୍ଟନ କରାଯାଇଥିଲା। ସେଥିମଧ୍ୟରୁ ମୃତ୍ୟୁ କାଳୀନ ସହାୟତା ୩୨୮ ଜଣଙ୍କୁ ୬ କୋଟି ୫୩ ଲକ୍ଷ, ଅନ୍ତ୍ୟୋଷ୍ଟିକ୍ରିୟା ସହାୟତା ୩୨୦ ଜଣକୁ ୧୫ ଲକ୍ଷ ୯୫ ହଜାର, ବିଭାଗର ସହାୟତା ରାଶି ୮୮୭ ଜଣଙ୍କୁ ୪ କୋଟି ୪୨ ଲକ୍ଷ ୭୫ ହଜାର, ପ୍ରସୁତି କାଳୀନ ସହାୟତା ରାଶି ୩୭ ଜଣଙ୍କୁ ୩ ଲକ୍ଷ ୭୦ ହଜାର ଓ ଶିକ୍ଷା ସହାୟତା ରାଶି ୨୫୪ ଜଣଙ୍କୁ ୧୫ ଲକ୍ଷ ୫୭ ହଜାର ୪୦୦ ଟଙ୍କା ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ସବୁ ଯୋଜନାରୁ ବାଦ ପଡ଼ିଥିବା ହିତାଧିକାରୀଙ୍କୁ କିଭଳି ସରକାରଙ୍କ ଯୋଜନାରେ ସାମିଲ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା।

## ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ପଦ୍ମପୁର,୩୦।୧୨(ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ରଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉପଜିଲାପାଳ ଆଲୋକ କୁମାର ପଟେଲଙ୍କ ଆବାହକତ୍ୱରେ ସହକାରୀ ଜିଲାପାଳ ସନ୍ତୋଷ ପତି ଓ ମନୋରଞ୍ଜନ ନାୟକ, ଅନୁବିଭାଗ ଅଧିକାରୀ ସତ୍ୟବ୍ରତ ସାହୁ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଉପଜିଲାପାଳ ସ୍ମୃତିଚିହ୍ନ ସ୍ୱରୂପ ସ୍ୱାମୀ ବିବେକାନନ୍ଦଙ୍କ ଉପରେ ଆଧାରିତ ଏକ ପୁସ୍ତକ ତାଙ୍କୁ ପ୍ରଦାନ କରିଥିଲେ। ମିଶ୍ର ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସ୍ୱତନ୍ତ୍ର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦାୟିତ୍ୱ ସମ୍ପାଦନ କରିବେ ବୋଲି ଜଣାପଡିଛି ।

# ଭାରତୀୟତାର ପୁନଃ ଜାଗରଣ ଗାୟତ୍ରୀ ପରିବାରର ମୂଳମନ୍ତ୍ର

ସମ୍ବଲପୁର,୩୦।୧୨(ବ୍ୟୁରୋ)

**୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ**

ମାନବୀୟ ଚେତନାରେ ଭାରତୀୟତାକୁ ପୁନଃ ଜୀବିତ କରିବା ଗାୟତ୍ରୀ ପରିବାରର ମୂଳମନ୍ତ୍ର। ଏହି ବିଚାରକୁ ଆଧାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ ରାଷ୍ଟ୍ରୀୟ ଶିକ୍ଷାନୀତି ପ୍ରଣୟନ କରିଛନ୍ତି। ଗାୟତ୍ରୀ ପରିବାରର ସିଦ୍ଧାନ୍ତ ରାଷ୍ଟ୍ରୀୟ ଶିକ୍ଷାନୀତିର ଅଂଶବିଶେଷ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁର ମହାନଗର ନିଗମ ରେମେଡଠାରେ ଚାଲିଥିବା ୧୦୮ କୁଣ୍ଡୀୟ ନବଚେତନା ରାଷ୍ଟ୍ର ଜାଗରଣ ଗାୟତ୍ରୀ ମହାଯଜ୍ଞର ଉଦ୍‌ଯାପନୀ ଦିବସରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଥିଲେ, ସାମ୍ପ୍ରତିକ ସମାଜରେ ଭାରତୀୟ ବିଚାର ପ୍ରବାହକୁ ଗାୟତ୍ରୀ ପରିବାର ସହଜ ଓ ସୁଲଭ ଢଙ୍ଗରେ ଲୋକମାନଙ୍କ ପାଖରେ ପହଞ୍ଚାଉଛି। ସମାଜର ଅପହଞ୍ଚ ଇଲାକାରେ ଭାରତୀୟ ସଂସ୍କୃତିର ପ୍ରଚାର ପ୍ରସାର କରିବାରେ ଗାୟତ୍ରୀ ପରିବାରର ପ୍ରୟାସ ପ୍ରଶଂସନୀୟ। ଯଜ୍ଞ ଅଭ୍ୟର୍ଥନା କମିଟିର ସଭାପତି ହେମନ୍ତ କୁମାର ମହାପାତ୍ର ଅତିଥି ସ୍ୱାଗତ କରିଥିଲେ। ଉତ୍ସବରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଓ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଥିଲେ।

# 'ବିକାଶ କାର୍ଯ୍ୟରେ ପୂର୍ଣ୍ଣଚ୍ଛେଦ ନ ଥାଏ'

ନାକଟିଦେଉଳ, ୩୦।୧୨(ବୈକୁଣ୍ଠ ନାଥ ସାହୁ)

କୌଣସି ଅଞ୍ଚଳର ବିକାଶ କାର୍ଯ୍ୟରେ କେବେହେଲେ ପୂର୍ଣ୍ଣଚ୍ଛେଦ ନ ଥାଏ। ବିକାଶ କାର୍ଯ୍ୟ ସବୁବେଳେ ଆଗକୁ ବଢିଥାଏ ବୋଲି ବରିଷ୍ଠ ବିଜେଡି ନେତା ପୂର୍ବତନ ମନ୍ତ୍ରୀ ପ୍ରଶନ୍ନ ଆଚାର୍ଯ୍ୟ କହିଛନ୍ତି। ନାକଟିଦେଉଳ ବ୍ଲକ ଶିମିଳିପାଳ ହାଇସ୍କୁଲ ଖେଳ ପଡିଆଠାରେ ଚାଲିଥିବା ପଞ୍ଚାଖଣ୍ଡା କପ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଥିଲେ, ରେଢ଼ାଖୋଲ ଅଞ୍ଚଳର ସମସ୍ୟା ଓ ଭାବାବେଗ ସହିତ ସେ ସର୍ବଦା ଜଡିତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେତୃତ୍ୱାଧୀନ ବିଜେଡି ସରକାର ଅମଳରେ ରାଜ୍ୟରେ ବହୁ ବିକାଶ ଘଟିଥିବା ବେଳେ ରେଢ଼ାଖୋଲ ଅଞ୍ଚଳରେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ବହୁ ବିକାଶ ଘଟିଛି। ଅଞ୍ଚଳବାସୀଙ୍କ ଆଶୀର୍ବାଦ ରହିଲେ ଏହି ବିକାଶ କାର୍ଯ୍ୟ ଆଗକୁ ମଧ୍ୟ ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ସମାରୋହରେ ଯୋଗଦେଇଥିବା ରେଢ଼ାଖୋଲ ଏନ୍‌ଏସିର ଅଧ୍ୟକ୍ଷ ଶିବାରମ ସାହୁ ଓ ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ ବ୍ୟକ୍ତି ନୁହେଁ ବ୍ୟକ୍ତିତ୍ୱ ଏବଂ ଭଲ ଲୋକଙ୍କୁ ଭୋଟ ଦେଇ ନିର୍ବାଚନରେ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ।



ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ।

# ସୁନାମୁଣ୍ଡା ଏମ୍‌ଏମ୍‌ସିସି କ୍ରିକେଟ କ୍ଲବ ଚାମ୍ପିୟନ

ଦେବଗଡ଼,୩୦।୧୨(ଶଶାଙ୍କ ଶେଖର ଝାଙ୍କର)

**କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ**

ତିଲେଇବଣି ବ୍ଲକ ସୁଗୁଡା ପଞ୍ଚାୟତ ଗୁଣ୍ଡୁରିପୋଶି ଗ୍ରାମରେ ଭୀମ ଭୋଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ତ୍ରି ଦିବସୀୟ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଗୁଣ୍ଡୁରିପୋଶି କ୍ରିକେଟ କ୍ଲବକୁ ୨୯ ରନରେ ପରାସ୍ତ କରି ସୁନାମୁଣ୍ଡା ଏମ୍‌ଏମ୍ସିସି କ୍ରିକେଟ କ୍ଲବ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ରମେଶ ସାମଲ ଓ ଅଶୋକ ସ୍ୱାଇଁ ପରିଚାଳନା କରିଥିବା ବେଳେ ବାଦଲ କୁମାର ପ୍ରଧାନ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ।



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ଭୀମ ଭୋଇ କ୍ରିକେଟ କ୍ଲବ ସଭାପତି ଧରଣୀଧର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ସମ୍ମାନିତ ଅତିଥି ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ବିଜେଡି ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସୁଗୁଡା ପଞ୍ଚାୟତର ସମିତି ସଦସ୍ୟ ଡମ୍ବରୁଧର ସାହୁ ଓ ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଚାମ୍ପିୟନ ସୁନାମୁଣ୍ଡା ଏମ୍‌ଏମ୍ସିସି କ୍ରିକେଟ କ୍ଲବ ଓ ରନର୍ସ ଅପ୍ ଗୁଣ୍ଡୁରିପୋଶି କ୍ରିକେଟ କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆୟୋଜକ ଭୀମ ଭୋଇ କ୍ରିକେଟ କ୍ଲବ ସମ୍ପାଦକ ହର୍ଷବର୍ଦ୍ଧନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସଦସ୍ୟ ରଞ୍ଜିତ ପ୍ରଧାନ,ଆଶିଷ ସ୍ୱାଇଁ ଓ ରମେଶ କୁମାର ସାମଲଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

# କଟକ କଂଗ୍ରେସ ୩ ଫାଳ


ମହମ୍ମଦ ମୋକିମ


ସୁରେଶ ମହାପାତ୍ର


ମାନସ ଚୌଧୁରୀ

**କଟକ,୩୦।୧୨(ଶିଲ୍ପା ପ୍ରିୟଦର୍ଶିନୀ)**

୨୦୨୩ ଶେଷ ଆଡ଼କୁ ହୋଇଥିବା ୫ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଦୁର୍ବଳ ପ୍ରଦର୍ଶନ କରିଥିବା ବେଳେ କେବଳ ତେଲଙ୍ଗାନାରେ ପାର୍ଟି ସମ୍ମାନ ରକ୍ଷା କରିପାରିଛି। ଯୁବ ନେତା ଏ. ରେଭାନ୍ଥ ରେଡ୍ଡୀ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ହେବା ପରେ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଜାଗିଛି। ବରିଷ୍ଠ ନେତା ରାହୁଲ ଗାନ୍ଧୀ ଜାନୁୟାରୀ ୧୪ରୁ ମଣିପୁରରୁ ଭାରତ ନ୍ୟାୟ ଯାତ୍ରା ଆରମ୍ଭ କରିବାର କାର୍ଯ୍ୟକ୍ରମ ଅଛି। ଏଭଳି ସ୍ଥଳେ ଓଡ଼ିଶା କଂଗ୍ରେସରେ ସେଭଳି ତତ୍ପରତା ଦେଖିବାକୁ ମିଳିନାହିଁ। ଏହି ପରିପ୍ରେକ୍ଷୀରେ କଟକ କଂଗ୍ରେସ ସଙ୍ଗଠନକୁ ଦେଖିଲେ ଅବସ୍ଥା ତଦ୍ରୂପ। ଏଠାରେ ଦଳ ତିନିଭାଗ ହୋଇ ଗତି କରୁଥିବା ଲକ୍ଷ୍ୟ କରାଯାଉଛି।

କଟକ ନଗର କଂଗ୍ରେସର ଗୋଟେ ପଟେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଦଳରେ ନ ଥାଇ ମଧ୍ୟ ଦଳୀୟ କାର୍ଯ୍ୟ ଜାରି ରଖିଛନ୍ତି। ଅନ୍ୟପକ୍ଷରେ କଟକ ନଗର କଂଗ୍ରେସକୁ ନଗର ସଭାପତି ସୁରେଶ ମହାପାତ୍ର ନିଜ ମୁତାବକ ଚଳାଇ ଶକ୍ତି ପ୍ରଦର୍ଶନ କରୁଛନ୍ତି। ସେହିପରି ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ ନିଜ ଶୈଳୀରେ ଦଳୀୟ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଜାଣିବାଶୁଣିବା ଲୋକ କଟକ କଂଗ୍ରେସ ତିନିଭାଗ ହୋଇଯାଇଥିବା ବୁଝିସାରିଲେଣି। କାରଣ ସଂସଦରୁ ସଦସ୍ୟଙ୍କୁ ନିଲମ୍ବିତ କରାଯିବା ଘଟଣା ପ୍ରତିବାଦରେ ନିକଟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସ ସଭାପତି ଚୌଧୁରୀଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାର କିଛି ସମୟ ପରେ ନଗର ସଭାପତି ମହାପାତ୍ର ତାଙ୍କ ସମର୍ଥକଙ୍କୁ ନେଇ ସେଠାରେ ବିକ୍ଷୋଭ କରିଥିଲେ। ଆଶ୍ଚର୍ଯ୍ୟର ବିଷୟ କଟକ ନଗର କଂଗ୍ରେସର ସମସ୍ତ କର୍ମୀଙ୍କୁ ସେଠାରେ ଦେଖିବାକୁ ମିଳି ନ ଥିଲା। ଏହା ବୁଝିବାରେ ଅସୁବିଧା ନାହିଁ ଯେ, ମୋକିମ୍ ମଧ୍ୟ ସେହି ନଗର କଂଗ୍ରେସର କେତେକ କର୍ମୀଙ୍କୁ ନିଜ ପାଖରେ ରଖିଛନ୍ତି। ରାଜନୈତିକ ବିଶ୍ଳେଷକଙ୍କ ମତରେ ଯେତେବେଳେ ଗୋଟିଏ ପ୍ରସଙ୍ଗକୁ ନେଇ ବିକ୍ଷୋଭ କରାଯାଉଛି ଓ ଭିନ୍ନ ଭିନ୍ନ ନେତା ଅଲଗା ସମୟରେ ନିଜ ସମର୍ଥକଙ୍କୁ ଧରି ଶକ୍ତି ପ୍ରଦର୍ଶନ କରୁଛନ୍ତି, ସେଥିରୁ କଂଗ୍ରେସରେ ଫାଟ ସାଧାରଣରେ ଦୃଶ୍ୟମାନ ହେଉଛି। ଅର୍ଥାତ୍ ବିଧାୟକ ମୋକିମଙ୍କ କୌଣସି ଦଳୀୟ କାର୍ଯ୍ୟରେ ଜିଲା କଂଗ୍ରେସ ସଭାପତି ଓ ନଗର ସଭାପତିଙ୍କୁ ଦେଖିବାକୁ ମିଳୁ ନାହିଁ। ଅନୁରୂପ ଭାବେ ଦୁଇ ଦିନ ତଳେ ବାଲିଯାତ୍ରା ସଂକ୍ରାନ୍ତ ଦୁର୍ନୀତିକୁ ସାଧାରଣରେ ଦର୍ଶାଇବା ଲାଗି ମୋକିମଙ୍କ ନେତୃତ୍ୱରେ ବାରବାଟୀ-କଟକ ଏବଂ ଚୌଦ୍ୱାର-କଟକର ସବୁ ୱାର୍ଡରେ ବାଇକ୍‌ରାଲି ପରିକ୍ରମା କରିଥିଲା। ସେଥିରେ ମଧ୍ୟ ମହାପାତ୍ର ଓ ଚୌଧୁରୀଙ୍କ ସମର୍ଥକଙ୍କୁ ଦେଖିବାକୁ ମିଳି ନ ଥିଲା।

କଟକରେ କଂଗ୍ରେସ ନିଜର ଶକ୍ତି ପ୍ରଦର୍ଶନ କରୁଛି ସତ, ହେଲେ ଦଳ ୩ ଫାଳ ହେବା ଭୋଟରଙ୍କ ନିକଟକୁ ଏକ ଭୁଲ ବାର୍ତ୍ତା ଯାଉଛି ବୋଲି କୁହାଯାଉଛି । ଏନେଇ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତ୍ରୀ ବିଜୟଲକ୍ଷ୍ମୀ ସାହୁ କହିଛନ୍ତି, ଦଳ କୌଣସି ଭାଗରେ ବିଭକ୍ତ ହୋଇନାହିଁ। ବିଧାୟକ ମୋକିମ ଦଳରେ ନାହାନ୍ତି, ହେଲେ ତାଙ୍କର ଦଳ ପ୍ରତି ଭଲ ପାଇବା ରହିଛି। ଫଳରେ ସେ ନିଜ କାର୍ଯ୍ୟ ବଜାୟ ରଖିଛନ୍ତି। ଅନ୍ୟପଟେ ନଗର ସଭାପତି ଓ ଜିଲା ସଭାପତି ମଧ୍ୟ ନିଜର ଦଳୀୟ କାର୍ଯ୍ୟ କରୁଛନ୍ତି। ୩ ଜଣଙ୍କ ସଙ୍ଗଠନ ରହିଛି। ସେମାନେ ନିଜ ସଙ୍ଗଠନକୁ ମଜଭୁତ କରାଇବାକୁ ପ୍ରୟାସ କରୁଛନ୍ତି। ହେଲେ ବିଜୟ ହେବ ତ କେବଳ କଂଗ୍ରେସ ଦଳର। ଏଥିରେ କାହା ସଙ୍ଗଠନର ବିଜୟ ହେବ ନାହିଁ। ୨୦୨୪ ନିର୍ବାଚନ ବେଶ୍ ରୋଚକ ହେବ। ଦଳର ହାଇକମାଣ୍ଡ ଉତ୍ତମ ପ୍ରାର୍ଥୀଙ୍କୁ ଟିକେଟ ଦେବେ ଏବଂ କଂଗ୍ରେସ ବିପୁଳ ମାତ୍ରାରେ ଭୋଟ ପାଇ ବିଜୟୀ ହେବ ବୋଲି ଆଶା ରହିଥିବା ବିଜୟଲକ୍ଷ୍ମୀ ପ୍ରକାଶ କରିଛନ୍ତି।

# ନେତା ଆସିଲେ କାର୍ଯ୍ୟାଳୟ ଖୋଲା



ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟ।

**ବାଲେଶ୍ୱର,୩୦।୧୨(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲାରେ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସର ନେତା ଓ କର୍ମୀ ସାଧାରଣ ନିର୍ବାଚନ ଆସୁଥିବାରୁ ସକ୍ରିୟ ହେବାରେ ଲାଗିଛନ୍ତି। ଏଠାରେ ଅନ୍ୟାନ୍ୟ ଦଳର ସେଭଳି କୌଣସି ପ୍ରଭାବ ପରିଲକ୍ଷିତ ହୋଇନାହିଁ। ଜିଲାରେ ୮ ବିଧାନସଭା ନିର୍ବାଚନମଣ୍ଡଳୀ ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲେଶ୍ୱର, ରେମୁଣା, ନୀଳଗିରି, ସୋର ଓ ସିମୁଳିଆ ରହିଛି। ନିର୍ବାଚନମଣ୍ଡଳୀର ସମସ୍ୟା ନେଇ ଦଳୀୟ କର୍ମୀମାନେ ଜିଲାର ବିଭିନ୍ନ ସରକାରୀ ଅଫିସକୁ ଆସିଥାନ୍ତି। ଜିଲାସ୍ତରୀୟ ଦଳୀୟ ନେତାଙ୍କ ସହାୟତାରେ ନିଜର ସମସ୍ୟାର ସମାଧାନ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳର ଜିଲା କାର୍ଯ୍ୟାଳୟରେ ସେମାନେ ପହଞ୍ଚିଥାନ୍ତି। କିନ୍ତୁ ନେତା ଆସିଲେ ରାଜନୈତିକ ଦଳର ପାର୍ଟି କାର୍ଯ୍ୟାଳୟ ଖୋଲା ରହେ ଓ ଲୋକଙ୍କ ଭିଡ଼ ଦେଖିବାକୁ ମିଳେ। ଅନ୍ୟ ସମୟରେ କର୍ମୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ।

ଜିଲାର ନୀଳଗିରି ନିର୍ବାଚନମଣ୍ଡଳୀରେ ଭାଜପାର ବିଧାୟକ ପ୍ରତିନିଧିତ୍ୱ କରୁଥିବା ବେଳେ ଅନ୍ୟ ୭ଟି ନିର୍ବାଚନମଣ୍ଡଳୀରେ ବିଜେଡିର ବିଧାୟକ ଅଛନ୍ତି। ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ବିଜେଡିର ଜିଲା ସଭାପତି ପଦ ଛାଡ଼ିବା ପରେ ଜଳେଶ୍ୱର ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଜିଲା ସଭାପତି ଦାୟିତ୍ୱ ତୁଲାଉଛନ୍ତି। ଦାୟିତ୍ୱ ନେବାର ଦୀର୍ଘ ୬ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଜିଲା ସଦର ମହକୁମାରେ ଦଳୀୟ ଜିଲା ଅଫିସ ଖୋଲାଯାଇ ପାରିନାହିଁ। କର୍ମୀମାନେ ଏଣେତେଣେ ବୁଲି ସଂଗଠନ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଜିଲା ସଭାପତି ତଥା ମନ୍ତ୍ରୀ ପାତ୍ର ବାଲେଶ୍ୱର ଆସିଲେ ସହରରେ ଥିବା ସର୍କିଟ୍ ହାଉସ୍ ପାଲଟେ ପାର୍ଟି ଅଫିସ। ସେଠାରେ ସମସ୍ତ ବିଧାୟକ, ଛାମୁଆ ନେତା ଓ କର୍ମୀ ପହଞ୍ଚି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଦଳୀୟ ସଂଗଠନ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରିତ ହୁଏ। ପାର୍ଟି ଅଫିସ କାହିଁକି ହୋଇପାରୁ ନାହିଁ ସେ ସମ୍ପର୍କରେ ବିଜେଡି ନେତା ଓ କର୍ମୀ କୌଣସି ମତାମତ ଦେଉନାହାନ୍ତି।

## ବିଜେଡିର ନାହିଁ ପାର୍ଟି ଅଫିସ

ଏନେଇ ବିଜେଡି ଜିଲା ଉପ-ସଭାପତି ଯଯାତି ଦାସ କହନ୍ତି, ବିଜେଡିର ଜିଲା ପାର୍ଟି ଅଫିସ ନାହିଁ। ବିଧାୟକ, ପୌରାଧ୍ୟକ୍ଷା, ବ୍ଲକ୍ ଅଧ୍ୟକ୍ଷ, ଜିଲା ପରିଷଦ ସଭାପତି ତଥା ଦଳୀୟ ନେତୃବୃନ୍ଦ ନିଜ ନିଜ ତତ୍ତ୍ୱାବଧାନରେ କର୍ମୀ ଓ ଲୋକମାନଙ୍କର ସମସ୍ୟା ବୁଝିଥାନ୍ତି। ତେବେ ଭାଜପା ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ କହନ୍ତି, ଦଳୀୟ କାର୍ଯ୍ୟାଳୟ ୨୪ ଘଣ୍ଟା ଖୋଲା। ଦୂରଦୁରାନ୍ତରୁ ଆସୁଥିବା ନେତା ଓ କର୍ମୀଙ୍କ ପାଇଁ ରହିବା, ଖାଇବାର ବ୍ୟବସ୍ଥା ରହିଛି। ଦଳୀୟ ପଦାଧିକାରୀ ଉପସ୍ଥିତ ନ ଥିବାବେଳେ ଅଭିଯୋଗ ଗ୍ରହଣ କରିବା ପାଇଁ ସକ୍ରିୟ କର୍ମୀ ଉପସ୍ଥିତ ରହୁଛନ୍ତି।

ଅନ୍ୟପକ୍ଷରେ ସହରର ସିନେମାଛକସ୍ଥିତ କଂଗ୍ରେସ ଗଳିରେ କଂଗ୍ରେସର ଜିଲା କାର୍ଯ୍ୟାଳୟ 'ରାଜୀବ ଭବନ' ଅବସ୍ଥିତ। ବାଲେଶ୍ୱର ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ ହୋଇଥିବା ନବଜ୍ୟୋତି ପଟ୍ଟନାୟକ ଆସିଲେ କିମ୍ବା କୌଣସି ଦିବସ ଓ ଖବରଦାତା ସମ୍ମିଳନୀ ହେଲେ ଉକ୍ତ ଅଫିସର ଗେଟ୍ ଖୋଲାଯାଉଥିବା ଦେଖାଯାଏ। ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତୁଷାରକାନ୍ତି ତପସ୍ୱୀଙ୍କୁ ପଚାରିବାରୁ ଜିଲା କଂଗ୍ରେସ କାର୍ଯ୍ୟାଳୟ 'ରାଜୀବ ଭବନ' ସମ୍ପୂର୍ଣ୍ଣ ଭାବେ ସକ୍ରିୟ। ସମସ୍ତ ଦଳୀୟ କାର୍ଯ୍ୟକ୍ରମ ଏଠାରେ ଅନୁଷ୍ଠିତ ହୋଇଥାଏ। ରାଜ୍ୟର ବରିଷ୍ଠ ନେତା କିମ୍ବା କେନ୍ଦ୍ରସ୍ତରୀୟ ନେତୃବୃନ୍ଦ ପହଞ୍ଚିଲେ କାର୍ଯ୍ୟାଳୟ ଚଳଚଞ୍ଚଳ ହୋଇଉଠେ ବୋଲି ସେ କହିଛନ୍ତି।



ସିନେମା ଛକଠାରେ ଥିବା କଂଗ୍ରେସ ଜିଲା କାର୍ଯ୍ୟାଳୟ 'ରାଜୀବ ଭବନ'।

ସେହିପରି ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ନିକଟରେ ରହିଛି ଭାଜପାର ଜିଲା କାର୍ଯ୍ୟାଳୟ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କିମ୍ବା ଦଳୀୟ କେନ୍ଦ୍ରୀୟ ତଥା ରାଜ୍ୟ ପଦାଧିକାରୀ ବାଲେଶ୍ୱର ଗସ୍ତରେ ଆସିଲେ ଏହି ଅଫିସ ଚଳଚଞ୍ଚଳ ହୋଇଉଠେ। ପରବର୍ତ୍ତୀ ସମୟରେ ଅଫିସ ଖୋଲା ରୁହେ, କିନ୍ତୁ କାର୍ଯ୍ୟ ଶୂନ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

# କନ୍ଦଳକୁ ନେଇ ଭାଜପାର ମୁଣ୍ଡବିନ୍ଧା

## କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀ


ପ୍ରସନ୍ନ ପଟ୍ଟନାୟକ


ଦେବଦତ୍ତ ପଟ୍ଟନାୟକ


ଶତ୍ରୁଘ୍ନ ଜେନା

**କାମାକ୍ଷାନଗର,୩୦।୧୨ (ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ନିର୍ବାଚନମଣ୍ଡଳୀ କାମାକ୍ଷାନଗର ଏନ୍‌ଏସି, ଭୁବନ ଏନ୍‌ଏସି, ଭୁବନ ବ୍ଲକ, କାମାକ୍ଷାନଗର ବ୍ଲକର ୧୬ ପଞ୍ଚାୟତ ଓ ଢେଙ୍କାନାଳ ସଦର ବ୍ଲକର ୯ ଗୋଟି ପଞ୍ଚାୟତକୁ ନେଇ ଗଠିତ। ଗତ ୨୦୦୦ ମସିହାରୁ ଏହା ବିଜେଡି ଦଖଲରେ ରହିଆସିଛି। ପ୍ରଥମେ ବ୍ରହ୍ମାନନ୍ଦ ବିଶ୍ୱାଳ ଓ ୨୦୦୪ରୁ ଅଦ୍ୟାବଧି ପ୍ରଫୁଲ୍ଲ କୁମାର ମଲ୍ଲିକ ଏହି ନିର୍ବାଚନମଣ୍ଡଳୀରୁ ବିଜେଡି ବିଧାୟକ ଭାବେ ଲଗାତର ଜିତି ଆସୁଛନ୍ତି। ୨୦୧୪ ନିର୍ବାଚନରେ ଭାଜପା ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଥିଲା। ହେଲେ ସେ ବିଜେଡିର ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କଠାରୁ ବହୁ ଭୋଟ ବ୍ୟବଧାନରେ ପରାଜୟ ବରଣ କରି ତୃତୀୟ ସ୍ଥାନରେ ରହିଥିଲେ। ଉଲ୍ଲେଖଯୋଗ୍ୟ, ୧୯୮୫ରେ ପ୍ରସନ୍ନ ବିଜୟୀ ହେବା ପରେ ରାଜ୍ୟ ବିଧାନସଭାରେ ପ୍ରଥମ ଭାଜପା ବିଧାୟକ ହେବାର ଗୌରବ ଅର୍ଜନ କରିଥିଲେ। ସେବେଠାରୁ କାମାକ୍ଷାନଗର ନିର୍ବାଚନମଣ୍ଡଳୀରେ ପଦ୍ମ ଫୁଟିପାରି ନାହିଁ।

୨୦୦୦ ମସିହାରୁ ଏହି ନିର୍ବାଚନମଣ୍ଡଳୀକୁ ବିଜେଡି ଏଭଳି ଭାବେ କରାୟତ୍ତ କରିଛି ଯେ, ଭାଜପାର ବଡ଼ ନେତାମାନେ ମଧ୍ୟ ଜିତିବାର କୌଶଳ ଅବଲମ୍ବନ କରିପାରୁନାହାନ୍ତି। ୨୦୧୯ ନିର୍ବାଚନରେ ଭାଜପା ଭୁବନ ଅଞ୍ଚଳରୁ ଶତ୍ରୁଘ୍ନ ଜେନାଙ୍କୁ ବିଧାୟକ ପ୍ରାର୍ଥୀ କରିଥିବାବେଳେ ସେ ମଧ୍ୟ ପ୍ରାୟ ୧୬ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପ୍ରଫୁଲ୍ଲଙ୍କଠାରୁ ପରାସ୍ତ ହୋଇଥିଲେ। ବିଜେଡିକୁ ଚେକ୍ ଦେବା ପାଇଁ ଭାଜପା ଯେତେ ଯୋଜନା କରୁଛି, ତାହା ଫସରଫାଟୁଛି। ଗୋଟିଏ ପଟେ ବିଜେଡି ତରଫରୁ ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ ନିର୍ବାଚନମଣ୍ଡଳୀରେ ନିଜର ପ୍ରଭାବ ବିସ୍ତାର କରିଥିବାବେଳେ ତାଙ୍କୁ ମୁକାବିଲା କରିବା ପାଇଁ ବିରୋଧୀ ଭାଜପା ପାଖରେ ଉପଯୁକ୍ତ ପ୍ରାର୍ଥୀ ନ ଥିବା ନେଇ ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା ହେଉଛି। ଭାଜପାର ଚର୍ଚ୍ଚିତ ଚେହେରା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଗାମୀ ସାଧାରଣ ନିର୍ବାଚନରେ ଢେଙ୍କାନାଳ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ହେବା ନେଇ ଆଲୋଚନା ଜୋର ଧରିଥିବାରୁ କାମାକ୍ଷାନଗର ନିର୍ବାଚନମଣ୍ଡଳୀର ଗୁରୁତ୍ୱ ବଢିଯାଇଛି। ଏଥିସହିତ ଭାଜପା କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ହେଲେ ଗୋଷ୍ଠୀ କନ୍ଦଳ ଭାଜପା ମୁଣ୍ଡବିନ୍ଧାର କାରଣ ପାଲଟିଛି। ଭାଜପା ତରଫରୁ ଶତ୍ରୁଘ୍ନ ଜେନା କିଛି ଦଳୀୟ କର୍ମୀଙ୍କୁ ଧରି ନିର୍ବାଚନମଣ୍ଡଳୀରେ ସଭା, ସମିତି ଓ କାର୍ଯ୍ୟକ୍ରମ କରୁଥିବା ବେଳେ ସମାନ୍ତରାଳ ଭାବେ ଅନ୍ୟ ଆଶାୟୀ ନେତା ଦେବଦତ୍ତ ପଟ୍ଟନାୟକ ମଧ୍ୟ କିଛି ଦଳୀୟ କର୍ମୀଙ୍କୁ ନେଇ ନିର୍ବାଚନମଣ୍ଡଳୀରେ ନିଜର କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ଉଲ୍ଲେଖଯୋଗ୍ୟ, ଦେବଦତ୍ତ ପୂର୍ବରୁ ୨ ଥର ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଭାଜପାରେ ଯୋଗ ଦେଇଥିଲେ। ତେବେ ଶତ୍ରୁଘ୍ନ ଓ ଦେବଦତ୍ତ ପରାଜୟ ବରଣ କରିଥିଲେ। ବର୍ତ୍ତମାନ ଯେଉଁ କିଛି କର୍ମୀ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି ସେମାନେ ମଧ୍ୟ ଶତ୍ରୁଘ୍ନ ଓ ଦେବଦତ୍ତଙ୍କୁ ପୃଥକ ପୃଥକ ଭାବେ ସହାୟତା କରୁଥିବା ନାମ ଉଲ୍ଲେଖ ନ କରିବା ସର୍ତ୍ତରେ କହିଛନ୍ତି। ଫଳରେ ଦଳକୁ ନ ଦେଖି ନେତାଙ୍କୁ ଦେଖିବା ପ୍ରୀତି ଭାଜପାର ଦଳୀୟ ସଂଗଠନକୁ ଦୁର୍ବଳ କରୁଛି ବୋଲି ସମୀକ୍ଷକମାନେ ମତ ଦେଉଛନ୍ତି।

ଆସନ୍ତା ସାଧାରଣ ନିର୍ବାଚନରେ କିଏ ଦଳୀୟ ଟିକେଟ ପାଇବେ ତାହାକୁ ନେଇ ଚର୍ଚ୍ଚା ହେଲାଣି। ଏହି ନିର୍ବାଚନମଣ୍ଡଳୀରୁ ଅଞ୍ଚଳବାସୀ ଯୁବ ନେତୃତ୍ୱ ଚାହୁଁଥିଲେ ମଧ୍ୟ ଯୁବ ସଙ୍ଗଠକମାନଙ୍କର ବାଟ ପୁରୁଖା ନେତାମାନେ ଓଗାଳୁଛନ୍ତି ବୋଲି କୁହାଯାଉଛି। ଏଭଳି ପ୍ରଚ୍ଛଦପଟରେ ସଙ୍ଗଠନବିହୀନ ନେତାଙ୍କ ଉପରେ ଭରସା କରିବା ଭାଜପା ପାଇଁ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ବରିଷ୍ଠ ନେତାମାନେ ମତଦେଇଛନ୍ତି। ତେବେ ଦୁର୍ବଳ ସଂଗଠନ ଥିବା ନେତାଙ୍କୁ ନେଇ ଭାଜପା ନିର୍ବାଚନ ମଇଦାନକୁ ଓହ୍ଲାଇଲେ କାମାକ୍ଷାନଗର ନିର୍ବାଚନମଣ୍ଡଳୀରେ ପଦ୍ମ ଫୁଟିବା ସହଜ ହେବନାହିଁ। ବିଜେଡିର ହେଭିୱେଟ ନେତାଙ୍କୁ ଏଠାରେ ପରାହତ କରିବାକୁ ହେଲେ ଭାଜପାର ନେତା ଓ କର୍ମୀ ଏକଜୁଟ ହେବାର ଆବଶ୍ୟକତା ରହିଛି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ କହିଛନ୍ତି।

# 'ଭାଜପା, ବିଜେଡି ଆଦିବାସୀଙ୍କ ଅଧିକାର କ୍ଷୁଣ୍ଣ କରିଛନ୍ତି'


କଂଗ୍ରେସ ନେତା ଗଣେଶ୍ୱର ବେହେରାଙ୍କ ସହ ଅନ୍ୟମାନେ।

**କେନ୍ଦ୍ରାପଡ଼ା, ୩୦।୧୨ (ଜଗନ୍ନାଥ ଧଳ)**

ଗତ ୧୪ ତାରିଖରେ ଓଡ଼ିଶା କ୍ୟାବିନେଟ ପକ୍ଷରୁ ଅଧିଗ୍ରହଣ ହୋଇଥିବା ଆଦିବାସୀଙ୍କ ଜମିକୁ ଫେରସ୍ତ କରିବାକୁ ମଞ୍ଜୁରୀ ମିଳିଥିଲା। ମାତ୍ର ଗତ ୧୬ ତାରିଖରେ ଏହି ନିଷ୍ପତ୍ତି ଆସନ୍ତା ବୈଷୟିକ ପରାମର୍ଶ କମିଟି (ଟିଏସି)ର ସମୀକ୍ଷା ପର୍ଯ୍ୟନ୍ତ ରଖାଯିବାକୁ ଘୋଷଣା ହେଲା । ବେଦାନ୍ତ ଜମି ହସ୍ତାନ୍ତର ପାଇଁ ଆଦିବାସୀ ସମୂହ ଅପେକ୍ଷା କରିଥିବା ବେଳେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଆଦିବାସୀଙ୍କ ପ୍ରତି ଦରଦକୁ ପଦାରେ ପକାଇଛି । ସମୀକ୍ଷା ନୁହେଁ, ଗତ ୧୪ ତାରିଖର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଉ ବୋଲି କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି ।

ଏନେଇ ସହରର କଜଳାସ୍ଥିତ କଂଗ୍ରେସ ଭବନଠାରେ ଏକ ଖବରଦାତା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଥିଲା । ଜିଲା ମୁଖପାତ୍ର ପ୍ରଫୁଲ୍ଲ ଦାସ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଉମାଶଙ୍କର ଜେନା, ସିଦ୍ଧାର୍ଥ ଜେନା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଦିବାସୀଙ୍କ ଅଧିକାର ପ୍ରଦାନ ପ୍ରତି ଆଗ୍ରହ ନ ଥିବା ପ୍ରକାଶ କରିଥିଲେ । ସେମାନେ ଉଦାହରଣ ଦେଇ କହିଥିଲେ, ଗତ ୨୦୦୬ ଜାନୁୟାରୀ ୨ ତାରିଖରେ କଳିଙ୍ଗନଗରଠାରେ ନିଜର ଅଧିକାର ପାଇଁ ଆଦିବାସୀମାନେ ଲଢ଼େଇ କରୁଥିଲେ । ସେହି ସମୟରେ ରାଜ୍ୟରେ ଭାଜପା ଓ ବିଜେଡି ଶାସନ ଗାଦିରେ ଥିଲେ । ଏହି ଲଢ଼େଇ ସମୟରେ ପ୍ରଶାସନିକ ଅଧିକାରୀମାନେ ଆଦିବାସୀଙ୍କୁ ଟାର୍ଗେଟ୍ କରି ଗୁଳି କରିବାରୁ ୧୩ ଜଣଙ୍କ ଜୀବନ ଅକାଳରେ ଚାଲିଯାଇଥିଲା। ଅଧିକନ୍ତୁ ୨୦୧୬ରେ ଏନେଇ ପ୍ରକାଶିତ କମିଶନ ରିପୋର୍ଟ ଅନୁଯାୟୀ ପ୍ରଶାସନିକ ଅଧିକାରୀଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା । ଗତ ୧୬ରେ କ୍ୟାବିନେଟ ନିଷ୍ପତ୍ତିକୁ ସମୀକ୍ଷା ବଦଳରେ ପ୍ରତ୍ୟାହାର କରାଯିବାକୁ ରାଜ୍ୟ କଂଗ୍ରେସ ଦାବି କରିଛି । କଂଗ୍ରେସ ପକ୍ଷରୁ ଆସନ୍ତା ଜାନୁୟାରୀ ୨ରେ କଳିଙ୍ଗ ନଗର ଗୁଳିକାଣ୍ଡର ମୃତାହତଙ୍କ ସ୍ମୃତିଚାରଣ କରାଯିବ ବୋଲି ସୂଚନା ଦିଆଯାଇଛି ।

## ଅନ୍ୟାନ୍ୟ ଖବର

# ହାତୀ ଆକ୍ରମଣରେ ନାବାଳକ ଗୁରୁତର

**ଅନୁଗୋଳ,୩୦।୧୨ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ବସଲା ପଞ୍ଚାୟତର ଭେରୁବଣିଆ ଗ୍ରାମରେ ଶନିବାର ହାତୀ ଆକ୍ରମଣରେ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଛେଳିଆପଡ଼ା ଗ୍ରାମର ଦେବସ୍ନାନ ବାଘଙ୍କ ପୁଅ ସୁରେନ୍ଦ୍ର ବାଘ (୧୨) ବସଲା ପଞ୍ଚାୟତ ଭେରୁବଣିଆ ଗ୍ରାମସ୍ଥିତ ଅପା ଘରକୁ ଯାଇଥିଲେ। ସେଠାରୁ ଅପା ପୁଅଙ୍କ ସହ ଦୋକାନକୁ ଯାଇ ଫେରୁଥିବା ବେଳେ ହାତୀ ହାବୁଡରେ ପଡିଯାଇଥିଲେ। ତେବେ ଅପା ପୁଅ ଖସି ଯାଇଥିବା ବେଳେ ସୁରେନ୍ଦ୍ରଙ୍କୁ ହାତୀ ଆକ୍ରମଣ କରିଥିଲା। ତେବେ ସୁରେନ୍ଦ୍ର ଚିତ୍କାର କରିବାରୁ ହାତୀଟି ସେଠାରୁ ପଳାଇଥିଲା। ଖବରପାଇ ସ୍ଥାନୀୟ ଅଞ୍ଚଳବାସୀ ଏବଂ ବନ କର୍ମଚାରୀ ସୁରେନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ଗ୍ରାମବାସୀ କ୍ଷତିପୂରଣ ଦାବିରେ ପୁରୁଣା କଟକ-ସମ୍ବଲପୁର ଜାତୀୟ ରାଜପଥକୁ ଧାଡ଼ିଆମ୍ବଠାରେ ଅବରୋଧ କରିଛନ୍ତି।


ଗୁରୁତର ହୋଇଥିବା ନାବାଳକ ସୁରେନ୍ଦ୍ର ବାଘ।

# ଅଳଙ୍କାର, ଟଙ୍କା ଲୁଟି ନେଲେ ଭଣ୍ଡବାବା

**ଢେଙ୍କାନାଳ,୩୦।୧୨ (ରତନ ନାୟାର)**

ନିଜକୁ ବାବା ପରିଚୟ ଦେଇ ୨ ଭଣ୍ଡ ଶନିବାର ଜଣେ ମା' ଓ ଝିଅଙ୍କ ଠାରୁ ୮ ହଜାର ଟଙ୍କା, ୨ଟି ସୁନାମୁଦି, ଗୋଟିଏ ସୁନା ଚେନ୍ ସହ ମଙ୍ଗଳସୂତ୍ର ଲୁଟି ନେଇଛନ୍ତି। ଢେଙ୍କାନାଳ ସହର ମୀନାବଜାର ଅଞ୍ଚଳରେ ଅପରାହ୍ନ ପ୍ରାୟ ୧ଟା ବେଳେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ସହରର ମହିଳା ସ୍ୱର୍ଣ୍ଣପ୍ରଭା ସାହୁ ଝିଅଙ୍କ ସହିତ ମୋବାଇଲ ମରାମତି କରି ବଜାରରୁ ଫେରୁଥିବା ବେଳେ ବାଟରେ ସେମାନଙ୍କୁ ୨ ବାବା ବେଶଧାରୀ ଅଟକାଇଥିଲେ। ସେମାନଙ୍କ ପରିବାର ଉପରେ ଘୋର ବିପଦ ପଡିଛି ବୋଲି କହିଥିଲେ। ଏପରି କି ମହିଳାଙ୍କ ପୁଅ, ଝିଅ ଓ ସ୍ୱାମୀଙ୍କ ଉପରେ ମଧ୍ୟ ବିପଦ ଥିବା କହି ଭୟଭୀତ କରାଇଥିଲେ। ଏହାପରେ ଠାକୁରଙ୍କୁ ଦର୍ଶନ କରାଇ ଦେବାକୁ କହି ୮ ହଜାର ଟଙ୍କା ଓ ସୁନାଚେନ ଦେବାକୁ ସ୍ୱର୍ଣ୍ଣପ୍ରଭାଙ୍କୁ କହିଥିଲେ। ପରେ ମା, ଝିଅଙ୍କୁ ୫୧ ପାଦ ଆଗକୁ ଯିବାକୁ ଆଦେଶ ଦେଇଥିଲେ। ସ୍ୱର୍ଣ୍ଣପ୍ରଭା ଓ ତାଙ୍କ ଝିଅ ୨ ବାବା ବେଶଧାରୀଙ୍କ ପରାମର୍ଶ ମାନି ଆଗକୁ ଯାଇଥିଲେ। ହେଲେ ସେଠାରୁ ଫେରି ଦେଖିବା ବେଳକୁ ବାବା ବେଶରେ ଆସିଥିବା ୨ ଜଣ ଟଙ୍କା, ସୁନା ଧରି ଫେରାର ହୋଇଯାଇଥିଲେ। ଖବରପାଇ ଟାଉନ ଥାନା ପୋଲିସ ସିସିଟିଭି ଯାଞ୍ଚ କରି ୨ ଲୁଟେରାଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।


ଲୁଟ୍‌ର ଶିକାର ହୋଇଥିବା ମହିଳା।

# ଖଜୁରିନାଲୁଆ ରାସ୍ତା ଫାଟି ଆଁ

ଯାଜପୁର/କୋରେଇ, ୩୦।୧୨ (ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି)



ଯାଜପୁର ଜିଲା ପାଣିକୋଇଲି ନିର୍ମାଣ ବିଭାଜନ ଦୁର୍ନୀତିର ଗନ୍ତାଘର ପାଲଟିଛି। ଏହି ବିଭାଗରେ ବିନା ଟେଣ୍ଡରରେ ଶତାଧିକ ପ୍ରକଳ୍ପ ଅନୁଗତ ଓ ଶାସକ ଦଳ ସମର୍ଥିତ ଠିକାଦାରମାନଙ୍କୁ ଟେକି ଦିଆଯାଉଛି। ଆଗକୁ ନିର୍ବାଚନ ଆସୁଥିବାରୁ ଏହି ବିଭାଗ ଏଫ୍-୨ ଆଳରେ ଠିକାଦାରଙ୍କ ସନ୍ତୁଷ୍ଟୀକରଣର ଏକ ମାଧ୍ୟମ ହୋଇଛି। ଫଳରେ ଅନେକ ଲକ୍ଷ ଟଙ୍କାର ପ୍ରକଳ୍ପ ଅଳ୍ପ ଦିନ ମଧ୍ୟରେ ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ଷ୍ଟେଟ୍ ପ୍ଲାନରେ କାର୍ଯ୍ୟକାରୀ ହୋଇଥିବା କୋରେଇ ବ୍ଲକ ଅଧୀନ ଖଜୁରିନାଲୁଆ-ପୂର୍ବକୋଟ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏହି ରାସ୍ତା ସମ୍ପୂର୍ଣ୍ଣ ହେବାର ୨ ମାସ ମଧ୍ୟରେ ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ଏହାସହ ରାସ୍ତାପାର୍ଶ୍ୱ ଅତି ନିମ୍ନମାନର ହୋଇଥିବାରୁ ବିଲ ପଟକୁ ଧସିବାରେ ଲାଗିଛି। ସୂଚନା ଫଳକରେ ଉକ୍ତ ପ୍ରକଳ୍ପର ପରିମାଣ ଅର୍ଥ ନ ଦର୍ଶାଇ ଲୋକଙ୍କୁ ଅନ୍ଧାରରେ ରଖି ସିଂହଭାଗ ଅର୍ଥ ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଖଜୁରିନାଲୁଆ-ପୂର୍ବକୋଟ ରାସ୍ତା ଏଫ୍-୨ ଜରିଆରେ ଗୁପ୍ତ ଟେଣ୍ଡର କରି ବିପୁଳ ଅର୍ଥ ବ୍ୟୟରେ ଏହାର ମରାମତି ହୋଇଥିଲା। କିନ୍ତୁ କିଛି ମାସ ମଧ୍ୟରେ ଏହି ରାସ୍ତାର ଏକାଧିକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହେବା ସହିତ ଅନେକ ସ୍ଥାନରେ ରାସ୍ତାର ଦୁଇ ପାର୍ଶ୍ୱରେ ଫାଟ ସୃଷ୍ଟି ହୋଇଛି। ଏଥିସହିତ ଠିକାଦାର ରାସ୍ତାର ଉଭୟ ପାର୍ଶ୍ୱରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ନ କରି ଯେନତେନ ପ୍ରକାରେ କାର୍ଯ୍ୟ ସମ୍ପାଦନ କରିଥିବା ମନେ ହେଉଛି, ଯାହାଫଳରେ ରାସ୍ତାର ବିଭିନ୍ନ ସ୍ଥାନ ଧସିବା ଆରମ୍ଭ ହେଲାଣି। ଆବଶ୍ୟକ ପରିମାଣର ପିଚୁ ବ୍ୟବହାର ହୋଇ ନ ଥିବାବେଳେ ମାତ୍ରାଧିକ ବଜୁରି ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ବିଭାଗର କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ହାତ କରି ଠିକାଦାର ନିଜ ଇଚ୍ଛା ଅନୁଯାୟୀ କାମ କରିଥିବା କୁହାଯାଉଛି। ଫଳରେ ମାତ୍ର କିଛି ମାସ ତଳେ ମରାମତି ହୋଇଥିବା ରାସ୍ତାଟି ପୁନର୍ବାର ମରାମତି କରାଯିବାର ଆବଶ୍ୟକ ପଡୁଛି। ଏହି ବିଭାଗର ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଉଚ୍ଚପଦସ୍ଥ ଅଧିକାରୀ ଓ ତଦନ୍ତକାରୀ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ମୋଟା ଅଙ୍କର ପିସି ନେଇ ସବୁକିଛି ଜାଣି ଅଜଣା ହେଉଥିବା ମତପ୍ରକାଶ ପାଇଛି। ସେହିପରି ଧନେଶ୍ୱର ଛକଠାରୁ କୋରେଇ ପୂର୍ତ୍ତ ବିଭାଗ ରାସ୍ତାରେ ମଧ୍ୟ ବ୍ୟାପକ ଦୁର୍ନୀତି ହୋଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ପାଣିକୋଇଲି-

**ପାଣିକୋଇଲି ପୂର୍ତ୍ତ ବିଭାଗ କାମରେ ଅନିୟମିତତା**

- ନିମ୍ନମାନର କାର୍ଯ୍ୟ, ବିଲ ପଟକୁ ଧସୁଛି
- ୨ ମାସ ଗଲାନି ମରାମତି କାମ
- ଗୁପ୍ତ ଟେଣ୍ଡରର ଫଳ ଭୋଗିବେ ଲୋକେ

ରଗଡ଼ି ବିଭାଗୀୟ ରାସ୍ତାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ବର୍ଷରେ ଏକାଧିକ ଥର ଏହି ରାସ୍ତାକୁ ଗୁପ୍ତ ଟେଣ୍ଡର କରି ମରାମତି କରି ଠିକାଦାର ଓ ଯନ୍ତ୍ରୀ ଲାଭବାନ ହେଉଛନ୍ତି। ପୂର୍ତ୍ତ ବିଭାଗୀୟ ରାସ୍ତାଗୁଡିକର ଏଭଳି ଭାବେ ଅଦରକାରୀ ସମୟରେ ଏକାଧିକ ଥର ମରାମତି ହେଉଥିବାରୁ ରାଜ୍ୟ ସରକାରଙ୍କ ବିପୁଳ ଅର୍ଥ କ୍ଷତି ହେଉଥିବା ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ପାଣିକୋଇଲି ନିର୍ମାଣ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଦଲେଇଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତାର କାଗଜପତ୍ର ନ ଦେଖିଲା ପର୍ଯ୍ୟନ୍ତ କିଛି କହିହେବ ନାହିଁ। ତଥାପି ରାସ୍ତାର କାମ ଉପରେ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୪୬ ଗ୍ରାମ୍ ସୁନା ମିଳିଲା

**ମା' ତାରିଣୀଙ୍କ ହୁଣ୍ଡି ଗଣତି**



ମନ୍ଦିର, ବ୍ୟାଙ୍କ ଓ ପୋଲିସ କର୍ମଚାରୀମାନେ ଗଣତି କରୁଛନ୍ତି।

ଘଟଗାଁ,୩୦।୧୨ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ହୁଣ୍ଡି ଶନିବାର ଖୋଲାଯାଇ ଗଣତି କରାଯାଇଛି। ମନ୍ଦିର ବେଢ଼ା ଭିତର ଓ ବାହାରେ ଥିବା ମୋଟ ୧୩ ହୁଣ୍ଡି ଗଣତି କରାଯାଇଥିଲା। ସେଥିରୁ ସମୁଦାୟ ୨୨ ଲକ୍ଷ ୫୩ ହଜାର ୧୮ ଟଙ୍କା, ୪୬ ଗ୍ରାମ୍ ୯୬୦ ମିଲିଗ୍ରାମ୍ ସୁନା ଓ ୩୯୫ ଗ୍ରାମ୍ ୭୨୦ ମିଲିଗ୍ରାମ୍ ରୁପା ମିଳିଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ ଏଏସ୍ଆଇ ଉପେନ୍ଦ୍ର ନାଏକ ଓ ମଦନ ମୋହନ ପୂର୍ତ୍ତି ପ୍ରମୁଖ ଗଣତି ବେଳେ ଉପସ୍ଥିତ ଥିଲେ। ମନ୍ଦିରର ବରିଷ୍ଠ କର୍ମଚାରୀ ଅବନୀ ଜେନା, ଶରତ ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ସନାତନ ନାଏକ, ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖି, ଚନ୍ଦନ ବେହେରା, ଚକ୍ରଧର ନାଏକ, ବିଷ୍ଣୁ ଚରଣ ନାଏକ, ସନିଆ ମୁଖି, ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ପାୟଲ ମଲ୍ଲିକ ଓ ସିପୁନ ସାହୁ ପ୍ରମୁଖ ଗଣତିରେ ସହଯୋଗ କରିଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଳିମାଡ଼

ସୁନ୍ଦରଗଡ,୩୦।୧୨ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା କିଞ୍ଜିରକେଲା ଥାନା ଅଧୀନ ପାତକିଯୋର ନିକଟରେ ଶନିବାର ରାତି ପ୍ରାୟ ୯ରେ ଜଣଙ୍କୁ ଗୁଳିମାଡ଼ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗୁଳିମାଡ଼ ହୋଇଥିବା ଜଣାପଡିଛି। ପାତକିଯୋର ଗ୍ରାମରେ ଏକ ସଭା ଚାଲିଥିବା ବେଳେ ଦାଣ୍ଡପାଣି ଗ୍ରାମର ବାସୁଦେବ ସାଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ଗୁଳିମାଡ଼ କରି ଫେରାର ହୋଇଯାଉଥିଲେ। ସେଠାରେ ଉପସ୍ଥିତ ଲୋକେ ତାଙ୍କୁ କାବୁ କରି ନିଛକ ମାଡ଼ ମାରିଥିବା ଜଣାପଡିଛି। ଖବର ଲେଖାହେବା ସୁଦ୍ଧା (ରାତି ୧୦ଟା) ବାସୁଦେବଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ମା' ବାପାଙ୍କ ଆଗରେ ଛୁଆ ଉପରେ ଚଢ଼ିଗଲା ଟ୍ରକ୍

ରାଇଘର, ୩୦।୧୨ (କିରଣ ପଟ୍ଟନାୟକ)



ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

ବାହାଘରର ୧୭ ବର୍ଷ ପରେ କୋଳକୁ ଆସିଥିଲା ପୁଅ। କିନ୍ତୁ ଅସାବଧାନତାରୁ କୁନିପୁଅ ଉପରେ ଚଢ଼ିଗଲା ଟ୍ରକ୍। ମା' ବାପାଙ୍କ ଆଗରେ ଚାଲିଗଲା ତା ଜୀବନ। ପିଲାଟିର ମୃତଦେହ ଧରି ରାସ୍ତା ଉପରେ ମୁଣ୍ଡ ପିଟି କାନ୍ଦୁଥିଲେ ମା' ବାପା। ଗ୍ରାମବାସୀ ମୃତଦେହ ରଖି କୁନ୍ଦେଇ -ରାଇଘର ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଏହି ଦୁର୍ଘଟଣା ନବରଙ୍ଗପୁର ଜିଲା ରାଇଘର ବ୍ଲକ ଦେଓଭରଣି ଗ୍ରାମରେ ଶନିବାର ଘଟିଛି। ମୃତକ ହେଲେ ଛତିଶଗଡ଼ କୋଣ୍ଡାଗାଁ ଜିଲା ବିଶ୍ରାମପୁରୀ ଥାନା ଅଧୀନ ମଛଲୀ ପଞ୍ଚାୟତ ଉରିଦ ଗ୍ରାମର ରାଜକୁମାର କୋରାମଙ୍କ ପୁଅ ଗୌରବ(୪)।

ଏକ ଦଶାହରେ ଯୋଗଦେବାକୁ ରାଜକୁମାର ସ୍ତ୍ରୀ ଓ ପୁଅ ଗୌରବଙ୍କୁ ଧରି ଶୁକ୍ରବାର ସନ୍ଧ୍ୟାରେ ଶ୍ୱଶୁରଘର ଦେଓଭରଣି ଗ୍ରାମକୁ ଆସିଥିଲେ। ପ୍ରବଳ ଥଣ୍ଡା ହେଉଥିବାରୁ ଶନିବାର ସକାଳ ୭ଟାରେ ରାଜକୁମାର ଓ ତାଙ୍କ ମା' ଗୌରବଙ୍କୁ ଧରି ଖରାରେ ରାସ୍ତାରେ ଛିଡ଼ା ହୋଇଥିଲେ। ହଠାତ୍ ଗୌରବ ବାପାଙ୍କ ହାତ ଛାଡ଼ି ବିପରୀତ ଦିଗକୁ ଯିବାକୁ ଦୌଡ଼ିଥିଲେ। ସାମ୍ନା ପଟୁ ଏକ ମାଲ୍ ବୋଝେଇ ଟ୍ରକ୍ (ଏପି-୩୯ଡବ୍ଲ୍ୟୁ-୫୯୮୦) ଗୌରବଙ୍କୁ ଧକ୍କାଦେଇ ଘୋଷାଡ଼ି ନେଇଥିଲା। ତାଙ୍କ ମୁଣ୍ଡରେ ଟ୍ରକ୍ ଚକା ଚଢି ଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରେ ରାଇଘର ତହସିଲଦାର ଜନ୍ମେଜୟ ବେହେରା ଓ ଗାଡ଼ି ମାଲିକ ଘଟଣାସ୍ଥଳକୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। କ୍ଷତି ପୂରଣ ବାବଦକୁ ୧ଲକ୍ଷ ଟଙ୍କା ସହ ଇନ୍ସ୍ୟୁରାନ୍ସ ବାବଦରେ ମିଳିବାକୁ ଥିବା ଟଙ୍କା ପରିବାର ଲୋକେ ପାଇବେ ବୋଲି ଗାଡି ମାଲିକ ପ୍ରତିଶ୍ରୁତି ଦେଇଥିଲେ। ତହସିଲଦାର ରେଡ୍‌କ୍ରସ୍ ପକ୍ଷରୁ ପରିବାର ଲୋକଙ୍କୁ ୧୦ ହଜାର ଟଙ୍କା ଦେବା ପରେ ରାସ୍ତାରୋକୋ ହଟିଥିଲା। ଏହି ସମୟରେ ରାଇଘର ଥାନାଧିକାରୀ ରଘୁନାଥ ମାଝି, ରାଜସ୍ୱ ଅଧିକାରୀ ମୃତ୍ୟୁଞ୍ଜୟ ରାଉଳ, ରମେଶ ହାଲବା, ସୁପରଭାଇଜର ବିନୋଦ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଡ୍ରାଇଭର ଟ୍ରକ୍ ସହ ରାଇଘର ଥାନାରେ ଅଟକ ରହିଛନ୍ତି। ରାଇଘର ପୋଲିସ ନଂ. ୨୩୧/୨୩ରେ ମାମଲା ରୁଜୁ କରିଛି।

- କ୍ଷତିପୂରଣ ଦାବିରେ ରାସ୍ତାରୋକୋ
- ବିବାହର ୧୭ବର୍ଷ ପରେ ହୋଇଥିଲା ପୁଅ

## ଯବାନ -ମାଓବାଦୀ ଗୁଳି ବିନିମୟ

### ମାଓବାଦୀ କ୍ୟାମ୍ପ ଧ୍ୱଂସ

ମାଲକାନଗିରି, ୩୦।୧୨ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ସହ ଗୋଟିଏ ମାଓବାଦୀ କ୍ୟାମ୍ପକୁ ଯବାନମାନେ ଶନିବାର ଧ୍ୱଂସ କରିଛନ୍ତି। ସୂଚନା ଅନୁଯାୟୀ, ମାଲକାନଗିରି ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ତୁମାଲପଡ଼ା ନିକଟ ମାଓବାଦୀ କ୍ୟାମ୍ପ ଥିବା ନେଇ ସୂଚନା ପାଇ ଡିଆର୍‌ଜି ଯବାନ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ଜଙ୍ଗଲ ମଧ୍ୟରେ ଲୁଚି ଥିବା ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚାଳନା କରିଥିଲେ, ଯାହାର ପାଲଟା ଜବାବ ଦେଇଥିଲେ ସୁରକ୍ଷା ବାହିନୀ। ତେବେ କିଛି ସମୟ ଗୁଳି ବିନିମୟ ପରେ ଯବାନଙ୍କୁ ସାମ୍ନାକରି ନ ପାରି ମାଓବାଦୀମାନେ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ଏହାପରେ ଯବାନମାନେ ସେଠାରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିବା ବେଳେ ମାଓବାଦୀଙ୍କ ଏକ କ୍ୟାମ୍ପକୁ ଠାବକରି ତୁରନ୍ତ ଧ୍ୱଂସ କରିଥିଲେ। ଏହି କ୍ୟାମ୍ପରୁ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ କେତେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯବାନମାନେ ଜବତ କରିଥିଲେ।

## ୫ରେ ରାୟଗଡ଼ା ବନ୍ଦ

**ଆଦିବାସୀଙ୍କ ହତ୍ୟା ଘଟଣାକୁ ନେଇ ମହାସଂଘର ପ୍ରତିବାଦ**




ଜିଲା ଆଦିବାସୀ ମହାସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

ରାୟଗଡ଼ା,୩୦।୧୨ (ଆଶିଷ ରଞ୍ଜନ ପଣ୍ଡା)

ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ହତ୍ୟା ପ୍ରତିବାଦରେ ଆସନ୍ତା ୫ ତାରିଖରେ ରାୟଗଡା ଜିଲା ବନ୍ଦ ଡାକରା ଦେଇଛି ଆଦିବାସୀ ମହାସଂଘ। ମୁଖ୍ୟତଃ ଆଦିବାସୀ ନେତା ଭାଗୀରଥି ମାଣ୍ଡାଙ୍ଗି ହତ୍ୟା ଘଟଣାରେ ପୋଲିସ ଓ କ୍ରାଇମବ୍ରାଞ୍ଚର ଶିଥିଳତା ବିରୋଧରେ ଏହି ବନ୍ଦ ପାଳନ କରାଯିବ ବୋଲି ଶନିବାର ଏକ ଖବରଦାତା ସମ୍ମିଳନୀରେ ମହାସଂଘ ପକ୍ଷରୁ ଘୋଷଣା ହୋଇଛି। ସମ୍ମିଳନୀରେ ଜିଲା ଆଦିବାସୀ ମହାସଂଘ ସଭାପତି ଆପଲସ୍ୱାମୀ କାଡ୍ରାକା, ଆବାହକ ବସନ୍ତ କୁମାର ଉଲାକା, ସାଧାରଣ ସମ୍ପାଦକ ଜଗନ୍ନାଥ ମାଣ୍ଡାଙ୍ଗି, ସମ୍ପାଦିକା ମଞ୍ଜୁଳା ମିଣିଆକା ଏହା ଘୋଷଣା କରିଥିଲେ। ଖବରଦାତା ସମ୍ମିଳନୀରେ ମହାସଂଘ ପକ୍ଷରୁ କୁହାଯାଇଛି, ଜିଲାର ଆଦିବାସୀ ନେତା ଭାଗୀରଥି ମାଣ୍ଡାଙ୍ଗିଙ୍କୁ ୨୦୧୦ ଡିସେମ୍ବର ୧୫ ରେ ହତ୍ୟା କରାଯାଇଥିଲା। ଏହି ଘଟଣାର ତଦନ୍ତ ପ୍ରଥମେ ପୋଲିସ ଓ ପରେ କ୍ରାଇମବ୍ରାଞ୍ଚ କରିଥିଲା। ହେଲେ ୧୩ ବର୍ଷ ପରେ ମଧ୍ୟ ହତ୍ୟାକାରୀଙ୍କୁ ଧରିବାରେ ବିଫଳ ହୋଇଛି ପୋଲିସ ଓ କ୍ରାଇମବ୍ରାଞ୍ଚ। ଆମେ ଏଥିପାଇଁ ବାରମ୍ବାର ପୋଲିସ ଓ ସରକାରଙ୍କ ନିକଟରେ ଦାବି କରିଛୁ। ତଥାପି କୌଣସି ସୁଫଳ ମିଳିନାହିଁ। ଏଭଳିକି ପୋଲିସ ଡିଜି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ମଧ୍ୟ ପାଳନ ହୋଇନାହିଁ। ଭାଗୀରଥିଙ୍କ ପରିବାର ୧୩ ବର୍ଷ ହେବ ନ୍ୟାୟ ଆଶାରେ ରହିଛନ୍ତି। ତେଣୁ ଆସନ୍ତା ୩ ତାରିଖ ସୁଦ୍ଧା ଯଦି କୌଣସି ପଦକ୍ଷେପ ସରକାରଙ୍କ ଦ୍ୱାରା ଗ୍ରହଣ ନ ହୁଏ ତେବେ ୫ ତାରିଖରେ ବନ୍ଦ ପାଳନ କରାଯିବ।

## ଭାଜପା ବୈଠକରେ ଅଣ୍ଡାମାଡ଼

ଖଇରା,୩୦।୧୨ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଡ଼ନୂଆଗାଁ ଗ୍ରାମର ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ଚାଲିଥିବା ବେଳେ ଭାଜପା ନେତୃବୃନ୍ଦଙ୍କ ଉପରକୁ କେହି ଅଣ୍ଡା ଫିଙ୍ଗିଥିବା ଅଭିଯୋଗ ହୋଇଛି। ଭାଜପା ବୈଠକକୁ ଭଣ୍ଡୁର କରିବାକୁ ଏହା ବିଜେଡି ଦଳର ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି ଭାଜପା ନେତାମାନେ ଅଭିଯୋଗ କରିଛନ୍ତି। ଉକ୍ତ ବୈଠକରେ ଭାଜପା ନେତା ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ଯୁବ ନେତା ଅଂଶୁମାଧବ ପଣ୍ଡା, ମଣ୍ଡଳ ସଭାପତି ପତିତପାବନ କର ପ୍ରମୁଖ ଉପସ୍ଥିତ ଥିଲେ।

## ସିଟି ବସ୍ ଟର୍ମିନାଲରେ ଅଗ୍ନିକାଣ୍ଡ

**ସନ୍ଦେହରେ ଠିକା ସଂସ୍ଥା**

ଜୟପୁର,୩୦।୧୨ (ପବନ ପାଣିଗ୍ରାହୀ)



ଅଗ୍ନିଶମ କର୍ମଚାରୀମାନେ ବସ୍‌ରେ ଲାଗିଥିବା ନିଆଁ ଲିଭାଉଛନ୍ତି।

କୋରାପୁଟ ଜିଲା ଜୟପୁର ସିଟି ବସ୍ ଟ୍ରର୍ମିନାଲରେ ଅଗ୍ନିକାଣ୍ଡ ଘଟିଛି। କୋରାପୁଟ ଜିଲା ପାଇଁ ଆସିଥିବା ସିଟି ବସ୍ ଲୋକଙ୍କ କାମରେ ଲାଗି ନ ଥିବା ବେଳେ ଶନିବାର କେହି ଦୁର୍ବୃତ୍ତ ବସ୍‌ରେ ନିଆଁ ଲଗାଇ ଦେଇଛି। ଫଳରେ ଦୀର୍ଘ ଦିନ ଧରି ଜୟପୁର ସିଟି ବସ୍ ଟ୍ରର୍ମିନାଲରେ ଛିଡା ହୋଇଥିବା ୨୦ଟି ବସ୍‌ରୁ ଗୋଟିଏ ବସ୍ ସମ୍ପୂର୍ଣ୍ଣ ଜଳିଯାଇଛି। ଗତ ୩।୧୧।୨୩ରେ ଏପରି ୨ଟି ସିଟିବସ୍‌ରେ କେହି ନିଆଁ ଲଗାଇ ଦେଇଥିଲା। ଶନିବାର ପୁଣି ଗୋଟିଏ ବସ୍ ଅଗ୍ନିକାଣ୍ଡ ଯୋଗୁ ଏହା ପୋଡି ପାଉଁଶ ହୋଇଯାଇଛି। ଏହାର କାରଣ ଜଣାପଡିନାହିଁ। ଜୟପୁର ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ସିଟି ବସ୍ ଟର୍ମିନାଲରେ ଏହି ବସ୍‌ଗୁଡିକ ଦୀର୍ଘଦିନ ହେଲା ଅବ୍ୟବହୃତ ହୋଇ ପଡି ରହିଥିଲା। ଏ ସମ୍ପର୍କରେ ଅଗ୍ନିଶମ ବିଭାଗର ୧୧୨କୁ ଖବର ଆସିବା ପରେ ଷ୍ଟେସନ ଅଫିସର ଆଦିତ୍ୟ ଦାସ ଓ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ସୂଚନାଯୋଗ୍ୟ, ୨୦୧୬ରେ କୋରାପୁଟ ଜିଲା ପାଇଁ ପ୍ରଥମ ପର୍ଯ୍ୟାୟରେ ୨୦ଟି ସିଟି ବସ୍ ଆସିଥିଲା। ଉକ୍ତ ବସ୍‌ଗୁଡିକ କୋଟପାଡ, ଜୟପୁର, କୋରାପୁଟ, ସୁନାବେଡା, ଦାମନଯୋଡି ମଧ୍ୟରେ ଚଳପ୍ରଚଳ କରିଥାନ୍ତା। ଏନେଇ ଏକ ଠିକାସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପର୍ଯ୍ୟାୟକ୍ରମେ କେନ୍ଦ୍ର ସରକାରଙ୍କ ଜବାହର ଜାତୀୟ ସହରାଞ୍ଚଳ ନବୀକରଣ ଯୋଜନାରେ ଆଉ ୮୦ଟି ବସ୍ ଆଣିବାକୁ ଲକ୍ଷ୍ୟ ରଖାଯାଇଥିଲା। ବସ୍‌ଗୁଡିକ ସରକାର ଏବଂ ଘରୋଇ ସହଭାଗିତାରେ ଚଳାଇବାକୁ ନିଷ୍ପତ୍ତି ହୋଇ ଗିତାଞ୍ଜଳି ସରଫେକ୍ସ ଟ୍ରାନ୍ସପୋର୍ଟ ନାମକ ଠିକାସଂସ୍ଥା ସହ ଜିଲା ପ୍ରଶାସନ ଚୁକ୍ତି କରିଥିଲା। ଅନ୍ୟପକ୍ଷରେ ବସ୍ ଚଳାଚଳରେ ବିଳମ୍ବ ଲାଗି ଠିକାସଂସ୍ଥା ଘରୋଇ ବସ୍ ମାଲିକ ସଂଘ ଏବଂ ଆରଟିଓଙ୍କୁ ଦାୟୀ କରୁଥିଲା। ଟର୍ମିନାଲରେ ବସ୍‌ଗୁଡିକ ୭ ବର୍ଷ ରହି ଏହା ଅଚଳ ଅବସ୍ଥାକୁ ଆସିଯାଇଥିଲା। ଏହାକୁ କିଛି ଦିନ ତଳେ ଜୟପୁର ପୌରସଂସ୍ଥା ସ୍କ୍ରାପ ଜରିଆରେ ବିକ୍ରି ପାଇଁ ଉଦ୍ୟମ କରିଥିଲା।

# କୁଦୋପାଲି ହେବ ଦେଶର ପ୍ରମୁଖ ତୀର୍ଥକ୍ଷେତ୍ର

ସମ୍ବଲପୁର,୩୦।୧୨ (ପ୍ରମୋଦ ବହିଦାର)



କୁଦୋପାଲିରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ।

ଓଡ଼ିଆ ଜାତି ବୀର ପୁରୁଷଙ୍କ ଜାତି। ଏହି ଜାତି କଦାପି ପରାଧୀନତାକୁ ସ୍ୱୀକାର କରେ ନାହିଁ। ବୀର ସୁରେନ୍ଦ୍ର ସାଏ ଓ ଛବିଳ ସାଏଙ୍କ ବଳିଦାନ ଏହାର ଜ୍ୱଳନ୍ତ ଉଦାହରଣ। ସେମାନେ ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବେ। ସମ୍ବଲପୁର ଉପକଣ୍ଠ ରକ୍ତତୀର୍ଥ କୁଦୋପାଲିଠାରେ ଶନିବାର ଦେଶ ମାତୃକାର ସୁରକ୍ଷା ପାଇଁ ଶହୀଦ ହୋଇଥିବା ବୀର ପୁରୁଷଙ୍କ ୧୬୬ତମ ବଳିଦାନ ଦିବସରେ ଛବିଳ ସାଏ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏହା କହିଥିଲେ। ଏହି ସଭାରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧୮୫୭ରେ ବ୍ରିଟିଶ ଦମନଲୀଳାର ଶିକାର ହୋଇ ପ୍ରାଣବଳି ଦେଇଥିବା ବୀର ଛବିଳ ସାଏ ଓ ଅନ୍ୟ ୫୩ ଜଣ ଶହୀଦଙ୍କ ସ୍ମୃତିରେ ଆୟୋଜିତ ପଦଯାତ୍ରାରେ ସାମିଲ ହୋଇ ମଶାଲ ପ୍ରଜ୍ୱଳନ ପୂର୍ବକ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଏହି ଅବସରରେ ସେ ତାଙ୍କ ଅଭିଭାଷଣରେ କହିଥିଲେ, ଦେଶ ମାତୃକାର ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ଶହୀଦଙ୍କ ରଣଭୂମି କୁଦୋପାଲି ଓଡ଼ିଆ ଜାତିର ତ୍ୟାଗ ଓ ବୀରତ୍ୱର ପ୍ରତୀକ। ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ଛବିଳ ସାଏଙ୍କ ସହିତ ଉଦନ୍ତ ସାଏ, ଧ୍ରୁବ ସାଏ, ଉଜ୍ୱଳ ସାଏ, ଜାଜ୍ୱଳ ସାଏ, ମେଦନୀ ସାଏ, କୋଲାବିରା ଜମିଦାର କରୁଣାକର ସିଂ ନାଏକ, ଘେଁସ ଜମିଦାରଙ୍କ ପରିବାରର ମାଧୋ ସିଂ, କୁଞ୍ଜଲ ସିଂ, ଐର ସିଂ, ବୈରୀ ସିଂ ଓ ହଟେ ସିଂଙ୍କ ଅବଦାନ ଅତୁଳନୀୟ। ସେହିପରି ୧୮୫୭ ବିଦ୍ରୋହ ପୂର୍ବରୁ ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଦେଶର ସର୍ବପ୍ରଥମ ସଂଗଠିତ ସଶସ୍ତ୍ର ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ଭଳି ବୀରତ୍ୱ କାହାଣୀ ଆଜି ଇତିହାସ ବର୍ଣ୍ଣିତ। ପଶ୍ଚିମ ଓଡ଼ିଶାର ସଂଗ୍ରାମୀ ବୀରମାନେ ଶହୀଦ ହୋଇଥିବା ସ୍ଥାନ ରକ୍ତତୀର୍ଥ କୁଦୋପାଲି ଭାବେ ପରିଚିତ। ଏହି ସ୍ଥାନ ସମ୍ବଲପୁର ମହାନଗର ନିଗମର ଅଂଶବିଶେଷ ହୋଇଥିଲେ ସୁଦ୍ଧା ଏହାର ସେଭଳି କୌଣସି ବିକାଶ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେ ଆହୁରି କହିଥିଲେ, ଭାରତ ବର୍ଷ ଯୁବ ପରିଶ୍ରମୀଙ୍କ ପାଇଁ ବର୍ତ୍ତମାନ ସମଗ୍ର ବିଶ୍ୱରେ ନିଜକୁ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ପ୍ରତିପାଦିତ କରିପାରିଛି। ତେବେ ବର୍ତ୍ତମାନ ଦେଶ ପାଇଁ କିଛି କରି ଦେଖାଇବାର ସମୟ ଉପନୀତ। ୨୦୪୭ ମସିହା ସୁଦ୍ଧା ଭାରତକୁ ବିଶ୍ୱର ଏକ ପୂର୍ଣ୍ଣ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ସଙ୍କଳ୍ପ ନେବା ପାଇଁ ସେ ସମବେତ ଜନତାଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ଛବିଳ ସାଏ ଓ ତାଙ୍କ ସହଯୋଗୀଙ୍କ ବଳିଦାନ ଆଦୌ ବ୍ୟର୍ଥ ଯିବ ନାହିଁ। କୁଦୋପାଲି ଘାଟି ଶହୀଦ କ୍ଷେତ୍ରକୁ ଦେଶର ଏକ ପ୍ରମୁଖ ତୀର୍ଥ କ୍ଷେତ୍ରରେ ପରିଣତ କରିବା ପାଇଁ ସବୁ ପ୍ରକାର ସହାୟତା ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ନୂଆବର୍ଷ ଜାନୁୟାରୀ ୧ ତାରିଖରୁ ଆଇସିଏଚ୍ଆର୍ ଆନୁକୂଲ୍ୟରେ ଏହି ତୀର୍ଥକ୍ଷେତ୍ରର ଘଟଣାବଳୀକୁ ନେଇ ଗବେଷଣା ଆରମ୍ଭ କରାଯିବ। ପରବର୍ତ୍ତୀ କାଳରେ ଏହାକୁ ନେଇ ଏକ ପୂର୍ଣ୍ଣାଙ୍ଗ ଗବେଷାତ୍ମକ ପୁସ୍ତକ ପ୍ରକାଶ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି।

ଛବିଳ ସାଏ ସ୍ମୃତିକମିଟି ଅଧ୍ୟକ୍ଷ ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସମ୍ମାନିତ ଅତିଥିଭାବେ ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଯୋଗଦେଇଥିଲେ। ଆବାହକ ଜୟବ୍ରତ ଦେ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରାରମ୍ଭରେ ଉପାଧ୍ୟକ୍ଷ ଗିରିଶ ପଟେଲ ଓ ଲକ୍ଷ୍ମଣ ଦେହୁରି ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସଂଗ୍ରାମୀ ପରିବାର ଓ ସ୍ୱାଧୀନତା ସଂଗ୍ରାମରେ ଅତୁଳନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ଅତିଥିଙ୍କ ଦ୍ୱାରା କୁଦୋପାଲି ଘଟଣାବଳୀକୁ ନେଇ ପ୍ରକାଶିତ ସ୍ମରଣିକା 'ରଣଭୂମି ବୀରଗାଥା' ଉନ୍ମୋଚିତ ହୋଇଥିଲା।

- ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ କେନ୍ଦ୍ରମନ୍ତ୍ରୀ, ଛତିଶଗଡ଼ ରାଜ୍ୟପାଳ
- ନୂଆବର୍ଷରୁ ଆରମ୍ଭ ହେବ ଗବେଷଣା, ପ୍ରକାଶ ପାଇବ ପୁସ୍ତକ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ତ୍ରିଲୋଚନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**BIRTHDAY WISH**



**Gayatri Mohanty**

Wishing you a happy birthday and splendid year ahead.

With Best Wishes from: Apa, Kabuli, Babali, Raja, Chintul

ଧ-2142


# ପହିଲାରୁ ବଡ଼ ପରିବର୍ତ୍ତନ

ଭୁବନେଶ୍ୱର,୩୦।୧୨

ପ୍ରତି ମାସ ଭଳି ଚଳିତ ମାସ ଶେଷ ବେଳକୁ ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ନୂଆ ଦରକୁ ନେଇ ନାନା ଆଶଙ୍କା ସୃଷ୍ଟି ହୋଇଥାଏ। ଏପରିକି ପ୍ରତି ମାସ ଭଳି ଆସନ୍ତା ମାସ (ଜାନୁୟାରୀ) ପହିଲାରୁ ନୂଆ ଦର ଲାଗୁ ହେବ। ବିଶେଷ କରି ଗ୍ୟାସ୍, ତୈଳ, ବିମାନ ଇନ୍ଧନ ସହ ବ୍ୟାଙ୍କ ସୁଧ ହାର ଏବଂ ଅଟୋମୋବାଇଲ (କାର୍, ବାଇକ୍ ଓ ଅଟୋ) କ୍ଷେତ୍ରରେ ମଧ୍ୟ ବଡ଼ ପରିବର୍ତ୍ତନ ହେବ ବୋଲି ଆକଳନ କରାଯାଉଛି।

# ବର୍ଦ୍ଧିତ ମୂଲ୍ୟରେ ଇଥାନଲ୍ କିଣିବେ ସରକାରୀ ତୈଳ କମ୍ପାନୀ

ଭୁବନେଶ୍ୱର,୩୦।୧୨
(ଅନୁରାଧା ମହାରଣା)



ଦେଶର ସରକାରୀ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ (ଓଏମ୍‌ସି) ବର୍ତ୍ତମାନ ଅଧିକ ଦାମରେ ତେଲ କ୍ରୟ କରିବେ। ଓଏମ୍‌ସି ପ୍ରତି ଲିଟର ଇଥାନଲ୍ ପାଇଁ ୬.୮୭ ଟଙ୍କା ପ୍ରୋତ୍ସାହନ ଘୋଷଣା କରିଛି। ଏହି କାରଣରୁ ଇଥାନଲ୍‌ର ମୂଲ୍ୟ ବର୍ତ୍ତମାନ ଲିଟର ପିଛା ୪୯.୪୧ ରୁ ୫୬.୨୮ ଟଙ୍କାକୁ ବୃଦ୍ଧି ପାଇବ। କେନ୍ଦ୍ର ସରକାର ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ କରିବାର ଲକ୍ଷ୍ୟ ରଖିଥିବାବେଳେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ବିବେଚନା କରାଯାଉଛି। ବର୍ତ୍ତମାନ ଦେଶର ୮୫ ପ୍ରତିଶତ ତୈଳ ବିଦେଶରୁ ଆସୁଛି। ଏହା ସରକାରୀ ରାଜକୋଷ ଉପରେ ଚାପ ପକାଇଥାଏ | ଏଥିସହ ଭାରତ ହେଉଛି ବିଶ୍ୱର ପଞ୍ଚମ ବୃହତ୍ତମ ଇଥାନଲ ଉତ୍ପାଦକ। ଏହାକୁ ପେଟ୍ରୋଲ ସହ ମିଶ୍ରଣକରି ବ୍ୟବହାର କରିବା କେବଳ ସବୁଜ ଅର୍ଥନୀତିର ରାସ୍ତାକୁ ମଜଭୁତ କରିବ ନାହିଁ ବରଂ ସରକାରୀ ଖନନ ଉପରେ ଭାର ମଧ୍ୟ ହ୍ରାସ କରିବ। ତେବେ ବର୍ତ୍ତମାନ ସୁଦ୍ଧା ପେଟ୍ରୋଲରେ ୧୦ ପ୍ରତିଶତ ଇଥାନଲ୍ ମିଶ୍ରଣ କରିବାର ଲକ୍ଷ୍ୟ ହାସଲ କରାଯାଇଛି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ସୂଚନାନୁସାରେ ସି ହେଭି ମୋଲାସେସ୍ ଚିନି କାରଖାନାର ଏକ ଉପ-ଉତ୍ପାଦ। ଏହା ଇଥାନଲ ତିଆରିରେ ବ୍ୟବହୃତ ହୁଏ, ଯାହା ସବୁଜ ଅର୍ଥନୀତିକୁ ପ୍ରୋତ୍ସାହିତ କରିବ। ଏହି ହାର ବୃଦ୍ଧି ଘୋଷଣା ଇଥାନଲ ଉତ୍ପାଦକମାନଙ୍କ ପାଇଁ ଏକ ଆଶ୍ୱସ୍ତିର ବିଷୟ ।

ଓଏମ୍‌ସି ନିକଟରେ ଆଖୁରସ ଏବଂ ବି ହେଭି ମୋଲାସେସ୍ ଭିତ୍ତିକ ଇଥାନର ସଂଶୋଧିତ ଆବଣ୍ଟନ ପ୍ରକାଶ କରିଛି। ଖାଦ୍ୟ ଏବଂ ଜନସାଧାରଣ ବଣ୍ଟନ ବିଭାଗ ଅନୁଯାୟୀ, ପ୍ରତ୍ୟେକ ଡିଷ୍ଟିଲେରକୁ ଇଥାନଲ ଯୋଗାଣ ପାଇଁ ସଂଶୋଧିତ ଆବଣ୍ଟନ ଏବଂ ସଂଶୋଧିତ ଚୁକ୍ତିନାମା ନିଯୁକ୍ତ କରିବାକୁ କୁହାଯାଇଥିଲା। ଚଳିତ ବର୍ଷ ଅକ୍ଟୋବରରେ ଓଏମ୍‌ସି ୨୦୨୩-୨୪ ପାଇଁ ୮୨୫ କୋଟି ଲିଟର ଇଥାନଲ ପାଇଁ ଟେଣ୍ଡର ଜାରି କରିଥିଲା। ପ୍ରାୟ ୧୫୭ କୋଟି ଲିଟର ପୁନଃ ବଣ୍ଟନ କରାଯାଇଛି। ନଭେମ୍ବର ୩୦ ସୁଦ୍ଧା ଦେଶରେ ଇଥାନଲ ଉତ୍ପାଦନ କ୍ଷମତା ପ୍ରାୟ ୧୩୮୦ କୋଟି ଲିଟର। ଏଥିମଧ୍ୟରୁ ପ୍ରାୟ ୮୭୫ କୋଟି ଲିଟର ଗୁଣ୍ଡ ଭିତ୍ତିକ ଏବଂ ପ୍ରାୟ ୫୦୫ କୋଟି ଲିଟର ଶସ୍ୟ ଆଧାରିତ। ଭାରତ ସରକାର ସମଗ୍ର ଦେଶରେ ପେଟ୍ରୋଲରେ ଇଥାନଲ ମିଶ୍ରଣ କରୁଥିବାବେଳେ ଏହା ଅଧୀନରେ ସରକାରୀ ତୈଳ କମ୍ପାନୀଗୁଡିକ ଇଥାନଲ ମିଶ୍ରିତ ପେଟ୍ରୋଲ ବିକ୍ରି କରନ୍ତି। ୨୦୨୫ ସୁଦ୍ଧା ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ପ୍ରାୟ ୧୦୧୬ କୋଟି ଲିଟର ଇଥାନଲ ଆବଶ୍ୟକ ରହିଛି। ଇଣ୍ଡିଆନ ସୁଗାର ଏବଂ ବାୟୋ-ଏନର୍ଜି ଉତ୍ପାଦନକାରୀ ସଂଘ (ଆଇଏସ୍‌ଏମ୍‌ଏ) ପକ୍ଷରୁ ସି ହେଭି ମୋଲାସେସ୍‌ରୁ ଉତ୍ପାଦିତ ଇଥାନଲର ମୂଲ୍ୟ ବୃଦ୍ଧି ପାଇଁ ଏହି ନିଷ୍ପତ୍ତିକୁ ପ୍ରଶଂସା କରାଯାଇଛି।

# ବିଓବିର ସୁଧ ହାରରେ ସଂଶୋଧନ

ଭୁବନେଶ୍ୱର, ୩୦।୧୨

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ସୁଧ ହାର ମୂଲ୍ୟରେ ସଂଶୋଧନ କରାଯାଇଛି। ଘରୋଇ ଖୁଚୁରା ମିଆଦୀ ଜମା ସହିତ ଏନ୍‌ଆର୍‌ଓ ମିଆଦୀ ଜମା ଏବଂ ବିଭିନ୍ନ ପରିପକ୍ୱତା ତାଲିକା ଉପରେ ୧୦ ବେସିସ୍ ପଏଣ୍ଟରୁ ୧୨୫ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ସୁଧ ହାରରେ ଏକ ଉନ୍ନତିମୂଳକ ସଂଶୋଧନ କରାଯାଇଛି। ଏହି ମୂଲ୍ୟ ୨ କୋଟିରୁ କମ୍ ଜମା ଉପରେ ପ୍ରଯୁଜ୍ୟ ରହିଛି। ବିଓବିର ମୁଖ୍ୟ ମହାପ୍ରବନ୍ଧକ (ଖୁଚୁରା ଦାୟିତ୍ୱ ଏବଂ ଏନ୍‌ଆର୍‌ଆଇ ବ୍ୟବସାୟ) ରବୀନ୍ଦ୍ର ସିଂ ନେଗି କହିଛନ୍ତି, ଖୁଚୁରା ମିଆଦୀ ଜମା ହାର ବୃଦ୍ଧି କରିବାର ନିଷ୍ପତ୍ତି ଆମର ଗ୍ରାହକଙ୍କୁ ଅଧିକ ମୂଲ୍ୟ ପ୍ରଦାନ କରିବା ବ୍ୟାଙ୍କର ପ୍ରତିବଦ୍ଧତାକୁ ଦର୍ଶାଉଛି। ସମଗ୍ର ଭାରତରେ ବ୍ୟାଙ୍କର ଯେକୌଣସି ଶାଖା ମାଧ୍ୟମରେ ଫିକ୍ସ ଡିପୋଜିଟ୍ ଖୋଲିପାରିବେ। ଏପରିକି ବିଦ୍ୟମାନ ଗ୍ରାହକଙ୍କ ଦ୍ୱାରା ବ୍ୟାଙ୍କର ମୋବାଇଲ୍ ଆପ୍ (ବବ୍ ୱାର୍ଲଡ୍), ନେଟ୍ ବ୍ୟାଙ୍କିଙ୍ଗ୍ (ବବ୍ ୱାର୍ଲଡ୍ ଇଣ୍ଟରନେଟ୍) ମାଧ୍ୟମରେ ଏକ ଅନ୍‌ଲାଇନ୍ ଫିକ୍ସଡ୍ ଡିପୋଜିଟ୍ ମଧ୍ୟ ଖୋଲଯାଇପାରିବ।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Admission Open**

Post Diploma in **C.S.S.D TECHNIQUES** (Hospital Sterilization Technology)
Eligibility : +3 Science | Duration : 1 Year

Advance Diploma in **OPERATION THEATRE TECHNOLOGY** (OT Techniques)
Eligibility : +2 (Any Stream) | Duration : 2 Years

RMTI, PALASUNI, RASULGARH
BHUBANESWAR-25
Ph: 93382 12123

Hurry up... Hurry up... Hurry up...

**B.Ed**

Only @89,000/-

IMMEDIATELY CONTACT

B.Ed COUNSELLING CENTER BHUBANESWAR

7606962458
8908210843
9124391142
8908210443


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମାଲାବାରରେ 'ଡାଇମଣ୍ଡ ଶୋ'




ଭୁବନେଶ୍ୱର, ୩୦।୧୨ (ଅଭୟ ଦାଶ)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ସର୍ବଭାରତୀୟ ସ୍ତରରେ ଏକ ସ୍ୱତନ୍ତ୍ର 'ଡାଇମଣ୍ଡ ଶୋ' ନିକଟରେ ଆୟୋଜିତ ହୋଇଯାଇଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଶହୀଦନଗର ଶୋ'ରୁମ୍‌ରେ ହୀରା ଅଳଙ୍କାର ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏହି ପ୍ରଦର୍ଶନୀ ୨୦୨୪ ଜାନୁୟାରୀ ୭ ପର୍ଯ୍ୟନ୍ତ ଉକ୍ତ ଶୋ'ରୁମ୍‌ରେ ପ୍ରଦର୍ଶନ ହେବ। ଅପରପକ୍ଷରେ ଉକ୍ତ ପ୍ରଦର୍ଶନୀରେ କେବଳ ବ୍ରାଣ୍ଡର ଏକ୍ସକ୍ଲୁସିଭ ଡାଇମଣ୍ଡ କ୍ରାଫ୍ଟସଗୁଡିକ ସହ ଭିନ୍ନ ଭିନ୍ନ ହୀରା ଅଳଙ୍କାରର ବ୍ୟାପକ ଡିଜାଇନ ପ୍ରଦର୍ଶନୀ ହେଉଛି। ସେହିଭଳି ଉକ୍ତ ପ୍ରଦର୍ଶନୀ ସମୟରେ ପ୍ରତି କାରବାରରେ ହୀରା ମୂଲ୍ୟର ୨୫% ପର୍ଯ୍ୟନ୍ତ ରିହାତି ସୁବିଧା ମଧ୍ୟ ପାଇପାରିବେ। ବିଶେଷକରି ପୁରୁଣା ମାଇନ ଡାଇମଣ୍ଡ ଜୁଏଲେରିରେ ୧୦୦% ବଦଳ ମୂଲ୍ୟ ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଛନ୍ତି, ଆମେ ଏହି ପ୍ରଦର୍ଶନୀ ଜରିଆରେ ଗ୍ରାହକଙ୍କୁ ବ୍ରାଣ୍ଡର ବ୍ୟାପକ ହୀରା ଅଳଙ୍କାରର କାରବାର ସହ ପ୍ରଦର୍ଶନ ଆଦିରେ ସୁବିଧା ଯୋଗାଇଦେଇଛୁ।

# ବିଜିଆଇଟିଆଇ ସହ ଟିପିଏସ୍‌ଓଡିଏଲ୍‌ର ବୁଝାମଣା

ଭୁବନେଶ୍ୱର, ୩୦।୧୨




ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ଏବଂ ବ୍ରହ୍ମପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ବିଜିଆଇଟିଆଇ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରୁ ପ୍ରଶିକ୍ଷଣ ସହ ଦକ୍ଷତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବା ଉତ୍ସାହୀ ଯୁବଗୋଷ୍ଠୀ (ଛାତ୍ରୀଛାତ୍ର)ଙ୍କୁ ଟିପିଏସ୍‌ଓଡିଏଲ୍ ସୁଯୋଗ ପ୍ରଦାନ କରିବ ବୋଲି କୁହାଯାଇଛି। ସେହିଭଳି କାର୍ଯ୍ୟକ୍ଷେତ୍ରରେ ସୁରକ୍ଷିତ ଏବଂ ଅଭିଜ୍ଞ (ସ୍କିଲ୍ ଡେଭେଲପମେଣ୍ଟ) ଛାତ୍ରୀଛାତ୍ରମାନେ ସେମାନଙ୍କର ଶିକ୍ଷା ସମାପ୍ତ ପରେ ଆବଶ୍ୟକ ଟ୍ରେନିଂ ସୁବିଧା ପାଇପାରିବେ। ଫଳରେ ଛାତ୍ରୀଛାତ୍ରମାନେ ଉଭୟ ଥିଓରି ଏବଂ ପ୍ରାକ୍ଟିକାଲ ବିଷୟର ଜ୍ଞାନକୁ ଅଧିକ ମାତ୍ରାରେ ବଢାଇପାରିବେ ବୋଲି ଉକ୍ତ ବୁଝାମଣାରେ ଉଲ୍ଲେଖ କରାଯାଇଛି। ଅପରପକ୍ଷରେ ଟିପିଏସ୍‌ଓଡିଏଲ୍ ଏବଂ ହିଞ୍ଜିଳିକାଟୁ ଶିଳ୍ପ ତାଲିମ ଅନୁଷ୍ଠାନ ବା ଆଇଟିଆଇ ହିଞ୍ଜିଳିକାଟୁ ମଧ୍ୟରେ ମଧ୍ୟ ସମାନ ବୁଝାମଣା ହୋଇଛି। ଏହି ପରିପ୍ରେକ୍ଷୀରେ ଟିପିଏସ୍‌ଓଡିଏଲ୍‌ର କର୍ପୋରେଟ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଟିପିଏସ୍‌ଓଡିଏଲ୍‌ର ସିଇଓ ଅମିତ କୁମାର ଗର୍ଗଙ୍କ ସମେତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ବ୍ରହ୍ମପୁରର ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ଏବଂ ଶିଳ୍ପ ତାଲିମ ଅନୁଷ୍ଠାନ ହିଞ୍ଜିଳିକାଟୁର ଅଧ୍ୟକ୍ଷ ଇଂ. ରାଜେଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday

0674-2580101, 2549949



**MATRIMONIAL**

**BRIDE WANTED**

Unmarried Under Graduate ଜ୍ୟୋତିଷ ପାତ୍ରୀ (F) ଜ୍ୟୋତିଷ (M) ଘର ସମ୍ପର୍କ ନଂ.- 6370062866, Professiona Librarian (M). D-2109

Handsome Karan Boy 1990, 5'7", B.Tech, MBA Serving Engineer Delhi, "SUNASANSAR". 9937512659, 8249969649. D-75290

Looking a bride [both Bengali/ Odia] for our son Bengali Kayastha, B.Tech, 33/5'8". Working Petroleum MNC, Bangalore, earning Rs.30.00 Lakhs annually, parents settled own house in Cuttack. [M] +91 8917672559. D-2129

Wanted a bride (Job/ without Job) for a 43years Govt. Employee SC groom. Contact- 8249993227. D-75311

**GROOM WANTED**

Wanted qualified Odia Groom of any caste Service/Business 35-40Yrs. for a beautiful bride Ph.D. continue Bhubaneswar. 8917585202. D-74315



**REAL ESTATE**

**SALE**

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 200mtr. ଦୂରରେ immediate ଘରକରି ରହିବା ପାଇଁ plot ମିଳୁଛି। 9692213354. D-75087

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

ଗୃହପଯୋଗୀ ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ ମୌଜାରେ ୩୦ଫୁଟ୍ ରୋଡ୍ ଓ ଇଲେକ୍ଟ୍ରି ଥାଇ ସୁଲଭ ଦରରେ ମିଳୁଛି। 8658219495. D-2093

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75088

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 06743180297. D-75176

ପାହାଳ **Utkal Iconic** ନିକଟରୁ **500mtr.** ଦୂରତାରେ **yellowzone gharabari plot** ସମସ୍ତ ପ୍ରକାର ସୁବିଧା ଥାଇ ବିକ୍ରି ହେବ। **6370469894.** D-75286

Duplex sale at Bhubaneswar @57 lakhs only. Contact- 9777433701. D-75284




New year special @ 1499 body Polishing/ Hammam/ Scrub/ Redwine. 9938843929. D-75180

**Relax, Refresh your body, Mind at Saikrupa Spa with best therapies. 8984068077.** D-2080

Relax, refresh your body, mind by expert therapist. Contact: 8338800330. D-75181

**Ashirvaad Salon and SPA get good massage for your health tha best therapy. 7077181074.** D-75081

Spa Kerala body Massage best Therapist @ 699/- Bhubaneswar. Kajal- 9337672475. D-2097



**BUSINESS**

Concrete Mixture Machine & Lift with Ladder available for Roof Slab Casting at Chief cost At- Phulanakhara, Cuttack. 8327792030 (HITULA), 9682013654 (ALLI BABU). D-75085

**AFFIDAVIT**

I, Kamalini Nayak, aged 62 years W/o- Late Shri Udayanath Nayak, resident of MIG 15 of phase II, Lane - 3, KHB Colony, Khandagiri, Khurda-751030, declare hereby through this publication that I Kamalini Rout 'AND' Kamalini Nayak are the names of the same person i.e. myself. I have also executed an affidavit with this regard duly verified by the concerned Executed Magistrate.

Executant
Kamalini Nayak
D-2141

By virtue an affidavit before Executive Magistrate, Dhenkanal on dtd. 20.07.2023, I Sachala Mohanty solemnly affirm that before marriage my name was Sachala Parida. But after the marriage to Soumya Darshan Mohanty, my surname has changed Parida to Mohanty. Sachala Mohanty and Sachala Parida is one and same. Henceforth I Shall be known as Sachala Mohanty, W/o- Soumya Darshan Mohanty, Village- Chatra, Dist.- Jagatsinghpur at Present M.I Colony, Amalapada, PS. Town, Dhenkanal. D-75412

By the virtue of an affidavit dt.29.12.2023 before the Court of Executive Magistrate, Bhubaneswаre. I, RISITA PARIDA, At- Plot No.-3814, Panda Niwas, GGP Colony, Rasulgarh, P.S.- Mancheswar, Dist.- Khordha, Odisha have changed my surname from Risita Parida to Risita Swain accordingly to my Mother's surname i.e, Mamata Swain for all future purposes. Henceforth, I shall be known as Risita Swain for all purpose. D-2131


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାରତପେ'ର ଉଲ୍ଲେଖନୀୟ ଅଭିବୃଦ୍ଧି

ଭୁବନେଶ୍ୱର, ୩୦।୧୨

ଦେଶର ଅଗ୍ରଣୀ ଫିନ୍‌ଟେକ୍ କମ୍ପାନୀ ଭାରତପେ ଚଳିତ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଏପରିକି ୨୦୨୩ରେ କମ୍ପାନୀ ପ୍ରାୟ ୯୦୪ କୋଟିର କାରବାର ସହ ୧୮୨% ବୃଦ୍ଧି ଘଟିଛି। ବିଶେଷକରି ୨୦୨୨ରେ କମ୍ପାନୀର କାରବାର ୩୨୧ କୋଟିରୁ ବଢ଼ି ୨୦୨୩ରେ ୯୦୪ କୋଟି ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ୨୦୨୨ ତୁଳନାରେ ୨୦୨୩ର କାରବାର ପ୍ରାୟ ୧୮୨% ବୃଦ୍ଧି ଘଟିଛି, ଟିକସ ପୂର୍ବ କ୍ଷତି ହ୍ରାସ କରିବାରେ ୫,୫୯୪ କୋଟିରୁ ୮୮୬ କୋଟି ଟଙ୍କା ରହିଥିବା ବେଳେ ଇବିଆଇଟିଡିଏ କ୍ଷତି ମଧ୍ୟ ପ୍ରାୟ ୧୫୮ କୋଟି ହ୍ରାସ ପାଇଛି।

ସେହିଭଳି ଋଣ ପ୍ରଦାନ କ୍ଷେତ୍ରରେ ଭାରତପେ ମର୍ଚ୍ଚାଣ୍ଟର ଋଣ ବିଭାଗରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି, ଯେଉଁଥିରେ ଋଣର ୧୨୯% ବୃଦ୍ଧି ହୋଇଛି। ଏହା ସହ ଉପଯୋଗିତା ଦେୟ ଓ ଏହାର ଉପଭୋକ୍ତା ବ୍ୟବସାୟ ପୋଷ୍ଟରେ ନବସୃଜନ ଓ ବିବିଧୀକରଣ ପାଇଁ ଉତ୍ସର୍ଗୀକୃତତାକୁ ପ୍ରଦର୍ଶନ କରିଥାଏ। ସେହିପରି ସ୍ୱାଇପ ବ୍ୟବସାୟର ଟିପିଭିରେ ୬୩% ବୃଦ୍ଧି ହୋଇଥିବାବେଳେ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୮ ଲକ୍ଷ ନୂଆ ସାଉଣ୍ଡ ବକ୍ସ ଉପକରଣ ସ୍ଥାପନ ଭାରତପେ'ର କାରବାରକୁ ଅଭିବୃଦ୍ଧି କରିବାରେ ଏହା ଆଉ ଏକ ବଡ଼ ପଦକ୍ଷେପ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଭାରତପେ'ର ସିଏଫ୍‌ଓ ଏବଂ ଇଣ୍ଟେରିମ୍ ସିଇଓ ନଳିନୀ ନେଗି କହିଛନ୍ତି, ଆମେ ଚଳିତ ଆର୍ଥିକ ବର୍ଷରେ ଭଲ ପ୍ରଦର୍ଶନ କରିପାରିଥିବାରୁ ବେଶ୍ ଉତ୍ସାହିତ ଅଛୁ। ଏପରିକି ବ୍ୟବସାୟ ଧାରାରେ ମହତ୍ତ୍ୱପୂର୍ଣ୍ଣ ଅଭିବୃଦ୍ଧି, ଉନ୍ନତ ଫାଇନାନ୍ସିଆଲ ମେଟ୍ରିକ ସହ ମିଶି ଆମର ବଣିକ ଓ ପୃଷ୍ଠପୋଷକଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବାକୁ ଆମେ ପ୍ରତିବଦ୍ଧତା ସୂଚୀତ କରିଛୁ। ଏହି ଫଳାଫଳଗୁଡ଼ିକ ଆମ ଦଳର ନିଷ୍ଠା ଓ ଉତ୍ସର୍ଗୀକୃତତାର ପ୍ରମାଣ ତଥା ଗ୍ରାହକଙ୍କ ସମର୍ଥନ ଯୋଗୁ ସମ୍ଭବ ହୋଇପାରିଛି।



**ନୀଳମାଧବ ସାହୁ:** ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଞ୍ଚାୟତ ଅଧୀନ କୁଞ୍ଜବିହାରୀପୁର ଗ୍ରାମର ଇନ୍ଦୁମତୀ ଓ ଦଣ୍ଡପାଣି ସାହୁଙ୍କ ପୁଅ ନୀଳମାଧବ, ଯାହାଙ୍କ ସ୍ପର୍ଶରେ ନିର୍ଜୀବ ପଦାର୍ଥ ବି କଥା କହିବା ପରି ମନେହୁଏ। ଫାର୍ବିକ ଉପରେ ବିଭିନ୍ନ ଡିଜାଇନ କରିବା ସହିତ ଜଣେ ଅନନ୍ୟ ପଟଚିତ୍ର ଆର୍ଟିଷ୍ଟ ଭାବରେ ସେ ବେଶ୍ ପରିଚିତ। ଇତିମଧ୍ୟରେ ସେ ଭାରତ ସରକାରଙ୍କ ମିନିଷ୍ଟ୍ରି ଅଫ୍ କଲ୍‌ଚର ପକ୍ଷରୁ ନ୍ୟାଶନାଲ ସ୍କଲାରଶିପ୍, ଭୁବନେଶ୍ୱର କଳିଙ୍ଗ ଶିଳ୍ପୀ ମହାସଂଘ ପକ୍ଷରୁ କଳିଙ୍ଗ ଶିଳ୍ପୀ ସମ୍ମାନ, ବସୁଧା ଆର୍ଟ ଆଣ୍ଡ ଫିଲ୍ମ ଫେଷ୍ଟିଭାଲ୍‌ରେ ବସୁଧା ଆୱାର୍ଡ, ପିଡିଲାଇଟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଫେବିକ୍ରିଲ୍ ସୁପର ଏକ୍ସପର୍ଟ ପ୍ରତିଯୋଗିତାରେ ନ୍ୟାଶନାଲ୍ ୱିନର୍ ମଧ୍ୟ ହୋଇପାରିଛନ୍ତି। ପେଣ୍ଟିଂ ଏବଂ ଗୀତ ଗାଇବା ବ୍ୟତୀତ ତାଙ୍କର ଗଳ୍ପ, କବିତା ଲେଖିବାରେ ମଧ୍ୟ ବିଶେଷ ରୁଚି ରହିଛି।

## ଜଲାଲ୍ ଖାନ୍

ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳ ବାସିନ୍ଦା ସେହନାଜ୍ ବିବି ଓ ନୁରାଅଲୀ ଖାନ୍‌ଙ୍କ ପୁଅ ଜଲାଲ୍ ଖାନ୍। ଜଣେ ସମାଜସେବୀ ଏବଂ ବଡିବିଲ୍ଡର ଭାବେ ସ୍ଥାନୀୟ ଅଞ୍ଚଳରେ ବର୍ତ୍ତମାନ ସେ ଜଣେ ଜଣାଶୁଣା ନାମ। ପିଲାଟି ଦିନରୁ ପାଠପଢ଼ା ସାଙ୍ଗକୁ ଏନ୍‌ସିସି, ଏନ୍‌ଏସ୍‌ଏସ୍‌ରେ ସକ୍ରିୟ ସଦସ୍ୟ ଭାବେ ସମାଜସେବା କ୍ଷେତ୍ରରେ ସେ ଥିଲେ ସବୁବେଳେ ଆଗଭର। ବର୍ତ୍ତମାନ ସୁଦ୍ଧା ୨୦ ଥର ରକ୍ତଦାନ କରି ସେ ରାଜୀବ ଗାନ୍ଧୀ ସେବା ସମ୍ମାନ ପାଇଛନ୍ତି। ଫୁଟବଲ ଖେଳରେ ଜିଲା ଓ ରାଜ୍ୟକୁ ପ୍ରତିନିଧିତ୍ୱ କରିଛନ୍ତି। ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଗଞ୍ଜାମ ଶ୍ରୀ ପୁରସ୍କାର ସହ ମିଷ୍ଟର ଓଡ଼ିଶା, କଳିଙ୍ଗଶ୍ରୀ ପାଇବା ସହ ଜାତୀୟ ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଅନେକ ପଦକ ହାସଲ କରିଛନ୍ତି। ସେ ସବୁଜ ବନାନୀ ସୃଷ୍ଟି କରିବା ଲାଗି ବୃକ୍ଷରୋପଣ କରିଥା'ନ୍ତି। ଭବିଷ୍ୟତରେ ରାଜନୀତିରେ ଯୋଗଦେଇ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିବା ତାଙ୍କର ଲକ୍ଷ୍ୟ।

ଜଲାଲ୍ ଖାନ୍













# ଦିଶା

**ଆଜି ଆମ ଗହଣରୁ ବିଦାୟ ନେବ ବର୍ଷ ୨୦୨୩। ଏହି ବର୍ଷ ମଧ୍ୟରେ ଆଗାମୀ ଆଶା ପୃଷ୍ଠାରେ ପ୍ରକାଶ ପାଇଥିବା ବିଭିନ୍ନ ପ୍ରସଙ୍ଗ ମଧ୍ୟରୁ ନିର୍ବାଚିତ କେତେକ ଯୁବ ପ୍ରତିଭା ଏବଂ ବିଷୟବସ୍ତୁ ସମ୍ପର୍କରେ...**

## ଶୁଭମୟ ବିଶ୍ୱାଳ

ଓଡ଼ିଶାର ଜଣେ ସଫଳ ଉଦୀୟମାନ ଯୁବଶିଳ୍ପୀ ହେଉଛନ୍ତି ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ମାଆ ଇଲାରାଣୀ ଏବଂ ବାପା ଅଶୋକ କୁମାର ବିଶାଳଙ୍କ ପୁଅ ଶୁଭମୟ। ସେ ଅଏଲ୍ ପେଣ୍ଟିଂ, ଚାର୍କୋଲ ପେଣ୍ଟିଂ ଭଳି ବିଭିନ୍ନ ଆର୍ଟ ଫର୍ମରେ ସିଦ୍ଧହସ୍ତ। ବର୍ତ୍ତମାନ ସୁଦ୍ଧା ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ନିଜର ନିଖୁଣ ଚିତ୍ରକଳା ପ୍ରଦର୍ଶନ କରି ପୁରସ୍କୃତ ଓ ପ୍ରଶଂସିତ ହୋଇଛନ୍ତି। ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବିରୋଧ କରିବା ଲକ୍ଷ୍ୟରେ ସେ ନାରୀ ସଶକ୍ତୀକରଣ ଥିମ୍ ରଖି ଅନେକ ପେଣ୍ଟିଂ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏହା ପୂର୍ବରୁ ମଧ୍ୟ ସେ ଭିନ୍ନ ଭିନ୍ନ ଥିମ୍ ନେଇ ଦୁଇ ଥର ସୋଲୋ ଏବଂ ବହୁବାର ଗ୍ରୁପ୍ ଚିତ୍ରକଳା ପ୍ରଦର୍ଶନୀ କରିସାରିଛନ୍ତି। ପେଣ୍ଟିଂ ବ୍ୟତୀତ ଗଳ୍ପ, କବିତା ଲେଖିବାରେ ମଧ୍ୟ ସେ ବିଶେଷ ରୁଚି ରଖନ୍ତି। ତାଙ୍କର କେତେକ ଲେଖା ଷ୍ଟେଟ୍ ମାଗାଜିନ ସମେତ ଅନେକ ଖବରକାଗଜରେ ପ୍ରକାଶ ପାଇଛି।

## ଏନ୍. ନୀଳମାଧବ ପାତ୍ର

ଗଞ୍ଜାମ ଜିଲା ସୋରଡ଼ା ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ଗାଁର ଝୁନୁ ଏବଂ ଏନ୍. ଭାଲୁ ପାତ୍ରଙ୍କ ପୁଅ ଏନ୍. ନୀଳମାଧବ। ବିଭିନ୍ନ ସମାଜ ବିକାଶମୂଳକ କାର୍ଯ୍ୟ କରି ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ରାଜ୍ୟର ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ଛାତ୍ର ସ୍ୱେଚ୍ଛାସେବୀ ଭାବେ ତାଙ୍କୁ ମିଳିଛି ରାଜ୍ୟ ପୁରସ୍କାର। ଏହା ପୂର୍ବରୁ ସେ ଉଭୟ ହିଞ୍ଜିଳିକାଟୁ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୦-୨୧ ଶିକ୍ଷାବର୍ଷ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପୁରସ୍କାର ପାଇଛନ୍ତି। କରୋନା ସମୟରେ ସମାଜଧର୍ମୀ କାର୍ଯ୍ୟ ପାଇଁ କଟକର ସମ୍ଭବ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତାଙ୍କୁ କରୋନା ମହାଯୋଦ୍ଧା ସମ୍ମାନ ମିଳିଥିଲା। ଜଣେ ଯୁବ ସମାଜସେବୀ ସହିତ ସେ ଜଣେ ଭଲ ଲେଖକ, କବି, ବକ୍ତା, ଛାତ୍ର ନେତା ଏବଂ ଜଣେ ଲୋକ କଳାକାର ମଧ୍ୟ।

## ଶୁଭମ୍ ଲିମି

ସେ ଏକାଧାରରେ ଜଣେ ମଞ୍ଚ ଉପସ୍ଥାପକ, ଡ୍ୟାନ୍‌ସର, ସିଙ୍ଗର, ମଡେଲ, ଅଭିନେତା, ମିମିକ୍ରି ଆର୍ଟିଷ୍ଟ ଏବଂ ଚିତ୍ରଶିଳ୍ପୀ ମଧ୍ୟ। ଏହି ବହୁମୁଖୀ ଯୁବ ପ୍ରତିଭା ହେଉଛନ୍ତି ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଉମାନଗର ନିବାସୀ ମାଆ ସାହିବାଣୀ ଏବଂ ବାପା ଈଶ୍ୱର ଲିମିଙ୍କ ପୁଅ ଶୁଭମ୍। ବର୍ତ୍ତମାନ ସୁଦ୍ଧା ସେ ବ୍ରହ୍ମପୁର ସହରରେ ପ୍ରାୟ ୧୧ରୁ ଊର୍ଦ୍ଧ୍ୱ ଷ୍ଟେଜ ଶୋ'ରେ ଭାଗନେଇ ପ୍ରଶଂସିତ ଓ ସମ୍ବର୍ଦ୍ଧିତ ହୋଇ ସାରିଛନ୍ତି। ସେହିପରି ସ୍କେଚ ଆର୍ଟ ଓ ୱାଲ୍‌ପେଣ୍ଟିଂରେ ମଧ୍ୟ ସେ ସିଦ୍ଧହସ୍ତ। ବହୁବାର ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସମ୍ବର୍ଦ୍ଧିତ ହୋଇ ସାରିଛନ୍ତି। ସେହିପରି ବହୁବାର ନିଜର ନୃତ୍ୟକଳା ପ୍ରଦର୍ଶନ କରି ସମ୍ବର୍ଦ୍ଧିତ ହୋଇ ସାରିଛନ୍ତି। ବର୍ତ୍ତମାନ ସେ ଲାଞ୍ଜିପଲ୍ଲୀ, ରାମନଗରସ୍ଥିତ ଶ୍ୟାଡୋ ଷ୍ଟାର ଡ୍ୟାନ୍ସ ଏକାଡେମୀରେ ଜଣେ କୋରିଓଗ୍ରାଫର ଭାବେ ଉଭୟ କ୍ଲାସିକାଲ ଓ ୱେଷ୍ଟର୍ନ ଡ୍ୟାନ୍ସ ତାଲିମ ପ୍ରଦାନ କରୁଛନ୍ତି।

## ଶୁଭଶ୍ରୀ ମହାପାତ୍ର

ଭୁବନେଶ୍ୱର ନାଲ୍‌କୋ ନଗରରେ ରହୁଥିବା ମାଆ ବିଷ୍ଣୁପ୍ରିୟା ମିଶ୍ର ଏବଂ ବାପା ବିଜୟ କୁମାର ମହାପାତ୍ରଙ୍କ ଝିଅ ଶୁଭଶ୍ରୀ। ସେ ବର୍ତ୍ତମାନ ସୁଦ୍ଧା ଇଣ୍ଟରନ୍ୟାଶନାଲ୍ ଓଡ଼ିଶୀ ଡ୍ୟାନ୍ସ ଫେଷ୍ଟିଭାଲ୍-୨୦୨୨, ଉତ୍କଳଶ୍ରୀ ଅଲ୍ ଇଣ୍ଡିଆ ଡ୍ୟାନ୍ସ କ୍ଲାସିକାଲ୍ ଆଣ୍ଡ ଫୋକ୍ ଫେଷ୍ଟିଭାଲ୍- ୨୦୨୨, ନୃତ୍ୟାଞ୍ଜଳି ଫେଷ୍ଟିଭାଲ୍ ଭଳି ଅନେକ ଉତ୍ସବରେ ଏକକ ନୃତ୍ୟ ପରିବେଷଣ କରି ପୁରସ୍କୃତ ହୋଇଛନ୍ତି। ସେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ ମାଷ୍ଟର ଡିଗ୍ରୀ ହାସଲ କରିବା ସହିତ ପ୍ରାଚୀନ କଳାକେନ୍ଦ୍ର, ଚଣ୍ଡିଗଡ଼ରୁ ଓଡ଼ିଶୀରେ ନୃତ୍ୟ ବିଶାରଦ ମଧ୍ୟ ସମାପ୍ତ କରିସାରିଛନ୍ତି।

ସତ୍ୟ ଉପରେ ଆଧାରିତ ଫିଲ୍ମ ବା ଡକ୍ୟୁମେଣ୍ଟାରି ଫିଲ୍ମରେ ରୁଚି ଥିବାରୁ ସେ କଲେଜପଢ଼ା ସହିତ ଅନେକ ଓଡ଼ିଆ ଡକ୍ୟୁମେଣ୍ଟାରି ଫିଲ୍ମ ମେକରଙ୍କ ସହ ଆସିଷ୍ଟାଣ୍ଟ ଡାଇରେକ୍ଟର ଏବଂ ସିନେମାଟୋଗ୍ରାଫର ଭାବେ କାର୍ଯ୍ୟ କରିସାରିଛନ୍ତି। ସେହିପରି ସେ ସାଉଥ୍ ଇଣ୍ଡିଆନ୍ ଫିଲ୍ମ ଇଣ୍ଡଷ୍ଟ୍ରୀରେ ମଧ୍ୟ ପ୍ରଡକ୍ସନ ଟିମ୍ ସହିତ କାମ କରିଛନ୍ତି।

## ଚିତ୍ତରଞ୍ଜନ ମହାନ୍ତି

ନିଜ ଉଦ୍ୟମ ବଳରେ ଜଣେ ଜାତୀୟସ୍ତରୀୟ ବାଲୁକା ଶିଳ୍ପୀ ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି ପୁରୀ ମେଡିକାଲ୍ ସ୍କୋୟାର୍ ନିକଟସ୍ଥ ତଳମାଳି ସାହିରେ ରହୁଥିବା ମିତାଲି ଏବଂ ଲୋକନାଥ ମହାନ୍ତିଙ୍କ ପୁଅ ଚିତ୍ତରଞ୍ଜନ। ଦୀର୍ଘ ୧୫ ବର୍ଷ ହେବ କେବଳ ପୁରୀ କିମ୍ବା ଓଡ଼ିଶାର ବିଭିନ୍ନ ସ୍ଥାନରେ ନୁହେଁ ବରଂ ମୁମ୍ବାଇ, ଦିଲ୍ଲୀ, ନାଗାଲାଣ୍ଡ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ରାଜସ୍ଥାନ ଆଦି ରାଜ୍ୟରେ ବାଲୁକା କଳା ନିର୍ମାଣ କରି ସେ ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି। ଭବିଷ୍ୟତରେ ନିଜ ଗୁରୁ ମାନସ ସାହୁଙ୍କ ପରି ଏକ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ହେବାର ଲକ୍ଷ୍ୟ ରଖିଥିବା ଚିତ୍ତରଞ୍ଜନ ଟେରାକୋଟା ଭଳି ଅନ୍ୟାନ୍ୟ ହସ୍ତକଳାରେ ମଧ୍ୟ ବେଶ୍ ନିପୁଣ।

## ସ୍ୱାଧୀନ ପଣ୍ଡା

ପରୋପକାର ଓ ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ପୁରୀରେ ରହୁଥିବା ମିନତି ଏବଂ ଭଗବାନ୍ ପଣ୍ଡାଙ୍କ ପୁଅ ସ୍ୱାଧୀନ। ମେଡିକାଲରେ ରୋଗୀଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ସହ ରକ୍ତାଭାବଜନିତ ସମସ୍ୟା ଦୂର ପାଇଁ ସାଙ୍ଗସାଥୀମାନଙ୍କୁ ଏକାଠି କରି ରକ୍ତଦାନ ଶିବିର ଆୟୋଜନ ଭଳି କାର୍ଯ୍ୟ ସମାଜରେ ସ୍ୱାଧୀନଙ୍କ ପ୍ରତିଷ୍ଠା ବଢ଼ାଇଛି। ଉତ୍କଳୀୟ କଳା, ସଂସ୍କୃତି, ପରମ୍ପରାର ଏକ ନିଆରା ଅନୁଭବ ହେଉଛି ଶ୍ରୀକ୍ଷେତ୍ରର କୁମାରୋତ୍ସବ ସମିତି। ଜଣେ ଯୁବ ସଙ୍ଗଠକ ଭାବେ ସେ ଦୀର୍ଘ ୧୪ବର୍ଷ ହେବ ଏହି ଅନୁଷ୍ଠାନର ଏକମାତ୍ର ଯୁବ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ବିଭିନ୍ନ ସମୟରେ ଜନସାଧାରଣଙ୍କ ଦାବିକୁ ଜିଲା ପ୍ରଶାସନ ଓ ସରକାରଙ୍କ ନିକଟରେ ପହଞ୍ଚାଇ ଏହାର ସମାଧାନ କରିବାକୁ ଚେଷ୍ଟା କରିଥାଆନ୍ତି। ସମାଜର କଲ୍ୟାଣ, ସେବା ଦିଗରେ ନିଃସ୍ୱାର୍ଥପର କାର୍ଯ୍ୟ ଲାଗି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳ ଯୁବରତ୍ନ, ଶ୍ରୀକ୍ଷେତ୍ର ଗୌରବ ଭଳି ଅନେକ ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି।



ଶୁଭଶ୍ରୀ



ଶୁଭମ୍



ଚିତ୍ତରଞ୍ଜନ



ନୀଳମାଧବ

ଶୁଭମୟ

ଏନ୍. ନୀଳମାଧବ

ସ୍ୱାଧୀନ

# ଜାତୀୟ ଜୁନିୟର ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ଉଦ୍‌ଯାପିତ

**ଜାନୁୟାରୀ ୨ରୁ ୪ ସିନିୟର ବର୍ଗ ପ୍ରତିଯୋଗିତା**

ଭୁବନେଶ୍ୱର, ୩୦।୧୨ (ତପନ ସ୍ୱାଇଁ)


ପୋଡିୟମ୍‌ରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

କଳିଙ୍ଗ ଷ୍ଟାଡିୟମର ନବନିର୍ମିତ ଜିମ୍ନାଷ୍ଟିକ୍ସ ସେଣ୍ଟରରେ ଜାତୀୟ ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଛି। ଦେଶର ଯୁବ ଜିମ୍ନାଷ୍ଟମାନେ ଏହି ପ୍ରତିଯୋଗିତାରେ ସେମାନଙ୍କ କଳାକୌଶଳ ପ୍ରଦର୍ଶନ କରିଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ତେଲେଙ୍ଗାନାର ନିଶିକା ଅଗ୍ରୱାଲ ୫ ପଦକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଭଲ୍ଟରେ ସ୍ୱର୍ଣ୍ଣ, ଅନ୍‌ଇଭେନ ବାର୍ସରେ ସ୍ୱର୍ଣ୍ଣ, ବାଲାନ୍ସ ବିମ୍ସରେ ବ୍ରୋଞ୍ଜ, ଫ୍ଲୋର ଏକ୍ସରସାଇଜ୍‌ରେ ରୌପ୍ୟ ଓ ଅଲ୍‌ରାଉଣ୍ଡ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର କ୍ୟାଡେଟ ଓଡ଼ିଶାର ବିରୁ ଚନ୍ଦ୍ର ରାଓ ଓ ଆଲୋକ କୁମାରଙ୍କ ପାଇଁ ଏହି ପ୍ରତିଯୋଗିତା ସ୍ମରଣୀୟ ହୋଇଛି। ପୁରୁଷ ବର୍ଗରେ ବିରୁ ଫ୍ଲୋର ଏକ୍ସରସାଇଜ୍‌ରେ ବ୍ରୋଞ୍ଜ ଓ ଆଲୋକ ଅଲ୍ ରାଉଣ୍ଡରେ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ। ଏଠାକାର ଜିମ୍ନାଷ୍ଟିକ୍ସ ଏଚ୍‌ପିସିରେ ଟ୍ରେନିଂ ନେଉଥିବା ତାମିଲନାଡୁର ଓସେନା ଗିନି ଥୋମାସ ମଧ୍ୟ ଭଲ ପ୍ରଦର୍ଶନ କରି ମହିଳା ବର୍ଗର ବାଲାନ୍ସ ବିମ୍‌ରେ ସ୍ୱର୍ଣ୍ଣ ଓ ଫ୍ଲୋର ଏକ୍ସରସାଇଜ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ଜାତୀୟ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଏହି ଭେନ୍ୟୁରେ ଜାନୁୟାରୀ ୨ରୁ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

**ମହିଳା ବର୍ଗରେ ସ୍ୱର୍ଣ୍ଣ ବିଜେତା**

ଭଲ୍ଟ: ନିଶିକା ଅଗ୍ରୱାଲ (ତେଲେଙ୍ଗାନା)
ଅନ୍‌ଇଭେନ ବାର୍ସ: ନିଶିକା ଅଗ୍ରୱାଲ (ତେଲେଙ୍ଗାନା)
ବାଲାନ୍ସ ବିମ୍ସ: ଓସେନା ଗିନି ଥୋମାସ (ତାମିଲନାଡୁ)
ଫ୍ଲୋର ଏକ୍ସରସାଇଜ୍: ଅନୁଷ୍କା ପାଟିଲ (ମହାରାଷ୍ଟ୍ର)

**ପୁରୁଷ ବର୍ଗରେ ସ୍ୱର୍ଣ୍ଣ ବିଜେତା**

ପୋମେଲ ହର୍ଷ: ସୋହୋମ ମଜୁମଦାର (ପଶ୍ଚିମବଙ୍ଗ)
ଫ୍ଲୋର ଏକ୍ସରସାଇଜ୍: ନିଳାଦ୍ରି ସରକାର (ପଶ୍ଚିମବଙ୍ଗ)
ରିଙ୍ଗ୍ସ: ସିଦ୍ଧାନ୍ତ କୋଣ୍ଡେ (ମହାରାଷ୍ଟ୍ର)
ଭଲ୍ଟ: ଆର୍ଯ୍ୟନ ଦଭାଡେ (ମହାରାଷ୍ଟ୍ର)
ପାରାଲାଲ ବାର: ସୁମିତ ଯାଦବ (ଉତ୍ତର ପ୍ରଦେଶ)
ହୋରାଇଜୋଣ୍ଟାଲ ବାର୍: ନୁଏନ (ଉତ୍ତର ପ୍ରଦେଶ)

**ଅଲଟିମେଟ୍ ଖୋ ଖୋ**

# ଚେନ୍ନାଇ କୁଇକ୍ ଗନ୍ସ ବିଜୟୀ


ଚେନ୍ନାଇ ଓ ମୁମ୍ବାଇ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଭୁବନେଶ୍ୱର, ୩୦।୧୨ (ବିଜୟ ରଣା)

କଟକସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଚାଲିଥିବା ଅଲ୍‌ଟିମେଟ୍ ଖୋ ଖୋ ସିଜନ-୨ରେ ରାମ୍‌ଜୀ କାଶ୍ୟପଙ୍କ ଆଉ ଏକ ଅଲରାଉଣ୍ଡ ପ୍ରଦର୍ଶନ ଯୋଗୁ ଚେନ୍ନାଇ କୁଇକ୍ ଗନ୍ସ ୩୬-୩୧ରେ ମୁମ୍ବାଇ ଖିଲାଡିସକୁ ହରାଇ ଦେଇଛି। ଆଟାକ୍ ବେଳେ କାଶ୍ୟପ ୩ ସ୍କାଏ ଡାଇଭ ସହ ୧୦ ପଏଣ୍ଟ ସ୍କୋର କରିଥିଲେ। ମ୍ୟାଟ୍ ଉପରେ ୪ ମିନିଟରୁ ଅଧିକ ସମୟ ମହଜୁଦ ରହିପାରିଥିବାରୁ ସେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋନସ ପଏଣ୍ଟ ଆଣି ଦେଇଥିଲେ। ମ୍ୟାଚ ପୂର୍ବରୁ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଟସ୍ ପକାଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ତେଲୁଗୁ ଯୋଦ୍ଧାସ ଗତଥରର ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ସହିତ ମୁକାବିଲା କରିବାକୁ ଥିବା ବେଳେ ଅନ୍ୟ ମ୍ୟାଚଟି ରାଜସ୍ଥାନ ୱାରିୟର୍ସ ଓ ମୁମ୍ବାଇ ଖିଲାଡିସ ମଧ୍ୟରେ ଖେଳାଯିବ। ସିଜନ-୨ର ମ୍ୟାଚଗୁଡ଼ିକ ସୋନି ସ୍ପୋର୍ଟ୍ସ ନେଟୱର୍କ ଏବଂ ସୋନି ଲାଇଭ୍‌ରେ ସିଧାପ୍ରସାରଣର ବ୍ୟବସ୍ଥା କରାଯାଇଛି।

# ଶାର୍ଦ୍ଦୂଳ ଠାକୁର ଆଘାତପ୍ରାପ୍ତ

ସେଞ୍ଚୁରିଅନ, ୩୦।୧୨ (ପି.ଟି.)

କେପ୍‌ଟାଉନଠାରେ ଜାନୁୟାରୀ ୩ରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ ପୂର୍ବରୁ ନେଟ୍ସରେ ବ୍ୟାଟିଂ ଅଭ୍ୟାସ କରୁଥିବା ବେଳେ ଭାରତର ସିମ୍ ବୋଲିଂ ଅଲରାଉଣ୍ଡର ଶାର୍ଦ୍ଦୂଳ ଠାକୁରଙ୍କ ବାମ କାନ୍ଧରେ ଆଘାତ ଲାଗିଛି। ଆବଶ୍ୟକ ପଡ଼ିଲେ ତାଙ୍କର ସ୍କାନ କରାଯିବ। ନେଟ୍ ସେସନରେ ସେ ସହଜ ଅନୁଭବ ନ କରିବାରୁ ବୋଲିଂ କରି ନ ଥିଲେ। କିନ୍ତୁ ମୁମ୍ବାଇ ଅଲରାଉଣ୍ଡର ନେଟ୍ସରେ ତାଙ୍କ ବ୍ୟାଟିଂ ଜାରି ରଖିଥିଲେ। ବ୍ୟାଟିଂ ଶେଷ ହେବାପରେ ଫିଜିଓ ଏକ ଆଇସ ପ୍ୟାକ୍ ଆଣି ଶାର୍ଦ୍ଦୂଳଙ୍କ କାନ୍ଧରେ ଲଗାଇଥିଲେ। ତାଙ୍କ କାନ୍ଧରେ ହୁଏତ ସାମାନ୍ୟ ମକଚି ହୋଇଯାଇଥାଇପାରେ। ତେବେ ସେ କେତେ ଶୀଘ୍ର ଏଥିରୁ ଉପଶମ ଲାଭ କରୁଛନ୍ତି ତାହା ଲକ୍ଷ୍ୟ କରିବାର କଥା। ପ୍ରଥମ ଟେଷ୍ଟରେ ଠାକୁରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା।

# ରିଚାଙ୍କ ୯୬ ସତ୍ତ୍ୱେ ହାରିଲା ଭାରତ

ମୁମ୍ବାଇ,୩୦।୧୨

ଉଇକେଟ କିପର ବ୍ୟାଟର ରିଚା ଘୋଷଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଅଷ୍ଟ୍ରେଲିଆ ଠାରୁ ୩ ରନରେ ହାରିଛି ଭାରତ। ଏହା ସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତି ନେଇଛି ଅଷ୍ଟ୍ରେଲିଆ। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୫୦ ଓଭରରେ ୮ ଉଇକେଟ ହରାଇ ୨୫୮ ରନ୍ କରିଥିଲା। ଜବାବରେ ଭାରତ ୫୦ ଓଭରରେ ୮ ଉଇକେଟ ହରାଇ ୨୫୫ ରନ୍ ସ୍କୋର କରିଥିଲା।

ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଫିବ୍ ଲିଚ୍‌ଫିଲ୍ଡ(୬୩) ଓ ଏଲିସ୍ ପେରୀ(୫୦) ରନ୍ କରିଥିବାବେଳେ ଶେଷ ଆଡକୁ ଆଲାନା କିଙ୍ଗ ଦ୍ରୁତ ୨୮ ରନ୍ କରିଥିଲେ। ଦୀପ୍ତି ୩୮ ରନ୍ ଦେଇ ୫ ଉଇକେଟ ନେଇଥିଲେ। ୨୫୯ ରନ୍ ଲକ୍ଷ୍ୟରେ ଯଷ୍ଟିକା ଭାଟିଆ(୧୪) ଓ ସ୍ମୃତି ମନ୍ଧାନା(୩୪) ପ୍ରଥମ ଉଇକେଟରେ ୩୭ ରନ୍ ଯୋଡିଥିଲେ। ୩ ନମ୍ବରରେ ବ୍ୟାଟିଂ କରିଥିବା ରିଚା ଘୋଷ କ୍ୟାରିୟର ଶ୍ରେଷ୍ଠ ୯୬ ରନ ସ୍କୋର କରିଥିଲେ। ୧୧୭ ବଲ୍ ଖେଳି ସେ ୯୬ ରନ୍ କରିଥିଲେ। ତୃତୀୟ ଉଇକେଟରେ ଜେମିମା ରୋଡ୍ରିଗୁଏଜ(୪୪)ଙ୍କ ସହ ମିଶି ୮୮ ରନ୍ ଯୋଡିଥିଲେ। ଉଭୟ ବ୍ୟାଟିଂ କରୁଥିବା ସମୟରେ ଭାରତର ବିଜୟ ହାତ ପାହାନ୍ତରେ ରହିଥିଲା। ତେବେ ମଧ୍ୟକ୍ରମରେ ହରମନ୍‌ପ୍ରୀତ କୌର(୫), ଅମନଜୋତ୍ କୌର(୪), ପୂଜା ବସ୍ତ୍ରକାର(୮) ଓ ହରଲିନ୍ ଦେଓଲ(୧) ବିଫଳ ହେବାରୁ ଭାରତ ବିଜୟ ଲକ୍ଷ୍ୟରୁ ୩ ରନ୍ ଦୂରରେ ରହ ଯାଇଥିଲା। ଶେଷ ଭାଗରେ ୩ ଉଇକେଟ ନେଇ ଆନାବେଲ ସଦରଲାଣ୍ଡ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଜର୍ଜିଆ ୱେୟାରହାମ୍ ୨ ଉଇକେଟ ନେଇଥିବା ବେଳେ ଆସ୍‌ଲେ ଗାର୍ଡନର, କିମ୍ ଗାର୍ଥ ଓ ଆଲାନା କିଙ୍ଗ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଅଷ୍ଟ୍ରେଲିଆ ୫୦ ଓଭରରେ ୨୫୮/୮( ଫିବ୍ ଲିଚ୍‌ଫିଲ୍ଡ-୬୩, ଏଲିସ୍ ପେରୀ-୫୦, ଆଲାନା କିଙ୍ଗ-୨୮, ଦୀପ୍ତି ଶର୍ମା-୫/୩୮, ଶ୍ରେୟଙ୍କା ପାଟିଲ-୧/୪୩, ପୂଜା ବସ୍ତ୍ରକାର-୧/୫୯)।
ଭାରତ ୫୦ ଓଭରରେ ୨୫୫/୮(ରିଚା ଘୋଷ-୯୬, ଜେମିମା ରୋଡ୍ରିଗୁଏଜ-୪୪, ସ୍ମୃତି ମନ୍ଧାନା-୩୪, ଆନାବେଲ ସଦରଲାଣ୍ଡ-୩/୪୭, ଜର୍ଜିଆ ୱେୟାରହାମ୍-୨/୩୯।


ଆଲିସା ହିଲିଙ୍କ ସହ ଆନାବେଲ ସଦରଲାଣ୍ଡ।

**ସନ୍ତୋଷ ମେମୋରିଆଲ କ୍ରିକେଟ**

# ସନ୍-ହାପି ଇଲେଭେନ ଫାଇନାଲ

ଭୁବନେଶ୍ୱର, ୩୦।୧୨ (ବିଜୟ ରଣା)

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଗଡ଼ ଗୋପୀନାଥ ପ୍ରସାଦ (ଜିଜିପି) ସ୍କୁଲ ପଡ଼ିଆରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ କଟକର ଦୁଇ ଦଳ ସନ୍ ଇଲେଭେନ ଓ ହାପି ଇଲେଭେନ ମଧ୍ୟରେ ଖେଳାଯିବ। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ୫ ଉଇକେଟରେ ୱିଣ୍ଡ୍ ୨୦୦୦ ଇଲେଭେନକୁ ହରାଇ ଦେଇଥିଲା। ଏଥିରେ ପ୍ରଥମେ ବ୍ୟାଟି କରିଥିବା ୱିଣ୍ଡ୍ ଇଲେଭେନ ୧୨ ଓଭରରେ ୭ ଉଇକେଟ ବିନିମୟରେ ୧୪୨ ରନ କରିଥିଲା। ସଚିନ ମୁଖୀ ୧୬ ବଲ୍‌ରୁ ୪୩ ରନ କରିଥିଲେ। ବିପକ୍ଷ ଦଳର କବୀର ଖାନ୍ ତାଙ୍କ ୩ ଓଭର ବୋଲିଂରେ ୨୫ ରନ ଦେଇ ୨ ଉଇକେଟ ନେଇଥିଲେ। ୧୪୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ସନ୍ ଇଲେଭେନ ୧୦.୩ ଓଭରରେ ୫ ଉଇକେଟ ବିନିମୟରେ ୧୪୪ ରନ କରି ମ୍ୟାଚ ଜିତି ନେଇଥିଲା। ବିପକ୍ଷ ଦଳର ଜ୍ୟୋତି ରଞ୍ଜନ ଦଳାଇ ୨ ଉଇକେଟ ନେଇଥିଲେ। କବୀର ଖାନ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ସେହିପରି ଦ୍ୱିତୀୟ ସେମିଫାଇନାଲରେ ହାପି ଇଲେଭେନ ୧୦୨ ରନରେ ମ୍ୟାଜିକ ଇଲେଭେନକୁ ପରାସ୍ତ କରିଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ହାପି ଇଲେଭେନ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୨୦୬ ରନ କରିଥିଲା। ଦଳ ପକ୍ଷରୁ ଚିତ୍ତରଞ୍ଜନ ଜେନା ୨୫ ବଲ୍‌ରୁ ୮୯ ରନ କରିଥିଲେ। ବିପକ୍ଷ ଦଳର ଆଲୋକ ଜେନା ତାଙ୍କ ୩ ଓଭର ବୋଲିଂରେ ୨୭ ରନ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ବ୍ୟାଟିଂ କରିଥିବା ମ୍ୟାଜିକ୍ ଇଲେଭେନ ୧୧.୧ ଓଭରରେ ୧୦୪ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବଦ୍ରି ନାରାୟଣ ରାଉତ ୮ ବଲ୍‌ରୁ ୨୫ ରନ କରିଥିଲେ। ହାପି ଇଲେଭେନର ଚିତ୍ତରଞ୍ଜନ ସେନାପତି ୨ ଉଇକେଟ ନେଇଥିଲେ। ଚିତ୍ତରଞ୍ଜନ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଟରେଣ୍ଟ ଆଡଭର୍ଟାଇଜ ଏମ୍‌ଡି ଜାଗ୍ୟଶିଷ ମହାପାତ୍ର ଶନିବାର ମ୍ୟାଚର ଅତିଥି ରହିଥିଲେ।

# କୁସ୍ତିର ପୁନଃ ଆରମ୍ଭ ପାଇଁ କ୍ରୀଡ଼ା ମନ୍ତ୍ରଣାଳୟକୁ ଅନୁରୋଧ

ନୂଆଦିଲ୍ଲୀ,୩୦।୧୨(ପି.ଟି.)




ଭାରତରେ କୁସ୍ତି ବର୍ତ୍ତମାନ ସ୍ଥାଣୁ ପାଲଟି ଯାଇଥିବା ବେଳେ ଏହାକୁ ପୁନଃ ଆରମ୍ଭ କରିବାକୁ କ୍ରୀଡା ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି ଅଲିମ୍ପିକ୍ସ ପଦକ ବିଜେତା ରେସ୍‌ଲର ବଜରଙ୍ଗ ପୁନିଆ। ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪କୁ ୭ ମାସରୁ କମ୍ ସମୟ ରହିଥିବା ବେଳେ ରେସ୍‌ଲରଙ୍କ ପ୍ରସ୍ତୁତି ଏଯାଏ ଆରମ୍ଭ ହୋଇନାହିଁ। ବିଗତ କିଛି ମାସ ଧରି ରେସ୍‌ଲରଙ୍କ ପ୍ରସ୍ତୁତି ବନ୍ଦ ରହିଛି। ପ୍ରଥମେ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଆନ୍ଦୋଳନ କାରଣରୁ ଏହା ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ ସଭାପତି ନିର୍ବାଚିତ ହୋଇଥିଲେ ମଧ୍ୟ ଅଣ ସାମ୍ବିଧାନିକ ନିଷ୍ପତ୍ତି ନେବା କାରଣରୁ ଏହାକୁ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ବାସନ୍ଦ କରାଯାଇଥିଲା। ଏହି କାରଣରୁ ବିଗତ କିଛି ମାସ ଧରି କୌଣସି ଜାତୀୟ ଟୁର୍ନାମେଣ୍ଟ ମଧ୍ୟ ଆୟୋଜନ ହୋଇପାରି ନାହିଁ। କେବଳ ଟୁର୍ନାମେଣ୍ଟ ନୁହେଁ ବରଂ ରେସ୍‌ଲରମାନଙ୍କ ପାଇଁ କୌଣସି ପ୍ରସ୍ତୁତି ଶିବିର ମଧ୍ୟ ଆୟୋଜନ ହେଉ ନାହିଁ ବୋଲି ବଜରଙ୍ଗ ସୋସିଆଲ ମିଡିଆ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି।

ମାତ୍ର ୭ ମାସ ସମୟରେ ଅଲିମ୍ପିକ୍ସ ପରି ଏକ ବଡ ଟୁର୍ନାମେଣ୍ଟ ରହିଥିବା ବେଳେ କେହି ବି ଏଥିପ୍ରତି ଗମ୍ଭୀର ଥିବାର କୌଣସି ସୂଚନା ମିଳୁନାହିଁ ବୋଲି ସେ କହିଛନ୍ତି। ବିଗତ ୪ ଅଲିମ୍ପିକ୍ସରେ ଭାରତକୁ କୁସ୍ତିରୁ ୪ ପଦକ ମିଳିଛି। ତେଣୁ କ୍ରୀଡା ମନ୍ତ୍ରଣାଳୟ ଏହାକୁ ଗମ୍ଭୀରତାର ସହ ନେଇ ପ୍ରତିଯୋଗିତାଗୁଡିକ ପୁନର୍ବାର ଆରମ୍ଭ କରୁ ବୋଲି କହିଛନ୍ତି ବଜରଙ୍ଗ। ଖେଳାଳିଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ କ୍ରୀଡା ମନ୍ତ୍ରଣାଳୟ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ ବୋଲି ବଜରଙ୍ଗ ପୁନିଆ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବ୍ରିଜ୍‌ଭୂଷଣଙ୍କ ଅନୁଗାମୀ ସଞ୍ଜୟ ସିଂ ସଭାପତି ନିର୍ବାଚିତ ହେବା ପରେ ସାକ୍ଷୀ ମଲିକ ଇସ୍ତଫା ଦେଇଥିବା ବେଳେ ବଜରଙ୍ଗ ନିଜର ପଦ୍ମଶ୍ରୀ ଫେରସ୍ତ କରିଥିଲେ। ସେହିପରି ଭିନେଶ ଫୋଗଟ ନିଜର ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ମଧ୍ୟ ଫେରାଇ ଦେଇଥିଲେ।

# ୨୬ ଜଣିଆ ଭାରତୀୟ ଦଳ ଘୋଷିତ

**ଏଏଫ୍‌ସି ଏସିଆନ କପ୍ ଫୁଟ୍‌ବଲ**

ନୂଆଦିଲ୍ଲୀ,୩୦।୧୨

କାତାରରେ ଖେଳାଯିବାକୁ ଥିବା ଏଏଫ୍‌ସି ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଶନିବାର ୨୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଭାରତୀୟ ଦଳର ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍ ଏହି ଦଳ ଘୋଷଣା କରିଛନ୍ତି। ଏଏଫ୍‌ସି ଏସିଆନ କପ୍ ପାଇଁ ଭାରତ ଗ୍ରୁପ୍ ବି'ରେ ସ୍ଥାନ ପାଇଥିବା ବେଳେ ଅଷ୍ଟ୍ରେଲିଆ, ଉଜ୍‌ବେକିସ୍ତାନ ଓ ସିରିଆ ଅନ୍ୟ ୩ ଦଳ ଭାବରେ ରହିଛନ୍ତି। ଭାରତ ଏହାର ପ୍ରଥମ ଦୁଇ ମ୍ୟାଚ୍ ଅହମଦ ବିନ୍ ଅଲି ଷ୍ଟାଡିୟମରେ ଯଥାକ୍ରମେ ଅଷ୍ଟ୍ରେଲିଆ ଓ ଉଜବେକିସ୍ତାନ ବିପକ୍ଷରେ ଖେଳିବ। ତୃତୀୟ ମ୍ୟାଚ୍‌ଟି ସିରିଆ ବିପକ୍ଷରେ ଅଲ ଖୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭାରତର ୩ଟି ଯାକ ମ୍ୟାଚ୍ ଶକ୍ତିଶାଳୀ ଦଳଗୁଡିକ ବିପକ୍ଷରେ ରହିଛି। ତେବେ ଭାରତ ସେମାନଙ୍କୁ କଡା ଟକ୍କର ଦେବା ନେଇ ଷ୍ଟିମାକ୍ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ଭାରତୀୟ ଦଳ: ଗୋଲକିପର୍ସ: ଅମରିନ୍ଦର ସିଂ, ଗୁରପ୍ରୀତ ସିଂ ସାନ୍ଧୁ, ବିଶାଲ କେଥ୍।
ଡିଫେଣ୍ଡର୍ସ: ଆକାଶ ମିଶ୍ର, ଲାଲଚୁଙ୍ଗନୁଙ୍ଗା, ମେହତାବ ସିଂ, ନିଖିଲ ପୂଜାରୀ, ପ୍ରୀତମ କୋଟାଲ, ରାହୁଲ ଭେକେ, ସନ୍ଦେଶ ଝିଙ୍ଗାନ,ଶୁଭାଶିଷ ବୋଷ।
ମିଡ୍‌ଫିଲ୍ଡର୍ସ: ଅନିରୁଦ୍ଧ ଥାପା, ବ୍ରେଣ୍ଡନ ଫର୍ନାଣ୍ଡିସ୍, ଦୀପକ ଟାଙ୍ଗ୍ରି, ଲାଲେଙ୍ଗମାଇୱା ରାଲ୍‌ଟେ, ଲିଷ୍ଟନ କୋଲାକୋ, ନାଓରେମ ମହେଶ ସିଂ, ସହଲ ଅବଦୁଲ ସମଦ, ସୁରେଶ ସିଂ ୱାଙ୍ଗଜାମ, ଉଦାନ୍ତା ସିଂ।
ଫରୱାର୍ଡସ: ଇଶାନ ପଣ୍ଡିତା,ଲାଲିଆଞ୍ଜୁଲା ଛାଙ୍ଗଟେ, ମାନବୀର ସିଂ, ରାହୁଲ କନୋଲେ ପ୍ରବୀଣ, ସୁନୀଲ ଛେତ୍ରୀ ଓ ବିକ୍ରମ ପ୍ରତାପ ସିଂ।

# ଏସ୍. ବିକିଙ୍କୁ ସିଙ୍ଗଲ୍ସ ଟାଇଟଲ


ପୁରସ୍କାର ସହ କୃତୀ ପ୍ରତିଯୋଗୀ।

**ଏମ୍‌ଓଏସ୍‌ଏଫ୍ ଟେନିସ ଟୁର୍ନାମେଣ୍ଟ**

ଭୁବନେଶ୍ୱର,୩୦।୧୨(ସରୋଜ ଜେନା)

ଏଆଇଟିଏ ଓ ଓଡ଼ିଶା ଟେନିସ୍ ଏକାଡେମୀ ପକ୍ଷରୁ ଗୁରୁକୁଳ ରିସୋର୍ଟରେ ଅନୁଷ୍ଠିତ ଏମ୍‌ଓଏସ୍‌ଏଫ୍ ଟେନିସ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ମଣିପୁରର ଏସ୍. ବିକି ଚାମ୍ପିୟନ ହୋଇଥିବା ବେଳେ ପୁରୁଷ ଡବଲ୍ସରେ ଆଦିତ୍ୟ ଶତପଥୀ ଓ ଏମ୍‌ଡି ଫରଦୀନ୍ ଟାଇଟଲ ହାସଲ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଟପ୍ ସିଡ୍ ଅମୃତଜୟ ମହାନ୍ତିଙ୍କୁ ୬-୪, ୭-୫ରେ ପରାସ୍ତ କରିଥିଲେ ଏସ୍. ବିକି। ସେହିପରି ପୁରୁଷ ଡବଲ୍ସ ଇଭେଣ୍ଟର ଫାଇନାଲରେ ଓଡ଼ିଶାର ଆଦିତ୍ୟ ଶତପଥୀ ଓ ପଶ୍ଚିମବଙ୍ଗର ଏମ୍‌ଡି ଫରଦୀନ ୬-୪, ୬-୨ ସେଟ୍‌ରେ ଓଡ଼ିଶାର ଅମୃତଜୟ ମହାନ୍ତି ଓ ଶୁଭ୍ରନୀଲ ବର୍ମନଙ୍କ ଯୋଡିକୁ ପରାସ୍ତ କରିଥିଲେ।

# ୧୮ ଜଣିଆ ଦଳର ନେତୃତ୍ୱ ନେବେ ସବିତା

ବେଙ୍ଗାଲୁରୁ,୩୦।୧୨(ପି.ଟି.)

ଭେଟେରାନ ଭାରତୀୟ ଗୋଲକିପର ସବିତା ପୁନିଆଙ୍କ ନେତୃତ୍ୱରେ ଭାରତୀୟ ମହିଳା ହକି ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଖେଳିବ। ଶନିବାର ହକି ଇଣ୍ଡିଆ ପକ୍ଷରୁ ୧୮ ଜଣିଆ ଦଳ ଘୋଷଣା କରାଯାଇଛି। ରାଞ୍ଚିରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟ ପାଇଁ ଫରୱାର୍ଡ ବନ୍ଦନା କାଟାରିୟାଙ୍କୁ ଉପଅଧିନାୟିକା ଘୋଷଣା କରାଯାଇଛି। ଜାନୁୟାରୀ ୧୩ରୁ ୧୯ ମଧ୍ୟରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟର ଶ୍ରେଷ୍ଠ ୩ ଦଳ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଭାରତ ପୁଲ୍ ବି'ରେ ସ୍ଥାନ ପାଇଥିବା ବେଳେ ଅନ୍ୟ ୩ ଦଳ ଭାବରେ ନ୍ୟୁଜିଲାଣ୍ଡ, ଇଟାଲୀ ଓ ଯୁକ୍ତରାଷ୍ଟ୍ର ଆମେରିକା ସ୍ଥାନ ପାଇଛନ୍ତି। ଭାରତୀୟ ଦଳର ସମସ୍ତ ଖେଳାଳି ଅଲିମ୍ପିକ୍ସ ଯୋଗ୍ୟତା ହାସଲ ପାଇଁ କଠିନ ପରିଶ୍ରମ କରୁଛନ୍ତି ବୋଲି ମୁଖ୍ୟ କୋଚ୍ ଜାନେକ୍ ସ୍କୁପମାନ୍ କହିଛନ୍ତି। ବେଙ୍ଗାଲୁରୁ ସ୍ଥିତ ସାଇରେ ଅନୁଷ୍ଠିତ କ୍ୟାମ୍ପର ପ୍ରଦର୍ଶନ ଆଧାରରେ ଏହି ଦଳ ଚୟନ କରାଯାଇଛି ବୋଲି ସେ କହିଛନ୍ତି। ସବିତା ଚଳିତ ବର୍ଷ ଏଫ୍‌ଆଇଏଚ୍ ଗୋଲକିପର ଅଫ୍ ଦ ଇୟର ସମ୍ମାନ ପାଇଥିବା ବେଳେ ବନ୍ଦନା ପ୍ରଥମ ଭାରତୀୟ ଭାବେ ୩୦୦ ମ୍ୟାଚ୍ ଖେଳିଛନ୍ତି। ଭାରତ ଜାନୁୟାରୀ ୧୩ରେ ଯୁକ୍ତରାଷ୍ଟ୍ର ଆମେରିକା, ୧୪ରେ ନ୍ୟୁଜିଲାଣ୍ଡ ଓ ୧୬ରେ ଇଟାଲୀ ବିପକ୍ଷରେ ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ।


ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ମନୋନୀତ ଭାରତୀୟ ମହିଳା ହକି ଦଳ।

**ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ**

ଭାରତୀୟ ଦଳ: ଗୋଲକିପର୍ସ: ସବିତା ପୁନିଆ(ଅଧିନାୟିକା), ବିଚୁ ଦେବୀ ଖରିବାମ୍।
ଡିଫେଣ୍ଡର୍ସ: ନିକି ପ୍ରଧାନ, ଉଦିତା, ଇଶିକା ଚୌଧାରୀ, ମୋନିକା।
ମିଡ୍‌ଫିଲ୍ଡର୍ସ: ନିଶା, ବୈଷ୍ଣବୀ ବିଠଲ ଫାଲକେ, ନେହା, ନବନୀତ କୌର, ସଲିମା ଟେଟେ, ସୋନିକା, ଜ୍ୟୋତି, ବ୍ୟୁଟି ଡୁଙ୍ଗଡୁଙ୍ଗ।
ଫରୱାର୍ଡ୍ସ: ଲାଲରେମସିଆମି, ସଙ୍ଗୀତା କୁମାରୀ, ଦୀପିକା, ବନ୍ଦନା କାଟାରିୟା।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ